# ଧରିତ୍ରୀ DHARITRI

ପୃଷ୍ଠା–୮+୮

ଭୁବନେଶ୍ୱର, ରବିବାର, ଏପ୍ରିଲ ୧୯/୨୦୨୬ (୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, April 19/2026 | Page 16 | ₹ 7.00 | BALASORE

୫୨ଶ ଭାଗ ୧୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 144 | ମୂଲ୍ୟ ₹୭/-







ଆସାମର ଗୁଆହାଟୀଠାରେ ଶନିବାର ସେନା, ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ ଏବଂ ଏସ୍‌ଏସ୍‌ବି ପକ୍ଷରୁ ମିଳିତ ବନ୍ୟା ସହାୟତା ଅଭିଯାନ 'ଜଳ ରାହତ'ରେ କର୍ମଚାରୀମାନେ ଭାଗ ନେଇଛନ୍ତି।

# ପିଏମ୍‌ଜିଏସ୍‌ୱାଇ-୩ ଯୋଜନା ୨୦୨୮ ମାର୍ଚ୍ଚ ଯାଏ ବଢ଼ିଲା

## କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ,୧୮।୪

କେନ୍ଦ୍ର କ୍ୟାବିନେଟ୍ ଶନିବାର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ତୃତୀୟ ପର୍ଯ୍ୟାୟ (ପିଏମ୍‌ଜିଏସ୍‌ୱାଇ) ସମୟସୀମାକୁ ୨୦୨୫ ମାର୍ଚ୍ଚରୁ ୨୦୨୮ ମାର୍ଚ୍ଚ ପର୍ଯ୍ୟନ୍ତ ବୃଦ୍ଧି କରିଛି। ଏହି ଯୋଜନା ପାଇଁ ସଂଶୋଧିତ ବ୍ୟୟବରାଦ ୮୩,୯୭୭ କୋଟି ଟଙ୍କା ରଖାଯାଇଛି। ପୂର୍ବରୁ ୮୦,୨୫୦ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏହି ବର୍ଦ୍ଧିତ ସମୟସୀମା ମଧ୍ୟରେ ସମତଳ ଅଞ୍ଚଳରେ ସଡ଼କ ଓ ପୋଲ ନିର୍ମାଣ ସମେତ ପାହାଡ଼ିଆ ଅଞ୍ଚଳରେ ରାସ୍ତା ନିର୍ମାଣ କରାଯିବ ।

୯୬୧ କୋଟି ଟଙ୍କା ବ୍ୟୟରେ ୧୬୧ଟି ବଡ଼ ପୋଲ ନିର୍ମାଣକୁ ମଧ୍ୟ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି, ଯାହା ପୂର୍ବରୁ ଅନୁମୋଦିତ ରାସ୍ତାଗୁଡ଼ିକର ଅଂଶବିଶେଷ। ଏଥିପାଇଁ ୨୦୨୫ ମାର୍ଚ୍ଚ ୩୧ରେ କାର୍ଯ୍ୟ ମଞ୍ଜୁରୀ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଟେଣ୍ଡର ହୋଇ ନ ଥିବାରୁ ସେଗୁଡ଼ିକୁ ପୁନର୍ବାର କାର୍ଯ୍ୟକାରୀ କରାଯିବ। ପିଏମ୍‌ଜିଏସ୍‌ୱାଇ-୩ ୨୦୧୯ରେ ଆରମ୍ଭ ହୋଇଥିଲା। ଏହି ଯୋଜନାରେ ୧,୨୫,୦୦୦ କି.ମି. ଦୀର୍ଘ ରାସ୍ତା ଓ ଗୁରୁତ୍ୱପୂର୍ଣ୍ଣ ଗ୍ରାମୀଣ ସଂଯୋଗକୁ ଉନ୍ନତ କରିବା ଉପରେ ଧ୍ୟାନ ଦେଉଛି। ଏହା ଗ୍ରାମାଞ୍ଚଳ କୃଷି ବଜାର, ଉଚ୍ଚ ମାଧ୍ୟମିକ ସ୍କୁଲ୍ ଏବଂ ହସ୍ପିଟାଲଗୁଡ଼ିକୁ ସଂଯୋଗ କରିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ରାସ୍ତାଘାଟ ସୁବିଧା ନ ଥିବା ଗ୍ରାମଗୁଡ଼ିକୁ ନୂଆ ରାସ୍ତା ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଉଥିଲା। ତୃତୀୟ ପର୍ଯ୍ୟାୟରେ ପୂର୍ବରୁ ଥିବା ରାସ୍ତାର ଉନ୍ନତୀକରଣକୁ ଗୁରୁତ୍ୱ ପ୍ରଦାନ କରାଯାଉଛି। ୨୦୨୫ ଡିସେମ୍ବର ସୁଦ୍ଧା ୧,୨୨,୩୯୩ କି.ମି. ରାସ୍ତାକୁ ମଞ୍ଜୁରୀ ମିଳିଥିବାବେଳେ ସେଥିରୁ ୮୩ ପ୍ରତିଶତ ବା ୧,୦୧,୬୨୩ କି.ମି. ରାସ୍ତା ନିର୍ମାଣ ସରିଛି। ଅବଶିଷ୍ଟ ୧୭ ପ୍ରତିଶତ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିବା ଲାଗି ରାଜ୍ୟଗୁଡ଼ିକୁ ବର୍ଦ୍ଧିତ ୩ ବର୍ଷ ଦିଆଯାଉଛି।

ସୂଚନାଯୋଗ୍ୟ, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସମୟ ୨୦୦୦ ଡିସେମ୍ବର ୨୫ରେ ପିଏମ୍‌ଜିଏସ୍‌ୱାଇ ଶୁଭାରମ୍ଭ ହୋଇଥିଲା। ଭାରତର ରାସ୍ତାଘାଟ ନ ଥିବା ଗ୍ରାମାଞ୍ଚଳକୁ ସବୁଦିନିଆ ସଡ଼କ ସଂଯୋଗ ଯୋଗାଇଦେବା ଏହାର ଲକ୍ଷ୍ୟ ଥିଲା।

# ଶେଷହେଲା ବଜେଟ ଅଧିବେଶନ

## ପାର୍ଲାମେଣ୍ଟ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ

ନୂଆଦିଲ୍ଲୀ,୧୮।୪

ଜାନୁଆରୀ ୨୮ରୁ ଆରମ୍ଭ ହୋଇଥିବା ପାର୍ଲାମେଣ୍ଟର ବଜେଟ ଅଧିବେଶନ ଶନିବାର ଶେଷ ହୋଇଛି। ଏଥିସହିତ ରାଜ୍ୟ ସଭା ଓ ଲୋକ ସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ରାଜ୍ୟ ସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ୍ କହିଛନ୍ତି, ଉଚ୍ଚ ସଦନ ମୋଟ ୧୫୭ ଘଣ୍ଟା ୪୦ ମିନିଟ୍ କାର୍ଯ୍ୟ କରିଥିଲା ଏବଂ ୧୧୦ ପ୍ରତିଶତ ଫଳପ୍ରଦ ହୋଇଛି। ବର୍ଷକୁ ପାର୍ଲାମେଣ୍ଟର ୩ଟି ଅଧିବେଶନ ବସୁଥିବାବେଳେ ଦେଶର ନୀତି ନିର୍ଦ୍ଧାରଣ ଦେବା ଓ ଅଭିବୃଦ୍ଧି ହାର ରୂପରେଖ ଦେବାରେ ବଜେଟ ଅଧିବେଶନ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଗତ ୧୬ରୁ ୧୮ ତିନିଦିନିଆ ସ୍ୱତନ୍ତ୍ର ଅଧିବେଶନରେ ହରିବଂଶ ନାରାୟଣ ସିଂଙ୍କୁ ତୃତୀୟ ଥର ପାଇଁ ରାଜ୍ୟ ସଭା ଉପାଧ୍ୟକ୍ଷ ନିର୍ବାଚିତ କରାଯାଇଥିଲା। ଏହି ଅଧିବେଶନରେ ରାଜ୍ୟ ସଭାରେ ୧୧୭ଟି ପ୍ରଶ୍ନ, ୪୪୬ଟି ଶୂନ୍ୟକାଳ ପ୍ରସ୍ତାବ ଏବଂ ୨୦୭ଟି ସ୍ୱତନ୍ତ୍ର ପ୍ରସ୍ତାବ ରେକର୍ଡ ହେବା ସହ ସଫଳତାର ସହ କାର୍ଯ୍ୟ କରିଥିବାରୁ ଅଧ୍ୟକ୍ଷ ସବୁ ଦଳର ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ପୂର୍ବାହ୍ନ ୧୧ଟାରେ ଗୃହକୁ ସାଇନ୍ ଡାଏ ଘୋଷଣା କରିଥିଲେ। ଲୋକ ସଭାରେ ମହିଳା ସ୍ଥାନ ସଂରକ୍ଷଣ ସମ୍ବିଧାନ ସଂଶୋଧନ ବିଲ୍ ନାକଚ ହୋଇଯିବାର ଦିନକ ପରେ ଅଧିବେଶନ ଶେଷ ହୋଇଛି। ବିଲ୍‌ରେ ଲୋକ ସଭା ଆସନ ସଂଖ୍ୟା ୫୪୩ରୁ ୮୧୬କୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ରହିଥିଲା।

# ଅସ୍ତ୍ରବିରତି ସତ୍ତ୍ୱେ ଲେବାନନ୍‌ରେ ଇସ୍ରାଏଲ୍‌ର ଆକ୍ରମଣ

ନବାତିହ,୧୮।୪

ଲେବାନନ୍ ସହ ଇସ୍ରାଏଲ୍‌ର ୧୦ ଦିନିଆ ଅସ୍ତ୍ରବିରତି ଘୋଷଣା ସତ୍ତ୍ୱେ ଇସ୍ରାଏଲୀ ସେନା ଶନିବାର ସକାଳେ ଦକ୍ଷିଣ ଲେବାନନ୍‌ର ମେଫାଡାଉନ୍ ଗ୍ରାମ ବାହାରେ ୨ଟି ଆମ୍ବୁଲାନ୍ସ ଉପରେ ଆକ୍ରମଣ କରିଛି। ବୁଧବାର ମଧ୍ୟ ଇସ୍ରାଏଲ୍ ଅନ୍ୟ ୨ଟି ଆମ୍ବୁଲାନ୍ସ ଉପରେ ଆକ୍ରମଣ କରିଥିଲା। ପ୍ରଥମ ୨ଟି ଆମ୍ବୁଲାନ୍ସ ଧ୍ୱଂସ ହୋଇଯାଇଥିବାବେଳେ ସେଥିରେ ଥିବା ୮ କର୍ମଚାରୀଙ୍କ ମଧ୍ୟରୁ ୬ ଜଣ ଗୁରୁତର ଆହତ ହୋଇ ରାସ୍ତାରେ ପଡ଼ିଥିଲେ। ୩ଟି ଆକ୍ରମଣରେ ୪ ଜଣ ମେଡିକାଲ କର୍ମଚାରୀଙ୍କ ମୃତ୍ୟୁ ଘଟିବା ସହ ୬ ଜଣ ଆହତ ହେଲେଣି। ଲେବାନନ୍‌ର ସ୍ୱାସ୍ଥ୍ୟସେବା ସେକ୍ଟରକୁ ଇରାନ୍ ଟାର୍ଗେଟ କରୁଥିବାର ଏହା ସଦ୍ୟତମ ଉଦାହରଣ। ଗାଜାରେ ହମାସ୍ ବିରୋଧରେ ଆକ୍ରମଣ ବେଳେ ମଧ୍ୟ ଇସ୍ରାଏଲ୍ ହସ୍ପିଟାଲଗୁଡ଼ିକୁ ଟାର୍ଗେଟ କରୁଥିଲା। ସେହିପରି ୨୦୨୪ ଇସ୍ରାଏଲ୍-ହେଜ୍‌ବୋଲ୍ଲା ଯୁଦ୍ଧରେ ଅନୁରୂପ ଆକ୍ରମଣ ହେଉଥିଲା।

# ମହିଳା ସଂରକ୍ଷଣ ବିଲ୍ ନାକଚ ହେବା ଗଣତନ୍ତ୍ରର ବିଜୟ: ପ୍ରିୟଙ୍କା

ନୂଆଦିଲ୍ଲୀ,୧୮।୪

ଲୋକ ସଭାରେ ମହିଳା ସ୍ଥାନ ସଂରକ୍ଷଣ ବିଲ୍ ଗୃହୀତ ହୋଇ ନ ପାରିବା ଗଣତନ୍ତ୍ରର ବିଜୟ ଏବଂ କେନ୍ଦ୍ର ପାଇଁ କଳା ଦିବସ ବୋଲି କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଶନିବାର କହିଛନ୍ତି। ମହିଳା ସଂରକ୍ଷଣ ନାମରେ ସରକାର ସଂଘୀୟ ବ୍ୟବସ୍ଥା ବଦଳାଇବାକୁ ଉଦ୍ୟମ କରୁଥିଲେ ବୋଲି ସେ ଅଭିଯୋଗ କରିଛନ୍ତି।

ଏକ ଖବରଦାତା ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ପ୍ରିୟଙ୍କା କହିଛନ୍ତି, ସରକାର ଆଣିଥିବା ସମ୍ବିଧାନ ସଂଶୋଧନ ବିଧେୟକ ନାକଚ ହୋଇଯିବା ବିରୋଧୀ ଏକତା ଶକ୍ତିର ପ୍ରତିଫଳନ କରିବା ସହ ସାମ୍ବିଧାନିକ ସିଦ୍ଧାନ୍ତକୁ ବଜାୟ ରଖିଛି। ଶୁକ୍ରବାର ଯାହା ଘଟିଲା, ତାହା ଗଣତନ୍ତ୍ର ପାଇଁ ଏକ ବଡ଼ ବିଜୟ। ସଂଘୀୟ ଢାଞ୍ଚା ବଦଳାଇବାର ଷଡ଼ଯନ୍ତ୍ର ପରାଜିତ



ଏଆଇସିସି ମୁଖ୍ୟାଳୟରେ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରୁଛନ୍ତି।

ହୋଇଛି। ଏହା ସମ୍ବିଧାନ, ବିରୋଧୀ ଏକତା ଏବଂ ଦେଶ ପାଇଁ ବିଜୟ ବୋଲି ପ୍ରିୟଙ୍କା କହିଛନ୍ତି। ମହିଳା ସଂରକ୍ଷଣ ପ୍ରସଙ୍ଗକୁ ବ୍ୟବହାର କରି ସରକାର ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ସହ ସମ୍ପୃକ୍ତ ଏକ ବୃହତ୍ ରାଜନୈତିକ ଏଜେଣ୍ଡାକୁ ଆଗେଇ ନେବାକୁ ଚାହୁଁଥିଲେ। କ୍ଷମତାରେ ରହିବା ପାଇଁ ଏହା ଏକ ଷଡ଼ଯନ୍ତ୍ର ଥିଲା। ସେମାନଙ୍କ ବିଶ୍ୱାସ ଯେ, ଯଦି ଡିଲିମିଟେଶନ (ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ) ବର୍ତ୍ତମାନ ନ ହୁଏ, ତେବେ ୨୦୨୯ ପୂର୍ବରୁ କରାଯାଇପାରିବ ନାହିଁ। ସେମାନଙ୍କ ନିଜସ୍ୱ ଇଚ୍ଛା ଅନୁଯାୟୀ ପ୍ରକ୍ରିୟା କାର୍ଯ୍ୟକାରୀ ହେବା ସେମାନେ ଚାହୁଁଥିଲେ ବୋଲି କଂଗ୍ରେସ ନେତ୍ରୀ କହିଛନ୍ତି।

ସମ୍ବିଧାନ ସଂଶୋଧନ ବିଲ୍ ମହିଳା ସ୍ଥାନ ସଂରକ୍ଷଣ ପାଇଁ ଉଦ୍ଦିଷ୍ଟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଦେଶକୁ ମିଛ କହୁଥିବା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶନିବାର ଅଭିଯୋଗ କରିଛନ୍ତି। ତାମିଲନାଡୁର ରାନିପେଟ୍‌ଠାରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧନ କରି ରାହୁଲ କହିଛନ୍ତି, ମହିଳା ସ୍ଥାନ ସଂରକ୍ଷଣ ପଛରେ ଦେଶର ନିର୍ବାଚନ ମାନଚିତ୍ରକୁ ବଦଳାଇଦେବା ଏବଂ ରାଜ୍ୟଗୁଡ଼ିକୁ ଦୁର୍ବଳ କରିଦେବାର ଭୟଙ୍କର ଚିନ୍ତାଧାରା ଲୁଚି ରହିଥିଲା।

# ଆଗୁଆ ଜାମିନ ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହେଲେ ଅଭିଯୁକ୍ତ ନିଡ଼ା ଖାନ୍

## ନାଶିକ୍ ଟିସିଏସ୍‌ରେ ଯୌନ ନିର୍ଯାତନା, ଧର୍ମ ପରିବର୍ତ୍ତନ ମାମଲା

ମୁମ୍ବାଇ,୧୮।୪

ମହାରାଷ୍ଟ୍ରର ନାଶିକ୍‌ସ୍ଥିତ ଟାଟା କନ୍‌ସଲ୍ଟାନ୍ସି ସର୍ଭିସେସ୍ (ଟିସିଏସ୍)ରେ ଯୌନ ନିର୍ଯାତନା ଓ ଧର୍ମ ପରିବର୍ତ୍ତନ ପାଇଁ ବାଧ୍ୟ କରିବା ମାମଲାର ଅଭିଯୁକ୍ତ ନିଡ଼ା ଖାନ୍ ଏବେ ମୁମ୍ବାଇରେ ରହୁଥିବାବେଳେ ଗର୍ଭବତୀ ଥିବା ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ଆଗୁଆ ଜାମିନ ପାଇଁ ନାଶିକ୍‌ର ଏକ ସ୍ଥାନୀୟ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଗିରଫଦାରିରୁ ବର୍ତ୍ତିବା ପାଇଁ ସେ ଉଦ୍ୟମ ଚଳାଇଛନ୍ତି। ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ତାଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଚଳାଇଥିବାବେଳେ ମେଡିକାଲ ଚ୍ୟାନେଲ୍ ଜରିଆରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଇପାରେ। ୨୫ ବର୍ଷୀୟା ନିଡ଼ା ୨୦୨୧ରେ ଟିସିଏସ୍‌ର ନାଶିକ୍ ବିପିଓ ୟୁନିଟ୍‌ରେ ଯୋଗଦେଇଥିଲେ। ଯୌନ ନିର୍ଯାତନା ଓ ଧର୍ମାନ୍ତରୀକରଣ ଅଭିଯୋଗ ଆସିବା ପରେ ଗତ ସପ୍ତାହରେ କମ୍ପାନୀ ତାଙ୍କ ସମେତ



ନିଡ଼ା ଖାନ୍

ଅନ୍ୟ କେତେଜଣଙ୍କୁ ନିଲମ୍ବନ କରିଥିଲା। କମ୍ପାନୀର ୮ ଜଣ ମହିଳା କର୍ମଚାରୀଙ୍କ ଅଭିଯୋଗ ପରେ ଘଟଣାର ତଦନ୍ତ ପାଇଁ ପୋଲିସ ଏସ୍‌ଆଇଟି ଗଠନ କରିଥିଲା। ଅଭିଯୋଗ ଅନୁଯାୟୀ ବରିଷ୍ଠ ସହକର୍ମୀମାନେ ସେମାନଙ୍କୁ ମାନସିକ ଓ ଯୌନ ନିର୍ଯାତନା ଦେଉଥିବାବେଳେ ଏଚ୍‌ଆର୍ ବିଭାଗ ସେମାନଙ୍କ ଅଭିଯୋଗକୁ ଅଣଦେଖା କରୁଥିଲା।

# ଖାତରେ ଭ୍ୟାନ୍ ଖସି ୯ ମୃତ

କୋଏମ୍ବାଟୁର୍,୧୮।୪

କେରଳର କୋଝିକୋଡ୍‌ରୁ ୧୬ ଜଣ ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଏକ ଭ୍ୟାନ୍ କୋଏମ୍ବାଟୁରର ଭାଲପରାଇ ଘାଟ ରୋଡ୍‌ରେ ଓଲଟି ଏକ ଗଭୀର ଖାତ ମଧ୍ୟକୁ ଖସିପଡ଼ିବାରୁ ୯ ଜଣଙ୍କ ମୃତ୍ୟୁ ଘଟିଛି। ଭ୍ୟାନ୍‌ଟି ଭାଲପରାଇରୁ ପୋଲ୍ଲାଚି ଯାଉଥିଲା। ଆହତ ୪ ଜଣଙ୍କୁ କୋଏମ୍ବାଟୁର ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ବନ ବିଭାଗ ସହାୟତାରେ ଅନ୍ୟମାନଙ୍କୁ ଖୋଜାଚାଲିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର କାରଣ ଜାଣିବା ପାଇଁ ତଦନ୍ତ ଚଳାଇଛି।

# ସ୍ମାର୍ଟଫୋନ୍‌ରେ ଆଧାର ଆପ୍ ବାଧ୍ୟତାମୂଳକ ନିୟମ ପ୍ରତ୍ୟାହୃତ

ନୂଆଦିଲ୍ଲୀ,୧୮।୪

ଆପଲ୍, ସାମ୍‌ସଙ୍ଗ ଓ ଅନ୍ୟାନ୍ୟ ସ୍ମାର୍ଟଫୋନ୍ ନିର୍ମାଣକାରୀ କମ୍ପାନୀର ବିରୋଧ ପରେ ଭାରତ ସରକାର ସମସ୍ତ ସ୍ମାର୍ଟଫୋନ୍‌ରେ ଆଧାର ଆପ୍ ସଂଯୋଗ କରିବା ଯୋଜନାରୁ ଓହରିଯାଇଛନ୍ତି। ଭାରତର ବିଶିଷ୍ଟ ପରିଚୟ କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ଶୁକ୍ରବାର ଏହା ସ୍ପଷ୍ଟ କରିଛି।

ଭାରତରେ ବିକ୍ରି ହେଉଥିବା ସମସ୍ତ ନୂଆ ସ୍ମାର୍ଟଫୋନ୍‌ରେ ଆଧାର ଆପ୍ ପୂର୍ବରୁ ସଂଯୋଗ କରିବା ଚିନ୍ତାଧାରା ଉପରେ ଆପଲ୍, ଗୁଗଲ ଆଦି




ସ୍ମାର୍ଟଫୋନ୍ ନିର୍ମାତାଙ୍କ ସହ ଆଲୋଚନା କରିବାକୁ ୟୁଆଇଡିଏଆଇ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟକୁ କହିଥିଲା। ଅଙ୍ଗୁଳି ଛାପ ଓ ଆଖି ସ୍କାନ୍ ଥାଇ ୧୨ ଅଙ୍କ ବିଶିଷ୍ଟ ଆଧାର ନମ୍ବର ଭାରତର ୧୩୪ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କର ଏକ ଡିଜିଟାଲ ପରିଚୟ, ଯାହାକୁ ବ୍ୟାଙ୍କିଙ୍ଗ୍, ଟେଲିକମ୍ ଯାଞ୍ଚ ଆଦି ବହୁ ସେବାରେ ବ୍ୟବହାର କରାଯାଇଥାଏ। ତେବେ ଉକ୍ତ ପ୍ରସ୍ତାବ ଉପରେ ସମୀକ୍ଷା କରିବା ପରେ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଆପ୍‌କୁ ବାଧ୍ୟତାମୂଳକ କରିବା ଯୋଜନାରେ ଆଗକୁ ନ ବଢ଼ିବାକୁ ନିଷ୍ପତ୍ତି ନେଇଛି। ଯୋଜନାକୁ ବାଦ୍ ଦେବାର ପ୍ରକୃତ କାରଣ ସମ୍ପର୍କରେ ୟୁଆଇଡିଏଆଇ ଜଣାଇନାହିଁ। ତେବେ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ଶିଳ୍ପର ଷ୍ଟେକ୍‌ହୋଲ୍ଡରମାନଙ୍କ ସହ ବିଚାର ବିମର୍ଶ ପରେ ଏଭଳି ନିଷ୍ପତ୍ତି ନିଆଯାଇଛି।

# ରାଜସାକ୍ଷୀ ହେବେ ଜାକ୍‌ଲିନ୍

ନୂଆଦିଲ୍ଲୀ,୧୮।୪

ଠକ ସୁକେଶ ଚନ୍ଦ୍ରଶେଖରଙ୍କ ବିରୋଧରେ ମନିଲଣ୍ଡରିଂ ମାମଲା ନୂଆ ମୋଡ଼ ନେଇଛି। ଅଭିନେତ୍ରୀ ଜାକ୍‌ଲିନ୍ ଫର୍ନାଣ୍ଡିଜ୍ ମାମଲାରେ ରାଜସାକ୍ଷୀ ହେବା ଲାଗି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ଆନୁଷ୍ଠାନିକ ଭାବେ ଆବେଦନ କରିଛନ୍ତି। ଜାକ୍‌ଲିନ୍ ମଧ୍ୟ ଉକ୍ତ ମନିଲଣ୍ଡରିଂ ମାମଲାର ଅନ୍ୟତମ ଅଭିଯୁକ୍ତ। ଉକ୍ତ ଅପରାଧ ଅର୍ଥରେ କିଣାଯାଇଥିବା ଉପହାର ସେ ଗ୍ରହଣ କରିଥିଲେ। ମନିଲଣ୍ଡରିଂ ମାମଲାରେ ଜାକ୍‌ଲିନ୍ ରାଜସାକ୍ଷୀ ହେବାକୁ ଚାହାନ୍ତି ବୋଲି ଶୁକ୍ରବାର ଦିଲ୍ଲୀର ଏକ ଅଦାଲତଙ୍କୁ ଜଣାଇଥିଲେ। ୨୦୦ କୋଟି ଟଙ୍କା ମନିଲଣ୍ଡରିଂ ମାମଲାରେ ସୁକେଶ ଅଭିଯୁକ୍ତ ଥିବାବେଳେ ତାଙ୍କ ନାମରେ ଅନେକ ଜାଲିଆତି ମାମଲା ରହିଛି।

# ସୁ୍ୟ ଚୀଙ୍କୁ ଡରୁଛନ୍ତି ଶାସକ

## ୪,୩୩୫ ବନ୍ଦୀଙ୍କୁ ମୁକ୍ତକଲା ମ୍ୟାନ୍‌ମାର

ନୂଆଦିଲ୍ଲୀ,୧୮।୪

ମ୍ୟାନ୍‌ମାରର ନୂଆ ରାଷ୍ଟ୍ରପତି ମିନ୍ ଅଙ୍ଗ୍ ହଇଙ୍ଗ୍ ଶୁକ୍ରବାର ୪,୩୩୫ ବନ୍ଦୀଙ୍କୁ ସର୍ବକ୍ଷମା ପ୍ରଦାନ ପୂର୍ବକ ଜେଲରୁ ମୁକ୍ତ କରିଥିବା ସେଠାକାର ସରକାରୀ ଟିଭିରେ ରିପୋର୍ଟ ପ୍ରସାରିତ ହୋଇଛି। ଗତ ୬ ମାସ ମଧ୍ୟରେ ଏହା ହେଉଛି ତୃତୀୟ ସର୍ବକ୍ଷମା। ତେବେ ନୋବେଲ ବିଜୟିନୀ ତଥା ପୂର୍ବତନ ଷ୍ଟେଟ୍ କାଉନ୍‌ସେଲର ଅଙ୍ଗ୍ ସାନ୍ ସୁ୍ୟ ଚୀଙ୍କ ଜେଲ ଦଣ୍ଡାଦେଶକୁ କୋହଳ କରାଯାଇଥିଲେ ମଧ୍ୟ ତାଙ୍କୁ ସରକାର ମୁକ୍ତ କରିନାହାନ୍ତି। ତେଣୁ ସାମରିକ ସରକାର ଏବେ ମଧ୍ୟ ସୁ୍ୟ ଚୀଙ୍କ ନେତୃତ୍ୱକୁ ଭୟ କରୁଥିବା ମନେ କରାଯାଉଛି।

୨୦୨୧ରେ ମ୍ୟାନ୍‌ମାରରେ ସାମରିକ ବିଦ୍ରୋହରୁ କ୍ଷମତା ପରିବର୍ତ୍ତନ ଘଟିଥିଲା। ତତ୍କାଳୀନ ଷ୍ଟେଟ୍ କାଉନ୍‌ସେଲର ସୁ୍ୟ ଚୀଙ୍କୁ ଗୃହଯୁଦ୍ଧ, ରାଜନୈତିକ



ଅଙ୍ଗ୍ ସାନ୍ ସୁ୍ୟ ଚୀ

ଦମନ, ନିର୍ବାଚନୀ ଦୁର୍ନୀତି, ଦେଶର ଗୋପନୀୟତା ଆଇନ ଉଲ୍ଲଂଘନ ଆଦି ଅଭିଯୋଗରେ ଗିରଫ କରାଯାଇଥିଲା। ସେବେଠୁ ସେ ଜେଲରେ ଅଛନ୍ତି।

ମ୍ୟାନ୍‌ମାରରେ ଜାନୁଆରୀରେ ସ୍ୱାଧୀନତା ଦିବସ ଓ ଏପ୍ରିଲରେ ନବବର୍ଷ ପାଳନ ଅବସରରେ ବନ୍ଦୀମାନଙ୍କୁ ଆମ୍‌ନେଷ୍ଟି (ସର୍ବକ୍ଷମା) ପ୍ରଦାନ କରାଯାଇଥାଏ। ଏମ୍‌ଆର୍‌ଟିଭିରେ ପ୍ରସାରିତ ରିପୋର୍ଟ ଅନୁସାରେ ଶୁକ୍ରବାର ୧୭୯ ବିଦେଶୀଙ୍କ ସମେତ ମୋଟ ୪,୩୩୫ ବନ୍ଦୀଙ୍କୁ ମୁକ୍ତ କରାଯାଇଛି। ଏପରି କି ମୃତ୍ୟୁ ଦଣ୍ଡାଦେଶ ପାଇଥିବା କଏଦୀମାନଙ୍କ ଦଣ୍ଡକୁ ଆଜୀବନ ଜେଲ, ଆଜୀବନ ଦଣ୍ଡାଦେଶ ପାଇଥିବା ବନ୍ଦୀଙ୍କୁ ୪୦ ବର୍ଷ ଏବଂ ଅନ୍ୟ କଏଦୀମାନେ ପାଇଥିବା ମୋଟ ଦଣ୍ଡାଦେଶର ୬ ଭାଗରୁ ଭାଗେ ମାଫ୍ କରାଯାଇଛି। ତଦନୁସାରେ ୨୭ ବର୍ଷ ଜେଲ ଦଣ୍ଡାଦେଶ ଭୋଗୁଥିବା ସୁ ଚୀଙ୍କ ୪ ବର୍ଷ ୬ ମାସ ଦଣ୍ଡ ଛାଡ଼ କରାଯାଇଛି। ୮୦ ବର୍ଷୀୟା ନୋବେଲ ଶାନ୍ତି ପୁରସ୍କାର ବିଜୟିନୀଙ୍କୁ ଏକ ଅଜ୍ଞାତ ସ୍ଥାନରେ ବନ୍ଦୀ ରଖାଯାଇଥିବା ତାଙ୍କ ଓକିଲ ସୂଚନା ଦେଇଛନ୍ତି। ସୁ୍ୟ ଚୀଙ୍କ ବୟସାଧିକ କାରଣରୁ ଦିନକୁ ଦିନ ସ୍ୱାସ୍ଥ୍ୟ ବିଗିଡ଼ିବାରେ ଲାଗିଥିବାବେଳେ ଅଦ୍ୟାବଧି ମୁକ୍ତ କରା ନ ଯିବା ନେଇ ତାଙ୍କ ପୁଅ କିମ୍ ଆରିସ୍ ଚିନ୍ତାବ୍ୟକ୍ତ କରିଛନ୍ତି। ଇତିମଧ୍ୟରେ ସେନା ମୁଖ୍ୟ ମିନ୍ ଅଙ୍ଗ୍ ହାଇଙ୍ଗ୍ (୬୯) ଏପ୍ରିଲ ୩ରେ ଦେଶର ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ଏଥର ମଧ୍ୟ ସୁ୍ୟ ଚୀଙ୍କୁ ମୁକ୍ତ କରିବା ପରିବର୍ତ୍ତେ ମାତ୍ର ସାଢ଼େ ୪ ବର୍ଷ ଜେଲ ଦଣ୍ଡାଦେଶ କୋହଳ କରାଯାଇଛି। ଅର୍ଥାତ୍ ସାମରିକ ଶାସନ ବେଳେ ୫ ବର୍ଷ ଜେଲରେ ରହିସାରିଥିବା ଏହି ନେତ୍ରୀ ଆହୁରି ୧୭ରୁ ଊର୍ଦ୍ଧ୍ୱ ବର୍ଷ ଦଣ୍ଡ ଭୋଗିବେ। ଅନ୍ୟପକ୍ଷେ ସୁ୍ୟ ଚୀଙ୍କ ସହ ଗିରଫ ହୋଇଥିବା ତତ୍କାଳୀନ ରାଷ୍ଟ୍ରପତି (୨୦୧୮-୨୦୨୧) ୱିନ୍ ମିଇଣ୍ଟଙ୍କୁ ଛାଡ଼ି ଦିଆଯିବ ବୋଲି ଜଣାପଡ଼ିଛି। ସାମରିକ ବିଦ୍ରୋହ ବେଳେ ଅନେକ ହଜାର ଆକ୍ଟିଭିଷ୍ଟ ତଥା ଜୁଣ୍ଟା ମିଲିସିଆ ସଦସ୍ୟଙ୍କୁ ରାଜନୈତିକ ଅପରାଧ ଅଭିଯୋଗରେ ଗିରଫ କରାଯାଇଥିଲା।

# ମୁଁ ଯାହା ଦେଖାଯାଉଛି ତାହା ସ୍ୱାଭାବିକ

ମୁମ୍ବାଇ



ଅଭନୀତ୍ କୌର

ଅଭିନେତ୍ରୀ ଅଭନୀତ୍ କୌର ଯେତିକି ଗ୍ଲାମର୍ସ ସେତିକି ଚର୍ଚ୍ଚିତ ମଧ୍ୟ। ନିଜ ଚମକଦାର ଲୁକ୍ ପାଇଁ ସେ ପ୍ରାୟତଃ ପ୍ରଶଂସା ସାଉଁଟନ୍ତି। ନିକଟରେ ସେ ତାଙ୍କ ତ୍ୱଚାରେ ବୋଟକ୍ସ କିମ୍ବା ସର୍ଜରି କରିଥିବା ଚର୍ଚ୍ଚା ଚାଲିଛି। କିନ୍ତୁ ଏକ ସାକ୍ଷାତ୍କାରରେ ସେ ଏହାକୁ ଖଣ୍ଡନ କରିଛନ୍ତି। ଏହି ପରିବର୍ତ୍ତନ ସମ୍ପୂର୍ଣ୍ଣ ସ୍ୱାଭାବିକ। ବୟସ ସହ ସେ ଚମକୁଥିବା ଅଭନୀତ୍ କହିଛନ୍ତି।

ପ୍ରତ୍ୟେକ ବ୍ୟକ୍ତିଙ୍କ ପିଲାଦିନ ଏବଂ ବୟସ ବଢ଼ିବାର ଫଟୋ ଭିତରେ ନିଶ୍ଚୟ ଭିନ୍ନ ଥାଏ। ସମସ୍ତେ ବଡ଼ ହୁଅନ୍ତି ଏବଂ ବୟସ ବଢ଼ିବା ସହ ଚେହେରାରେ ଚମକ ଆସେ। ମୋର ତ୍ୱଚାରେ କୌଣସି ଅସ୍ତ୍ରୋପଚାର କିମ୍ବା ବୋଟକ୍ସ ହୋଇନାହିଁ ବୋଲି ଅଭନୀତ୍ କହିଛନ୍ତି। ଏଥିସହ ସେ କହିଛନ୍ତି, ମୁଁ ଯାହା ଦେଖାଯାଉଛି ତାହା ସ୍ୱାଭାବିକ। ମୋ ସୁନ୍ଦରତାର ସମସ୍ତ ଶ୍ରେୟ ମା'ଙ୍କର ବୋଲି ସେ ପ୍ରକାଶ କରିଛନ୍ତି।

ଅଭନୀତ୍ ଅତି କମ୍ ବୟସରେ ଟିଭି(ଛୋଟ ପରଦା) ଜଗତରେ ପାଦ ଦେଇଥିଲେ। ଧୀରେ ଧୀରେ ନିଜ ପାଇଁ ଏକ ସ୍ଥାନ ମଧ୍ୟ ସୃଷ୍ଟି କରିଥିଲେ। ଏବେ ସେ ଫିଲ୍ମ ଜଗତରେ ମଧ୍ୟ ସକ୍ରିୟ ଅଛନ୍ତି।

ଧରିତ୍ରୀ
DHARITRI
ଧରିତ୍ରୀ 52 Years




ଶୀତଳା ପୂଜା ଅବସରରେ ଶନିବାର ଦୋଣ୍ଡି ରୀତିନୀତି ପାଳନ କରିବାକୁ ଯାଇ ଶ୍ରଦ୍ଧାଳୁମାନେ କୋଲକାତାର କାଳିଘାଟ ଆଡ଼େ ରାସ୍ତା ଉପରେ ସାଷ୍ଟାଙ୍ଗ ପ୍ରଣାମ କରି ଯାଉଛନ୍ତି।

# ଚଢ଼ାଉ ବେଳେ ଟ୍ରାକ୍ଟର ଚଢ଼ାଇ ଦେଲେ: ତହସିଲଦାର ଗୁରୁତର

## ମାଟି ଚୋରାଚାଲାଣକାରୀଙ୍କ ଦୌରାତ୍ମ୍ୟ


ପ୍ରଶାନ୍ତ କୁମାର ପଣ୍ଡା

ଯାଜପୁର/ବ୍ୟାସନଗର (ହର୍ଷବର୍ଦ୍ଧନ ବେହେରା/ ପବିତ୍ର ରଞ୍ଜନ ମହାନ୍ତି), ୧୮।୪

ମାଟି ଚୋରାଚାଲାଣ ଖବର ପାଇ ଚଢ଼ାଉ କରିବାକୁ ଯାଇଥିବା ଯାଜପୁର ଜିଲା ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡାଙ୍କ ଉପରକୁ ଟ୍ରାକ୍ଟର ଚଢ଼ାଇ ଦିଆଯାଇଛି। କୋରେଇ ଥାନା ଅନ୍ତର୍ଗତ ମୀନାବଜାର ଛକ ନିକଟରେ ଶନିବାର ପୂର୍ବାହ୍ନ ସାଢ଼େ ୧୧ଟାରେ ଏହି ଘଟଣା ଘଟିଛି। ତହସିଲଦାର ପଣ୍ଡାଙ୍କୁ ମାରିଦେବାକୁ ମାଫିଆମାନେ ଉଦ୍ୟମ କରିଛନ୍ତି। ତେବେ ଟ୍ରାକ୍ଟରଟି ଗୋଡ଼ ଉପରେ ଚଢ଼ିଯାଇଥିବାରୁ ତହସିଲଦାର ପଣ୍ଡା ଗୁରୁତର ହୋଇପଡ଼ିଛନ୍ତି। ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣା ଯାଜପୁର ଜିଲାରେ ମାଟି, ବାଲି, ମୋରମ୍ ଆଦି ଲଘୁ ଖଣିଜ ପଦାର୍ଥର ଚୋରାଚାଲାଣ କରିଆସୁଥିବା ମାଫିଆଙ୍କ ଦୌରାତ୍ମ୍ୟକୁ ପ୍ରମାଣିତ କରିଛି। ଏହି ମାଫିଆମାନଙ୍କ ପଛରେ ପ୍ରଭାବଶାଳୀ ଲୋକଙ୍କ ସମେତ କେତେଜଣ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଆସୁଛି। ତେବେ ଯେଉଁମାନେ ଏହି କାରବାରକୁ ରୋକିବାକୁ ଚେଷ୍ଟା କରୁଛନ୍ତି କିମ୍ବା ବିରୋଧ କରୁଛନ୍ତି, ସେମାନଙ୍କୁ ହତ୍ୟା କରିବାକୁ ମାଫିଆମାନେ ପଛଘୁଞ୍ଚା ଦେଉନାହାନ୍ତି। ୨୦୧୮ ଫେବୃଆରୀ ୪ ମଧ୍ୟରାତ୍ରରେ କୋରେଇ ଥାନା ଅନ୍ତର୍ଗତ ବେଣାପୁର ଛକରେ ଓଭରଲୋଡିଂ ଓ ଟ୍ରାଞ୍ଜିଟ୍ ପାସ୍ ଯାଞ୍ଚ କରୁଥିବା ଯାଜପୁର ଆର୍‌ଟିଓ ମନୋଜ କୁମାର ବେହେରାଙ୍କ ଉପରକୁ ଏକ ଟିପ୍ପର ବୋଝେଇ ହାଇୱା ଚଢ଼ାଇ ଦିଆଯାଇଥିଲା। ସେଥିରେ ଆର୍‌ଟିଓଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଗତ ୧୬ ତାରିଖ ବିଳମ୍ବିତ ରାତିରେ ଯାଜପୁର ଜୁନିୟର ଖଣି ଅଧିକାରୀ ବିଶ୍ୱଜିତ୍ ସ୍ୱାଇଁ ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ଛକ ନିକଟରେ ବାଲି ବୋଝେଇ ଗାଡ଼ି ଯାଞ୍ଚ କରୁଥିବା ସମୟରେ ତାଙ୍କୁ ମାଫିଆମାନେ ଆକ୍ରମଣ କରିଥିଲେ। ଏହି ଘଟଣାରେ ୩ ଜଣ ଗିରଫ ହୋଇଛନ୍ତି।

କୋରେଇ ଥାନାଠାରୁ ପ୍ରାୟ ୧ କିଲୋମିଟର ଦୂର ମୀନାବଜାର ଛକ ନିକଟରୁ ବେଆଇନ ମାଟି ଓ ବାଲି ଚୋରାଚାଲାଣ ହେଉଥିବା ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡା ଖବର ପାଇଥିଲେ। ଏହାପରେ ସେ ଟିମ୍ ସହ ଚଢ଼ାଉ କରିବାକୁ ଶନିବାର ପୂର୍ବାହ୍ନରେ ସେଠାକୁ ଯାଇଥିଲେ। ଏହି ସମୟରେ ମାଟି ☞ପୃଷ୍ଠା-୨

# ଯୋଜନା ବୋର୍ଡ ସ୍ଥାନରେ ଏସ୍‌ଆଇଟିଆଇ-ଓଡ଼ିଶା

- ମୁଖ୍ୟମନ୍ତ୍ରୀ ଏହାର ଅଧ୍ୟକ୍ଷ ରହିବେ
- ଜଣଙ୍କୁ ଉପାଧ୍ୟକ୍ଷ ଭାବେ ନିଯୁକ୍ତ କରିବେ ମୁଖ୍ୟମନ୍ତ୍ରୀ
- ଉନ୍ନୟନ କମିଶନର ରହିବେ ଅତିରିକ୍ତ ସଦସ୍ୟ ସଚିବ
- ୪ ବିଶିଷ୍ଟ ବ୍ୟକ୍ତିଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟାରେ ମିଳିବ ନିଯୁକ୍ତି
- ୬ ବିଷୟ ଉପରେ କାର୍ଯ୍ୟ କରିବ ଏସ୍‌ଆଇଟିଆଇ-ଓଡ଼ିଶା

ଭୁବନେଶ୍ୱର, ୧୮।୪(ସୁନିତ୍ ମିଶ୍ର)

ରାଜ୍ୟ ସରକାର ଖୁବ୍‌ଶୀଘ୍ର ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ ଫର୍ ଟ୍ରାନ୍ସଫର୍ମେଟିଭ ଇନିସିଏଟିଭସ୍ (ଏସ୍‌ଆଇଟିଆଇ-ଓଡ଼ିଶା) ପ୍ରତିଷ୍ଠା କରିବେ। ରାଜ୍ୟ ଯୋଜନା ବୋର୍ଡକୁ ଭାଙ୍ଗି ସାରିଥିବାବେଳେ ସେହି ସ୍ଥାନରେ ଏସ୍‌ଆଇଟିଆଇ-ଓଡ଼ିଶା ପ୍ରତିଷ୍ଠା ହେବ। ଏନେଇ ସରକାର ଆଣିଥିବା ସଂକଳ୍ପରେ


ମୋହନ ଚରଣ ମାଝୀ

ଉଲ୍ଲେଖ କରାଯାଇ ନାହିଁ। ମାତ୍ର ତାହା ହିଁ ହେବାକୁ ଯାଉଛି। ଏହା ରାଜ୍ୟ ସରକାରଙ୍କ ଏକ ଥିଙ୍କ୍ ଟ୍ୟାଙ୍କ୍ ବା ଏକ ରାଜ୍ୟ ଯୋଜନା ବୋର୍ଡ ସ୍ଥାନରେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
**ଆମେ ନୀରବ**









# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଥ୍ରୀଡି ଗ୍ଲାସ୍ ସଲ୍ୟୁଶନ୍ ପକ୍ଷରୁ ଗ୍ରାଉଣ୍ଡବ୍ରେକିଂ ସେରିମନି, ସ୍ଥାନ: ଇନ୍‌ଫୋଭ୍ୟାଲି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରତାପ ଚନ୍ଦ୍ର ଦାଶ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ: ରେଡ୍‌କ୍ରସ ଭବନ, ସମୟ: ପୂର୍ବାହ୍ନ ୧୦ଟା।

## କଟକ

- କଟକ ମାରୱାଡି ସମାଜ, ୱେଲବିଙ୍ଗ ଆଣ୍ଡ ଟିମ୍ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ମାରୱାଡି କ୍ଲବ ପରିସର, ମାଣିକଘୋଷ ବଜାର, ସମୟ: ସକାଳ ୮ଟା।
- ରାଜ୍ୟସ୍ତରୀୟ ସର୍ବୋଦୟ ସମାଜ ସମ୍ମିଳନୀ, ସ୍ଥାନ: ଗାନ୍ଧୀ ଭବନ, ବାଖରାବାଦ, ସମୟ: ପୂର୍ବାହ୍ନ ୧୧ଟା।
- କୈବଲ୍ୟ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅକ୍ଷୟ ଅମୃତ ମହୋତ୍ସବ, ସ୍ଥାନ: ଝିଙ୍କିରିଆ ସେବାଶ୍ରମ, ୪୨ ମୌଜା, ସମୟ: ଅପରାହ୍ନ ୩ଟା।
- ସୁନ୍ଦରଗ୍ରାମ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବିଲି, ସ୍ଥାନ: ବିଦ୍ୟାଳୟ ପରିସର, ସୁନ୍ଦରଗ୍ରାମ, ସମୟ: ଅପରାହ୍ନ ୫ଟା।
- ଆମେ କଳାକାର ପକ୍ଷରୁ ରଜନୀକାନ୍ତ ନାୟକ ସଙ୍ଗୀତ ସନ୍ଧ୍ୟା, ସ୍ଥାନ: ଶହୀଦ ଭବନ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଭାଗବତ ସପ୍ତାହର ଚତୁର୍ଥ ଦିବସ, ସ୍ଥାନ : ଧର୍ମଦ୍ୱାର, ଘଣ୍ଟୁଆ, ବାଲିଆପାଳ, ସମୟ : ସକାଳ ୬ଟା।
- ସାର୍ବଜନୀନ ଚଉଦ ମାଦଳ ମହୋତ୍ସବ ତୃତୀୟ ଦିବସ, ସ୍ଥାନ : ଜହତା ଚଉଦମାଦଳ ପଡ଼ିଆ, ରୂପ୍‌ସା, ସମୟ : ସକାଳ ୭ଟା।
- ଭ୍ରାମ୍ୟମାଣ ବ୍ରହ୍ମଯାଜ୍ଞ୍ୟ, ସ୍ଥାନ: ଟେକ ଚନ୍ଦନପୁର, ମାଣିତ୍ରୀ, ଖଇରା, ସମୟ: ସକାଳ ୮ଟା
- ବିଶାଳ ରକ୍ତଦାନ ଶିବିର, ସ୍ଥାନ : ଶମ୍ଭୁନାଥ ହାଇସ୍କୁଲ, ବସ୍ତା, ସମୟ : ସକାଳ ୯ଟା।
- ସିଏମ୍ ଟ୍ରଫି କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ : ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୦ଟା।
- ମିଳିତ ନିଶା ନିବାରଣ ଅଭିଯାନର ୧୦ମ ବାର୍ଷିକ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ : ଏସିପିଏଲ୍ ସଭାଗୃହ, ଭାସ୍କରଗଞ୍ଜ, ବଲେଶ୍ୱର, ସମୟ : ପୂର୍ବାହ୍ନ ୧୦ଟା।
- ବାଲେଶ୍ୱର ବୈଶାଖୀ ମହୋତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ : ଆଇଟିଆଇ ପଡିଆ, ବାଲେଶ୍ୱର, ସମୟ : ଅପରାହ୍ନ ୪ଟା।
- ପାରୁଳିଆ ଶିବଙ୍କ ପାଟ ଉତ୍ସବ, ସ୍ଥାନ : ପାରୁଳିଆ ଶିବ ମନ୍ଦିର, ବାଲିଆପାଳ, ସମୟ : ଅପରାହ୍ନ ୫ଟା।

## ଭଦ୍ରକ

- ମା' କାଲୁଣୀ ଠାକୁରାଣୀ ପୀଠର ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: ପଦ୍ମପୋଖରୀ ଡିଗିପାର୍କ, ଧାମନଗର, ସମୟ: ସକାଳ ୭ଟା।
- ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଭେଙ୍କଟେଶ୍ୱର ସ୍କୁଲ ପରିସର, ଚାନ୍ଦବାଲି, ସମୟ: ସକାଳ ୯ଟା।

## କେନ୍ଦୁଝର

- ଶାସ୍ତ୍ରୀ ନଗର ସ୍ଥିତ ଶ୍ରୀ ତ୍ରିନାଥ ଦେବ ଓ ବାବା ଶନି ଦେବ ଓ ଶ୍ରୀ ଶ୍ରୀ ପଞ୍ଚ ମୁଖୀ ହନୁମାନ ଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ଯୋଡ଼ା, ସମୟ: ସକାଳ ୭ ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ, ସଙ୍କୀର୍ତ୍ତନ, ସ୍ଥାନ: ଷ୍ଟେଶନ ରୋଡ୍, ବଡ଼ବିଲ, ସମୟ: ସନ୍ଧ୍ୟା ୭ଟା।
- ହରି ହାଟ ସଙ୍କୀର୍ତ୍ତନ , ସ୍ଥାନ: ଘଟଗାଁ ବ୍ଲକ୍ ବସନ୍ତପୁର, ସମୟ : ସକାଳ ୯ଟା

## ମୟୂରଭଞ୍ଜ

- ବାସ୍ତବ ପକ୍ଷରୁ ଆନ୍ତଃ ଜିଲା ସ୍ତରୀୟ ଆର୍ଟ ପ୍ରତିଯୋଗିତା, ସ୍ଥାନ: ଷ୍ଟାଡିୟମ ସମ୍ମିଳନୀ କକ୍ଷ ବାରିପଦା, ସମୟ: ସକାଳ ୮ଟା।
- ଆମେ ଓଡ଼ିଆ ଆମ ଅସ୍ମିତା ଆଲୋଚନା ଚକ୍ର, ସ୍ଥାନ: ଉଦଳା ବରିଷ୍ଠ ନାଗରିକ ସଭାଗୃହ, ସମୟ: ସକାଳ ୯ ଟା।
- ଆମେ ୮୦ପକ୍ଷରୁ ଜଳଛତ୍ର, ସ୍ଥାନ: ପୂର୍ତ୍ତ ବିଭାଗ ଅଫିସ ସମ୍ମୁଖ କଚେରୀ ରୋଡ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ବଳାଙ୍ଗୀ ମହୋତ୍ସବରେ ମୁଣ୍ଡାରୀ ଷ୍ଟାର ନାଇଟ୍, ସ୍ଥାନ: ବୁଢାବଳଙ୍ଗ, ଚିପଟ ଓ ଇଟାଯୋଡି ନଦୀ ସଙ୍ଗମ ସ୍ଥଳ ବାରିପଦା, ସମୟ: ଅପରାହ୍ନ ୫ଟା।

## ଢେଙ୍କାନାଳ

- ଐତିହ୍ୟ ପଦଯାତ୍ରାର ତୃତୀୟ ବାର୍ଷିକ ଉତ୍ସବ, ସ୍ଥାନ: ସୂର୍ଯ୍ୟ ମଣ୍ଡପ, ସମୟ: ସକାଳ ସାଢେ ୯ଟା।

## ଅନୁଗୋଳ

- ଶ୍ରୀମଦ୍ ଭାଗବତ ସପ୍ତାହରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ମା' ମାହେଶ୍ୱରୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ଜଗତସିଂହପୁର କରାଟେ ଆସୋସିଏଶନ ପକ୍ଷରୁ ଦିନିକିଆ କରାଟେ ଚାମ୍ପିୟନଶିପ କାର୍ଯ୍ୟକ୍ରମ, ସ୍ଥାନ: ପୌର କଲ୍ୟାଣ ମଣ୍ଡପ, ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।
- ଓଡିଶା ସାହିତ୍ୟ ଏକାଡେମୀ ଓ ପ୍ରିୟବନ୍ଧୁ ସାହିତ୍ୟ ଏକାଡେମୀ ମିଳିତ ଆନୁକୂଲ୍ୟରେ ସାହିତ୍ୟ ପର୍ବ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, କୁଜଙ୍ଗ, ସମୟ: ପୂର୍ବାହ୍ନ ୧୧ଟା।
- ବାରୁଣେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ନିମନ୍ତେ ଅଙ୍କୁରାରୋପଣ, ସ୍ଥାନ: ଚାରଦିଆ, କୁଜଙ୍ଗ, ସମୟ: ଅପରାହ୍ନ ୪ଟା।
- ନୁଆବଜାର ଏ ଟାଇପ କଲୋନୀ ଯୁବକ ସଂଘ ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ନୁଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ମୋନାଲିସା ସାହିତ୍ୟ ସଂସଦ ପକ୍ଷରୁ ପଣା ଆସର, ସ୍ଥାନ: ନୁଆବଜାର, ପାରାଦୀପ ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ଶ୍ରୀଜଗନ୍ନାଥ, ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସାହାଡାସୁନ୍ଦରୀ ମନ୍ଦିର ପରିସର, ନୂଆଗାଁ, ଡେରାବିଶ, ସମୟ: ସକାଳ ୬ଟା।
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ଗିରିଗୋବର୍ଦ୍ଧନଧାରୀ ଯାଦବ ସଂଘ ପକ୍ଷରୁ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଜିଗରଣ, ପଚ୍ଚାମୁଣ୍ଡାଇ, ସମୟ: ସକାଳ ୬ଟା।
- ସ୍ୱାସ୍ଥ୍ୟ କ୍ଲିନିକ ଆଣ୍ଡ ଡାଇଗ୍ନୋଷ୍ଟିକ ପକ୍ଷରୁ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ବଉଳବିହାର ନିକଟ, ଗରାପୁର, କେନ୍ଦ୍ରାପଡ଼ାସହର, ସମୟ: ସକାଳ ୯ଟା।
- କେନ୍ଦ୍ରାପଡ଼ା ଜିଲା ବ୍ରାହ୍ମଣ ସଭା ନିର୍ବାଚନ, ସ୍ଥାନ: ଶିବାନନ୍ଦ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ଫକିରାବାଦର ଆଜାଦ କ୍ଲବ ପକ୍ଷରୁ ଫୁଟ୍‌ବଲ ପ୍ରତିଯୋଗିତା, ସ୍ଥାନ: ଟାଉନ ହାଇସ୍କୁଲ ଖେଳ ପଡିଆ, ଖଡିଅଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।
- ବିଶ୍ୱଶାନ୍ତି ପାଇଁ ନାମଯଜ୍ଞ, ସ୍ଥାନ: ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ପରିସର, ଦାନପୁର, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।
- ଜମ୍ବୁ ଦ୍ୱୀପ ମହୋତ୍ସବ, ସ୍ଥାନ: ମା' ରାମଚଣ୍ଡୀ ପୀଠ, ରାମନଗର, ମହାକାଳପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଶ୍ରୀରାମ ଚରିତ ମାନସ କାର୍ଯ୍ୟକ୍ରମର ୫ମ ସନ୍ଧ୍ୟା, ସ୍ଥାନ: ବ୍ୟାସନଗର ଗୋଶାଳା ଦେବେଶ୍ୱର ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀରାମ ଚରିତ ମାନସ ପାଠ ୬ଷ୍ଠ ଦିବସ, ସ୍ଥାନ: ବ୍ୟାସନଗର ଗୋପବନ୍ଧୁ ଛକ ହନୁମାନ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୪୭ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ପ୍ରାତଃ ୫ଟା ।
- ମା' ଦକ୍ଷିଣକାଳୀଙ୍କ ପଣାଯାତ୍ରାର ଷଷ୍ଠ ଦିବସରେ ନୀତିକାନ୍ତି ସହ ବିଭିନ୍ନ କାର୍ଯ୍ୟକ୍ରମ, ସ୍ଥାନ:ନୟାଗଡ଼ ପୁରୁଣା ସହରର ମା' ଦକ୍ଷିଣକାଳୀ ମନ୍ଦିର, ସମୟ: ଭୋର ୫ଟା୩୦ରୁ ରାତ୍ର ୧୧ ।
- ନିଖିଳ ଉତ୍କଳ ବାରିକ ସମିତର ବାର୍ଷିକ ଅଧିବେଶନ, ସ୍ଥାନ: ଖଣ୍ଡପଡା ଉମାଦେଇ ଠାକୁରାଣୀଙ୍କ ପୀଠ, ସମୟ: ପୂର୍ବାହ୍ନ ୯ଟା ।

## କୋରାପୁଟ

- ଅକ୍ଷୟ ତୃତୀୟା(କୃଷକ ଦିବସ) ପାଳିତ, ସ୍ଥାନ: ସରକାରୀ କୃଷି ଫାର୍ମ, କୋଟପାଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଆଞ୍ଚଳିକ ବିକାଶ ପରିଷଦ ବୈଠକ, ସ୍ଥାନ: ଓଡ଼ିଆ ପେଣ୍ଟ ପଞ୍ଚାୟତ, ଲକ୍ଷ୍ମୀପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସମ୍ବଲପୁର

- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୮ଟା।
- ଭଗବାନ ପର୍ଶୁରାମ ଉତ୍ସବ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ବୈଦ୍ୟନାଥ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ : ସକାଳ ୮ଟା।
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର, ସ୍ଥାନ : ପବ୍ଲିକ ଲାଇବ୍ରେରୀ ସ୍ଥିତ ପ୍ରେକ୍ଷାଳୟ, ସମୟ : ସକାଳ ୯ଟା।
- ସମ୍ବଲପୁର କବାଡି ପ୍ରିମିୟର ଲିଗ୍-୨୦୨୬ର ପ୍ରସ୍ତୁତି ବୈଠକ, ସ୍ଥାନ : ଅଇଁଠାପାଲି ନିକଟସ୍ଥ ଡଲଫିନ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀଶ୍ରୀ ହନୁମାନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅଷ୍ଟ ପ୍ରହର ନାମଯଜ୍ଞ ଶୁଭାରମ୍ଭ, ସ୍ଥାନ : ବୁଦ୍ଧହିଲ ସ୍ଥିତ ମନ୍ଦିର ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ଗଣ୍ଡା ସମାଜ କଲ୍ୟାଣ ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ମଧ୍ୟାହ୍ନ ୧୨ଟା।
- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୪ଟା।
- ଲଜପତ ରାୟ ଆଇନ ମହାବିଦ୍ୟାଳୟ ଆଲୁମ୍ନି ଆସୋସିଏଶନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ : ମହାବିଦ୍ୟାଳୟ ପରିସରସ୍ଥ ସୁବର୍ଣ୍ଣ ଜୟନ୍ତୀ ହଲ, ସମୟ : ଅପରାହ୍ନ ୫ଟା।
- ଜିଲା ପୋଲିସ ପକ୍ଷରୁ ବଡାଖାନା କାର୍ଯ୍ୟକ୍ରମ, ସ୍ଥାନ : ରିଜର୍ଭ ପୋଲିସ ଲାଇନ ପଡିଆ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଭଗବାନ ପର୍ଶୁରାମ ଜନ୍ମୋତ୍ସବ ଓ ଯଜ୍ଞାରମ୍ଭ, ସ୍ଥାନ: ନୃସିଂହ ମନ୍ଦିର, ବଲାଙ୍ଗୀର, ସମୟ: ସକାଳ ୭ଟା ୧୫।
- ରାଜ୍ୟ ଓବିସି-ଏସ୍‌ଟି-ଏସ୍‌ସି ସମନ୍ୱୟ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ,ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର,ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭଗବାନ ପର୍ଶୁରାମ ଜନ୍ମୋତ୍ସବ ଓ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ, ସ୍ଥାନ: ପର୍ଶୁରାମ ଛକ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ପର୍ଶୁରାମ ଜନ୍ମୋତ୍ସବ ଉପଲକ୍ଷେ ବିଶାଳ ଶୋଭାଯାତ୍ରା, ସ୍ଥାନ: ନୃସିଂହ ମନ୍ଦିର,ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।
- ଭଗବାନ ପର୍ଶୁରାମଙ୍କ ଜନ୍ମୋତ୍ସବ,ସ୍ଥାନ: ଶ୍ରୀ ବ୍ରାହ୍ମଣ ସମାଜ ଭବନ, କଣ୍ଟାବାଞ୍ଜି, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା

- ୟଙ୍ଗ୍ ଟ୍ୟାଲେଣ୍ଟ ଅଫ୍ ରାଉରକେଲା ପ୍ରତିଯୋଗିତା, ସ୍ଥାନ: ସେକ୍ଟର-୨ ସାହାନାଇ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ରାହ୍ମଣ ମହାସଭା ପକ୍ଷରୁ ଜଳ ବିତରଣ, ସ୍ଥାନ: ୭-୧୭ ଛକ, ସମୟ: ସକାଳ ୧୦ଟା।
- ସାଇବାବା ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଓଏସ୍‌ଆର୍‌ଟିସି କଲୋନୀ, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼

- ନବଜୀବନ ଅନୁଷ୍ଠାନର ବସନ୍ତ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା,ସ୍ଥାନ:ସଂସ୍କୃତି ଭବନ,ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ମହାଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ:କଲେଜ ରୋଡ, ବରଗଡ଼,ସମୟ:ସକାଳ ୭ଟା।
- ସି.ଏମ୍ ଟ୍ରଫି ଜୁନିୟର ଫୁଟବଲ ପ୍ରତିଯୋଗିତା, ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼,ସମୟ:ସକାଳ ୭ଟା।
- ପର୍ଶୁରାମ ଜୟନ୍ତୀ ଉପଲକ୍ଷେ ବାଇକ୍ ଶୋଭାଯାତ୍ରା,ସ୍ଥାନ: ୟୁଥ କ୍ଲବ, ଗାଇସିଲେଟ, ସମୟ:ସକାଳ ୯ଟା।

## କଳାହାଣ୍ଡି

- ପର୍ଶୁରାମ ଜୟନ୍ତୀ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ଭବାନୀପାଟଣାସ୍ଥିତ ହିଲ ଟାଉନ, ଜୁନାଗଡ଼ ଫତେନଗର ପଡା, ସମୟ: ଅପରାହ୍ନ ୪ଟା।
- ଆମ୍ବେଡକରଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଜୁନାଗଡ଼ ବ୍ଲକ ଆଟିଗାଁ ବିଶାଳପଡା, ସମୟ: ଅପରାହ୍ନ ୪ଟା।

## ଦେବଗଡ଼

- ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଅଧିବାସ ଓ କଳସ ଯାତ୍ରା, ସ୍ଥାନ : ରିଆମାଳ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା (ଏମ୍‌କେବିୱାଇ) ୨୦୨୬ ଅନ୍ତର୍ଗତ ଗଣବିବାହ କାର୍ଯ୍ୟକ୍ରମ, ସ୍ଥାନ : ଦେବଗଡ ଇଣ୍ଡୋର ଷ୍ଟାଡିୟମ, ସମୟ: ସକାଳ ୮ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ : ତିଲେଇବଣି ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ : ଦେବଗଡ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ : ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ତରଭା ସହର ଅନ୍ତର୍ଗତ ତ୍ରିନାଥ ମନ୍ଦିରରେ ପୁରାଣ ପଠନ ଓ ତ୍ରିନାଥ ମେଳା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।

## ନୂଆପଡ଼ା

- ମା' ସମଲେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ସେମି ଫାଇନାଲ, ସ୍ଥାନ: କୋମନା ବ୍ଲକ କୋନାବିରା ଗାଁ, ସମୟ: ସକାଳ ୯ଟା ଓ ଅପରାହ୍ନ ୩ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମାରମ୍ଭ, ସ୍ଥାନ: କୋମନା ବ୍ଲକ ଟିକ୍ରାପଡା ପଞ୍ଚାୟତ ଜେଠୁପାଲି ଗାଁ, ସମୟ: ସକାଳ ୯ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: ଖଡିଆଳ ବ୍ଲକ ଡୁଆଝର (ସାଲେପଡା), ସମୟ: ପ୍ରାତଃ ୪ଟା ୩୦।
- ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା, ସ୍ଥାନ: ଖଡିଆଳ ବ୍ଲକ ଗଡ୍ରାମୁଣ୍ଡା ଗାଁ, ସମୟ: ଅପରାହ୍ନ ୪ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: କୋମନା ବ୍ଲକ ନୂଆଗାଁ ପଞ୍ଚାୟତ କାଳିମାଟି ଗାଁ, ସମୟ: ଅପରାହ୍ନ ୪ଟା ୩୦।

## ଝାରସୁଗୁଡ଼ା

- ମୁଖ୍ୟମନ୍ତ୍ରୀ କପ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ:୨ୟ ଓଏସ୍‌ଏପି ପଡ଼ିଆ, ଝାରସୁଗୁଡ଼ା, ସମୟ:ସକାଳ ୮ଟା
- ଆଧ୍ୟାତ୍ମିକ ଉପନିଷଦ ଜ୍ଞାନାମୃତ କାର୍ଯ୍ୟକ୍ରମ, ସ୍ଥାନ: ମନମୋହନ ପଡ଼ିଆ, ଝାରସୁଗୁଡ଼ା, ସମୟ:ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଶ୍ରୀଚନ୍ଦ୍ର କାରଣରୁ ବନ୍ଧୁମିଳନ, ଆନୁଷ୍ଠାନିକ କର୍ମ ଓ ସଭାସମିତି କ୍ଷେତ୍ରରୁ ପ୍ରଶଂସା ମିଳିବ। ଉଚ୍ଚସ୍ତରରେ ସମ୍ପର୍କ ସ୍ଥାପନ ହେବା ସାଙ୍ଗକୁ ବିଶିଷ୍ଟ ବ୍ୟକ୍ତିଙ୍କ ଶୁଭେଚ୍ଛା ଲାଭ କରିବେ। ଅର୍ଥନୈତିକ ସ୍ଥିତିର ଅଭିବୃଦ୍ଧି, ସାହିତ୍ୟ, ସଙ୍ଗୀତରେ ଉନ୍ନତି, ଯାନ୍ତ୍ରିକ ଦ୍ରବ୍ୟଲାଭରୁ ଖୁସି ହେବେ। ବ୍ୟବସାୟିକ ସ୍ଥିତି ଏବଂ ପାରିବାରିକ ପରିସ୍ଥିତିରେ ବ୍ୟତିକ୍ରମର ସୂଚନା ରହିଛି।

**ବୃଷ** ନୂତନ ସ୍ଥାନ ପରିଦର୍ଶନ ସାଙ୍ଗକୁ ମିତ୍ରତାର ସମ୍ପର୍କ ଯୋଡ଼ି ହୋଇଯିବ। କର୍ମକ୍ଷେତ୍ରରେ ସମସ୍ୟା ରହିଥିଲେ ମଧ୍ୟ ଉପସ୍ଥିତ ବୁଦ୍ଧି ଖଟାଇ କାମ ହାସଲ କରିନେବେ। ବାଣିଜ୍ୟରେ ଉନ୍ନତି କରିବେ, କିନ୍ତୁ ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପରିବହନରେ କିଛି ଝଟକା ଲାଗିପାରେ। କ୍ରନିକ୍ ରୋଗପୀଡ଼ାରେ ସାମାନ୍ୟ ଉପଶମ ଯୋଗୁ ଆଶ୍ୱସ୍ତି ଲାଭ କରିବେ।

**ମିଥୁନ** ଆଜି ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷା କରି ଆନୁଷ୍ଠାନିକ କାମରେ ଯୋଗ ଦେଇପାରନ୍ତି। ବୁଧଙ୍କ ଦୁର୍ବଳତା ପରିପ୍ରେକ୍ଷୀରେ ପରିଶ୍ରମଜନିତ ଦେହଟା ଟିକିଏ ଭଲ ଲାଗି ନପାରେ। ବ୍ୟବସାୟ କ୍ଷେତ୍ରରେ କୌଶଳ ଖଟାଇ କାର୍ଯ୍ୟ ହାସଲ ପାଇଁ ଚେଷ୍ଟିତ ହେବେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ସାମାନ୍ୟ ବ୍ୟସ୍ତତା ଅନୁଭବ କରିବେ।

**କର୍କଟ** କର୍ମକ୍ଷେତ୍ରରୁ ଅର୍ଥ ଓ ସମ୍ମାନ ପାଇବା ସାଙ୍ଗକୁ ବ୍ୟସ୍ତତା ମଧ୍ୟ ବୃଦ୍ଧି ପାଇପାରେ। ସମ୍ପର୍କୀୟଙ୍କ ସହଯୋଗୀ ମନୋଭାବ କାମକୁ ଆଗକୁ ବଢ଼ାଇ ନେବାରେ ସାହାଯ୍ୟ କରିବ। ଅଟକି ରହିଥିବା ନିର୍ମାଣାଧୀନ କାମଟିକୁ ଆରମ୍ଭ କରିବାକୁ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ କ୍ଷତିରେ ପଡ଼ିବାର ଆଶଙ୍କା ରହିଛି।

**ସିଂହ** ଆଜି ଯେତେ ପ୍ରତିବନ୍ଧକ ଆସୁନା କାହିଁକି, ତାହାର ସାମ୍ନା କରି ପ୍ରତିକାରମୂଳକ ପଦକ୍ଷେପ ନେବେ। ପାରିବାରିକ ସମସ୍ୟା ବିଜଡ଼ିତ ମନ ହେତୁ ଅଫିସରେ କାହାକୁ କିଛି ନ କହି ମନ କଥା ମନରେ ମାରି ରହିପାରନ୍ତି। ବାଣିଜ୍ୟ, ନିର୍ମାଣ, ପରିବହନରେ ସମସ୍ୟା ରହିବ ନାହିଁ। ଶିକ୍ଷା, ସନ୍ତାନ, ସମ୍ପର୍କ କ୍ଷେତ୍ରରେ ଗଡ଼ବଡ଼ ରହିପାରେ।

**କନ୍ୟା** ଆଜି ସକାଳର ବ୍ୟସ୍ତତା କେତେ ସମୟ ପରେ ଦୂର ହୋଇଯିବ। ଏ ଦିଗରେ ଆତ୍ମୀୟ ସ୍ୱଜନ ଓ ହିତୈଷୀଙ୍କ ପ୍ରତ୍ୟକ୍ଷ ମନ୍ତ୍ରଣା କାମ କରିବ। ଆର୍ଥିକ ସ୍ଥିତି ଓ ବୈଷୟିକ ସମୃଦ୍ଧିର ଅଭାବ ନ ଥିଲେ ମଧ୍ୟ ମାନସିକ ସ୍ଥିରତା ରହିନପାରେ। ଲେଖାପଢ଼ା, ପ୍ରକାଶନ, ପ୍ରଶାସନ, ମାଲି ମକଦ୍ଦମା ଓ ସଭାସମିତି କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** ଉଚ୍ଚ ସ୍ଥାନରେ ରବି ଓ ରାଶ୍ୟାଧିପ ଶୁକ୍ର ଆପଣଙ୍କ ଆଶା ଓ ଭରସାକୁ ଋଦ୍ଧିମନ୍ତ କରିବେ। ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ସହଯୋଗର ଅବାରିତ ଧାରା ମନକୁ ଉତ୍ସାହିତ କରିବ। ବାଧିଲାଭଳି କଥା କହିବା ଦ୍ୱାରା ଘରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇ ବନ୍ଧୁ ଗହଣରେ ଅଧିକାଂଶ ସମୟ କଟିବ।

**ବିଛା** ଦୈହିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ ମାନସିକ ଅସ୍ଥିରତା ଯୋଗୁ ଆପଣଙ୍କ କୌଣସି କାମ ଶୃଙ୍ଖଳିତ ରହିବ ନାହିଁ। ଆଦୌ ଭଲ ସମ୍ପର୍କ ନଥିବା ବ୍ୟକ୍ତିମାନେ ସମ୍ମୁଖରେ କିଛି ନ କହି ପଶ୍ଚାତେ ସମାଲୋଚନା ମୂଳକ କଥା କହିପାରନ୍ତି। ରାଜନୈତିକ, ପ୍ରଶାସନିକ, ରଚନାତ୍ମକ ତଥା ସାମାଜିକ କ୍ଷେତ୍ରରେ ଉନ୍ନତ ମାନର ସୁଫଳ ମିଳିବ।

**ଧନୁ** ଆଜି ଦିନଟି ଆର୍ଥିକ ଦୃଷ୍ଟିରୁ ଉତ୍ତମ ରହିପାରେ। ବନ୍ଧୁ ସାହାଯ୍ୟରୁ ବିବାଦର ସମାଧାନ କରିବାରେ ସଫଳ ହେବେ। ପଢ଼ା ପ୍ରତି ପିଲାଙ୍କ ବିମୁଖତାରୁ ଚିନ୍ତିତ ରହିବେ। ପାରିବାରିକ ଅଶାନ୍ତି ଦେଖାଦେଇପାରେ। ବକେୟା ଅର୍ଥ ଆଦାୟ କରିପାରିବେ। ବାଣିଜ୍ୟ, ବ୍ୟବସାୟ, କ୍ରୀଡ଼ା, ସାହିତ୍ୟ, ମନୋରଞ୍ଜନ ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ହାସଲ କରିବେ।

**ମକର** ସମ୍ପର୍କୀୟଙ୍କ ସହାୟତାରେ ଚେଷ୍ଟା ଫଳବତୀ ହେବ। ତୃତୀୟସ୍ଥ ଗ୍ରହ ପ୍ରଭାବରେ ନିଜ କାମ ଛାଡ଼ି ପରକାର୍ଯ୍ୟରେ ତତ୍ପରତା ପ୍ରକାଶ କରିପାରନ୍ତି। କୌଣସି ଆଳ ଦେଖାଇ ଆତ୍ମୀୟସ୍ୱଜନ ଦୂରେଇ ଯିବା ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ଅନ୍ୟମାନଙ୍କ କଥାରେ ଭାସି ନଯାଇ ବିଚାରପୂର୍ବକ କାମ ନକଲେ ହଇରାଣ ହେବାକୁ ପଡ଼ିପାରେ।

**କୁମ୍ଭ** ଆଜି ଆପଣ ଯେମିତି ଚିନ୍ତା କରୁଛନ୍ତି, ସେହିପରି କାର୍ଯ୍ୟ ସାଧନ କରିବାରେ କୌଣସି ଅସୁବିଧା ରହିବ ନାହିଁ। ଶୁକ୍ରଙ୍କ ପ୍ରଭାବରେ ପାରିବାରିକ ସ୍ଥିତି ବିଶେଷ ପ୍ରୀତିଦାୟକ ରହିବ ଏବଂ ବନ୍ଧୁମିଳନ ଜନିତ ଆନନ୍ଦ ଅନୁଭବ କରିପାରନ୍ତି। ବନ୍ଧୁଗୃହକୁ ଯାତ୍ରା, ପ୍ରଶାସନିକ କାର୍ଯ୍ୟ, ଆଇନ ସହାୟତା, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ମୀନ** ଯଥାସାଧ୍ୟ ପ୍ରତିବନ୍ଧକର ସାମ୍ନା କରି ଆପଣଙ୍କ କାର୍ଯ୍ୟ ସମୂହ ସମ୍ପନ୍ନ କରିବେ। ଆତ୍ମସଂଯମ ପରିପ୍ରେକ୍ଷୀରେ ଦୈହିକ ଓ ମାନସିକ ଭାବାବେଗକୁ ଉତ୍ଫୁଲ୍ଲିତ ରଖିପାରନ୍ତି। ପରକଥାରେ ପଡ଼ି ଘର ଲୋକଙ୍କୁ ଅବିଶ୍ୱାସ କଲେ ଓଲଟାଫଳ ମିଳିବ। ଆପଣଙ୍କ ସଂଯମିତ କଥାବାର୍ତ୍ତା ସମସ୍ୟା ସମାଧାନ କ୍ଷେତ୍ରରେ ସାହାଯ୍ୟ କରିବ।

ଆଜି ଏପ୍ରିଲ ୧୯ ତାରିଖ, ବୈଶାଖ ଶୁକ୍ଳ ଦ୍ୱିତୀୟାଯୁକ୍ତ ତୃତୀୟା ରବିବାର, ରାଶିନକ୍ଷତ୍ର-କୃତ୍ତିକା/ମେଷ, ଦିବା ଘ.୧୨।୩୧ମି. ଗତେ, ବୃଷଚନ୍ଦ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଏବଂ ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୨୯ମି. ଗତେ ଘ.୦୯।୪୦ ମଧ୍ୟେ, ଘ.୦୧।୨୦ ଗତେ ଘ.୦୧।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୪।୨୮ ଗତେ ଘ.୦୬।୦୨ ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠେକିରେ ଭାଜିଲି ଚଣା,**
**ଗୁଡ଼ ଗୋଳିଦେଲି ପଣା,**
**କିଏ ସିଙ୍ଗିଟାଳି କିଏ ମଗର,**
**ଏଇଠାରେ ଯିବ ଜଣା।**

ପରୀକ୍ଷା ନିରୀକ୍ଷା କରି ସତ୍ୟାସତ୍ୟ ଜାଣିବା ବା ବାହାର କରିବା ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। ଅସଲି ଏବଂ ନକଲି ତଥା ସାଧୁ ଓ ଠକଙ୍କୁ ପରୀକ୍ଷା କରିବାର କାଇଦା ପ୍ରତି ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଠକ ମଲାବେଳେ ମାଳା ଜପିଲା**
**ସନ୍ଥ ମଲାବେଳେ ଗୁଣ ଗାଇଲା।**

ମୃତ୍ୟୁ ସନ୍ନିକଟ ହେଲେ ଲୋକଙ୍କ ମନରେ ଏକପ୍ରକାର ଭାବାନ୍ତର ସୃଷ୍ଟି ହୋଇଥାଏ। ହନୁ ମଲା ବେଳେ ସତ କହିଲା ଭଳି ମୃତ୍ୟୁ ବେଳାରେ ଲୋକର ଅସଲ ଚରିତ୍ର ଜଣାପଡ଼ି ଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅବଶିଷ୍ଟାଂଶ

## ଚଢ଼ାଉ ବେଳେ ଟ୍ରାକ୍ଟର ...

ଲୋଡ୍ କରୁଥିବା ମାଫିଆମାନେ ଛତ୍ରଭଙ୍ଗ ଦେଇଥିଲେ। ସେହିପରି ମାଟି ବୋଝେଇ ଟ୍ରାକ୍ଟର ଓ ଜେସିବି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି ସମୟରେ ତହସିଲଦାର ପଣ୍ଡା ମୀନାବଜାର ଛକ ନିକଟରେ ଉକ୍ତ ଟ୍ରାକ୍ଟରକୁ ଅଟକାଇଥିଲେ। ଏହି ଅତର୍କିତ ଚଢ଼ାଉର ଜବାବ ଦେବାକୁ ଯାଇ ସମ୍ପୃକ୍ତ ଡ୍ରାଇଭର ତହସିଲଦାରଙ୍କ ଉପରେ ଟ୍ରାକ୍ଟର ଚଢ଼ାଇ ଦେଇଥିଲେ। ଏହି ସମୟରେ ତହସିଲଦାର ତଳେ ପଡିଯିବାରୁ ତାଙ୍କ ଗୋଡ଼ ଉପରେ ଟ୍ରାକ୍ଟର ପଛ ଚକା ଚଢ଼ିଯାଇଥିଲା। ଏହାପରେ ଟ୍ରାକ୍ଟରଟି ସେଠାରୁ ଫେରାର ହୋଇଯାଇଥିଲା, ଯାହାର ନମ୍ବର ଜଣାପଡ଼ିନାହିଁ। ତହସିଲଦାର ପଣ୍ଡାଙ୍କୁ ଗୁରୁତର ଅବସ୍ଥାରେ ତୁରନ୍ତ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଏନେଇ ଘଟଣାସ୍ଥଳରେ ଥିବା ତହସିଲଦାରଙ୍କ ସହକର୍ମୀ ଇତିଶ୍ରୀ ସେନାପତି କୋରେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି କୋରେଇ ଥାନାରେ ୧୫୧/୨୦୨୬ ନମ୍ବର ଏକ ମାମଲା ରୁଜୁ ହୋଇଛି। ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ଉକ୍ତ ଟ୍ରାକ୍ଟର ସମ୍ପର୍କରେ ପୋଲିସ ଟେର୍ ପାଇ ନ ଥିଲାବେଳେ ସନ୍ଦେହରେ ୪ଟି ଟ୍ରାକ୍ଟର ଓ ଗୋଟିଏ ଜେସିବି ମେଶିନକୁ ଜବତ କରାଯାଇଛି। ଏହାସହ ୪ଜଣ ଟ୍ରାକ୍ଟର ଡ୍ରାଇଭରଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଥାନା ଅଧିକାରୀ ରାକେଶ ତ୍ରିପାଠୀ କହିଛନ୍ତି ଯେ, ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ।

ଯାଜପୁର ରୋଡ୍ ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ଉକ୍ତ ଘଟଣାରେ ତହସିଲଦାର ପଣ୍ଡାଙ୍କ ଗୋଡ଼ ଫ୍ୟାକ୍ଚର ହୋଇଛି। ଏଥିରେ ସମ୍ପୃକ୍ତ ସମସ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି। ଘଟଣାକୁ ନେଇ ସାଧାରଣରେ ଆଲୋଡ଼ନ ସୃଷ୍ଟି ହୋଇଛି। ଯାଜପୁର ଜିଲାରେ ବେଆଇନ ଭାବେ ବାଲି, ମାଟି, ମୋରମ ଉତ୍ତୋଳନ ଓ ଚାଲାଣ ସୀମା ଲଂଘିଛି। ଏଥିରେ ଯିଏ ପ୍ରତିବାଦ କରିବ ତାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିବା ଏବଂ ଧମକଦେବା ନିତିଦିନିଆ ଘଟଣା ହେବାକୁ ଯାଉଛି। ଉଦାହରଣ ଭାବେ ଯାଜପୁର ଜିଲା ବିଞ୍ଝାରପୁର ଥାନା ଫତେପୁର ପଞ୍ଚାୟତ ଅଧୀନ ଖରସ୍ରୋତା ନଦୀର ମନେଇ ସରକାରୀ ବାଲିଘାଟରେ ୨୪।୩।୨୦୨୨ରେ ବୋମାମାଡ଼ ହୋଇଥିଲା। ଏଥିରେ ସେହି ଥାନା ଅନ୍ତର୍ଗତ କଲ୍ୟାଣପୁର ଗ୍ରାମର ସୁରେନ୍ଦ୍ର କୁମାର ଦାଶଙ୍କ ମୃତ୍ୟୁ ହୋଇଥିଲା। ଏବେ ଯେଭଳି ମାଜିଷ୍ଟ୍ରେଟ୍ କ୍ଷମତାଧାରୀ ତହସିଲଦାରଙ୍କୁ ଆକ୍ରମଣ ହେଉଛି, ସେଥିରୁ ସାଧାରଣ ଲୋକ କେତେ ସୁରକ୍ଷିତ ତାହା ସ୍ପଷ୍ଟ ବୁଝାପଡୁଛି ।

## ରାଜ୍ୟ ଯୋଜନା ବୋର୍ଡ ....

ଏସ୍‌ଆଇଟିଆଇ-ଓଡ଼ିଶା ଶୀର୍ଷସ୍ତରୀୟ ରଣନୈତିକ ପରାମର୍ଶଦାତା ସଂସ୍ଥା ଭାବେ କାର୍ଯ୍ୟ କରିବ। ସମୃଦ୍ଧ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ହାସଲ ଦିଗରେ ଏହା ରାଜ୍ୟ ସରକାରଙ୍କ ମାର୍ଗଦର୍ଶନ କରିବ। ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଏ ସମ୍ପର୍କିତ ଏକ ସଂକଳ୍ପ ପ୍ରକାଶ ପାଇଛି।

ରାଜ୍ୟ ସରକାର ୨୦୨୪ ଜୁଲାଇ ୧୮ରେ ରାଜ୍ୟ ଯୋଜନା ବୋର୍ଡକୁ ଭାଙ୍ଗିଦେଇଥିଲେ। ଯେହେତୁ ପାରମ୍ପରିକ ଯୋଜନା ପ୍ରଣାଳୀ ବର୍ତ୍ତମାନ ସମୟରେ ଅପ୍ରାସଙ୍ଗିକ ହୋଇପଡ଼ିଛି, ଏସ୍‌ଆଇଟିଆଇ ଓଡ଼ିଶା ବର୍ତ୍ତମାନ ସମୟରେ ଏକ ଦୂରଦୃଷ୍ଟିସମ୍ପନ୍ନ ବିକଳ୍ପ ବ୍ୟବସ୍ଥା ପ୍ରଦାନ କରିବ। ବିକାଶ ଲକ୍ଷ୍ୟ ହାସଲ ଲାଗି ନୀତି ପ୍ରସ୍ତୁତ କରିବା ପାଇଁ ଆଧୁନିକ ଚିନ୍ତାଧାରା ସହ ଇନୋଭେଶନ, କୋ-ଅପରେଟିଭ୍ ଫେଡେରାଲାଜମ୍ ଏବଂ ମାପଯୋଗ୍ୟ ଫଳାଫଳ ସମ୍ପର୍କରେ ପରାମର୍ଶ ଯୋଗାଇ ଦେବ। ଏହା ସର୍ବୋଚ୍ଚସ୍ତରରେ ସରକାରଙ୍କୁ ରଣନୈତିକ ଦିଗ୍‌ଦର୍ଶନ ପ୍ରଦାନ କରିବ। ଏସ୍‌ଆଇଟିଆଇ ଓଡ଼ିଶା ମୁଖ୍ୟତଃ ୬ଟି ବିଷୟ ଉପରେ ରାଜ୍ୟ ସରକାରଙ୍କ ମାର୍ଗଦର୍ଶନ କରିବ। ସେଗୁଡ଼ିକ ହେଲେ ଅର୍ଥନୀତି ଓ ଅର୍ଥ, ଗ୍ରାମୀଣ ଅର୍ଥନୀତି ଓ ଜୀବିକା, ନିଯୁକ୍ତି ଓ ସହରୀ ବିକାଶ, ନୂଆ ଚିନ୍ତାଧାରା ଓ ଇନୋଭେଶନ, ଶକ୍ତି ପରିବର୍ତ୍ତନ, ପରିବେଶ ଓ ଜଙ୍ଗଲ ଏବଂ ଖଣି ଓ ପ୍ରାକୃତିକ ସମ୍ପଦ।

ଏସ୍‌ଆଇଟିଆଇ-ଓଡ଼ିଶାର ଏକ ଗଭର୍ଣ୍ଣିଂ କାଉନସିଲ ରହିବ। ମୁଖ୍ୟମନ୍ତ୍ରୀ ଏହାର ଅଧ୍ୟକ୍ଷ ରହିବେ। ଏହାସହ ଜଣେ ଉପାଧ୍ୟକ୍ଷ ଓ ୪ ଜଣ ପୂର୍ଣ୍ଣକାଳୀନ ସଦସ୍ୟ ରହିବେ। ୯ ଜଣ ଏକ୍ସ-ଅଫିସିଓ ସଦସ୍ୟ, ୨ ଜଣ ସ୍ପେଶାଲ ଇନ୍‌ଭାଇଟି ରହିବେ। ଏହି ପରିଷଦ ବର୍ଷକୁ ଅତିକମ୍‌ରେ ଥରେ ବୈଠକ କରିବେ। ଏସ୍‌ଆଇଟିଆଇ ଓଡ଼ିଶାର ଉପାଧ୍ୟକ୍ଷ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିଯୁକ୍ତ ହେବେ। ତାଙ୍କୁ କ୍ୟାବିନେଟ୍ ପାହ୍ୟା ମିଳିବ। ବିଭିନ୍ନ କ୍ଷେତ୍ରର ୪ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ପୂର୍ଣ୍ଣକାଳୀନ ସଦସ୍ୟ ଭାବେ ନିଯୁକ୍ତ କରିବେ। ସେମାନଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ମିଳିବ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏହାର ଅତିରିକ୍ତ ସଦସ୍ୟ ସଚିବ ଭାବେ ଦାୟିତ୍ୱ ତୁଲାଇବେ। ମୁଖ୍ୟମନ୍ତ୍ରୀ ଜଣଙ୍କୁ ଚିଫ୍ ଏକ୍‌ଜିକ୍ୟୁଟିଭ ଅଫିସର(ସିଇଓ) ଭାବେ ନିଯୁକ୍ତ କରିବେ। ଆଇଏଏସ୍ କ୍ୟାଡରର ଜଣେ ପ୍ରମୁଖ ସଚିବ କିମ୍ବା କମିଶନର-ତଥା- ସଚିବ ପାହ୍ୟାର ଅଧିକାରୀ ସିଇଓ ଭାବେ ନିଯୁକ୍ତ ହେବେ। ଏହାସହ ସମ୍ପୃକ୍ତ ବିଷୟବସ୍ତୁ ଉପରେ ଜ୍ଞାନ ଓ ଅଭିଜ୍ଞତା ଥିବା ଜଣେ ପ୍ରୋଗ୍ରାମ ଡାଇରେକ୍ଟର, ଏକ ବହୁମୁଖୀ ପ୍ରୋଜେକ୍ଟ ଇମ୍ପ୍ଲିମେଣ୍ଟେଶନ ୟୁନିଟ୍(ପିଆଇୟୁ) ଏବଂ ଦୈନନ୍ଦିନ କାର୍ଯ୍ୟ ପାଇଁ ଏକ ପ୍ରଶାସନିକ ୟୁନିଟ୍ ରହିବ। ଏସ୍‌ଆଇଟିଆଇ ଓଡ଼ିଶା ଅଧୀନରେ ଷ୍ଟେଟ୍ ମନିଟରିଂ ଆଣ୍ଡ୍ ଇଭାଲ୍ୟୁଏଶନ ଅଫିସ୍ ମଧ୍ୟ ରହିବ। ଏହା ଏଭିଡେନ୍ସ ଡ୍ରିଭେନ ଗଭର୍ନାନ୍ସ ପାଇଁ ଏକ ନୋଡାଲ ସଂସ୍ଥା ଭାବେ କାର୍ଯ୍ୟ କରିବ। ଏସ୍‌ଆଇଟିଆଇ ଓଡ଼ିଶା ସମ୍ପୂର୍ଣ୍ଣ ଭାବେ ଯୋଜନା ଓ ସଂଯୋଜନ ବିଭାଗର ପ୍ରଶାସନିକ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ରାଜ୍ୟ ଯୋଜନା ବୋର୍ଡ ସରକାରଙ୍କ ପକ୍ଷରୁ ଭାଙ୍ଗି ତା' ବଦଳରେ ଏସ୍‌ଆଇଟିଆଇ-ଓଡ଼ିଶା ପ୍ରତିଷ୍ଠା କରିବାକୁ ଯାଉଛନ୍ତି। ରାଜ୍ୟ ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜ୍ୟର ମୁଖ୍ୟମନ୍ତ୍ରୀ ହିଁ ରହିପାରିବେ। ଉପାଧ୍ୟକ୍ଷ ପଦରେ ସରକାରଙ୍କ ପକ୍ଷରୁ ନିଯୁକ୍ତି ଦିଆଯାଉଥିଲା। ବର୍ତ୍ତମାନ ମଧ୍ୟ ସେହି ଢାଞ୍ଚା ରହିଛି। ହେଲେ ନାମ ଓ ପଦପଦବୀର ଅନେକ ପରିବର୍ତ୍ତନ କରାଯାଇଛି।




# ପତ୍ର ପ୍ଲେଟ ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ

## ଜଳିଗଲା ୫ କୋଟିର ମେଶିନ, ସାମଗ୍ରୀ



ରେମୁଣା (ରବୀନ୍ଦ୍ର ମହାକୁଡ଼)/ରସାଳପୁର (ଶରତ ସାମଲ), ୧୮।୪

ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ କେନ୍ଦ୍ରୀୟ ବିଦ୍ୟାଳୟ-୨ ନିକଟବର୍ତ୍ତୀ ଛଣପୁର ମୁଖ୍ୟରାସ୍ତା ପାର୍ଶ୍ୱରେ ଅବସ୍ଥିତ ପତ୍ର ପ୍ଲେଟ ଫ୍ୟାକ୍ଟ୍ରିରେ ଶନିବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଫ୍ୟାକ୍ଟ୍ରିରେ ନିଆଁ ଲାଗି ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ମେଶିନ ଓ ସାମଗ୍ରୀ ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ଖବର ପାଇ ଅଗ୍ନିଶମ ବାହିନୀର ୩ଟି ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ସର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଫ୍ୟାକ୍ଟ୍ରି ପାଖକୁ ଲାଗି ଫ୍ୟାକ୍ଟ୍ରି ମାଲିକଙ୍କ ଦୁଇ ମହଲା କୋଠା ନିଆଁରୁ ଅଳ୍ପକେ ବର୍ତ୍ତି ଯାଇଛି। ତେବେ ଫ୍ୟାକ୍ଟ୍ରିରେ ଅଧିକ ମହିଳା ଶ୍ରମିକ କାମ କରନ୍ତି। ଶ୍ରମିକମାନେ ୫ଟାରେ ଛୁଟି ହୋଇ ପଳାଇଯିବା ପରେ ନିଆଁ ଲାଗିଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ବିଳମ୍ବରେ ଅଗ୍ନିଶମ ବିଭାଗ ପହଞ୍ଚିବାରୁ ଅସନ୍ତୋଷ ଦେଖାଦେଇଥିଲା। ଅପରପକ୍ଷରେ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବ୍ଲକ ଅଧକ୍ଷ ରାଜେନ୍ଦ୍ର ରାଉତଙ୍କ ସମେତ ଶିଳ୍ପାଞ୍ଚଳ ଥାନା ପୋଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଅଗ୍ନିଶମ କର୍ମଚାରୀଙ୍କ ନିଆଁ ଲିଭା କାର୍ଯ୍ୟ ଜାରି ରହିଛି।

# କାମ କରୁଥିବାବେଳେ ଟଳି ପଡ଼ିଲେ ଶ୍ରମିକ

- ସମ୍ବଲପୁର ଜିଲାରେ ବର୍ଷର ପ୍ରଥମ ଅଂଶୁଘାତ ମୃତ୍ୟୁ ସନ୍ଦେହ
- ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ



ମୃତ ବିଶ୍ୱଜିତ ସାହୁ

ସମ୍ବଲପୁର,୧୮।୪(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଶନିବାର ଅଂଶୁଘାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ମୃତକ ହେଲେ ଧୁଝୁମୁରା ଥାନା ଅନ୍ତର୍ଗତ ଝାଁକରପାଲି(ରସିଆପାଲି)ର ବିଶ୍ୱଜିତ ସାହୁ(୪୪)। ସେ ଗାଁପାଖରେ ଚାଲିଥିବା ଏକ କଂକ୍ରିଟ ନିର୍ମାଣ କାର୍ଯ୍ୟରେ ଶ୍ରମିକ ଭାବେ କାମ କରୁଥିଲେ। ଶନିବାର ସକାଳ ପ୍ରାୟ ୯ଟା ରୁ ୧୦ଟା ମଧ୍ୟରେ କାମ କରୁଥିବା ସମୟରେ ବିଶ୍ୱଜିତ ହଠାତ୍ ଅସୁସ୍ଥ ହୋଇ ଟଳି ପଡ଼ିଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଅଂଶୁଘାତରେ ବିଶ୍ୱଜିତଙ୍କର ମୃତ୍ୟୁ ଘଟିଛି ବୋଲି ପରିବାର ଲୋକ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଦୀପ କୁମାର ହୋତା କହିଛନ୍ତି, ବିଶ୍ୱଜିତ ଏଠାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା। ତେବେ ଏହା ଏକ ଅଂଶୁଘାତଜନିତ ମୃତ୍ୟୁ କି ନୁହେଁ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସ୍ପଷ୍ଟ ହେବ। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏହା ଅଂଶୁଘାତଜନିତ ମୃତ୍ୟୁ ବୋଲି ଏବେଠାରୁ କହିହେବ ନାହିଁ। ଉକ୍ତ ବ୍ୟକ୍ତିଙ୍କ ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ସିଡିଏମ୍‌ଓଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

# ଶିଶୁଭବନକୁ ୩ ଜଣ ସ୍ଥାନାନ୍ତର

## ବିଷାକ୍ତ ଖାଦ୍ୟ ଖାଇ ଆଶ୍ରମ ସ୍କୁଲ ଛାତ୍ରୀଛାତ୍ର ଅସୁସ୍ଥ ଘଟଣା

### ଜଣେ ଏଚ୍‌ଡିୟୁ, ୨ଜଣ ଆଇସିୟୁରେ ଭର୍ତ୍ତି

କଟକ,୧୮।୪(ଶିଳ୍ପା ପ୍ରିୟଦର୍ଶିନୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଧୀନ କାକବନ୍ଧ ଅନୁସୂଚିତ ଜାତି ଓ ଜନଜାତି ଆଶ୍ରମ ବିଦ୍ୟାଳୟରେ ବିଷାକ୍ତ ଖାଦ୍ୟ ଖାଇ ଅସୁସ୍ଥ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଗତ ମଙ୍ଗଳବାର ସକାଳେ ୫ମ ଶ୍ରେଣୀ ଛାତ୍ରୀ ରୂପାଲୀ ବେଶ୍ରା (୧୨)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଅସୁସ୍ଥ ୧୪୬ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩ ଜଣଙ୍କୁ କଟକ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଛି। ୩ ଜଣଙ୍କ ମଧ୍ୟରେ ଜଣେ ଛାତ୍ର ଓ ଆଉ ୨ଜଣ ଛାତ୍ରୀ ରହିଛନ୍ତି। ୩ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି। ଏହାସହ ପ୍ରତ୍ୟେକଦିନ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ସଚିବଙ୍କୁ ରିପୋର୍ଟ ପ୍ରଦାନ କରାଯାଉଥିବା ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ର ସୂଚନା କହିଛନ୍ତି। ଏହି ଘଟଣାରେ ସ୍ୱାସ୍ଥ୍ୟ ସଚିବଙ୍କ ନିର୍ଦ୍ଦେଶକ୍ରମେ ମେଡିକାଲ ଅଧୀକ୍ଷକ ପ୍ରଫେସର ମିଶ୍ରଙ୍କ ନେତୃତ୍ୱରେ ୪ ଜଣିଆ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠନ କରାଯାଇଥିଲା।

ସୂଚନା ଅନୁଯାୟୀ, ବିଷାକ୍ତ ଖାଦ୍ୟ ଖାଇ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଜଣେ ଛାତ୍ରୀଙ୍କୁ ବୁଧବାର ଶିଶୁଭବନକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଆଉ ୨ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ଏବେ ସମୁଦାୟ ତିନିଜଣ ଶିଶୁଭବନରେ ଭର୍ତ୍ତି ହୋଇଥିବାବେଳ ସେମାନଙ୍କ ମଧ୍ୟରୁ ଜଣଙ୍କୁ ହାଇଡିପେଣ୍ଡେନ୍ସି ୟୁନିଟ୍ (ଏଚ୍‌ଡିୟୁ) ଓ ୨ଜଣଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି।

# ଚାନ୍ଦୁଆ ଆଶ୍ରମ ସ୍କୁଲରେ ପୁଣି ୭ ଛାତ୍ରୀ ଅସୁସ୍ଥ

ବାରିପଦା, ୧୮।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଆଶ୍ରମ ବିଦ୍ୟାଳୟରେ ୧୪୬ ଛାତ୍ରୀଛାତ୍ର ଅସୁସ୍ଥ ହେବା ପରେ ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଶନିବାର ଜିଲାବ୍ୟାପୀ ଆନ୍ଦୋଳନ ମୁଣ୍ଡ ଟେକିଥିବା ବେଳେ କୁଳିଅଣା ବ୍ଲକ ଚାନ୍ଦୁଆ ଆଶ୍ରମ ବିଦ୍ୟାଳୟରେ ପୁଣି ୭ଜଣ ଛାତ୍ରୀ ଅସୁସ୍ଥ ହୋଇପଡିଛନ୍ତି। ୨ଜଣଙ୍କୁ କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଛାଡି ଦିଆଯାଇଛି। ଅନ୍ୟ ୫ଜଣଙ୍କୁ ବାରିପଦା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସମସ୍ତ ଛାତ୍ରୀଙ୍କ ପେଟବ୍ୟଥା, ମୁଣ୍ଡ ବ୍ୟଥା ଓ ଦୁର୍ବଳ ଲାଗୁଥିବା ଜଣାପଡ଼ିଛି। ବିଦ୍ୟାଳୟ ପରିସରରେ ଏକ ଡାକ୍ତରୀ ଟିମ୍ ପହଞ୍ଚି ଅନ୍ୟ ସମସ୍ତ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଛି। ତେବେ ଡାକ୍ତରଙ୍କ ପ୍ରାଥମିକ ତଦନ୍ତରୁ ଓ ଛାତ୍ରୀଙ୍କ ବୟାନ ଅନୁସାରେ ସକାଳୁ ଆମ୍ବ ଖାଇ ହାଇଏସିଡିଟି(ଅମ୍ଳ) ହୋଇଥିବା ଜଣାପଡିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଏବେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତର ସୂଚନା ଦେଇଛନ୍ତି।



ମେଡିକାଲରେ ଚିକିତ୍ସାଧୀନ ଛାତ୍ରୀ।

ଅସୁସ୍ଥ ଛାତ୍ରୀମାନେ ହେଲେ ସଞ୍ଜିତା ସେଠୀ, ଲିଜା ସିଂ, ରାଇବାରି ସୋରେନ, ଶ୍ରଦ୍ଧା ନାଏକ, ସଙ୍ଗୀତା ମାରାଣ୍ଡି, ଧାନି ହାଁସଦା ଓ ସିନଗ ମଣି ମାରାଣ୍ଡି । ଏବେ ମେଡିସିନ ୱାର୍ଡରେ ୨ଜଣଙ୍କ ଚିକିତ୍ସା ଚାଲୁ ରହିଥିବା ବେଳେ ଅନ୍ୟ ସମସ୍ତେ ପେଡିଆଟ୍ରିକ ୱାର୍ଡରେ ଚିକିତ୍ସିତ ହେଉଛନ୍ତି। ସାଙ୍ଗରେ ବିଦ୍ୟାଳୟର ୱାର୍ଡେନ ରହିଛନ୍ତି।

# ଏସ୍‌ସିବିରେ ଗୁରୁତର ଅବସ୍ଥାରେ ୨ ଘଣ୍ଟା ପଡ଼ିରହିଲେ ବ୍ୟାସନଗର ତହସିଲଦାର

- ମିଳିଲାନି ଆବଶ୍ୟକ ମୁତାବକ ଚିକିତ୍ସା
- ଘରୋଇ ହସ୍ପିଟାଲକୁ ନେଲେ ପରିବାର ଲୋକ

କଟକ,୧୮।୪(ଶିଳ୍ପା ପ୍ରିୟଦର୍ଶିନୀ)

ଯାଜପୁର ଜିଲା ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ମାଫିଆ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ କୋରେଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ଗୁରୁତର ଅବସ୍ଥାରେ ତାଙ୍କୁ କଟକ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଶନିବାର ଅପରାହ୍ନ ୧ଟା ବେଳେ ତହସିଲଦାରଙ୍କୁ ଏସ୍‌ସିବି ମେଡିକାଲ କାଜୁଆଲ୍‌ଟିରେ ଭର୍ତ୍ତି କରାଯାଇଥିଲା। ହେଲେ ପ୍ରାୟ ୨ ଘଣ୍ଟା ପଡ଼ିରହିବା ପରେ ବି ତହସିଲଦାରଙ୍କୁ ଆବଶ୍ୟକ ମୁତାବକ ଚିକିତ୍ସା କରାଯାଇ ନ ଥିଲା। ଫଳରେ ଅପରାହ୍ନ ୩ଟା ୩୦ ମିନିଟ୍‌ରେ ପରିବାର ଲୋକ ତହସିଲଦାରଙ୍କୁ ଏସ୍‌ସିବିରୁ ଘରୋଇ ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଥିବା ଜଣାପଡ଼ିଛି। ତେବେ ଏସ୍‌ସିବି ମେଡିକାଲକୁ ଜଣେ ସରକାରୀ ଅଫିସର ଗୁରୁତର ଅବସ୍ଥାରେ ଆସିଥିବାବେଳେ ତାଙ୍କୁ ଏଭଳି ଅବହେଳା କରାଯାଉଥିବାବେଳେ ସାଧାରଣ ଲୋକ କିଭଳି ହଟହଟା ହେଉଥିବେ ତାହା ଏହି ଘଟଣାରୁ ସ୍ପଷ୍ଟ ଭାବେ ବାରି ହୋଇପଡୁଛି। ଅନ୍ୟପଟେ ଏସମ୍ପର୍କରେ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ଜ୍ୟୋତିଷ ଚନ୍ଦ୍ର ଚୌଧୁରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ସନ୍ଦେହ



ବାବାଜୀ ବେହେରା

ଛେଣ୍ଡିପଦା,୧୮।୪(ଅଜିତ୍ ଧଳ)

ଅନୁଗୋଳ ଜିଲା ବାଗଡ଼ିଆ ଥାନା ଟାଙ୍ଗିରି ଗାଁରେ ଶନିବାର ଅପରାହ୍ନରେ ବାବାଜୀ ବେହେରା (୭୫)ଙ୍କ ଅଂଶୁଘାତ ଜନିତ ମୃତ୍ୟୁ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଟାଙ୍ଗିରି ଗାଁର ବାବାଜୀ ମଧ୍ୟାହ୍ନରେ ଘର କାମ କରୁଥିବାବେଳେ ଅଚେତ ହୋଇଯାଇଥିଲେ। ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ୩/୪ ଦିନ ହେବ ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି। ଏଥିଯୋଗୁ ବାବାଜୀଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ପରିବାର ଲୋକ ବାଗଡ଼ିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଦେବବ୍ରତ ନାୟକ ପ୍ରକାଶ କରିଛନ୍ତି।

# ମାସ ଶେଷ ସୁଦ୍ଧା ସିବିଏସ୍‌ଇ ଦ୍ୱାଦଶ ରେଜଲ୍ଟ

ଭୁବନେଶ୍ୱର,୧୮।୪ (ସୁଚିସ୍ମିତା ସାହୁ)

ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ (ସିବିଏସଇ) ପକ୍ଷରୁ ୨୦୨୬ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ଚଳିତ ମାସ ଶେଷ ସୁଦ୍ଧା ପ୍ରକାଶ ପାଇପାରେ। ଏ ସମ୍ପର୍କରେ ସୂଚନା ଦେଇ ସିବିଏସ୍‌ଇ କହିଛି, ମୂଲ୍ୟାଙ୍କନ ପ୍ରକ୍ରିୟାକୁ ଶୀଘ୍ର ଓ ସଠିକ କରିବା ପାଇଁ ଅନ୍-ସ୍କ୍ରିନ ମାର୍କିଂ ପ୍ରଣାଳୀକୁ ବ୍ୟବହାର କରାଯାଇଛି। ଉତ୍ତର ଖାତାଗୁଡ଼ିକୁ ଡିଜିଟାଲ ଭାବେ ଯାଞ୍ଚ କରାଯାଇଛି। ଛାତ୍ରୀଛାତ୍ର ନିଜ ଫଳାଫଳ results.cbse.nic.in ଓ cbse.gov.in. ୱେବ୍‌ସାଇଟରେ ଦେଖିପାରିବେ। ଏହାସହ ଡିଜିଲକର, ଏସ୍‌ଏମ୍‌ଏସ୍ ଓ ଉମଙ୍ଗ ଆପ୍ ମାଧ୍ୟମରେ ମଧ ରେଜଲ୍ଟ ଉପଲବ୍ଧ ହେବ। ଏହି ବିକଳ୍ପଗୁଡ଼ିକ ରେଜଲ୍ଟ ପ୍ରକାଶ ସମୟରେ ୱେବ୍‌ସାଇଟର ଭିଡ଼ କମାଇବାରେ ସାହାଯ୍ୟ କରିବ। ଡିଜିଲକର ମାଧ୍ୟମରେ ଡିଜିଟାଲ ମାର୍କଶିଟ୍ ମଧ ମିଳିବ। ସେଥିରେ ଛାତ୍ରୀଛାତ୍ରଙ୍କ ବିବରଣୀ, ମାର୍କ, ଗ୍ରେଡ୍ ରହିବ। ରେଜଲ୍ଟ ବାହାରିବା ପରେ ସେଥିରେ ଟପ୍ପର ତାଲିକା ପ୍ରକାଶ କରାଯିବ ନାହିଁ। ପରୀକ୍ଷାରେ ପାସ୍ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ୩୩% ନମ୍ବର ରଖିବାକୁ ପଡ଼ିବ। ଯେଉଁ ଛାତ୍ରୀଛାତ୍ର ଏକ କିମ୍ବା ଅଧିକ ବିଷୟରେ ଅସଫଳ ହୋଇଥିବେ, ସେମାନେ କମ୍ପାର୍ଟମେଣ୍ଟ ପରୀକ୍ଷା ଦେଇପାରିବେ। ଏହି ପରୀକ୍ଷା ଜୁଲାଇ ୨୦୨୬ରେ ହେବାର ସମ୍ଭାବନା ରହିଛି ବୋଲି ସୂଚନା ଦିଆଯାଇଛି।

# ସ୍କୁଲ ବସ୍ ଓଲଟିଲା, ୧୨ ଛାତ୍ରୀଛାତ୍ରଙ୍କ ସହ ଡ୍ରାଇଭର ଆହତ





ଓଲଟି ପଡ଼ିଛି ସ୍କୁଲ ବସ୍। ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥିବା ଛାତ୍ରୀଛାତ୍ର।

ଦିଗପହଣ୍ଡି/ ଚିକିଟି,୧୮।୪ (ଅଶେଷ ନାଥ ମିଶ୍ର/ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଚିକିଟିଗଡ଼ ଧାନଘର ଛକ ବିଦ୍ୟୁତ୍ କାର୍ଯ୍ୟାଳୟ ନିକଟସ୍ଥ ମୁଖ୍ୟ ରାସ୍ତା କଡରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କାଦେଇ ଶନିବାର ସକାଳ ସାଢ଼େ ୬ଟାରେ ଏକ ସ୍କୁଲ ବସ୍ ଓଲଟି ପଡିଛି। ଫଳରେ ୧୨ଜଣ ଛାତ୍ରୀଛାତ୍ରଙ୍କ ସହ ଡ୍ରାଇଭର ଆହତ ହୋଇଛନ୍ତି। ବସ୍ ଡ୍ରାଇଭରଙ୍କ ଅବସ୍ଥା ଗୁରୁତର ରହିଛି। ଆହତ ଛାତ୍ରୀଛାତ୍ର ସପ୍ତମ, ଅଷ୍ଟମ ଓ ଦଶମ ଶ୍ରେଣୀର ବୋଲି ଜଣାପଡିଛି।

ଖବରରୁ ଜଣାପଡିଛି, ଏହି ସ୍କୁଲ ବସ୍‌ଟି (ନଂ. ଓଡ଼ି ୦୭ ୟୁ -୭୧୨୩) ସବୁଦିନ ପରି ଶନିବାର ସକାଳୁ ନୂଆପଡ଼ା, ଚାନ୍ଦପୁର, ଦେଉଳିଆପଡ଼ା, ଡଭାର, ବାଦ୍ୟନାଳ ଶାସନ ଆଦି ଗ୍ରାମରୁ ଛାତ୍ରୀଛାତ୍ରଙ୍କୁ ଧରି ପିତାତଳି ଗ୍ରାମସ୍ଥିତ ଆଦର୍ଶ ବିଦ୍ୟାଳୟ ଅଭିମୁଖେ ଯାଉଥିଲା। ଚିକିଟିଗଡ଼ ଧାନଘର ଛକ ବିଦ୍ୟୁତ୍ କାର୍ଯ୍ୟାଳୟ ନିକଟସ୍ଥ ମୁଖ୍ୟ ରାସ୍ତାରେ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କାଦେଇ ରାସ୍ତାକଡକୁ ଓଲଟି ପଡିଥିଲା। ଫଳରେ ୧୨ ଜଣ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ସେମାନେ ହେଲେ ଆଦର୍ଶ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ର ଆଦିତ୍ୟ ନାରାୟଣ ସାହୁ, ଓମ୍ ପ୍ରସାଦ ସାହୁ, ଆଦିତ୍ୟ ସାହୁ, ଛାତ୍ରୀ ଶୁଭଲକ୍ଷ୍ମୀ ସାହୁ, ଶ୍ରାବଣୀ ସାହୁ, ସୁଲଗ୍ନା ସାହୁ, ଅଷ୍ଟମ ଶ୍ରେଣୀର ଛାତ୍ରୀ ଟି. ସଞ୍ଜିତା, ଦଶମ ଶ୍ରେଣୀର ଛାତ୍ରୀ କିରଣ ରଣା, ରାଣୀ ସାହୁ, ବନିତା ପ୍ରଧାନ ଓ ଅନ୍ୟ ୨ ଜଣ ଛାତ୍ରୀଛାତ୍ର ରହିଛନ୍ତି। ଏଥିସହିତ ବସ୍ ଡ୍ରାଇଭର ମନୋଜ ସାହୁ (୪୫) ମଧ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ଉଦ୍ଧାର କରି ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମନୋଜଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଆହତ ଛାତ୍ରୀଛାତ୍ରଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି। ସାମାଜିକ କର୍ମୀ ସୁରେନ୍ଦ୍ର ମଣ୍ଡଳଙ୍କ ସମେତ ବହୁ ବ୍ୟକ୍ତି ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆହତ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଉପସ୍ଥିତ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଚିକିଟି ଫାଣ୍ଡି ଅଧିକାରୀ ଗୌତମ ସାହୁ ଦୁର୍ଘଟଣା ଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛନ୍ତି। କେ. ନୂଆଗାଁ ଆଇଆଇସି ବିଶ୍ୱଜିତ୍ ନାୟକ ମଧ ଘଟଣାସ୍ଥଳ ଓ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି।

# ଚୌଦ୍ୱାର ଜେଲ ୱାର୍ଡର ଗିରଫ | ମହିଳା କଏଦୀଙ୍କ ସୁନାଗହଣା ଗାଏବ ଘଟଣା

ଚୌଦ୍ୱାର,୧୮।୪ (ଆଶୁତୋଷ ଦାସ)



ଗିରଫ ଜେଲ ୱାର୍ଡର ମନୋଜ ମଣ୍ଡଳ।

ଚୌଦ୍ୱାର ଜେଲରେ ଜଣେ ବିଚାରାଧୀନ ମହିଳା କଏଦୀଙ୍କ ସୁନାଗହଣା ଗାଏବ ଘଟଣାରେ ଚୌଦ୍ୱାର ପୋଲିସ ୱାର୍ଡରଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ୱାର୍ଡର ହେଲେ ମନୋଜ ମଣ୍ଡଳ।

ପୋଲିସ ସୂଚନା ଅନୁଯାୟୀ, ମାହାଙ୍ଗା ଥାନା ଅଞ୍ଚଳର ଇତିଶ୍ରୀ ମହାନ୍ତି ନାମ୍ନୀ ମହିଳା ଏକ ଆପରାଧିକ ମାମଲାରେ ଗିରଫ ହୋଇ ଗତ ସେପ୍ଟେମ୍ବର ୨୩ରେ ଚୌଦ୍ୱାର ଜେଲକୁ ଆସିଥିଲେ। ସେ ବିଚାରାଧୀନ କଏଦୀ ଭାବେ ୩ ମାସ ଜେଲରେ ରହିବା ପରେ ଡିସେମ୍ବର ୨୩ରେ ଜାମିନରେ ମୁକୁଳିଥିଲେ। ଜେଲକୁ ଆସିବା ଦିନ ସେ ପିନ୍ଧିଥିବା ସୁନାମୁଦି, କାନ ଓ ନାକଫୁଲ ଆଦି ସୁନାଗହଣା ଜେଲରେ ଲାଗିଥିବା ସିସିଟିଭି କ୍ୟାମେରା ଆଗରେ ଜେଲ କର୍ମଚାରୀ ତାଙ୍କଠାରୁ ନେଇ ଜେଲ ନିୟମ ଅନୁଯାୟୀ ସୁରକ୍ଷିତ ରଖିଥିଲେ। ହେଲେ ଜେଲରୁ ବାହାରିବା ସମୟରେ ଜେଲ କର୍ତ୍ତୃପକ୍ଷ ସମ୍ପୃକ୍ତ ମହିଳାଙ୍କୁ ତାଙ୍କ ଗହଣା ଫେରାଇ ନ ଥିଲେ। ଫଳରେ ମହିଳା ଜଣକ ଚୌଦ୍ୱାର ଥାନାରେ ଜେଲ୍ କର୍ତ୍ତୃପକ୍ଷଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣା ପ୍ରଘଟ ହୋଇଯିବାରୁ ଜେଲ ଅଧୀକ୍ଷକ ସମ୍ପୃକ୍ତ ମହିଳାଙ୍କୁ ଗାଏବ ଅଳଙ୍କାର ବାବଦରେ ୧ ଲକ୍ଷ ୯୦ ହଜାର ଟଙ୍କା ପ୍ରଦାନ କରିଥିଲେ। ସେତେବେଳେ ଏହି ଘଟଣାକୁ ନେଇ ଜେଲ ଅଧୀକ୍ଷକ ଓ ତତ୍କାଳୀନ ଜେଲରଙ୍କ ମଧ୍ୟରେ ଦୋଷ ଲଦାଲଦି ହୋଇଥିଲେ। ସେ ଦୁହେଁ ପରସ୍ପର ବିରୋଧରେ ଚୌଦ୍ୱାର ଥାନାରେ ଦୁଇଟି ପୃଥକ୍ ଅଭିଯୋଗ କରିଥିଲେ। ଏହି ଘଟଣାରେ ଜେଲ ଉଚ୍ଚ କର୍ତ୍ତୃପକ୍ଷ ମଧ ହସ୍ତକ୍ଷେପ କରିଥିଲେ। ପୂର୍ବତନ ଜେଲରଙ୍କୁ ଚୌଦ୍ୱାର ଜେଲରୁ ଅନ୍ୟତ୍ର ବଦଳି କରାଯାଇଥିଲା। ମହିଳାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ. ୭୧/୨୦୨୬) ରୁଜୁ କରିଥିଲା। ଏଥିସହ ପୋଲିସ ସିସିଟିଭି ଫୁଟେଜ ଆଧାରରେ ଘଟଣାର ତଦନ୍ତ କରି ୱାର୍ଡର ମନୋଜ ମଣ୍ଡଳଙ୍କୁ ଗିରଫ କରିଥିବା ଆଇଆଇସି ରଜନୀକାନ୍ତ ଦାସ ସୂଚନା ଦେଇଛନ୍ତି।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ଆସନ ବଢ଼ିଛି, ଅଧାପକ ପଦବୀ ଖାଲି

ବ୍ରହ୍ମପୁର, ୧୮।୪ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦକ୍ଷିଣ ଓଡ଼ିଶାର ପ୍ରମୁଖ ଶିକ୍ଷାନୁଷ୍ଠାନ । ଏହି ଗୌରବମୟ ବିଶ୍ୱବିଦ୍ୟାଳୟରେ ମୋଟ ୨୭ଟି ବିଭାଗ ରହିଥିବା ବେଳେ ସେଥିମଧ୍ୟରୁ ସ୍ନାତକୋତ୍ତର ଓଡ଼ିଆ ବିଭାଗ ଅନ୍ୟତମ। ଏହି ବିଭାଗରେ ୧୯୬୮ରେ ୧୬ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ପାଠ୍ୟକ୍ରମ ଆରମ୍ଭ ହୋଇଥିଲା । ସେତେବେଳେ ବିଭାଗୀୟ ମୁଖ୍ୟ ଡ.କୁଞ୍ଜବିହାରୀ ତ୍ରିପାଠୀ ଥିଲେ। ସେତେ ବେଳେ ୧୬ଟି ସିଟ୍ ରହିଥିବା ବେଳେ ୧୪ ଜଣ ନାମ ଲେଖାଇଥିଲେ। ସେମାନଙ୍କ ମଧ୍ୟରେ ୧୦ ଛାତ୍ର ୪ ଛାତ୍ରୀ ରହିଥିଲେ । ୬ ଜଣ ଶିକ୍ଷକ ମଧ ରହିଥିଲେ । ସମୟକ୍ରମେ ସିଟ ସଂଖ୍ୟା ୨୪, ୩୨ ଓ ଏବେ ୫୦ ରହିଛି । ବର୍ତ୍ତମାନ ୨୧ ଜଣ ଛାତ୍ର ରହିଥିବା ବେଳେ ୨୯ ଜଣ ଛାତ୍ରୀ ଅଧ୍ୟୟନ କରୁଛନ୍ତି । ବର୍ତ୍ତମାନ ୭ ଟି ସ୍ଥାୟୀ ପଦବୀ ରହିଥିଲେ ମଧ ଜଣେ ପ୍ରମୋୟଶନରେ ଜଣେ ପ୍ରଫେସର ରହିଥିବା ବେଳେ ୨ ଜଣ ସହଯୋଗୀ ପ୍ରଫେସର, ୨ ଜଣ ଅତିଥି ଅଧ୍ୟାପକ ରହିଛନ୍ତି। କିନ୍ତୁ ସ୍ଥାୟୀ ପଦବୀରୁ ଗୋଟିଏ ପ୍ରଫେସର, ୨ଟି ସହଯୋଗୀ ପ୍ରଫେସର, ସହକାରୀ ପ୍ରଫେସର ଖାଲି ରହିଛି । ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କ ନିମନ୍ତେ ଲାଇବ୍ରେରି ବ୍ୟବସ୍ଥା ରହିଛି। ଏଥିରେ ପ୍ରାୟ ୯ ହଜାର ବହି ରଖାଯାଇଛି । ୧୯୭୭ ମସିହାଠାରୁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୪ ଶହ ଜଣ ପିଏଚ୍‌ଡି ପାଇଥିବା ବେଳେ ଡିଲିଟ ପ୍ରାୟ ୩୦ ପାଇଛନ୍ତି। ବର୍ତ୍ତମାନ ୧୪ ଜଣ ଛାତ୍ର, ୩ ଜଣ ଛାତ୍ରୀ ଗବେଷଣା କରୁଛନ୍ତି। ବିଭାଗର ସମସ୍ତ କକ୍ଷକୁ ବିଶିଷ୍ଟ ସାହିତ୍ୟିକଙ୍କ ନାମରେ ନାମକରଣ କରାଯାଇଛି। ଗବେଷକ, ଗବେଷିକା ମାନେ ମଧ୍ୟଯୁଗୀୟ ସାହିତ୍ୟ, ଗଞ୍ଜାମ ଲୋକ ସାହିତ୍ୟ, ଆଦିବାସୀ ସାହିତ୍ୟ, କବିତା, ନାଟକ, ଗଳ୍ପ, ଭାଷା ଆଦି ଉପରେ ଗବେଷଣା କରୁଛନ୍ତି। ବିଭାଗ ପକ୍ଷରୁ ପ୍ରାଚୀନ, ଐତିହ ମନ୍ଦିର, ଶିଳାଲିପି ରହିଥିବା ସ୍ଥାନ ମହେନ୍ଦ୍ର ଗିରି, ବୁଗୁଡ଼ା ସ୍ଥିତ ସୂର୍ଯ୍ୟ ମନ୍ଦିର, ଜଉଗଡ଼ ଆଦି ସ୍ଥାନକୁ ଷ୍ଟଡିଟୁର କରାଇ ତଥ୍ୟ ସଂଗ୍ରହ କରାଯାଉଛି। ବିଭାଗ ପକ୍ଷରୁ ଓଡ଼ିଶା ସାହିତ୍ୟ ଏକାଡେମୀ ଓ କେନ୍ଦ୍ର ସାହିତ୍ୟ ଏକାଡେମୀରୁ ପ୍ରାୟ ଦଶ ଜଣ ପୁରସ୍କାରପ୍ରାପ୍ତ କରିଛନ୍ତି । ଓଡ଼ିଆ ଅସ୍ମିତାକୁ ନେଇ ଗୋପୀନାଥ ଶର୍ମା,ସତ୍ୟ ନାରାୟଣ ରାଜଗୁରୁ,ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ପ୍ରମୁଖଙ୍କ ବିଷୟରେ ଶିକ୍ଷାଦାନ ପ୍ରଦାନ କରାଯାଉଛି। ଏ ନେଇ ଆନ୍ଧ୍ର ପ୍ରଦେଶରେ ଓଡ଼ିଆ ଭାଷା ଚେୟାର ସ୍ଥାପନ ପାଇଁ ଚୁକ୍ତିପତ୍ର ସାକ୍ଷର ହୋଇଛି ।

“ ପକ୍ଷପାତିତା ହେଲା ପୂର୍ଣ୍ଣ ଆନ୍ତରିକତାର ପରମ ଶତ୍ରୁ। ସେ ପକ୍ଷପାତିତା ଦେହର ହେଉ ବା ପ୍ରାଣର ହେଉ ବା ମନର ହେଉ। ଆଉ ମଧ ତୁମ ମନରେ ଥିବା ପୂର୍ବ କଳ୍ପିତ ଧାରଣା ଉପରେ ପୂର୍ଣ୍ଣ ନିର୍ଭର କରିବା ଅନୁଚିତ। ତୁମକୁ ଏସବୁ ଅତିକ୍ରମ କରିବାକୁ ହେବ।-ଶ୍ରୀମା



# ଆମେ ନୀରବ



ଆକାର ପଟେଲ

ଇରାନ ଉପରେ ଆମେରିକା-ଇସ୍ରାଏଲ ଆକ୍ରମଣ କରିଛନ୍ତି। ଏହି ଯୁଦ୍ଧରେ ବିଶ୍ୱର ଅନ୍ୟ ଦେଶ ପରି ଭାରତ ମଧ ନକାରାତ୍ମକ ଭାବରେ ପ୍ରଭାବିତ ହୋଇଛି। ପ୍ରକୃତରେ ଇରାନୀୟଙ୍କୁ ଛାଡ଼ି ଭାରତୀୟମାନେ ଅନ୍ୟ ଯେକୌଣସି ରାଷ୍ଟ୍ର ତୁଳନାରେ ଅଧିକ କଷ୍ଟ ଭୋଗିସାରିଲେଣି ଏବଂ ଭୋଗୁଛନ୍ତି ମଧ। ଉପସାଗରୀୟ ଅଞ୍ଚଳରେ ପ୍ରାୟ ଏକ କୋଟି ଭାରତୀୟ ଅଛନ୍ତି, ଯାହା ଛଅଟି ଗଲ୍ଫ କୋଅପରେଶନ କାଉନ୍ସିଲ( ଜିସିସି) ଦେଶ ମଧ୍ୟରୁ ପାଞ୍ଚଟି ଦେଶର ମୋଟ ଜନସଂଖ୍ୟାଠାରୁ ଅଧିକ। ହିଂସା ଯୋଗୁ ଏହି ଭାରତୀୟଙ୍କ ଜୀବନ ଏବଂ ଜୀବିକା ଏବେ ବିପଦରେ । ଅନିଶ୍ଚିତତା ସେମାନଙ୍କୁ ସମସ୍ୟାରେ ପକାଇଛି ଏବଂ ବିଶେଷକରି ଭଲରେ ଜୀବନଯାପନ କରୁ ନ ଥିବା ଲୋକଙ୍କ ପାଇଁ ଜିଇବା କଷ୍ଟକର ହୋଇଯାଇଛି। ଏହି ସଂଖ୍ୟାଗରିଷ୍ଠମାନେ ହେଉଛନ୍ତି ଉପସାଗରୀୟ ଅଞ୍ଚଳରେ ସେବା କିମ୍ବା ଶିଳ୍ପ କ୍ଷେତ୍ରରେ କାର୍ଯ୍ୟକରୁଥିବା ପ୍ରବାସୀ ଭାରତୀୟ ଶ୍ରମିକ ଶ୍ରେଣୀର ଲୋକେ। ଏହି କ୍ଷେତ୍ରରେ ଅନେକ ଲକ୍ଷ ଭାରତୀୟଙ୍କ ସକ୍ରିୟ ଯୋଗଦାନ ଥିବାରୁ ଯୁଦ୍ଧ ପରେ ଜିସିସି ରାଷ୍ଟ୍ରଗୁଡ଼ିକର ଭବିଷ୍ୟତ ଏବଂ ଅର୍ଥନୀତି ପ୍ରଭାବିତ ହୋଇପାରେ। ଯେଉଁ ରାଷ୍ଟ୍ରରୁ ଆମେ ଇନ୍ଧନ ଏବଂ ଗ୍ୟାସ ଆଣୁଛୁ ସେମାନଙ୍କ ତୁଳନାରେ ବି ଭାରତ ଅଧିକ ଅକଳରେ ପଡ଼ିଛି ଏବଂ କଷ୍ଟ ପାଉଛି। ଏଥିପାଇଁ ଏହି ପ୍ରଶ୍ନ ପଚାରିବା ଜରୁରୀ- ଯୁଦ୍ଧରତ ରାଷ୍ଟ୍ର ଆମେରିକା ଏବଂ ଇସ୍ରାଏଲର କାର୍ଯ୍ୟକଳାପକୁ ପ୍ରଭାବିତ କରିବାରେ କିମ୍ବା ପ୍ରଭାବିତ କରିବାକୁ ଚେଷ୍ଟା କରିବାରେ ଆମେ ଅସମର୍ଥ କାହିଁକି ? ଆମ ସରକାର କେବଳ କହିଛନ୍ତି, ଶିପିଂ ପୁନର୍ବାର ଆରମ୍ଭ କରିବାକୁ ଅନୁମତି ଦିଆଯାଉ। ଏଭଳି କହିବା ବ୍ୟତୀତ ସରକାର ଅନ୍ୟ ସମସ୍ୟା ସହିତ ଜଡିତ ହୋଇନାହାନ୍ତି। କାହିଁକି ଜାହାଜଗୁଡ଼ିକ ଅଟକି ରହିଛନ୍ତି? ଆମେ ସେ ବିଷୟରେ କୌଣସି ଟିପ୍ପଣୀ ଦେଉନାହୁଁ। ଏହାକୁ ପୁନର୍ବାର କିପରି ଆରମ୍ଭ କରାଯିବ ? ଏ ବିଷୟରେ ଆମକୁ ଜଣାନାହିଁ। କେବଳ ଆବେଦନ କିମ୍ବା ଦାବି କିମ୍ବା ଅନୁରୋଧ କରୁଛୁ ଯେ, ଶିପିଂ ଆରମ୍ଭ କରିବାକୁ ଅନୁମତି ଦିଆଯାଉ। ଉଲ୍ଲେଖନୀୟ ଯେ, ଭାରତ ତ୍ରୁଟିପୂର୍ଣ୍ଣ ଭାବରେ ୟୁରୋପର ଉପନିବେଶବାଦୀ ରାଷ୍ଟ୍ରଗୁଡ଼ିକର ଦୃଷ୍ଟିକୋଣକୁ ସମର୍ଥନ କରିଚାଲିଛି, ଯେଉଁମାନେ ଯୁଦ୍ଧରେ ଜଡ଼ିତ ହେବାକୁ ଚାହାନ୍ତି ନାହିଁ। ସେମାନେ କେବଳ ଚାହାନ୍ତି ସେମାନଙ୍କ ସାମଗ୍ରୀ ସୁରୁଖୁରୁରେ ଆସିଯାଉ। ଆସନ୍ତୁ ପ୍ରଶ୍ନର ଉତ୍ତର ଦେବା ପାଇଁ ଚେଷ୍ଟା କରିବା। ଏହା ମଧ ସମ୍ଭବ । ଏସବୁ ପଛରେ ସମ୍ଭବତଃ କୌଣସି ଗୋଟିଏ କାରଣ ନାହିଁ ବରଂ ଏପରି କେତୋଟି କାରଣ ରହିଛି, ଯାହା ପଦକ୍ଷେପ ନେବା ଅପେକ୍ଷା ଆମକୁ ନୀରବ ରହିବାକୁ ପ୍ରେରିତ କରିଛି। ଆସନ୍ତୁ ସେଗୁଡ଼ିକୁ ଗୋଟିଏ ପରେ ଗୋଟିଏ ଆଲୋଚନା କରିବା।

ଭାରତୀୟ ବୈଦେଶିକ ନୀତିରେ ଏକ ଅସଙ୍ଗତି ଅଛି ଏବଂ ଏହାର ଚେର ଜାତୀୟ ସୁରକ୍ଷା ଯାଏ ଲମ୍ବିଛି। ଉଦାହରଣ ସ୍ୱରୂପ, ଚାଇନା ଭାରତର ବନ୍ଧୁ କିମ୍ବା ଶତ୍ରୁ ; ତାହା ସହ ବାଣିଜ୍ୟ କରାଯିବା ଉଚିତ ନା ବିଚ୍ଛିନ୍ନ ହେବା ଦରକାର, ସେ ସମ୍ପର୍କରେ ଆମେ ସ୍ପଷ୍ଟ ନୋହୁଁ। ନୀତି ତଥା ବିଶ୍ୱାସ ଅଭାବରୁ ହିଁ ସମନ୍ୱୟ ରହେ ନାହିଁ। ଆମର ଅଧିକାଂଶ ବୈଦେଶିକ ନୀତି ଭାରତୀୟଙ୍କ ପାଇଁ ଉଦ୍ଦିଷ୍ଟ ଏବଂ ଏବେ ଏହି ଯୁଦ୍ଧ ସ୍ଥିତିରେ ସେପରି ହୋଇଛି। ଏହା ସ୍ପଷ୍ଟ ଯେ, ବିଶ୍ୱନେତା ହେବାର ଦାବି ଫମ୍ପା ଥିଲା, ଆମେ ଲଜ୍ଜିତ ହୋଇ ଦୂରେଇ ରହିଗଲୁ। ଜାତୀୟ ସ୍ୱାର୍ଥର ଧାରଣାକୁ ପରିତ୍ୟାଗ କରି ଆମେ ବ୍ୟକ୍ତିଗତ ସ୍ୱାର୍ଥ ସହିତ ଜଡ଼ିତ ବ୍ୟକ୍ତିଗତ କୂଟନୀତିକୁ ଆଦରି ନେଇଛୁ ଏବଂ ଧରି ନେଉଛୁ ଘନିଷ୍ଠତା ହେଉଛି ବୈଦେଶିକ ନୀତି ପାଇଁ ଏକ ଦୃଢ଼ ଭିତ୍ତିଭୂମି। ଗଭୀର ବନ୍ଧୁତ୍ୱ ରଖିବା ପ୍ରୟାସରେ (ଟ୍ରମ୍ପଙ୍କ ଦ୍ୱାରା) ଆମକୁ ବିଶ୍ୱାସଘାତ କରାଯାଇଛି କିମ୍ବା ବିପରୀତ ପକ୍ଷ (ନେତନ୍ୟାହୁ)ଙ୍କ ଦ୍ୱାରା ଆମକୁ ବ୍ୟବହାର କରାଯାଇଛି। ଦ୍ୱନ୍ଦ୍ୱ ହେଉଛି, ଆମର ବନ୍ଧୁମାନେ ଭାରତୀୟଙ୍କୁ ଦୁଃଖ ଦେଲେ ମଧ ସେମାନଙ୍କୁ ଯୁଦ୍ଧ ବନ୍ଦ କରିବାକୁ କହିବାର କ୍ଷମତା ଆମ ପାଖରେ ନାହିଁ ବୋଲି ଆମେ ମନେକରୁଛୁ।

ଆଉ ଏକ କାରଣ ହେଉଛି ଯେ ଅନ୍ୟମାନଙ୍କ କୂଟନୈତିକ ପ୍ରୟାସ ଆମକୁ ଚିନ୍ତିତ କରିଛି। ଆମେ ଯେଉଁମାନଙ୍କୁ ଘୃଣା କରୁ ସେମାନଙ୍କ ପ୍ରୟାସରେ ଯୁଦ୍ଧ ଶେଷ ହେବାକୁ ଯାଉଛି। ହେଲେ ଆମେ ତାହା ନ କରି ଭାରତୀୟମାନେ କଷ୍ଟ ପାଆନ୍ତୁ ବୋଲି ପସନ୍ଦ କରୁଛୁ, ଯାହା ଅଯୌକ୍ତିକ । ଏହା ସେହି ଲୋକମାନଙ୍କର କାର୍ଯ୍ୟ, ଯେଉଁମାନେ ନେତୃତ୍ୱରେ ରହି 'ବିଶ୍ୱ ଏକ ପରିବାର' ବୋଲି ଆମକୁ ଉଚ୍ଚସ୍ୱରରେ କହୁଛନ୍ତି। ଅନ୍ୟ ଏକ କାରଣ ଅଛି ଏବଂ ଏହାକୁ ଲୋକକଥା-ମୁଲ୍ଲେ କି ଦୌଡ଼ ମସଜିଦ୍ ତକ୍- ସହିତ ବର୍ଣ୍ଣନା କରାଯାଇପାରେ। ଇଣ୍ଟରନେଟ ଏହି କଥାକୁ ବ୍ୟାଖ୍ୟା କରେ ଯେ,''ଯେଉଁ ବ୍ୟକ୍ତି କେବଳ ନିଜର ଜ୍ଞାନ, ସମ୍ବଳ କିମ୍ବା ଆଗ୍ରହ ଭିତରେ ସୀମିତ ରହନ୍ତି'' । ନୂତନ ଭାରତ ଏକ ଉଗ୍ର ଆଭ୍ୟନ୍ତରୀଣ ଜାତୀୟତାବାଦ ସହ ଜଡ଼ିତ। ଯଦି ଏ କ୍ଷେତ୍ରରେ ଆପଣ ନୂଆ କରି ଜାଣିବାକୁ ଚାହୁଁଛନ୍ତି, ତେବେ ଖବରକାଗଜ ଖୋଲନ୍ତୁ ଏବଂ ଟେଲିଭିଜନ ଚାଲୁ କରନ୍ତୁ ଜାଣିବେ ଏହା ଆମର ମୂଳମନ୍ତ୍ର ଏବଂ କୋରସ୍ ପାଲଟିଯାଇଛି। ମନେକରୁଛୁ, ଅତୀତ ପାଇଁ ସଂଖ୍ୟାଲଘୁମାନେ ଦାୟୀ, ଉଦାରବାଦୀମାନେ ଆମର ଗୌରବମୟ ଭବିଷ୍ୟତର ଏବର ପଥ ଅବରୋଧକ। ଆଗକୁ ବଢ଼ିବା ପୂର୍ବରୁ ସେସବୁକୁ ପ୍ରଥମେ ସମାଧାନ କରିବା ଜରୁରୀ। ଏହା ଆମର ପ୍ରାଥମିକ ଦାୟିତ୍ୱ ହେବା ଦରକାର ଏବଂ ଏହାକୁ ଜାରି ରଖିବା ଉଚିତ। ଯେତେବେଳେ ରାଷ୍ଟ୍ର ବିଷୟରେ ଏହି ପ୍ରକାରର ସ୍ପଷ୍ଟତା ରହିବ, ବାହ୍ୟ ଜଗତ ପ୍ରତି ଧ୍ୟାନ ରହିବ ନାହିଁ। ଏବଂ ଯଦି ଆମେ ଏହାକୁ ଅଣଦେଖା କରୁ, ତେବେ ଆଶା ରଖିବା ଯେ ଏହା ଆପେ ଆପେ ଠିକ୍ ହୋଇଯିବ, ଯାହା ଏବେ ଏପରି ହେଉଛି। ଶୁକ୍ରବାର ଦିନ ଏକ ସାମ୍ବାଦିକ ସମ୍ମିଳନୀରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ରଙ୍କୁ ପଚରାଯାଇଥିଲା, ''ଟ୍ରମ୍ପ ଅସୀମ ମୁନିରଙ୍କୁ ପ୍ରଶଂସା କରୁଛନ୍ତି ଏବଂ ପାକିସ୍ତାନ ଯାତ୍ରା କରିପାରନ୍ତି। ଭାରତ ପାକିସ୍ତାନର ଅସ୍ତ୍ରବିରତି ଭୂମିକାକୁ କିପରି ଦେଖେ ? ଯଦି ଟ୍ରମ୍ପ ଗୋଟିଏ ଯାତ୍ରାରେ ଭାରତ ଏବଂ ପାକିସ୍ତାନକୁ ଆସନ୍ତି ତେବେ ଭାରତ କ'ଣ ଏଥିରେ ରାଜି ହେବ ?'' ମୁଖପାତ୍ର ଉତ୍ତର ଦେଲେ, '' ଏହା ଉପରେ ମୋର ଏକ ସରଳ ଉତ୍ତର ଅଛି। ଭାରତ ପଶ୍ଚିମ ଏସିଆରେ ଘଟୁଥିବା ଘଟଣାକ୍ରମ ଉପରେ ନିକଟରୁ ନଜର ରଖିଛି।'' କିନ୍ତୁ ତାହା ଉପଯୁକ୍ତ ଏବଂ ସ୍ପଷ୍ଟ ଭାବେ ପାଳନ କରାଯାଉନାହିଁ।

Email:aakar.patel@gmail.com

# ଅହଙ୍କାରର ଅନ୍ଧକାର



ଡ. ପବିତ୍ର ସୁବୁଦ୍ଧି

କେହି ଜଣେ ମାଟିର କଳସୀକୁ ଦିନେ ପଚାରିଲେ ତୁମେ ସବୁବେଳେ ଏମିତି ଥଣ୍ଡା ଥାଅ କେମିତି ? ମାଟି କଳସୀ ହସି ଦେଇ କହିଲା-ଯାହାର ଅତୀତ ମାଟି ଓ ଭବିଷ୍ୟତ ବି ମାଟି, ସେ ଗରମ କ'ଣ ପାଇଁ ହେବ ? ମାଟିରେ ଗଢା ମୋ ଶରୀର, ଦିନେ ସେଇ ମାଟିରେ ହିଁ ମିଶିଯିବ। ଏଣୁ ଅହଙ୍କାର କ'ଣ ପାଇଁ କରିବି ? ଅହଙ୍କାର ହେଉଛି ଛୋଟ ଗୋଟିଏ ଶବ୍ଦ, କିନ୍ତୁ ସେହି ଶବ୍ଦ ଭିତରେ ଲୁଚି ରହିଥାଏ ମଣିଷର ପତନର ଅନ୍ୟତମ କାରଣ। ପୁରାଣରୁ ଆରମ୍ଭ କରି ଇତିହାସ ଯାଏ, କଥାରୁ କାହାଣୀ ଯାଏ ସବୁଠି ସ୍ପଷ୍ଟ ଯେ, ଅହଙ୍କାର ମଣିଷକୁ ଅନ୍ଧକରି ରଖେ। ସେହି ଅହଂ ଅନ୍ଧକାର ଯୋଗୁ ରାବଣ, କଂସ ଓ ଦୁର୍ଯ୍ୟୋଧନମାନଙ୍କୁ ଯେଉଁ ମୂଲ୍ୟ ଦେବାକୁ ପଡିଲା, ତାହା ଏଯାବତ୍ ମାନବ ସମାଜ ପାଇଁ ଏକ ଚେତାବନୀ ହୋଇ ରହିଛି। ଏସବୁ ସତ୍ତ୍ୱେ ଆଜିର ମଣିଷ ଧନସମ୍ପତ୍ତି, ବଂଶ, ବୁନିଆଦି, ଶକ୍ତି-ସାମର୍ଥ୍ୟ, ପଦପଦବୀ, ବୁଦ୍ଧି-ସିଦ୍ଧିକୁ ନେଇ ଅହଙ୍କାରୀ ହୋଇଉଠେ। ସେ ଭାବେ ସାରା ସଂସାରରେ ସେ ହିଁ ଶ୍ରେଷ୍ଠ, ସେ ହିଁ ଜ୍ଞାନୀ। ମୁଁ ହିଁ ଶୀର୍ଷ ବୋଲି ଭାବିବା ଅର୍ଥ ଆପଣ ଶେଷରେ ପହଞ୍ଚି ଯାଉଛନ୍ତି। ତେଣିକି ପତନର ଆରମ୍ଭ।

କୁହାଯାଏ- ଅଜ୍ଞତା ହିଁ ଅହଙ୍କାରର ଜନନୀ। ବିନମ୍ରତା ବ୍ୟକ୍ତି ଜୀବନର ଏକ ଅମୂଲ୍ୟ ଅଳଙ୍କାର। କେହି ଜଣେ ଏକଦା ଦାର୍ଶନିକ ସକ୍ରେଟିସଙ୍କୁ ପଚାରିଲେ- ଆପଣ କ'ଣ ଏଥେନ୍ସ ନଗରୀର ସର୍ବଶ୍ରେଷ୍ଠ ଜ୍ଞାନୀ ? ହସି ହସି ସକ୍ରେଟିସ କହିଲେ- ମୁଁ ତ କିଛି ଜାଣେ ନାହିଁ, ଜ୍ଞାନୀ ହେବି କେମିତି ? ମଣିଷ ମାତ୍ରେ ଅଜ୍ଞ। ନିଜ ଅଜ୍ଞତାକୁ ଜାଣିବା ମଣିଷର ସବୁଠାରୁ ବଡ ବିଜ୍ଞତା। ବିଡମ୍ବନା ଏହା ଯେ, ଅହଙ୍କାରୀ ନିଜକୁ ସବୁଠାରୁ ଜ୍ଞାନୀ ମନେ କରିଥାଏ। ରାବଣ ଥିଲା ପ୍ରଚଣ୍ଡ ଜ୍ଞାନୀ। ମାତ୍ର ଅହଙ୍କାରର ବଶବର୍ତ୍ତୀ ହୋଇ ସେ ନିଜ ବଂଶନାଶର କାରଣ ସାଜିଥିଲା। ସେହିପରି ଅହଙ୍କାରୀ ଦୁର୍ଯ୍ୟୋଧନ ଜ୍ଞାନୀଙ୍କୁ ହେୟଜ୍ଞାନ କରିବା ଯୋଗୁ ମହାଭାରତ ଯୁଦ୍ଧର ସୂତ୍ରପାତ ହୋଇଥିଲା। ଅହଙ୍କାର ଆମ ପ୍ରତିପାଳିତ ଏକ ରାକ୍ଷସ। ଯେଉଁ ମଦ-ମତ୍ତ ମଣିଷ ଏ ରାକ୍ଷସର କବଳିତ ହୁଏ, ସିଏ ନିଜ ସର୍ବନାଶକୁ ଡାକିଆଣେ। ନଇ ବଢିଲେ ଦୁଇ କୂଳ ଖାଏ। ଅନ୍ୟର କ୍ଷତି ଚାହୁଁଥିବା ବ୍ୟକ୍ତି ନିଜେ ବି କ୍ଷତିଗ୍ରସ୍ତ ହୁଏ।

ବିଶ୍ୱାସ ଗୋଟିଏ ଛୋଟ ଶବ୍ଦ। ଯାହା ଉପରେ ସବୁ ସମ୍ପର୍କ ବସା ବାନ୍ଧେ। ସମ୍ପର୍କର କେବେ ସ୍ୱାଭାବିକ ମୃତ୍ୟୁ ହୁଏନା। ମଣିଷର ସ୍ୱଭାବ, ବ୍ୟବହାର ଓ ଅହଙ୍କାର ଇଚ୍ଛାକୃତ ଭାବେ ଏହାକୁ ମାରିଦିଅନ୍ତି। ଯଦି ଆପଣ ସମ୍ପର୍କକୁ ବଞ୍ଚେଇ ରଖିବାକୁ ଚାହାନ୍ତି, ତେବେ ଜୀବନରେ ଏହି ଚାରିଟି ଜିନିଷକୁ କେବେ ବି ଭାଙ୍ଗନ୍ତୁ ନାହିଁ। ସେଗୁଡିକ ହେଲା- ବିଶ୍ୱାସ, ହୃଦୟ, ପ୍ରେମ ଓ ପ୍ରତିଶ୍ରୁତି। ଏଗୁଡିକ ଭାଙ୍ଗିଲା ବେଳେ ଶବ୍ଦ ହୁଏନି ସତ, କିନ୍ତୁ ବହୁତ ଯନ୍ତ୍ରଣା ହୁଏ। ପାଣି ଯଦି ମର୍ଯ୍ୟାଦା ଭାଙ୍ଗେ 'ବିନାଶ' ଆସେ। ଆଉ ବାଣୀ ଯଦି ମର୍ଯ୍ୟାଦା ଭାଙ୍ଗେ 'ସର୍ବନାଶ' ଆସେ। ଏଣୁ ବାଣୀ ଉପରେ ସର୍ବଦା ସଂଯମତା ରଖିବା ଉଚିତ। ବାଣୀକୁ 'ବାଣ' ନୁହେଁ 'ବୀଣା' କରିଦିଅନ୍ତୁ। ବାଣୀ ଯଦି ବୀଣା ହୋଇଯାଏ ଜୀବନ ସଙ୍ଗୀତମୟ ହୋଇଉଠେ, ଆଉ ଯେବେ ବାଣୀ 'ବାଣ' ହୋଇଯାଏ, ସେତେବେଳେ ଜୀବନରେ ମହାଭାରତ ଆରମ୍ଭ ହୋଇଯାଏ। ନିଷ୍ପତ୍ତି ଆପଣଙ୍କର।



ଆମେ ଜାଣୁ ତାଙ୍କ ଗତି ଅତି ବିଚିତ୍ର। କ୍ଷଣକରେ ସେ ଅମିରକୁ ଫକିରରେ, ରାଜାକୁ ରଙ୍କରେ ପରିଣତ କରିପାରେ। ଏହାସତ୍ତ୍ୱେ ମଣିଷ ମିଛ ଅହମିକାରେ ବାଟ ଚାଲେ। ମାତ୍ରାଧିକ 'ମୁଁ' 'ମୁଁ'ରେ ପ୍ରମତ୍ତ ହୁଏ । ଇନ୍ଦ୍ରଚନ୍ଦ୍ର ମାନେନା, ସେ ସମ୍ପର୍କରେ ପ୍ରସଙ୍ଗଟିଏ-ଛୋଟ ମନ୍ଦିରଟିଏ। ରାତିରେ ଠାକୁରଙ୍କ ଆଳତି ପରେ ପୂଜାରୀ ମନ୍ଦିର ଦ୍ୱାର ବନ୍ଦକରି ଘରକୁ ଫେରିଗଲେ। ମନ୍ଦିର ଭିତରେ ଗୋଟିଏ କୋଣରେ ମହମବତିଟିଏ ଜଳୁଥିଲା। ଠାକୁରଙ୍କ ସାମ୍ନାରେ ଧୂପବତିଟିଏ ବି ମିଞ୍ଜି ମିଞ୍ଜି ହୋଇ ଜଳୁଥିଲା। ଏଥର ମହମବତି ଅତ୍ୟନ୍ତ ଦର୍ପରେ ଧୂପବତିକୁ କହିଲା- ମୁଁ କେତେ ଭାଗ୍ୟବାନ୍! ମୋର ଧୋବ ଫରଫର ରୂପ ମଧ୍ୟ କେତେ ସୁନ୍ଦର! ମନୁଷ୍ୟ ମୋତେ କେତେ ରଙ୍ଗରେ, କେତେ ଢଙ୍ଗରେ ପ୍ରସ୍ତୁତ କରେ। ମୋର ସୁନ୍ଦରତାକୁ ବହୁଗୁଣିତ କରିଦିଏ। ସେଇଥିପାଇଁ ସମସ୍ତଙ୍କ ନଜର ମୋ ପାଖରେ ଅଟକିଯାଏ। ହେଲେ ତମେ କେତେ କଳା, କେତେ ଅପରିଚ୍ଛନ୍ନ। ତମକୁ ତ ଆଡ଼ ଆଖିରେ କେହି ଚାହାନ୍ତି ନାହିଁ। ମହମବତି କଥା ଶୁଣି ଧୂପବତି କିଛି ବି କହିଲା ନାହିଁ।

ଅଳ୍ପ ସମୟ ପରେ ପୁଣି ମହମବତି କହିଲା- ମୁଁ ନ ଥିଲେ ଏ କକ୍ଷରେ ଅନ୍ଧକାର ଛାଇ ଯାଇଥାନ୍ତା। କେବଳ ମୋର ଆଲୋକରେ ତ ଏ ସ୍ଥାନ ଆଲୋକିତ ହୋଇଛି। ତୁମେ ବି ଜଳୁଛ। ହେଲେ ମିଞ୍ଜି ମିଞ୍ଜି ହୋଇ ଜଳୁଛ। ତୁମ ଆଲୋକ କେବଳ ତୁମ ପାଖରେ ହିଁ ସୀମିତ । ତା' ଛଡ଼ା ତୁମ ଆଲୋକ ଏତେ କ୍ଷୀଣ ଯେ ସେଥିରେ ଅନ୍ୟର କିଛି ବି ଲାଭ ହେଉନାହିଁ।

ଏହାଶୁଣି ଧୂପବତି କହିଲା- ଭଉଣୀ ! ତୁମ କଥା ଠିକ୍। ତୁମ ଆଲୋକରେ ଏ କକ୍ଷ ଆଲୋକିତ ହେଉଛି ଓ ମୋ ଜଳିବାରେ କିଛି ବି ଲାଭ ନାହିଁ। କିନ୍ତୁ ମୋ ଜଳିବାର କାରଣ ଭିନ୍ନ ଓ ତୁମ ଜଳିବାର କାରଣ ବି ଭିନ୍ନ। ତୁମେ ସ୍ୱୟଂ ଜଳି ଜଳି ଆଲୋକ ପ୍ରଦାନ କରୁଛ ଏବଂ ମୁଁ ଜଳି ଜଳି ପରିବେଶକୁ ସୁଗନ୍ଧମୟ କରୁଛି। ତୁମେ ଆଲୋକ ପ୍ରଦାନ କରୁଛ ତାହା ଭଲ କଥା, କିନ୍ତୁ ପରୀକ୍ଷାର କଠିନ ସମୟରେ ଧୈର୍ଯ୍ୟ ଓ ସାହସର ସହ ନିଜ ସ୍ଥାନରେ ଅଟଳ ରହିବାରେ ହିଁ ତୁମ ଚମକର ସାର୍ଥକତା ନିହିତ।

ମହମବତି ଧୂପବତିର କଥାକୁ ହେୟମନେ କଲା। ହଠାତ୍ ଏହି ସମୟରେ ମନ୍ଦିରର ଝରକା ଦେଇ ଦଲକାଏ ଶୀତଳ ପବନ କକ୍ଷ ମଧକୁ ପଶି ଆସିଲା। ଫଳରେ ମହମବତି ଲିଭିଗଲା। କିନ୍ତୁ ପବନର ତୀବ୍ର ପ୍ରବାହରେ ଧୂପବତି ସୁଗନ୍ଧ ଆହୁରି ଦ୍ରୁତଗତିରେ କକ୍ଷରେ ଖେଳିଗଲା। ଏହି ସମୟରେ ଲିଭିଯାଇଥିବା ମହମବତିକୁ ଧୂପବତି କହିଲା- ଭଉଣୀ! ସେ ଚମକ କେଉଁ କାମର, ଯାହା ଦଲକାଏ ପବନର ବି ସାମ୍ନା କରିପାରେନା। ଶୁଣ ଭଉଣୀ! ନିଜର କ୍ଷୁଦ୍ର କ୍ଷମତା ଉପରେ ଅହଙ୍କାର ବ୍ୟର୍ଥ ଅଟେ। ଏ ଜୀବନ ଦି' ଦିନର, କ'ଣ ପାଇଁ ଏତେ ଅହଙ୍କାର ? କିଏ ଜାଣେ କାହାର ଦୀପ କେତେବେଳେ ଲିଭିଯିବ ? ପାଠକେ ; ଯେତେବେଳେ ମନରେ ଅହଙ୍କାର ଆସୁଛି ସେତେବେଳେ ଟିକେ ଶ୍ମଶାନକୁ ଯାଇ ବୁଲି ଆସନ୍ତୁ । ଦେଖିବେ କେତେ ଯେ ଦର୍ପ, ଅହଙ୍କାର ଓ ଅହମିକା ସେଠି ପାଉଁଶ ହୋଇଯାଇଛି। ସେଥିପାଇଁ କୁହାଯାଇଛି – Starve you Ego and feed your Soul. ଆପଣ ଆତ୍ମାର ଆଲୋକରେ ବାଟ ଚାଲିବେ ନା ଅହଙ୍କାରର ଅନ୍ଧାରରେ ବାଟ ହୁଡ଼ିବେ, ସେ ବିଚାର ଆପଣଙ୍କର। କିନ୍ତୁ ଏ କଥା ଚନ୍ଦ୍ର ସୂର୍ଯ୍ୟ ଭଳି ସତ୍ୟ ଯେ ଏ ଦୁନିଆରେ କେହି କାହାର ନୁହନ୍ତି। ମୃତଦେହକୁ ଶ୍ମଶାନରେ ପହଞ୍ଚାଇ ଦେଇ ନିଜ ଲୋକମାନେ ବି ପ୍ରଶ୍ନ କରନ୍ତି – ଆଉ କେତେ ସମୟ ଲାଗିବ ଲାସ୍ ପୋଡ଼ିବାକୁ ? ଆମକୁ ଭଲ ଲାଗୁ ବା ନ ଲାଗୁ, ଏହା ହିଁ ଜୀବନର ଅସଲ ବାସ୍ତବତା।

ମୋ: ୬୩୭୦୬୪୫୬୭୮୯

# ଏକ ପାଶ୍ଚାତ୍ୟ ଗାଁର କାହାଣୀ



ଅଲେଖ ଚନ୍ଦ୍ର ମିଶ୍ର

ପାଶ୍ଚାତ୍ୟ ଜଗତର ଗ୍ରାମ୍ୟ ଜୀବନ ଓ ସଂସ୍କୃତିର ବାସ୍ତବ ଚିତ୍ର ଏବେ ଆଉ ନାହିଁ। କିନ୍ତୁ ଆଗେ ତା'ର ରୂପରେଖ ଯେପରି ଥିଲା ଜାଣିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ। ପ୍ରାୟ ୩୦୦ ବର୍ଷ ପୂର୍ବେ ସେଠାକାର ଗାଆଁ ଗଣ୍ଡାର ଚଳଣି ଓ ପରମ୍ପରା ଭାରତୀୟ ଜନ ଜୀବନ ଭଳି ତତ୍କାଳୀନ ଲୋକଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା, ଯାହାକୁ ଆଧାର କରି ଅନେକ ସାହିତ୍ୟକୃତି ଗଢ଼ି ଉଠିଥିଲା। ସେ ସବୁର କେତୋଟି ଦୃଷ୍ଟାନ୍ତ ହେଉଛି 'ଟୋରି' ସାହିତ୍ୟ, ଭର୍ଗୀଲଙ୍କର 'ଏକ୍ଲଗ' ଏବଂ ଜୁଭେ-ନାଲ ଓ ପ୍ଲିନି, ସାମୁଏଲ ଓ କାନା ହଲଙ୍କ ଭଳି ସାହିତ୍ୟିକ। କିନ୍ତୁ ସେ କ୍ଷେତ୍ରରେ ସବୁଠାରୁ ଲୋକପ୍ରିୟ ଏବଂ ବର୍ଣ୍ଣିଳ ହେଉଛି ପ୍ରଖ୍ୟାତ ଆଇରିସ୍ କବି ଅଲିଭର୍ ଗୋଲ୍ଡସ୍ମିଥଙ୍କ ୪୩୦ ପଂକ୍ତି ବିଶିଷ୍ଟ କାଳଜୟୀ ଖଣ୍ଡକାବ୍ୟ 'ଦ ଡେଜର୍ଟେଡ ଭିଲେଜ' (୧୭୭୦)। ଗୋଲ୍ଡସ୍ମିଥ ପାଲାସ ନାମକ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ବି ତାଙ୍କ ପିତା ଅବର୍ନ ଗ୍ରାମରେ ଚାକିରି କରୁଥିବାରୁ ପିଲାବେଳୁ ସେ ପରିବାର ସହିତ ସେହି ଗ୍ରାମରେ ରହୁଥିଲେ। ଆୟର୍ଲାଣ୍ଡ ଓ ଇଂଲଣ୍ଡର ଅନେକ ସ୍ଥାନରେ ଭ୍ରମଣ କରି ନିଜର ପ୍ରତ୍ୟକ୍ଷ ଅନୁଭୂତିକୁ ସେ ଉଲ୍ଲିଖିତ କବିତାରେ ଏପରି ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି ଯେ, ତତ୍କାଳୀନ ଗ୍ରାମ୍ୟ ଜୀବନର ଏହା ଏକ ଦର୍ପଣ ସଦୃଶ।



କାବ୍ୟଟିର କେନ୍ଦ୍ରବିନ୍ଦୁ ଥିଲା ଆୟର୍ଲାଣ୍ଡର ଆଥ୍ଲୋନ ଅନ୍ତର୍ଗତ ମୋଟ ରେଲ୍ୱେ ଷ୍ଟେସନଠାରୁ ୬ ମାଇଲ ଦୂରରେ ଅବସ୍ଥିତ ସୁଖ ସମୃଦ୍ଧିଭରା ସୁନ୍ଦର ଅବର୍ନ ଗ୍ରାମ, ଯେଉଁଠି କବିଙ୍କ ଭାଷାରେ ବସନ୍ତ ଋତୁ ଶୀଘ୍ର ଆସିଯାଏ ଏବଂ ଗ୍ରୀଷ୍ମଋତୁ ଡେରିରେ ଛାଡ଼େ। ଗ୍ରାମଟି ତାଙ୍କର ପ୍ରିୟ ଥିଲା ଏବଂ ତାକୁ ସେ ପ୍ରଥମେ 'ସୁଇଟ୍ ଅବର୍ନ' ବୋଲି ସମ୍ବୋଧନ କରି କବିତା ଆରମ୍ଭ କରିଛନ୍ତି। ତା'ପରେ ଗ୍ରାମର ଅପୂର୍ବ ଶୋଭାରାଶିକୁ ବର୍ଣ୍ଣନା କରିବାକୁ ଯାଇ ତା'ର ସବୁଜିମା, ବିସ୍ତୃତ ଶସ୍ୟକ୍ଷେତ୍ର, ଫୁଲଫଳଭରା ପରିବେଶ, ଚଲାପଥକୁ ମାଡ଼ି ଯାଇଥିବା ଅନାବନା ଘାସ, ଗାଁ ଲୋକଙ୍କର ପରସ୍ପର ପ୍ରତି ଥିବା ସ୍ନେହ, ଶ୍ରଦ୍ଧା, ମମତା, ସହଯୋଗ ଆଦିର ସୂଚନା ଦେବା ସହିତ ପ୍ରାୟ ପ୍ରତ୍ୟେକ ପ୍ରକାର ଚରିତ୍ରର ଅବତାରଣା କରିଛନ୍ତି। ଗାଁର ମୁଖ୍ୟ ଚରିତ୍ର ଥିଲେ ଗାଁ ଚାଟଶାଳୀର ଅବଧାନ (ଭିଲେଜ ସ୍କୁଲ ମାଷ୍ଟର), ଯିଏ କୋଳାହଳମୟ ଛୋଟ ବିଦ୍ୟାଳୟଟିର (ନଏଜି ମାନ୍ସନ, ଲିଟିଲ ସ୍କୁଲ)ର ଦକ୍ଷ ଅନୁଶାସକ (ସ୍କିଲ୍ଡ ଟୁ ରୁଲ) ଥିଲେ। ତାଙ୍କର ଭୟ ଉଦ୍ରେକକାରୀ ଚେହେରା ଦେଖିଲେ ଚାଟମାନେ ପ୍ରମାଦ ଗଣୁଥିଲେ ଏବଂ ସକାଳୁ ତାଙ୍କ ମୁହଁରୁ ଦିନଟି କେମିତି କଟିବ ଜାଣିବା ପାଇଁ ଶଙ୍କାକୁଳ ହୋଇ ପଡୁଥିଲେ। ପାଠପଢ଼ା ପାଇଁ ତାଙ୍କର ପ୍ରବଳ ଆଗ୍ରହ ଥିଲେ ବି ଅନେକେ ତା'ର ମୂଲ୍ୟ ବୁଝୁ ନଥିଲେ। ସେ ଏକାଧାରରେ ଜଣେ ଜ୍ୟୋତିଷ, ଗଣକ ଓ ଭବିଷ୍ୟବକ୍ତା ଥିଲେ ; ଯିଏ ବର୍ଷା, ଜୁଆର, ବାତ୍ୟା ଆଦିର ପ୍ରାକ୍ ସୂଚନା ଦେଇ ପାରୁଥିଲେ ଏବଂ ଜମିବାଡ଼ିର ମାପଚୁପ ବି କରୁଥିଲେ। ଏପରିକି ଜାଣି ନଥିବା କଥାକୁ ଠାସକ ମାରି ଚଳେଇ ନେଉଥିଲେ। ଗାଁର ପୂଜକ ପଣ୍ଡିତଙ୍କ ସହିତ ଯୁକ୍ତିତର୍କରେ ହାରିଲେ ବି କେବେ ହାର୍ ମାନୁ ନଥିଲେ। ତାଙ୍କର ଛୋଟିଆ ମୁଣ୍ଡରେ ଥିବା ଜ୍ଞାନଗରିମା ଦେଖି ଗ୍ରାମବାସୀଙ୍କର ଆଶ୍ଚର୍ଯ୍ୟର ସୀମା ରହୁ ନଥିଲା (ୱାନ୍ ସ୍ମଲ୍ ହେଡ୍ କୁଡ୍ କ୍ୟାରି ଅଲ୍ ହି ନିଉ)। ଗାଁର ନାପିତ କ୍ଷୌରାଦି କର୍ମ କରୁଥିବା ବେଳେ କ'ଣ କେତେ କଥା ଗପୁଥିବ (ବାର୍ବର୍ସ ଟେଲ)। କୃଷକମାନେ ପରସ୍ପର ମଧରେ ଚାଷବାସ ଓ ଫସଲର ଭଲମନ୍ଦ ବିଷୟରେ ଘଣ୍ଟା ଘଣ୍ଟା ଧରି ଆଲୋଚନା କରୁଥିବେ (ଫାର୍ମର୍ସ ନିଉଜ୍)। ଶାଳଘରେ କାର୍ଯ୍ୟବ୍ୟସ୍ତ କମାର ବାପୁଡ଼ା ମୁଣ୍ଡରୁ ଝାଳ ପୋଛୁପୋଛୁ କାମରେ ଲାଗିଥିବ (ଦ ସେୱଟ ଅଫ୍ ଦି ବ୍ଲାକସ୍ମିଥ), ବିଲବାଡ଼ି ବା ବଣରେ ଜାଳେଣି ସଂଗ୍ରହ କରୁଥିବା ବେଳେ ଲୋକଟିଏ ଅନାବନା ଗୀତ ଗାଉଥିବ (ଉଡ୍ ମ୍ୟାନ୍ସ ବାଲାଡ୍)। ଏହିପରି ଅନେକ ସମ୍ବେଦନଶୀଳ ଘଟଣାର ବର୍ଣ୍ଣନା ଶୈଳୀ ମଧରେ ଗତିଶୀଳ ହୋଇଥିବା କାବ୍ୟଟି ପାଠକଙ୍କୁ ଆନମନା କରି ଦେଉଥିବା ବେଳେ ପରବର୍ତ୍ତୀ କାଳର ସହରୀକରଣ ପ୍ରଭାବରେ ଗ୍ରାମ୍ୟ ଜୀବନ ବିପର୍ଯ୍ୟୟର ଶିକାର ହୋଇ କିପରି ଶ୍ରୀହୀନ ହୋଇପଡ଼ିଲା, ସେ ଘଟଣା ବର୍ଣ୍ଣନା କରି କବି ପାଠକଙ୍କ ଚକ୍ଷୁରେ ଅଶ୍ରୁ ଭରି ଦେଇଛନ୍ତି। କବିଙ୍କ ଭାଷାରେ ଗାଁକୁ କୃତ୍ରିମ ପ୍ରଗତି, ନିରର୍ଥକ ପ୍ରାଚୁର୍ଯ୍ୟ ଓ ତଥାକଥିତ ଆତ୍ମତୃପ୍ତି ପ୍ରବେଶ କରି ତା'ର ନୈସର୍ଗିକ ମୌଳିକତାକୁ ଅପହରଣ କରିନେଲା। ଫଳରେ ନିଜର ଅନିଚ୍ଛା ସତ୍ତ୍ୱେ ଗାଁର ବାସିନ୍ଦାମାନେ ସେମାନଙ୍କର ଭିଟାମାଟି ଛାଡ଼ିବାକୁ ବାଧ ହୋଇଥିଲେ। ଗାଁରେ ଧନ, ସମ୍ପଦ, ଐଶ୍ୱର୍ଯ୍ୟ ପରିପୂର୍ଣ୍ଣ ହୋଇ ଉଠୁଥିଲା, ହେଲେ ତାକୁ ଭୋଗ କରିବାକୁ ଲୋକ ନଥିଲେ (ହୋୟାର୍ ୱେଲ୍ଥ ଆକ୍ୟୁମୁଲେଟ୍ସ ଆଣ୍ଡ ମେନ ଡିକେ)। ସହରାଭିମୁଖୀ ହୋଇ ସେମାନେ ଗାଁକୁ ଛାଡ଼ିଚାଲିଗଲେ ଆଉ ଅଲୋଡ଼ା ହୋଇ ପଡ଼ିରହିଲା ତାଙ୍କର ପ୍ରିୟ ଗ୍ରାମ। କବିତାଟିର ଶେଷଭାଗରେ କବି ଆଶାବାଦୀ ହୋଇ ଭବିଷ୍ୟବାଣୀ କରିଥିଲେ ଯେ, ଦିନ ଆସିବ ଯେତେବେଳେ ସେଭଳି ବାହ୍ୟାଡ଼ମ୍ବର ବି ରହିବ ନାହିଁ ଏବଂ ଲୋକେ ପୁରୁଣା ଗ୍ରାମର ଲୁପ୍ତ ଗୌରବକୁ ଝୁରି ହେଉଥିବେ (ଦ୍ୟାଟ୍ ପ୍ରାଉଡ୍ ଏମ୍ପାୟାର୍ ହେଷ୍ଟସ୍ ଟୁ ସୁଇଫ୍ଟ ଡିକେ)। କାଳକ୍ରମେ ସେ ଯା ହିଁ ହେଲା। ପରବର୍ତ୍ତୀ କାଳରେ ସେହି ସ୍ମରଣୀୟ ଗ୍ରାମଟି ଏକ ଐତିହ୍ୟ ସମ୍ପନ୍ନ ତୀର୍ଥଭୂମି ପାଲଟି ଯାଇ ଅନେକ ଭାବପ୍ରବଣତାର କେନ୍ଦ୍ରବିନ୍ଦୁ ହୋଇଗଲା, ଯାହାର ନିଦର୍ଶନ ପର ପିଢ଼ିର ସାହିତ୍ୟ ସମ୍ଭାର ଓ ସାମାଜିକ ଚେତନାକୁ ବ୍ୟାପକ ଭାବରେ ପ୍ରଭାବିତ କରିଥିଲା। ସାମୁଏଲ କାଟର୍ର୍ ହଲ ଓ ଆନ୍ନା ହଲଙ୍କ ଦ୍ୱାରା ସମ୍ପାଦିତ 'ହ୍ୟାଣ୍ଡ ବୁକ୍ ଅଫ୍ ଆୟର୍ଲାଣ୍ଡ' (୧୮୫୩)ରେ ପ୍ରକାଶ ପାଇଥିଲା, ବ୍ରିଟେନକୁ ଆସୁଥିବା ପର୍ଯ୍ୟଟକମାନେ ମୋଟ ଷ୍ଟେସନରେ ଓହ୍ଲେଇ ଅଳ୍ପ ଦୂରରେ ଥିବା ସୁପ୍ରସିଦ୍ଧ ଅବର୍ନ ଗ୍ରାମକୁ ତୀର୍ଥଯାତ୍ରା କରିଯିବା ଉଚିତ। ଜେ ଷ୍ଟର୍ଲିଙ୍ଗ କୋଏନ ଏବଂ ଏନ ପି ୱିଲଙ୍କ ପୁସ୍ତକ, 'ଦି ସିନେରି ଆଣ୍ଡ ଆଣ୍ଟିକ୍ୱିଟିସ ଅଫ୍ ଆୟର୍ଲାଣ୍ଡ' (୧୮୪୧)ର ତଥ୍ୟ ଅନୁସାରେ ଗୋଲ୍ଡସ୍ମିଥଙ୍କ ଡେଜର୍ଟେଡ୍ ଭିଲେଜ ସାରା ୟୁରୋପର କାହାଣୀ। ଅକ୍ସଫୋର୍ଡସାୟାର୍ ପ୍ରକାଶିତ 'ରିଭୋଲିଉସନ ଇନ୍ ଲୋ ଲାଇଫ' ପୁସ୍ତକରେ ଲଣ୍ଡନଠାରୁ ମାତ୍ର ୫୦ ମାଇଲ ଦୂରରେ ଅବସ୍ଥିତ ନୁହ୍ୟାମ୍ନ ନାମକ ଗ୍ରାମ ସହ ଅନ୍ୟ ଅନେକ ସମଦଶାପନ୍ନ ଗ୍ରାମର ବର୍ଣ୍ଣନା କରାଯାଇଛି, ଯାହାକୁ ଗୋଲ୍ଡସ୍ମିଥ ୧୭୬୧ରେ ଦେଖି ଦୁଃଖ ପ୍ରକାଶ କରିଥିଲେ, 'ଆଇ ସି ଦ ରୁରାଲ ଭର୍ଚୁଜ ଲିଭ ଦି ଲ୍ୟାଣ୍ଡ'।

ପାଶ୍ଚାତ୍ୟ ଜଗତରେ ଯାହା ଗତକାଲି ଘଟେ, ଭାରତରେ ତାହା ଆଗାମୀ କାଲି ଘଟେ। ପରିତାପର କଥା ଯେ ଆମେ ଏବେ ସେହି ପଥର ଯାତ୍ରୀ ହୋଇ ଆମ ଗ୍ରାମ୍ୟ ଜୀବନର ଯେଉଁ ଅମୂଲ୍ୟ ପରମ୍ପରାକୁ ହଜେଇ ଦେଉଛୁ ତାହା ଆଉ ମିଳିବନି, ଯାହା ଚାଲିଯାଉଛି ଆଉ ଫେରିବନି।

ମୋ: ୯୪୩୮୬୭୩୮୯୮

## ଏଇ ଭାରତରେ

କାଶ୍ମୀର ସାଫ୍ରୋନ ବା କେଶରର ଚାହିଦା ଆଜିକା ବଜାରରେ ଆକାଶଛୁଆଁ। ମୂଲ୍ୟ ବି କାହିଁରେ କ'ଣ। ସାଫ୍ରୋନ ଚାଷ କେବଳ କଶ୍ମୀର ଜଳବାୟୁରେ ସୀମିତ ଥିଲା। ଏହାକୁ ବି 'ରେଡ୍ ଗୋଲ୍ଡ' କୁହାଯାଏ। ହେଲେ ଏବେ କଶ୍ମୀର ବାହାରେ ଏହା ଚାଷ କରାଯାଉଛି। ପଞ୍ଜାବ ଲୁଧିଆନାର ଭଉଣୀ -ଭାଇ ଅମ୍ବିକା ଓ ଶଙ୍କର ନାରୁଲା ଘରେ ଏରୋପୋନିକ୍ସ (ବିନା ମାଟିରେ କେବଳ ପାଣିରେ ହେଉଥିବା ଚାଷ) ମାଧ୍ୟମରେ ଆଧୁନିକ ପଦ୍ଧତିରେ କଶ୍ମୀର ସାଫ୍ରୋନ ଚାଷ କରୁଛନ୍ତି। ଚାଷ ଜମିର ଆବଶ୍ୟକତା ନାହିଁ କିମ୍ବା ବର୍ଷାକୁ ବି ଅପେକ୍ଷା କରିବାକୁ ପଡୁନାହିଁ, କେବଳ ତାପମାତ୍ରା ନିୟନ୍ତ୍ରିତ ଗୃହରେ ଦରକାର ପଡୁଛି ର୍ୟାକ ଓ ସେନ୍ସର। ଏବେ ସେମାନେ ଏହି ଚାଷରୁ ଦୁଇଟି ସିଜନରେ ୨୬ ଲକ୍ଷ ଟଙ୍କା ରୋଜଗାର କରିଛନ୍ତି। ଅମ୍ବିକାଙ୍କ ବୟସ ୨୫ ଓ ସେ ରାଜନୀତି ବିଜ୍ଞାନରେ ଡିଗ୍ରୀ କରିଛନ୍ତି । ଶଙ୍କରଙ୍କୁ ଏବେ ବୟସ ୨୩ ବର୍ଷ ଏବଂ ସେ କମ୍ପ୍ୟୁଟର ଆପ୍ଲିକେସନର ଛାତ୍ର। ଏହି ଚାଷରେ ସେମାନଙ୍କ ପିତା ବିକାଶ ନରୁଲା ସହଯୋଗ କରିଆସୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ଏପ୍ରିଲ ୧୯୭୭

- ଜାତୀୟ କମିଟିରେ ରାଜନୈତିକ ଶକ୍ତିଗୁଡ଼ିକର ଏକତ୍ରୀକରଣ ନିମନ୍ତେ ସ୍ୱତନ୍ତ୍ର ଦଳ ଜନତା ଦଳରେ ମିଶିଯିବା ଲାଗି ଦଳର ସଭାପତି ଜି.କେ. ସୁନ୍ଦରମ ନିଷ୍ପତ୍ତି ଗ୍ରହଣ କରିଛନ୍ତି।
- ନିରୁଦ୍ଦିଷ୍ଟ ଛାତ୍ର ରାଜନଙ୍କ ମାମଲାରେ ହାଇକୋର୍ଟର ରାୟ ଓ ଜନମତର ଚାପରେ କେରଳର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ଲାଗି କରୁଣା କରନ୍ଙ୍କ ନିଷ୍ପତ୍ତି।

## ଚିରନ୍ତନୀ

ନୟନର ଜଳ ପୋଛ ଗୋ ନୟନୁ
ବଦନେ ବିକାଶେ ହାସ
ଭୁବନ ଡାକିଛି ପବନ ଡାକିଛି
ଚଳିବି ପରବାସ ।

-(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | | | 7 | |
| | | | 9 | | | | | 3 |
| | | 5 | | | | 8 | 4 | 6 |
| | 8 | 4 | | 6 | 2 | | | |
| | | 6 | 3 | 8 | | | | |
| | 5 | | | | | | | |
| | | 1 | | 3 | 6 | | 5 | 7 |
| | | | 8 | | | 1 | 6 | 9 |
| | | | 7 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 1 | 6 | 5 | 9 | 2 | 8 | 4 |
| 9 | 6 | 4 | 7 | 8 | 2 | 3 | 1 | 5 |
| 5 | 8 | 2 | 1 | 3 | 4 | 6 | 7 | 9 |
| 1 | 2 | 3 | 5 | 6 | 8 | 9 | 4 | 7 |
| 6 | 9 | 8 | 4 | 7 | 3 | 5 | 2 | 1 |
| 4 | 5 | 7 | 2 | 9 | 1 | 8 | 6 | 3 |
| 2 | 3 | 5 | 8 | 4 | 7 | 1 | 9 | 6 |
| 7 | 1 | 9 | 3 | 2 | 6 | 4 | 5 | 8 |
| 8 | 4 | 6 | 9 | 1 | 5 | 7 | 3 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପିଲାଙ୍କ ମନକୁ ବୁଝନ୍ତୁ

ମହାଶୟ,

ପିଲାମାନେ କେବଳ ଦେଖିବାକୁ ସାନ। ମନ କିନ୍ତୁ ବିଶାଳ। ହୃଦୟ ଦିଗନ୍ତ ବ୍ୟାପି ପରିବ୍ୟାପ୍ତ। ପିଲାଙ୍କ ଛୋଟ ଶରୀର ଦେଖି ପ୍ରାୟତଃ ବଡ଼ ଲୋକଙ୍କ କେବଳ ତାଗିଦ ରହେ ସିନା କିନ୍ତୁ ମନ, ହୃଦୟକୁ ବୁଝି ପିଲାଙ୍କ ସହିତ ମେଳ ଖୁଆଇବା କମ ଲୋକଙ୍କ ଭାଗ୍ୟରେ ଥାଏ। ପିଲାଙ୍କ ମନ ଅତ୍ୟନ୍ତ ସମ୍ବେଦନଶୀଳ ଓ ସୃଜନଶୀଳ। ସେମାନଙ୍କ ମନକୁ ବୁଝିବା ମାନେ ତାଙ୍କ ଭବିଷ୍ୟତକୁ ଗଢ଼ିବା ସହିତ ସମାନ। ଏହାକୁ କିନ୍ତୁ ଅଧିକାଂଶ ସ୍ଥାନରେ ଅଣଦେଖା କରାଯାଇଥାଏ। ଯେଉଁ ଅଭିଭାବକ ପିଲାଙ୍କ କୌଣସି ପ୍ରକାର ଯତ୍ନ ଓ ଆବଶ୍ୟକତା ପ୍ରତି ଅବହେଳା କରି ନ ଥାନ୍ତି ସେହି ପିଲା ଦିନେ ପରିବାର କାହିଁକି ଦେଶ ଓ ସମାଜ ପାଇଁ ମେରୁଦଣ୍ଡ ହୋଇ ଠିଆ ହୁଅନ୍ତି। ପିଲାମାନେ ସ୍ନେହ, ସୁରକ୍ଷା ଓ ପ୍ରୋତ୍ସାହନ ଚାହାନ୍ତି। ବଡ଼ମାନଙ୍କର କଥା, ବ୍ୟବହାର ଓ ପରିବେଶ ପିଲାଙ୍କ ମନରେ ଗଭୀର ପ୍ରଭାବ ପକାଏ। ଏହାର ଅଭାବ ପିଲାଙ୍କଠାରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ଯଦି ସେମାନେ ସବୁବେଳେ ଅବହେଳାର ଶିକାର ହୁଅନ୍ତି, ତେବେ ସେମାନଙ୍କ ଆତ୍ମବିଶ୍ୱାସ କମିଯାଏ। ଫଳରେ ସେମାନେ ଲକ୍ଷ୍ୟ ବିଚ୍ୟୁତ ହୋଇଯାନ୍ତି। ତେଣୁ ପିଲାଙ୍କ ମନ ସହିତ ଗୁରୁ ଓ ଅଭିଭାବକଙ୍କ ମନ ମଧ ନିର୍ମଳ ହେବା ଆବଶ୍ୟକ। ପିଲାଙ୍କ ସୃଜନାତ୍ମକ ଆଗ୍ରହ ପ୍ରତି ସକାରାତ୍ମକ ମନୋଭାବ ପୋଷଣ କରିବା ଉଚିତ। ପିଲାଙ୍କ ପ୍ରଶ୍ନର ଉତ୍ତର ଦେବା, ମତାମତ ଶୁଣିବା ଓ ସେମାନଙ୍କୁ ଖେଳିବାକୁ ସମୟ ଦେବା ଆବଶ୍ୟକ। ଏହାଦ୍ୱାରା ପିଲାଙ୍କ ସୃଜନଶୀଳତା ସହିତ ବୌଦ୍ଧିକ ଜ୍ଞାନର ପରିପ୍ରକାଶ ଘଟିଥାଏ। ପିଲାଙ୍କୁ ଭଲ ପରିବେଶ ଦେବା ଦରକାର। ସ୍ୱଚ୍ଛ ଓ ନିର୍ମଳ ପରିବେଶ ସେମାନଙ୍କୁ ସୁନ୍ଦର ମଣିଷ ଭାବେ ଗଢ଼ିତୋଳିବାରେ ସହାୟକ ହୋଇଥାଏ। ତେଣୁ ପିଲାଙ୍କ ମନ ସହିତ ଅଭିଭାବକଙ୍କ ଧ୍ୟାନ ଜୀବନ ଜିଇବାର ଏକ ବଡ଼ ଆକର୍ଷଣ ଭାବେ ଧରାଯିବ।

-ଡା. ରାଜାରାମ ଷଡ଼ଙ୍ଗୀ, ସମ୍ବଲପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com
(Use only for letters to Editor, news & news photos)



ବିଏସ୍ଇ ସେନ୍‌ସେକ୍ସ
୭୮,୪୯୩ (+୫୦୪.୮୬)



୧ ଡଲାର = ୯୨.୬୦ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍
(ପ୍ରତି ବ୍ୟାରେଲ୍)
୮୩.୮୫ ଡଲାର

# ଅନିଲ ଅଗ୍ରୱାଲଙ୍କ ବିରୋଧରେ ଏଫ୍‌ଆଇଆର୍‌କୁ ନବୀନ ଜିନ୍ଦଲଙ୍କ ନିନ୍ଦା



### ଛତିଶଗଡ଼ର ବଏଲର ବିସ୍ଫୋରଣ ମାମଲା

ଭୁବନେଶ୍ୱର,୧୮।୪(ଅନୁରାଧା ମହାରଣା)

ଛତିଶଗଡ଼ର ସିଙ୍ଘିତାରାଇରେ ସମ୍ପ୍ରତି ଘଟିଥିବା ବଏଲର ବିସ୍ଫୋରଣ ଦୁର୍ଘଟଣାରେ ଜିନ୍ଦଲ ଷ୍ଟିଲ୍‌ର ଅଧ୍ୟକ୍ଷ ନବୀନ ଜିନ୍ଦଲ ବେଦାନ୍ତ ଗ୍ରୁପ୍‌ର ଅଧ୍ୟକ୍ଷ ଅନିଲ ଅଗ୍ରୱାଲଙ୍କୁ ବିରୋଧରେ ଏଫ୍‌ଆଇଆର୍‌କୁ ନିନ୍ଦା କରିଛନ୍ତି। ଏ ନେଇ ଜିନ୍ଦଲ କହିଛନ୍ତି, ଛତିଶଗଡ଼ର ଦୁଃଖଦ ଘଟଣା ଅତ୍ୟନ୍ତ ଯନ୍ତ୍ରଣାଦାୟକ। ୨୦ ପରିବାର ସବୁକିଛି ହରାଇଛନ୍ତି। ଉପଯୁକ୍ତ କ୍ଷତିପୂରଣ, ପରିବାର ପାଇଁ ଜୀବିକା ସହାୟତା ଏବଂ ଏକ ସମ୍ପୂର୍ଣ୍ଣ ତଦନ୍ତ ଆଲୋଚନା କରାଯାଇପାରିବ ନାହିଁ। ସେହି ସମୟରେ ତଥ୍ୟ ପ୍ରମାଣିତ ହେବା ପୂର୍ବରୁ ଅଗ୍ରୱାଲଙ୍କ ନାମ ଏଫ୍‌ଆଇଆର୍‌ରେ ରଖିବା ନିଷ୍ପତ୍ତି ଉପରେ ସେ ପ୍ରଶ୍ନ ଉଠାଇଥିଲେ। ମାତ୍ର କୌଣସି ତଦନ୍ତ ପୂର୍ବରୁ ଅନିଲ ଅଗ୍ରୱାଲଙ୍କ ନାମ ଏଫ୍‌ଆଇଆର୍‌ରେ ରଖିବା ଗୁରୁତର ଚିନ୍ତା ସୃଷ୍ଟି କରୁଥିବା ସେ କହିଛନ୍ତି। ସେ କହିଛନ୍ତି, ସେହି ପ୍ଲାଣ୍ଟର କାର୍ଯ୍ୟରେ ତାଙ୍କର କୌଣସି ଭୂମିକା ନ ଥିଲା। ଯେତେବେଳେ ପିଏସ୍‌ୟୁ ପ୍ଲାଣ୍ଟ କିମ୍ବା ରେଳପଥରେ ଦୁର୍ଘଟଣା ଘଟେ, ଆମେ ଅଧ୍ୟକ୍ଷଙ୍କ ନାମ ନେଉ ନ ଥିବାବେଳେ ଘରୋଇ କ୍ଷେତ୍ରରେ ମଧ୍ୟ ସମାନ ନିୟମ ରହିବା ଦରକାର ବୋଲି ଜିନ୍ଦଲ କହିଛନ୍ତି। ଅନିଲ ଅଗ୍ରୱାଲଙ୍କ ବିରୋଧରେ ଦାଏର ହୋଇଥିବା ମାମଲା ଭିତ୍ତିହୀନ ବୋଲି ସେ କହିଛନ୍ତି।

# ସଦିଚ୍ଛା ଥିଲେ ସଫଳତା ନିଶ୍ଚୟ ମିଳେ



ପ୍ରୀତି ପଲ୍ଲବୀ ପଟ୍ଟନାୟକ





**ଓସିରିସ୍ ଏଗ୍ରିଟେଲ୍ ପ୍ରାଇଭେଟ୍ ଲିମିଟେଡ୍ ଅଧୀନ 'ଓଡ଼ିଶା କଫି'ର ପ୍ରତିଷ୍ଠାତା ହେଉଛନ୍ତି ପ୍ରୀତି ପଲ୍ଲବୀ ପଟ୍ଟନାୟକ। କୋରାପୁଟ କଫିର ପ୍ରଚାରପ୍ରସାର କ୍ଷେତ୍ରରେ 'ଓଡ଼ିଶା କଫି'ର ଯଥେଷ୍ଟ ଅବଦାନ ରହିଥିବାବେଳେ ପ୍ରୀତି ପଲ୍ଲବୀ ସର୍ବଦା ଓଡ଼ିଶାର ଚାଷୀଙ୍କୁ ଗୁରୁତ୍ୱ ଦେଇଆସିଛନ୍ତି। ଏହି ଆଉଟଲେଟ୍ ମାଧ୍ୟମରେ ଓଡ଼ିଶାର ସଂସ୍କୃତିର ପ୍ରଚାରପ୍ରସାରକୁ ମଧ୍ୟ ପ୍ରାଧାନ୍ୟ ଦେଉଥିବା ପ୍ରୀତି ପଲ୍ଲବୀଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍‌କାର...**

**ପ୍ର-କୋରାପୁଟରେ ଚାଷ କରାଯାଉଥିବା 'ଆରାବିକା କଫି'ର ପ୍ରଚାର ପାଇଁ 'ଓଡ଼ିଶା କଫି' କିପରି ଅନୁପ୍ରାଣିତ ହେଲା?**

ଉ- ଓଡ଼ିଶା କଫି ଆମର ସାମାଜିକ ସଂଗଠନ କଳିଙ୍ଗ ଦେଶୀଏଗ୍ରୋ ଫାଉଣ୍ଡେଶନ (କେଡିଏଫ୍)ର ଏକ ସମ୍ପ୍ରସାରଣ। କୋରାପୁଟର କଫି ସହିତ କାମ କରୁଥିବା ସମୟରେ ଆମ ବନ୍ଧୁ ଓ ପରିବାର ଲୋକେ ଉତ୍ତମମାନର କଫି (ରୋଷ୍ଟେଡ୍ ବିନ୍ସ) ଖୋଜୁଥିଲେ। ପ୍ରଥମେ ଆମେ ସେମାନଙ୍କୁ ଛୋଟ ଛୋଟ ବ୍ୟାଚ୍ ଦେଉଥିଲୁ। ପରେ ଭୁବନେଶ୍ୱରରେ କଫି ପପ୍-ଅପ୍ ଆୟୋଜନ କରି ଲୋକଙ୍କୁ କୋରାପୁଟ କଫି ଚଖାଇଲୁ। କୋରାପୁଟର ଉଚ୍ଚ ମାନର କଫିକୁ ସତେଜ ଭାବେ ରୋଷ୍ଟ କରି ଲୋକଙ୍କ ପାଖରେ ପହଞ୍ଚାଇବା ଏବଂ ଏକ ସ୍ୱତନ୍ତ୍ର ଗ୍ରାହକ ଗୋଷ୍ଠୀ ତିଆରି କରିବା ପାଇଁ 'ଓଡ଼ିଶା କଫି' ବ୍ରାଣ୍ଡର ଜନ୍ମ ହେଲା।

**ପ୍ର-କଳିଙ୍ଗ ଦେଶୀଏଗ୍ରୋ ଫାଉଣ୍ଡେଶନ (କେଡିଏଫ୍) କୃଷକଙ୍କୁ କିପରି ସହାୟତା ପ୍ରଦାନ କରୁଛି?**

ଉ- କେଡିଏଫ୍‌ମାଧ୍ୟମରେ ଆମେ କୋରାପୁଟର ଚାଷୀଙ୍କ ସହ ସିଧାସଳଖ କାମ କରୁ, ଯାହା ଫଳରେ ଚାଷଠାରୁ ଆରମ୍ଭ କରି ଅମଳ ପର୍ଯ୍ୟନ୍ତ ସବୁ ପ୍ରକ୍ରିୟା ଉପରେ ଆମର ନଜର ରହିଥାଏ। କେଡିଏଫ୍‌ର କଫି ପ୍ରକ୍ରିୟାକରଣ ୟୁନିଟ୍ ଚାଷଜମିରୁ ଚୂଡ଼ାନ୍ତ ଉତ୍ପାଦ ପର୍ଯ୍ୟନ୍ତ ଗୁଣବତ୍ତା ବଜାୟ ରଖିବାରେ ସାହାଯ୍ୟ କରେ। ମଧ୍ୟସ୍ଥମାନଙ୍କୁ ବାଦ୍ ଦେଇ ଆମେ ସିଧାସଳଖ ଚାଷୀଙ୍କଠାରୁ କଫି ସଂଗ୍ରହ କରୁ, ଯାହାଦ୍ୱାରା ସେମାନେ ବଜାର ଦରଠାରୁ ଅଧିକ ମୂଲ୍ୟ ପାଇପାରୁଛନ୍ତି। ଏହା ଚାଷୀଙ୍କ ସହ ଆମର ଏକ ଦୀର୍ଘକାଳୀନ ସମ୍ପର୍କ ସ୍ଥାପନ କରିବା ସହ କଫିର ମାନ ବୃଦ୍ଧି କରିବାରେ ସହାୟକ ହେଉଛି।

**ପ୍ର- ବର୍ତ୍ତମାନ ପର୍ଯ୍ୟନ୍ତ ଆପଣଙ୍କ ଯାତ୍ରା କିପରି ରହିଛି? କଫି କାଫେରେ କେଉଁ ନୂଆ ଜିନିଷ କରୁଛନ୍ତି?**

ଉ- ଆମର ଯାତ୍ରା ସ୍ୱାଭାବିକ ଏବଂ ପରିବର୍ତ୍ତନଶୀଳ ରହିଛି। ପ୍ରଥମେ ଆମେ କେବଳ ଅନ୍‌ଲାଇନ (ଡି୨ସି) ମାଧ୍ୟମରେ କଫି ବିକ୍ରି କରିବାକୁ ଚାହୁଁଥିଲୁ, କିନ୍ତୁ ଭୁବନେଶ୍ୱର ପଟିଆରେ ଏକ ସେଲୁନ ଭିତରେ କାଫେ ଖୋଲିବାର ସୁଯୋଗ ମିଳିଲା। ଏହା ଆମକୁ ସହରର କଫି ସଂସ୍କୃତିକୁ ଏକ ନୂଆ ରୂପ ଦେବା ପାଇଁ ସୁଯୋଗ ଦେଲା। ଆଜି 'ଓଡ଼ିଶା କଫି' କେବଳ ଏକ ଉତ୍ପାଦ ନୁହେଁ, ବରଂ ଏକ ସାଂସ୍କୃତିକ ଅନୁଭୂତି। ଆମେ 'ଲାଟେ ଆର୍ଟ' ୱାର୍କଶପ ଏବଂ 'କଫି ରେଭ୍ସ' ଭଳି କାର୍ଯ୍ୟକ୍ରମ କରୁଛୁ। ପାନୀୟ କ୍ଷେତ୍ରରେ ଆମେ କୋକୋନଟ କ୍ଲାଉଡ୍ କଫି ଏବଂ ପିସ୍ତା ଲାଟେ ଭଳି ଅନ୍ତର୍ଜାତୀୟ ଟ୍ରେଣ୍ଡ ସହିତ ମାଣ୍ଡିଆ କଫି, ଛତୁଆ କଫି ଏବଂ ମହୁଲ ଫୁଲ କୋଲ୍ଡ ବ୍ରୁ ଭଳି ସ୍ଥାନୀୟ ସ୍ୱାଦକୁ ମଧ୍ୟ ସାମିଲ କରିଛୁ।

**ପ୍ର- 'ଓଡ଼ିଶା ଅନ୍‌ସ୍କ୍ରିପ୍ଟେଡ୍' ଭଳି କାର୍ଯ୍ୟକ୍ରମ କଫି ଶିକ୍ଷା ଏବଂ ସାଂସ୍କୃତିକ କାହାଣୀ ପ୍ରଚାରରେ କିପରି ସାହାଯ୍ୟ କରୁଛି?**

ଉ- ଓଡ଼ିଶା ଅନ୍‌ସ୍କ୍ରିପ୍ଟେଡ୍ ହେଉଛି ଏକ ସାମାଜିକ ପ୍ଲାଟ୍‌ଫର୍ମ, ଯାହା 'ଓଡ଼ିଶା କଫି'କୁ କେବଳ ଏକ କାଫେ ମଧ୍ୟରେ ସୀମିତ ନ ରଖି ଆଳାପ ଏବଂ ସାଂସ୍କୃତିକ ଆଦାନପ୍ରଦାନର ଏକ କେନ୍ଦ୍ରରେ ପରିଣତ କରେ। ଏହା କେବଳ କଫିପ୍ରେମୀଙ୍କ ପାଇଁ ନୁହେଁ, ବରଂ ସମସ୍ତଙ୍କ ପାଇଁ ଏକ ମାଧ୍ୟମ। ଏଠାରେ କଫି ବିଷୟରେ ଶିକ୍ଷା ଦେବା ଅପେକ୍ଷା ଲୋକଙ୍କୁ କଫିର ଅନୁଭୂତି ଦେବା ଉପରେ ଗୁରୁତ୍ୱ ଦିଆଯାଏ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ଓଡ଼ିଆ ପରିଚୟ ଏବଂ ସଂସ୍କୃତିକୁ ନୂତନ ପିଢ଼ି ପାଖରେ ପହଞ୍ଚାଇବାକୁ ଚେଷ୍ଟା କରୁଛୁ।

**ପ୍ର- ଆପଣ କାହିଁକି ଏହି ବ୍ୟବସାୟକୁ ବାଛିଲେ? ନୂତନ ଉଦ୍ୟୋଗୀମାନଙ୍କୁ ଆପଣ କି ପରାମର୍ଶ ଦେବେ?**

ଉ-ସତ କହିବାକୁ ଗଲେ, 'ଓଡ଼ିଶା କଫି' କୌଣସି ଯୋଜନାବଦ୍ଧ ବ୍ୟବସାୟ ନ ଥିଲା। ଏହା ଆମର ସାମାଜିକ ଲକ୍ଷ୍ୟର ଏକ ଅଂଶ ଥିଲା। ଆମର ଉଦ୍ଦେଶ୍ୟ ଥିଲା ଭୁବନେଶ୍ୱରରେ ଏକ କଫି ପରିବେଶ ସୃଷ୍ଟି କରିବା ଏବଂ କୋରାପୁଟ କଫିକୁ ସ୍ୱତନ୍ତ୍ର ପରିଚୟ ଦେବା। କଫି ଚାଷୀଙ୍କୁ ବଜାର ସହ ଯୋଡ଼ିବା ଏବଂ ଏକ ସ୍ଥାୟୀ ଜୀବିକା ପ୍ରଦାନ କରିବାକୁ ଆମେ ଚାହୁଁଥିଲୁ। ନୂତନ ଉଦ୍ୟୋଗୀମାନଙ୍କ ପାଇଁ ମୋର ପରାମର୍ଶ ହେଉଛି, କଫି ବଜାର ସବୁବେଳେ ପରିବର୍ତ୍ତନଶୀଳ, ତେଣୁ ଶିଖିବାକୁ ଚେଷ୍ଟା କରନ୍ତୁ। ନିଜର ବ୍ରାଣ୍ଡକୁ ସ୍ୱତନ୍ତ୍ର କରନ୍ତୁ ଏବଂ ଧୈର୍ଯ୍ୟ ଧରନ୍ତୁ। ମନରେ ସଦିଚ୍ଛା ଥିଲେ ସଫଳତା ନିଶ୍ଚୟ ମିଳିବ।

# ଓଡ଼ିଶାରେ ୪ ପ୍ରମୁଖ ନୂତନ ଲାଇନ ପ୍ରକଳ୍ପ ତ୍ୱରାନ୍ୱିତ

ଭୁବନେଶ୍ୱର,୧୮।୪(ଅନୁରାଧା ମହାରଣା)



ପୂର୍ବତଟ ରେଳପଥ ଓ ରାଜ୍ୟ ସରକାରଙ୍କ ସମନ୍ୱୟରେ ଦକ୍ଷିଣ ଏବଂ ପଶ୍ଚିମ ଓଡ଼ିଶାରେ ୪ଟି ପ୍ରମୁଖ ନୂତନ ରେଳ ଲାଇନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ମୋଟ ୬,୮୭୯ କୋଟିରୁ ଅଧିକ ଟଙ୍କାର ମିଳିତ ନିବେଶ ଏବଂ ୩୮୨ ରୁଟ୍ କିଲୋମିଟର ଲମ୍ବ ସହ ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟର ଦୁର୍ଗମ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସଂଯୋଗୀକରଣକୁ ଉନ୍ନତ କରିବା ଲକ୍ଷ୍ୟ ରଖିଛି। ପୂର୍ବତଟ ରେଳପଥ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଏପ୍ରିଲ ୧୬ରେ ଏକ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଥିଲା। ଏହି ବୁଝାମଣାପତ୍ର ଜମି ଅଧିଗ୍ରହଣକୁ ତ୍ୱରାନ୍ୱିତ କରିବା, ସମୟସୀମା ମଧ୍ୟରେ ମଞ୍ଜୁରୀ ସୁନିଶ୍ଚିତ କରିବା ଏବଂ ମିଳିତ ତଦାରଖ ମାଧ୍ୟମରେ କ୍ଷେତ୍ରସ୍ତରୀୟ ସମସ୍ୟାର ସମାଧାନ କରିବା ପାଇଁ ଏକ ସଂରଚିତ ସମନ୍ୱୟ ବ୍ୟବସ୍ଥା ପ୍ରଦାନ କରେ। ଏହି ରାଜିନାମା ପ୍ରକଳ୍ପ କାର୍ଯ୍ୟକାରିତାରେ ଅଧିକ ଗତି, ଉତ୍ତରଦାୟିତ୍ୱ ଏବଂ ସମନ୍ୱୟ ଆଣିବାରେ ସହାୟକ ହେଉଛି। ଜମି ଅଧିଗ୍ରହଣ, ଜଙ୍ଗଲ ମଞ୍ଜୁରୀ, ଟେଣ୍ଡରିଂ ଏବଂ ନିର୍ମାଣ କାର୍ଯ୍ୟ ମିଶନ ମୋଡ୍‌ରେ ଅଗ୍ରଗତି କରୁଛି। 'ସ୍ୱତନ୍ତ୍ର ରେଳ ପ୍ରକଳ୍ପ' ମାନ୍ୟତା ପ୍ରଦାନ ଏକ ପ୍ରମୁଖ କାର୍ଯ୍ୟକାରୀ ହୋଇଛି। ଜୟପୁର-ମାଲକାନଗିରି ନୂତନ ରେଳ ଲାଇନ ପ୍ରକଳ୍ପ (୧୨୬ କିଲୋମିଟର) ରେଳପଥ ଦ୍ୱାରା ୭୫% ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ୨୫% ପାଣ୍ଠି ସହ ୨,୩୪୩.୬୪ କୋଟି ଟଙ୍କାରେ ମଞ୍ଜୁର ହୋଇଥିବା ଏହି ପ୍ରକଳ୍ପଟି ଜମି ଅଧିଗ୍ରହଣ ଏବଂ ଜଙ୍ଗଲ ମଞ୍ଜୁରୀ କ୍ଷେତ୍ରରେ ପ୍ରମୁଖ ସଫଳତା ହାସଲ କରିଛି। ୭୪୭.୯୧ କୋଟି ମୂଲ୍ୟର ଜୟପୁର-ନବରଙ୍ଗପୁର ନୂତନ ରେଳପଥ ପ୍ରକଳ୍ପ (୪୪.୧୪ କିଲୋମିଟର)ରେ ଓଡ଼ିଶା ସରକାର ଜମି ଖର୍ଚ୍ଚ ସହ ନିର୍ମାଣ ଖର୍ଚ୍ଚର ୫୦% ବହନ କରୁଥିବା ବେଳେ ଅବଶିଷ୍ଟ ୫୦% ଖର୍ଚ୍ଚ ରେଳବାଇ ପକ୍ଷରୁ ଯୋଗାଣ କରାଯାଉଛି। ୨,୩୪୩.୬୪ କୋଟି ଟଙ୍କା ମୂଲ୍ୟରେ ବରଗଡ଼-ନୂଆପଡ଼ା ନୂତନ ରେଳପଥ ପ୍ରକଳ୍ପ (୧୩୮.୩୨ କିଲୋମିଟର)ରେ ୭୫% ପାଣ୍ଠି ରେଳପଥ ଓ ୨୫% ଓଡ଼ିଶା ସରକାର ଯୋଗାଇଛନ୍ତି। ବରଗଡ଼ ଜିଲାରେ ଘରୋଇ ଜମି ଅଧିଗ୍ରହଣ ନିମନ୍ତେ ସମସ୍ତ ୭୯ଟି ଗ୍ରାମ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବା ଲାଗି ୨୦ଏ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ପରବର୍ତ୍ତୀ ସମୟରେ ୨୦ଇ ଗେଜେଟ୍ ବିଜ୍ଞପ୍ତି ଜାରି କରାଯାଇଛି ଏବଂ ୬ଟି ଗ୍ରାମ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୧,୧୬୫.୮୯ କୋଟି ଟଙ୍କାର ଅନୁମୋଦିତ ମୂଲ୍ୟ ଗୁଣପୁର-ଥେରୁବାଲି ନୂତନ ଲାଇନ ପ୍ରକଳ୍ପ (୭୩.୬୨ କିଲୋମିଟର)ରେ ଜମି ଅଧିଗ୍ରହଣ ଏବଂ ଟେଣ୍ଡର ପ୍ରକ୍ରିୟାରେ ଏକକାଳୀନ ପ୍ରଗତି ଦେଖାଯାଉଛି।

# ଟିପିସିଓଡିଏଲ୍ ପକ୍ଷରୁ କଷ୍ଟମର ରିୱାର୍ଡ କାର୍ଯ୍ୟକ୍ରମ ଆରମ୍ଭ

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ଭୁବନେଶ୍ୱର,୧୮।୪(ଅନୁରାଧା ମହାରଣା)

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ 'କଷ୍ଟମର ରିୱାର୍ଡ କାର୍ଯ୍ୟକ୍ରମ' ର ଶୁଭାରମ୍ଭ କରାଯାଇଛି। ଗ୍ରାହକଙ୍କ ସହ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଏବଂ ନିଜର ସେବା ଯୋଗାଣ ଅଞ୍ଚଳରେ ଉପଭୋକ୍ତାମାନଙ୍କୁ ଭରସାଯୋଗ୍ୟ ସେବା ପ୍ରଦାନ କରିବ। ଏହି ସ୍ୱତନ୍ତ୍ର ପଦକ୍ଷେପ ମାଧ୍ୟମରେ ଗ୍ରାହକମାନେ ବିଭିନ୍ନ ବ୍ରାଣ୍ଡ ଉପରେ ସର୍ବାଧିକ ୩୦% ପର୍ଯ୍ୟନ୍ତ ରିହାତି ପାଇବାର ସୁଯୋଗ ପାଇବେ। ଏହାର ପ୍ରମୁଖ ସୁବିଧାଗୁଡ଼ିକ ମଧ୍ୟରେ ଆମୋଦ ପ୍ରମୋଦ ପାର୍କ ଟିକେଟ ଉପରେ ସ୍ୱତନ୍ତ୍ର ରିହାତି, ଗ୍ରୋସେରି କିଣାକିଣି ଉପରେ କ୍ୟାଶ୍‌ବ୍ୟାକ୍ ଏବଂ ଇଲେକ୍ଟ୍ରୋନିକ୍ ଉପକରଣ କିଣିବା ସମୟରେ ଅର୍ଥ ସଞ୍ଚୟ କରିବାର ସୁବିଧା ରହିଛି। ଏହା ବ୍ୟତୀତ ଗ୍ରାହକମାନେ ଫିଟ୍‌ନେସ୍ ସଦସ୍ୟତା ଏବଂ ବିଭିନ୍ନ ଆତିଥ୍ୟ ସେବା କ୍ଷେତ୍ରରେ ମଧ୍ୟ ଆକର୍ଷଣୀୟ ଲାଭ ପାଇପାରିବେ। ୭ଟି ଅଂଶୀଦାର କମ୍ପାନୀ ଏବଂ ୨୦ରୁ ଅଧିକ ପ୍ରତିଷ୍ଠିତ ବ୍ରାଣ୍ଡର ସହଯୋଗରେ ବିକଶିତ ଏହି କାର୍ଯ୍ୟକ୍ରମ ଟିପିସିଓଡିଏଲ୍‌ର ୩୦ ଲକ୍ଷରୁ ଅଧିକ ଉପଭୋକ୍ତାଙ୍କ ପାଇଁ ଏକ ବ୍ୟାପକ ପୁରସ୍କାର ବ୍ୟବସ୍ଥା ସୃଷ୍ଟି କରୁଛି। ଏହି କାର୍ଯ୍ୟକ୍ରମରେ ବିଗ୍ ବାସ୍କେଟ୍ ଏବଂ କ୍ରୋମା ଭଳି ପ୍ରମୁଖ ଟାଟା ବ୍ରାଣ୍ଡଗୁଡ଼ିକ ସାମିଲ ହୋଇଛନ୍ତି। ଆତିଥ୍ୟ ସେବା କ୍ଷେତ୍ରରେ ଆଇଟିସି ୱେଲ୍‌କମ୍ ହୋଟେଲ ଏବଂ ଲାଇଫ୍ ହୋଟେଲ ଭଳି ଅଂଶୀଦାରମାନେ ଗ୍ରାହକଙ୍କୁ ସେବା ଯୋଗାଇଦେବେ। ଏହା ବ୍ୟତୀତ ୱାଣ୍ଡରଲା ଆମ୍ୟୁଜମେଣ୍ଟ ପାର୍କ ଏବଂ ଗ୍ରାହକମାନେ ୟୁସିବି, ଫାଷ୍ଟ୍ରାଏ, ଟମି ହିଲ୍‌ଫିଗର, ଯାତ୍ରା, ମେଡିବଡି, ନିମାନ୍ସ ଏବଂ ଅର୍ବାନ ଜଙ୍ଗଲ ପ୍ରଭୃତିରେ ମଧ୍ୟ ବିଭିନ୍ନ ଅଫରର ଲାଭ ଉଠାଇପାରିବେ। ଏହି କାର୍ଯ୍ୟକ୍ରମରେ ଟାଟା ପାୱାରର ଚିଫ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ବିଜ୍‌ନେସ୍ ଗଜାନନ କାଲେ ଏବଂ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂହ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ଟାଟା ଇଣ୍ଟ୍ରା ଇଭିର କୋଷ୍ଟ ଟୁ ହିଲ୍ ଡ୍ରାଇଭ ଚ୍ୟାଲେଞ୍ଜ



ଫୁଲନଖରା,୧୮।୪(ସତ୍ୟରଞ୍ଜନ ଦାସ ମହାପାତ୍ର)

ଟାଟା ମୋଟର୍ସ ପକ୍ଷରୁ ଶନିବାର କଟକ ଫୁଲନଖରାସ୍ଥିତ ତୃପ୍ତି ଅଟୋମୋଟିଭସର ନୂତନ ଟାଟା ଇଣ୍ଟ୍ରା ଇଭି ସହ 'କୋଷ୍ଟ ଟୁ ହିଲ୍' ଡ୍ରାଇଭ୍ ଚ୍ୟାଲେଞ୍ଜର ଶୁଭାରମ୍ଭ କରିଛି। ରାସ୍ତା ଓ ପରିସ୍ଥିତିରେ ଗାଡିର ଅସଲ କାର୍ଯ୍ୟକ୍ଷମତାକୁ ଦେଖାଇବା, ଯାହା ସମୁଦ୍ରତଟରୁ ପାହାଡି ଅଞ୍ଚଳ ପର୍ଯ୍ୟନ୍ତ ଯାତ୍ରା କରିବ। ଏହି ଯାତ୍ରାଟି ବାଲେଶ୍ୱରରୁ ଆରମ୍ଭହୋଇ ମାଲକାନଗିରି ପର୍ଯ୍ୟନ୍ତ ଯିବାର ଯୋଜନା ଅଛି। ଏହି ରୁଟ୍‌ରେ ୧୫ଟି ଚାର୍ଜ ଷ୍ଟେଶନ୍ ଅଛି, ଯାହା ଏହି ଯାତ୍ରା ଜରିଆରେ ସାଧାରଣ ଜନତାଙ୍କ ମନରେ ଚାର୍ଜ ସୁବିଧାକୁ ନେଇଥିବା ଭୟକୁ ଦୂର କରିବ। ଏହି ଅବସରରେ ତୃପ୍ତି ଅଟୋମୋଟିଭ୍ସର ଏମଡି ବିମଳେନ୍ଦୁ ମହାନ୍ତି କହିଥିଲେ, ଟାଟା ଇଣ୍ଟ୍ରା ଏହାର ନିର୍ଭରଯୋଗ୍ୟତା ଏବଂ କାର୍ଯ୍ୟଦକ୍ଷତା ପାଇଁ ବିଭିନ୍ନ ସେଗମେଣ୍ଟରେ ଗ୍ରାହକଙ୍କ ବିଶ୍ୱାସ ଅର୍ଜନ କରିସାରିଛି। ଏହା ସହ ଅଙ୍କିତ୍ ମହାନ୍ତି କହିଥିଲେ, କ୍ଷମତାସମ୍ପନ୍ନ, ସ୍ୱଳ୍ପ ଖର୍ଚ୍ଚ ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ଇଣ୍ଟ୍ରା ଇଭି ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ବଜାରରେ ବିକଶିତ ବ୍ୟବସାୟିକ ଆବଶ୍ୟକତା ପୂରଣ କରିବା ସହିତ ଏକ ସ୍ଥାୟୀ ଭବିଷ୍ୟତକୁ ଉତ୍ସାହିତ କରେ।

# ସ୍ମାଇଲ୍ ଗୋଲ୍ଡର ଅକ୍ଷୟ ତୃତୀୟା ଅଫର ଘୋଷଣା

ଭୁବନେଶ୍ୱର,୧୮।୪(ଅନୁରାଧା ମହାରଣା)

SMILE GOLD JEWELLERS

ଭୁବନେଶ୍ୱର ଶହୀଦନଗରସ୍ଥିତ ସ୍ମାଇଲ୍ ଗୋଲ୍ଡ ପକ୍ଷରୁ ଅକ୍ଷୟ ତୃତୀୟା ଅଫର ଘୋଷଣା କରାଯାଇଛି। ଏଥିରେ ସୁନାଗହଣା ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫% ରିହାତି ପ୍ରଦାନ କରାଯାଉଥିବାବେଳେ ବିପିଏଲ୍ କାର୍ଡଧାରୀଙ୍କୁ ଫ୍ଲାଟ୍ ୪.୫% ରିହାତି ଦିଆଯାଉଛି। ପ୍ରତିଷ୍ଠାନ ପକ୍ଷରୁ 'ୱାର୍ଡୱିଜ ବମ୍ପର ଲକିଡ୍ର' ମଧ୍ୟ ଘୋଷଣା କରାଯାଇଛି। ଏଥିରେ ଭାଗନେଇ ଗ୍ରାହକମାନେ ପୁରସ୍କାରରେ ଟିଭିଏସ୍ ଜୁପିଟର(ଆର୍‌ଟି ଓ ବୀମା ବିଜେତାଙ୍କ ଦ୍ୱାରା ଦେୟ), ଏଲ୍‌ଇଡି ଟିଭି ଓ ଫ୍ରିଜ୍ ଜିତିପାରିବେ। ଏହାସହ ଗ୍ରାହକମାନେ ସାନ୍ତ୍ୱନାମୂଳକ ପୁରସ୍କାର ଭାବେ ୧୦ଟା ମିକ୍ସର ଗ୍ରାଇଣ୍ଡର ଏବଂ ହାତଘଣ୍ଟା ଜିତିପାରିବେ। ରାମନବମୀଠାରୁ ଆରମ୍ଭ ହୋଇଥିବା ଏହି ଅଫର ଅକ୍ଷୟ ତୃତୀୟାରେ ଶେଷ ହେଉଥିବା ଜୁଏଲର୍ସର ସ୍ୱତ୍ୱାଧିକାରୀ ବାବୁରାମ ସ୍ୱାଇଁ କହିଛନ୍ତି।

# ପୂର୍ବଘାଟ ପର୍ବତମାଳାରେ ରେକର୍ଡ ସଂଖ୍ୟକ ଟନେଲ୍ ନିର୍ମାଣ

ଭୁବନେଶ୍ୱର,୧୮।୪(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଦ୍ୱାରା ପୂର୍ବଘାଟ ପର୍ବତମାଳାର ଜଟିଳ ଭୌଗୋଳିକ ପରିସ୍ଥିତି ମଧ୍ୟରେ ୨୦୨୫-୨୬ ଆର୍ଥିକ ବର୍ଷରେ ୫ଟି ଟନେଲର ଖନନ କାର୍ଯ୍ୟ ସଫଳତାର ସହ ଶେଷ ହୋଇଛି । ଏପ୍ରିଲ ୧୪ରେ କୋରାପୁଟ-ସିଙ୍ଗାପୁର ରୋଡ ଦୋହରୀକରଣ ପ୍ରକଳ୍ପର ସିକରପାଇ-କେଉଟଗୁଡ଼ା ସେକ୍ସନରେ ଥିବା ୧,୦୪୩ ମିଟର ଦୈର୍ଘ୍ୟ ବିଶିଷ୍ଟ ଟନେଲ୍ ନମ୍ବର-୩୦ର ବ୍ରେକ୍‌ଥ୍ରୁ ହୋଇଛି। ୫ ଡିଗ୍ରୀ ବକ୍ରପଥ ଉପରେ ଏହି ଟନେଲ୍ ନିର୍ମାଣ କରାଯାଇଛି। ଏଥିସହିତ ଖୋର୍ଦ୍ଧା ରୋଡ-ବଲାଙ୍ଗୀର ନୂଆ ରେଳ ଲାଇନ୍ ପ୍ରକଳ୍ପରେ ସବୁଠାରୁ ଲମ୍ବା ଟନେଲ୍ ଟି-୪ ଏବଂ ଟନେଲ୍ ଟି-୨ର ଖନନ ହୋଇଛି। ଜୁଲାଇ ୨୦୨୫ରେ ଟି-୫ ଓ ଟି-୬ ଏବଂ ନଭେମ୍ବର ୨୦୨୫ରେ ଟି-୭ ଟନେଲର ଖନନ କାର୍ଯ୍ୟ ହୋଇଛି।

# ଏସ୍‌ବିଆଇ ୟୋନୋ ଏଭିଏଶନ କପ୍: ସିଆଇଏସ୍‌ଏଫ୍ ଚାମ୍ପିୟନ



ଭୁବନେଶ୍ୱର,୧୮।୪(ଅନୁରାଧା ମହାରଣା)

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ( ଏସ୍‌ବିଆଇ) ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏସ୍‌ବିଆଇ ୟୋନୋ ଏଭିଏଶନ କପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଗତ ୧୦ ତାରିଖରୁ ଭୁବନେଶ୍ୱର ବିମାନବନ୍ଦର ଗ୍ରାଉଣ୍ଡରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଭାଗନେଇଥିଲେ। ଶନିବାର ଫାଇନାଲରେ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ (ଏଏଆଇ) ଏବଂ ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ସିଆଇଏସ୍‌ଏଫ୍) ପରସ୍ପରକୁ ଭେଟିଥିଲେ। ପ୍ରଥମେ ବ୍ୟାଟିଂକରି ଏଏଆଇ ୧୧.୫ ଓଭରରେ ୧୦୧ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଜବାବରେ ସିଆଇଏସ୍‌ଏଫ୍ ୭.୩ ଓଭରରେ ୩ ଉଇକେଟରେ ୧୦୩ ରନ କରି ମ୍ୟାଚ୍ ଜିତିନେଇଥିଲା। ସିଆଇଏସ୍‌ଏଫ୍ ନବୀନ ରାୱତ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ଏବଂ ପ୍ଲେୟର ଅଫ୍ ଦି ସିରିଜ୍ ମନୋନୀତ ହୋଇଛନ୍ତି। ଏଏଆଇର ରୋଶନ ଶ୍ରେଷ୍ଠ ବୋଲର ହୋଇଛନ୍ତି। ଚାମ୍ପିୟନ ସିଆଇଏସ୍‌ଏଫ୍‌କୁ ଏସ୍‌ବିଆଇ ଭୁବନେଶ୍ୱର ଡେପୁଟି ଜେନେରାଲ ମ୍ୟାନେଜର୍ ପ୍ରଶାନ୍ତ କୁମାର ବିଜୟ ଟ୍ରଫି ପ୍ରଦାନ କରିଛନ୍ତି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସିଏସ୍‌ଓ ରାକେଶ ଚୌଧୁରୀ, ଏଜିଏମ୍ କୋଲା ବାଲାଜୀ, ସିଏମ୍ ଉମାକାନ୍ତ ଦୀକ୍ଷିତ, ସିଏମ୍ ଯାଜ୍ଞସେନୀ ବରାଳ, ଡେପୁଟି ମ୍ୟାନେଜର ସନ୍ତୋଷ କୁମାର ପୃଷ୍ଟି, ଇନ୍ସପେକ୍ଟର୍ ପ୍ରମୋଦ କୁମାର ସାହୁ ଏବଂ ସବ୍ ଇନ୍ସପେକ୍ଟର ପାର୍ଥ ପାଲ୍ ପ୍ରମୁଖ ଥିଲେ।

# ବିଏସ୍‌ବି ବୋର୍ଡ ପରୀକ୍ଷାଫଳ ପ୍ରକାଶ

ହରିଦ୍ୱାର୧୮।୪

ଭାରତୀୟ ଶିକ୍ଷା ବୋର୍ଡ୍ (ବିଏସ୍‌ବି) ୨୦୨୫-୨୬ ଶିକ୍ଷାବର୍ଷର ଜାତୀୟ ସ୍ତରରେ ଆୟୋଜିତ ୧୦ମ ଓ ୧୨ଶ ବୋର୍ଡ ପରୀକ୍ଷାଫଳ ଘୋଷଣା କରିଛି। ଏହି ବର୍ଷ ଦେଶବ୍ୟାପୀ ବିଏସ୍‌ବି ସହ ସଂଯୁକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉତ୍କୃଷ୍ଟ ପ୍ରଦର୍ଶନକରି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ପରିଣାମରେ ଛାତ୍ରୀଛାତ୍ରଙ୍କ ପରିଶ୍ରମ, ଅନୁଶାସନ ଓ ଶିକ୍ଷକଙ୍କ ମାର୍ଗଦର୍ଶନର ପ୍ରଭାବ ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଛି। ବୋର୍ଡ ପକ୍ଷରୁ ଜଣାଇଛନ୍ତି ଯେ ଛାତ୍ରୀଛାତ୍ରମାନେ ଡିଜିଲକର ମାଧ୍ୟମରେ କିଛି ଆବଶ୍ୟକ ତଥ୍ୟ ଦେଇ ନିଜର ପରିଣାମ ଜାଣିପାରିବେ। ପତଞ୍ଜଳି ଗୁରୁକୁଳମର ଛାତ୍ରୀଛାତ୍ରମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବାବେଳେ ଭାରତୀୟ ଶିକ୍ଷା ବୋର୍ଡସମସ୍ତ ସଫଳ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛି। ସୂଚନା ଥାଉକି, ବିଏସ୍‌ବି ପକ୍ଷରୁ ୫ ମାର୍ଚ୍ଚରୁ ୨୯ ପର୍ଯ୍ୟନ୍ତ ଦେଶବ୍ୟାପୀ ପରୀକ୍ଷା ହୋଇଥିଲା।

# କଟକରେ କିସ୍‌ନାର ଏକ୍ସକ୍ଲୁସିଭ୍ ଶୋ'ରୁମ୍

ଭୁବନେଶ୍ୱର,୧୮।୪(ଅନୁରାଧା ମହାରଣା)



କିସ୍‌ନା ଡାଏମଣ୍ଡ ଓ ଗୋଲ୍ଡ ଜୁଏଲେରି ଓଡ଼ିଶାରେ ତା'ର ପଞ୍ଚମ ଏକ୍ସକ୍ଲୁସିଭ୍ ଶୋ'ରୁମ୍ ଉଦ୍‌ଘାଟନ କରିଛି। କଟକ ସିଡିଏ ସେକ୍ଟର-୬ରେ ଅବସ୍ଥିତ ଏହି ଶୋ'ରୁମ୍‌କୁ ଶନିବାର ହରି କୃଷ୍ଣ ଗ୍ରୁପ୍‌ର ପ୍ରତିଷ୍ଠାତା ତଥା ମ୍ୟାନେଜିଂ ଡାଇରେକ୍ଟର ଘନଶ୍ୟାମ ଢୋଲକିଆ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଡାଏମଣ୍ଡ ଜୁଏଲେରି ଉପରେ ଅତିରିକ୍ତ ୫% ରିହାତି ମିଳିବ। ଏହା ସହ ଚଳିତ ପର୍ବ ଋତୁକୁ ଆହୁରି ଉତ୍ସବମୟ କରିବା ପାଇଁ 'ଅକ୍ଷୟ ହ୍ୟାପିନେସ୍ କ୍ୟାମ୍ପେନ୍' ଅଧୀନରେ 'ସବୁଠାରୁ ବଡ଼ ପର୍ବ ଅଫର' ଘୋଷଣା କରାଯାଇଛି। ଏଥିରେ ଡାଏମଣ୍ଡ ଜୁଏଲେରିର ଗଢ଼ା ମଜୁରିରେ ଫ୍ଲାଟ୍ ୪୦% ଓ ସୁନାଗହଣା ଗଢ଼ା ମଜୁରି ଉପରେ ୩୦% ରିହାତି ରହିଛି। ନିର୍ଦ୍ଦିଷ୍ଟ କ୍ରୟ ଉପରେ ୧୦ଗ୍ରାମ୍ ଓ ୨୦ଗ୍ରାମ୍ ରୁପା ମୁଦ୍ରା ମାଗଣାରେ ମିଳିବ। ପୁରୁଣା ସୁନା ଉପରେ ମଧ୍ୟ ୧୦୦% ଏକ୍ସଚେଞ୍ଜ ମୂଲ୍ୟ ପ୍ରଦାନ କରାଯିବ। ଗ୍ରାହକଙ୍କ ଶପିଙ୍ଗ୍ ଅନୁଭୂତିକୁ ଆହୁରି ସୁବିଧାଜନକ କରିବା ପାଇଁ ଆଇସିଆଇସିଆଇ କ୍ରେଡିଟ୍ ଓ ଡେବିଟ୍ କାର୍ଡ ଉପରେ ୫% ତ୍ୱରିତ ରିହାତି ମିଳିବ। ଡବଲ ରେଟ୍ ପ୍ରୋଟେକ୍ସନ୍ ଲାଭ ସହ ମାତ୍ର ୨୫% ଡାଉନ୍ ପେମେଣ୍ଟରେ ଗ୍ରାହକମାନେ ସୁନାର ରେଟ୍ ଲକ୍ କରିପାରିବେ । ପ୍ରତିଷ୍ଠାନର ସିଇଓ ପରାଗ ଶାହ୍ କହିଛନ୍ତି, କଟକରେ ନୂତନ ଶୋ'ରୁମ୍ ସହ ଆମେ ଗ୍ରାହକଙ୍କୁ ଷ୍ଟାଇଲ, ଆରାମ ଓ ବିବିଧତାପୂର୍ଣ୍ଣ ଜୁଏଲେରି ଶପିଙ୍ଗ୍ ଅନୁଭୂତି ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ। କିସ୍‌ନାର ଏକ୍ସକ୍ଲୁସିଭ୍ ବ୍ରାଣ୍ଡ ଆଉଟ୍‌ଲେଟ୍ ପାର୍ଟନର ସତ୍ୟସ୍ୱରୂପ ବେହେରା କହିଛନ୍ତି, କଟକରେ ତାହାର ଐତିହ୍ୟ ପହଞ୍ଚାଇବା ଆମର ଲକ୍ଷ୍ୟ। ଅକ୍ଷୟ ତୃତୀୟା ଦିନ ଏହି ଲଞ୍ଚ୍ ହେବା ଅବସରକୁ ଆହୁରି ବିଶେଷ କରିଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୌନକ ଆର୍ ପାରିଖ୍, ସୁଦୀପ୍ତା ପାରିଖ, ରାଜ ପାରିଖ ଓ ସ୍ମିତା ପାରିଖ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ଏପ୍ରିଲ ୧୯/୨୦୨୬ Bhubaneswar, Sunday, April 19/ 2026




# ଦିଲ୍ଲୀର ରୋମାଞ୍ଚକ ବିଜୟ

ବେଙ୍ଗାଲୁରୁ,୧୮।୪

ଡେଭିଡ୍ ମିଲରଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ଶନିବାର ଅପରାହ୍ଣରେ ଖେଳାଯାଇଥିବା ଏକ ରୋମାଞ୍ଚକ ଆଇପିଏଲ୍ ମ୍ୟାଚ୍‌ରେ ୬ ଉଇକେଟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ପରାସ୍ତ କରିଛି। ଏହା ଦିଲ୍ଲୀର ୫ ମ୍ୟାଚ୍‌ରେ ତୃତୀୟ ବିଜୟ ହୋଇଥିବା ବେଳେ ଆର୍‌ସିବି ଲାଗି ୬ ମ୍ୟାଚ୍‌ରେ ଏହା ଦ୍ୱିତୀୟ ପରାଜୟ। ଲୋକେଶ ରାହୁଲ ଶନିବାର ଅର୍ଦ୍ଧଶତକୀୟ ପାଳି ଖେଳି ତାଙ୍କର ୩୪ତମ ଜନ୍ମଦିନ ଓ ୧୫୦ତମ ଆଇପିଏଲ୍ ମ୍ୟାଚ୍‌କୁ ସ୍ମରଣୀୟ କରାଇଛନ୍ତି। ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ଟ୍ରିଷ୍ଟାନ ଷ୍ଟବ୍ସ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ବ୍ୟାଟିଂ ଲାଗି କଷ୍ଟକର ପିଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଆର୍‌ସିବି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୭୫ ରନ କରିଥିଲା। ଫିଲିପ୍ ସଲ୍ଟଙ୍କର ୩୮ ବଲରେ ୬୩ (୪ ଚୌକା ଓ ୩ ଛକା) ରନର ଅର୍ଦ୍ଧଶତକୀୟ ଇନିଂସ ଯୋଗୁ ଆର୍‌ସିବି ଏକଦା ୧୨.୩ ଓଭରରେ ୧୩୧/୩ ସ୍କୋର କରିଥିଲା। ହେଲେ ଶେଷ ଆଡ଼କୁ ଟିମ୍ ଡେଭିଡ୍ (୧୭ ବଲ, ୨୬ ରନ, ୩ ଚୌକା ଓ ୧ ଛକା)ଙ୍କୁ ଛାଡ଼ି ଦେଲେ ଅନ୍ୟ ସମସ୍ତ ବ୍ୟାଟର ସଂଘର୍ଷ କରିଥିଲେ। ଦିଲ୍ଲୀ ପାଇଁ ଅଧିନାୟକ ଅକ୍ଷର ପଟେଲ, ଲୁଙ୍ଗି ଏନ୍‌ଗିଡି ଓ କୁଲଦୀପ ଯାଦବ ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭୁବନେଶ୍ୱର କୁମାରଙ୍କ ଘାତକ ବୋଲିଂ ଯୋଗୁ ଦିଲ୍ଲୀ ଆରମ୍ଭରୁ ୩ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଦଳ ୧୮ ରନ ମଧ୍ୟରେ ୩ ଉଇକେଟ ହରାଇ ସଙ୍କଟରେ ଥିବା ବେଳେ ରାହୁଲ ତାଙ୍କର ୩୪ତମ ଜନ୍ମଦିନରେ ନିଜ ଘରୋଇ ଗ୍ରାଉଣ୍ଡରେ ୩୪ ବଲରେ ୫୭ (୬ ଚୌକା ଓ ୨ ଛକା) ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଏଥିସହିତ ସେ ଟ୍ରିଷ୍ଟାନ ଷ୍ଟବ୍ସଙ୍କ ସହ ମିଶି ଚତୁର୍ଥ ଉଇକେଟରେ ୬୯ ରନ ଯୋଡ଼ିଥିଲେ। ଏହାପରେ ଷ୍ଟବ୍ସ ଓ ଅଧିନାୟକ ଅକ୍ଷରଙ୍କ ପଞ୍ଚମ ଉଇକେଟରେ ୩୪ ବଲରେ ୪୭ ରନ ଯୋଡ଼ିଥିଲେ। ହେଲେ ଅତ୍ୟଧିକ ଗରମ ପରିବେଶ କାରଣରୁ ଅକ୍ଷର (୧୯ ବଲ, ୨୬ ରନ, ୩ ଚୌକା) ବାରମ୍ବାର କ୍ରାମ୍ପର ସମ୍ମୁଖୀନ ହୋଇ ରିଟାୟର୍ଡ ହର୍ଟ ହୋଇ ପାଭିଲିଅନ ଫେରିଯାଇଥିଲେ। ତାଙ୍କ ସ୍ଥାନରେ ଆସିଥିବା ଡେଭିଡ୍ ମିଲର ଓ ଷ୍ଟବ୍ସ ଦଳକୁ ଜିତାଇଥିଲେ। ଦିଲ୍ଲୀକୁ ଜିତିବା ପାଇଁ ଅନ୍ତିମ ଓଭରରେ ୧୫ ରନ ଆବଶ୍ୟକ ଥିଲା ବେଳେ ରୋମାରିଓ ଶେଫର୍ଡଙ୍କ ଓଭରର ପ୍ରଥମ ଦୁଇ ବଲରେ ମିଲର ଓ ଟ୍ରିଷ୍ଟାନ ଷ୍ଟବ୍ସ ଗୋଟିଏ ଲେଖାଏ ସିଙ୍ଗଲ ନେଇଥିଲେ। ଏହାପରେ ମିଲର ଲଗାତର ଦୁଇଟି ଛକା ଓ ଚୌକା ମାରି ମ୍ୟାଚ୍ ଫିନିଶ୍ କରିଥିଲେ। ଫଳରେ ଦିଲ୍ଲୀ ୧୯.୫ ଓଭରରେ ୪ ଉଇକେଟ ହରାଇ ୧୭୯ ରନ କରିଥିଲା। ଷ୍ଟବ୍ସ ୪୭ ବଲରେ ୬୦ (୪ ଚୌକା ଓ ୧ ଛକା) ଓ ମିଲର ୧୦ ବଲରେ ୨୨ (୧ ଚୌକା ଓ ୨ ଛକା) ରନ କରି ଅପରାଜିତ ରହିଥିଲେ।



ମ୍ୟାଚ୍ ଫିନିଶ୍ କରିବା ପରେ ଡେଭିଡ୍ ମିଲର।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୨୦ ଓଭରରେ ୧୭୫/୮(ଫିଲିପ ସଲ୍ଟ-୬୩, ଅକ୍ଷର ପଟେଲ-୧/୧୮, କୁଲଦୀପ ଯାଦବ-୨/୩୨, ଲୁଙ୍ଗିଏନ୍‌ଗିଡି-୨/୩୯)। ଦିଲ୍ଲୀ କ୍ୟାପିଟାଲ୍ସ: ୧୯.୫ ଓଭରରେ ୧୭୯/୪ (ଟ୍ରିଷ୍ଟାନ ଷ୍ଟବ୍ସ-୬୦*, ଲୋକେଶ ରାହୁଲ-୫୭, ଅକ୍ଷର ପଟେଲ-୨୬, ଭୁବନେଶ୍ୱର କୁମାର-୩/୨୬, କୃନାଲ ପାଣ୍ଡ୍ୟା-୧/୨୪)।

# ଅଭିଷେକଙ୍କ ବିସ୍ଫୋରକ ଅର୍ଦ୍ଧଶତକ

ହାଇଦ୍ରାବାଦ,୧୮।୪

ଚଳିତ ଆଇପିଏଲ୍‌ରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦ୍ (ଏସ୍‌ଆର୍‌ଏଚ୍) ଓ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ପରସ୍ପରକୁ ଭେଟିଛନ୍ତି। ଅଭିଷେକ ଶର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ହାଇଦ୍ରାବାଦ୍ ପ୍ରତିପକ୍ଷ ଚେନ୍ନାଇ ସମ୍ମୁଖରେ ୧୯୫ ରନର ଚ୍ୟାଲେଞ୍ଜିଂ ଟାର୍ଗେଟ ଛିଡ଼ା କରିଛି।

ଆମନ୍ତ୍ରଣ ପାଇଁ ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ୍‌କୁ ଅଭିଷେକ ଓ ଟ୍ରାଭିସ ହେଡ୍ ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲେ। ଦୁହେଁ ୫.୫ ଓଭରରେ ୭୫ ରନ କରିଥିଲେ। ପାୱାରପ୍ଲେର ଅନ୍ତିମ ଓଭରରେ ବାମହାତୀ ପେସର ମୁକେଶ ଚୌଧାରୀ ଲଗାତର ବଲରେ ହେଡ୍ (୨୩ ରନ, ୩ ଚୌକା ଓ ୧ ଛକା) ଓ ଅଧିନାୟକ ଇଶାନ କିଶନ(୦)ଙ୍କୁ ଆଉଟ୍ କରିଥିଲେ। ୧୫ ବଲରେ ଅର୍ଦ୍ଧଶତକ ପୂରଣ କରିଥିବା ଅଭିଷେକ ଅଷ୍ଟମ ଓଭରରେ ଆଉଟ୍ ହୋଇଥିଲେ। ସେ ଆଉଟ୍ ହେବା ପୂର୍ବରୁ ୨୨ ବଲରେ ୬ ଚୌକା ଓ ୪ ଛକା ସହିତ ୫୯ ରନ କରିଥିଲେ। ଏହିପରେ ଅନିକେତ ବର୍ମା (୨) ଓ ନୀତୀଶ କୁମାର ରେଡ୍ଡୀ (୧୨) ଫେଲ ମାରିଥିବା ବେଳେ ହେନରିଚ୍ କ୍ଲାସେନ ୩୯ ବଲରେ ୫୯ (୬ ଚୌକା ଓ ୨ ଛକା) ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଫଳରେ ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୯୪ ରନ କରିଥିଲା। ସିଏସ୍‌କେ ପକ୍ଷରୁ ଜେମି ଓଭରଟନ ଓ ଅଂଶୁଲ କାମ୍ବୋଜ ୩ ଲେଖାଏ ଉଇକେଟ ନେଇଥିବା ବେଳେ ମୁକେଶ ଚୌଧାରୀ ୨ ଉଇକେଟ ହାତେଇଥିଲେ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**କୋଲକାତା ବନାମ ରାଜସ୍ଥାନ**

ସ୍ଥାନ: କୋଲକାତା

ସମୟ: ଅପରାହ୍ଣ ୩.୩୦

**ପଞ୍ଜାବ ବନାମ ଲକ୍ଷ୍ନୌ**

ସ୍ଥାନ: ନ୍ୟୁ ଚଣ୍ଡିଗଡ଼

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ



ଅର୍ଦ୍ଧଶତକ ହାସଲ ପରେ ଉଲ୍ଲସିତ ଅଭିଷେକ ଶର୍ମା।

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ: ୨୦ ଓଭରରେ ୧୯୪/୯ (ଅଭିଷେକ ଶର୍ମା-୫୯, ହେନରିଚ୍ କ୍ଲାସେନ-୫୯, ଅଂଶୁଲ କାମ୍ବୋଜ-୩/୨୨, ଜେମି ଓଭରଟନ-୩/୩୭, ମୁକେଶ ଚୌଧାରୀ-୨/୨୧)।

# ଭାରତରେ ୯୦% ସିନ୍ଥେଟିକ୍ ଟ୍ରାକ୍ ନିମ୍ନମାନର

ନୂଆଦିଲ୍ଲୀ, ୧୮।୪ (ପି.ଟି.)

ଭାରତର ୯୦ ପ୍ରତିଶତ ସିନ୍ଥେଟିକ୍ ଟ୍ରାକ ହେଉଛି ନିମ୍ନ ମାନର। ସମସ୍ତଙ୍କୁ ଚମକାଇ ଦେବା ଭଳି ଏକଥା ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ)ର ମୁଖପାତ୍ର ଆଦିଲ ସୁମାରିୱାଲା ପ୍ରକାଶ କରିଛନ୍ତି। ଏଏଫ୍‌ଆଇ ତରଫରୁ ୱାର୍ଲ୍ଡ ଆଥ୍‌ଲେଟିକ୍ସକୁ ଏ ବିଷୟରେ ଅବଗତ କରାଯିବା ସହ ତୁରନ୍ତ ହସ୍ତକ୍ଷେପ ପାଇଁ ଅନୁରୋଧ କରାଯାଇଛି। ନିମ୍ନମାନର ସିନ୍ଥେଟିକ୍ ଟ୍ରାକ୍ ଆଥଲେଟ୍‌ମାନଙ୍କ ଫଳାଫଳ କିମ୍ବା ପ୍ରଦର୍ଶନକୁ ରଦ୍ଦ କରାଯାଇ ନାହିଁ। ଭାରତରେ ବିଛା ଯାଉଥିବା ସିନ୍ଥେଟିକ୍ ଟ୍ରାକ୍‌ରେ ବ୍ୟବହାର କରାଯାଉଥିବା ସରଞ୍ଜାମ ଏବଂ ଏହାକୁ ବିଛାଇବାର ତରିକା ହେଉଛି ଅତ୍ୟନ୍ତ ନିମ୍ନମାନର। ଏହାର ମୋଟେଇ ନିମ୍ନମାନର। କେତେକ ସ୍ଥାନରେ ପଲିୟୁରେଥେନ୍ ବଦଳରେ କେବଳ ରବର କିମ୍ବା ଟାୟାର ରବର ବ୍ୟବହାର କରାଯାଉଛି।

# ଭାରତୀୟ ଆଥ୍‌ଲେଟ୍‌ଙ୍କ ଏସ୍‌ଆର୍‌ୱାଇ, ଡିଏନ୍‌ଏ ଟେଷ୍ଟ ହେବ

ନୂଆଦିଲ୍ଲୀ,୧୮।୪

ଆସନ୍ତା ମାସରେ ରାଞ୍ଚିଠାରେ ହେବାକୁ ଥିବା ଫେଡେରେଶନ କପ୍‌ରେ ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ପକ୍ଷରୁ ଆଥ୍‌ଲେଟ୍‌ଙ୍କର ଏସ୍‌ଆର୍‌ୱାଇ ଜେନ ଟେଷ୍ଟ କରାଯିବ। ମହିଳା ବିଭାଗରେ କେବଳ ଜନ୍ମରୁ ମହିଳା ଥିବା ଆଥ୍‌ଲେଟ୍‌ଙ୍କ ଅଂଶଗ୍ରହଣକୁ ନିଶ୍ଚିତ କରିବା ଏହାର ଉଦ୍ଦେଶ୍ୟ। ଏଥିସହିତ ଏଏଫ୍‌ଆଇ ପକ୍ଷରୁ ଭାରତୀୟ ଆଥ୍‌ଲେଟ୍‌ଙ୍କର ଡିଏନ୍‌ଏ ଟେଷ୍ଟିଂ କରାଯିବ। ଏହି ତଥ୍ୟକୁ ସଂଗ୍ରହ କରି ରଖାଯିବ, ଯାହାକି ରିସର୍ଚ୍ଚରେ ସାହାଯ୍ୟ କରିବ ଏବଂ ଖେଳାଳିଙ୍କୁ ଆହତ ସମସ୍ୟାରୁ ଦୂରେଇ ରଖିବା ସହ ନିର୍ଦ୍ଦିଷ୍ଟ ଆଥ୍‌ଲେଟ୍‌ଙ୍କ ଲାଗି ଟ୍ରେନିଂ ମେଥଡ୍ ନିର୍ଦ୍ଧାରିତ କରାଯାଇପାରିବ। ଉଭୟ ଏସ୍‌ଆର୍‌ୱାଇ ଓ ଡିଏନ୍‌ଏ ଟେଷ୍ଟର ଫଳାଫଳ ଓ ରେକର୍ଡ୍ସକୁ ଗୋପନୀୟ ରଖାଯିବ।

ଏସ୍‌ଆର୍‌ୱାଇ ଟେଷ୍ଟ ଏକ ଜାରି ରହିଥିବା ପ୍ରକ୍ରିୟା। ଆମ ହିସାବରେ ଇଣ୍ଟରନ୍ୟାଶନାଲ ସ୍ତରରେ ଖେଳିବାକୁ ଥିବା ଆଥ୍‌ଲେଟ୍‌ଙ୍କ ପାଇଁ ଗତବର୍ଷ ଏହା ଆରମ୍ଭ କରାଯାଇଥିଲା। ଆଥ୍‌ଲେଟ୍‌ଙ୍କୁ ଜୀବନରେ ଥରେ ଏହି ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିବ। ଏହି ଫଳାଫଳ ଓ ରେକର୍ଡ ଥରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ ୱେବ୍‌ସାଇଟରେ ଅପଲୋଡ୍ ହେବା ପରେ ଏହାକୁ ନଷ୍ଟ କରାଯିବ। ଏଣୁ ଏହା ସମ୍ପୂର୍ଣ୍ଣ ଗୋପନୀୟ ରହିବ। ରାଞ୍ଚିରେ ହେବାକୁ ଥିବା ପ୍ରତିଯୋଗିତାରେ ସମସ୍ତ ଆଥ୍‌ଲେଟ୍ ଏକତ୍ରିତ ଥିବେ, ସେମାନଙ୍କ ମଧ୍ୟରୁ ଅନେକଙ୍କ ଏସ୍‌ଆର୍‌ୱାଇ ଟେଷ୍ଟ କରାଯିବ। କାରଣ ସମସ୍ତେ ଏକା ସମୟରେ ଗୋଟିଏ ସ୍ଥାନରେ ରହିବେ। ଏଣୁ ପରୀକ୍ଷା କରିବାରେ ସହଜ ହେବ ବୋଲି ଏଏଫ୍‌ଆଇ ପ୍ରବକ୍ତା ଆଦିଲ ସୁମରିୱାଲା କହିଛନ୍ତି।

# ଗୋକୁଲମକୁ ହରାଇଲା ହାର୍ବୋର

କଲ୍ୟାଣୀ, ୧୮।୪ (ପି.ଟି.)

ଚଳିତ ଇଣ୍ଡିଆନ ଫୁଟ୍‌ବଲ ଲିଗ୍ (ଆଇଏଫ୍‌ଏଲ୍)ର ଶନିବାର ଖେଳାଯାଇଥିବା ଏକ ମ୍ୟାଚରେ ଡାଇମଣ୍ଡ ହାର୍ବୋର ଏଫ୍‌ସି ୫-୨ ଗୋଲ୍‌ରେ ଗୋକୁଲମ କେରଳ ଏଫ୍‌ସିକୁ ପରାସ୍ତ କରି ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ରହି ସ୍ଥିତିକୁ ସୁଦୃଢ କରିଛି। ଏହି ପରାଜୟ ଦ୍ୱାରା ଗୋକୁଲମ ରିଲିଗେଶନ ପର୍ଯ୍ୟାୟକୁ ଖସିବା ନିଶ୍ଚିତ ହୋଇଛି। ବୌବା ଅମିନୋ ୧୭ତମ ମିନିଟରେ ଗୋଲ୍ ସ୍କୋର କରି କେରଳ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ତେବେ ଲୁକା ମ୍ୟାଜ୍‌ସେନଙ୍କ ଗୋଲ୍‌ରେ ଡାଇମଣ୍ଡ ହାର୍ବୋର ମ୍ୟାଚକୁ ବରାବରସ୍ଥିତିକୁ ନେଇ ଆସିଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ହୁଗୋ ଡିଆଜ ଦୁଇଟି ଗୋଲ୍ କରିଥିଲେ। ପରେ ଜୋବି ଜଷ୍ଟିନ ଓ ଆର୍. ରାମଦିନଥରା ପ୍ରମୁଖ ଗୋଲ କରି ଆୟୋଜକ ଦଳ ପାଇଁ ବିଜୟ ଆଣିଦେଇଥିଲେ। ମ୍ୟାଚ୍‌ରେ ଗୋକୁଲମ କେରଳ ତରଫରୁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ ରାହୁଲ ରାଜୁ । ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ଡିଆଜ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

**ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଚାମ୍ପିୟନଶିପ୍**

# ମାସ୍କଟ ଡିଜାଇନ ପାଇଁ ପ୍ରତିଯୋଗିତା ଆରମ୍ଭ

ନୂଆଦିଲ୍ଲୀ,୧୮।୪

ଆଗକୁ ହେବାକୁ ଯାଉଥିବା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଚାମ୍ପିୟନଶିପ୍ ପାଇଁ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବାଇ) ପକ୍ଷରୁ ଏକ ମାସ୍କଟ ଡିଜାଇନ ପ୍ରତିଯୋଗିତା ଆରମ୍ଭ କରାଯାଇଛି। ଏଥିରେ ଭାଗ ନେବା ପାଇଁ ପ୍ରଶଂସକ, ଆର୍ଟିଷ୍ଟ ଓ ନିର୍ମାତାଙ୍କୁ ଆମନ୍ତ୍ରଣ କରାଯାଇଛି। ଟୁର୍ନାମେଣ୍ଟରେ ପ୍ରଶଂସକଙ୍କ ଅଂଶଗ୍ରହଣତା ବୃଦ୍ଧି ଓ ଭାରତର ବର୍ଦ୍ଧିତ ବ୍ୟାଡ୍‌ମିଣ୍ଟନ ଐତିହ୍ୟ ସହିତ ସମୃଦ୍ଧ ସାଂସ୍କୃତିକ ବିବିଧତାକୁ ପାଳନ କରିବା ପାଇଁ ବାଇ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ସମସ୍ତ ବୟସ ବର୍ଗର ଆର୍ଟିଷ୍ଟ ଭାଗ ନେଇପାରିବେ। ଏହା ମେ' ୧୦ ତାରିଖରେ ଶେଷ ହେବ ଏବଂ ଏହାର ବିଜେତାଙ୍କୁ ୨୫ ହଜାର ଟଙ୍କାର ପୁରସ୍କାର ରାଶି ସହ ସେମିଫାଇନାଲ କିମ୍ବା ଫାଇନାଲ ଲାଗି ଭିଆଇପି ଟିକେଟ୍ସ ପ୍ରଦାନ କରାଯିବ।

ଦୀର୍ଘ ୧୭ ବର୍ଷର ବ୍ୟବଧାନ ପରେ ଭାରତ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଚାମ୍ପିୟନଶିପ୍ ଆୟୋଜନ କରିବାକୁ ଯାଉଛି। ବ୍ୟାଡ୍‌ମିଣ୍ଟନ ଏବେ ସମଗ୍ର ଦେଶରେ ଖେଳାଯାଉଛି ଏବଂ ଏହାକୁ ଦେଶର ପ୍ରତ୍ୟେକ କୋଣରେ ଭଲ ପାଇବା ମିଳୁଛି। ୱାର୍ଲ୍ଡ ଚାମ୍ପିୟନଶିପ୍ ଭଳି ଟୁର୍ନାମେଣ୍ଟ ଭାରତକୁ ଆସୁଥିବାରୁ ଆମେ ଭାରତର ଉଦୟର କାହାଣୀକୁ ପାଳନ କରିବାକୁ ଚାହୁଁ। ପ୍ରଶଂସକଙ୍କୁ ଟୁର୍ନାମେଣ୍ଟ ସହିତ ଯୋଡ଼ି ରଖିବା ପାଇଁ ଏହା ଏକ ପ୍ରୟାସ ବୋଲି ବାଇ ସାଧାରଣ ସମ୍ପାଦକ ସଞ୍ଜୟ ମିଶ୍ର କହିଛନ୍ତି।

# ଭୁବନେଶ୍ୱର-ବି'ର ବୃହତ୍ ବିଜୟ

**୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ**

କଟକ,୧୮।୪(କୁମାରଶ୍ରୀ)

୧୬ ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଶନିବାରଠାରୁ ଆରମ୍ଭ ହୋଇଛି। ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ଭୁବନେଶ୍ୱର-ବି ଦଳକୁ ବୃହତ ବିଜୟ ମିଳିଛି। ଦଳ ୨୯୬ ରନରେ ବରଗଡ଼କୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର-ବି ୪ ଉଇକେଟ ବିନିମୟରେ ୩୮୫ ରନ ସଂଗ୍ରହ କରିଥିଲା। ପ୍ରତୀକ୍ଷିତ ପ୍ରଧାନ ୧୨୯ ବଲରୁ ୧୮୦ ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ଅନୁରାଗ ସାମନ୍ତରାୟ ୧୧୭ ରନ କରିଥିଲେ। ଜବାବରେ ବରଗଡ଼ ମାତ୍ର ୮୯ ରନରେ ଅଲଆଉଟ ହୋଇଯାଇଥିଲା। ସେହଜାଦ ଆଲାମ ୧୭ ରନ ବ୍ୟୟରେ ୫ ଉଇକେଟ ଦଖଲ କରି ବରଗଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଶତକୀୟ ଇନିଂସ ଖେଳିଥିବା ପ୍ରତିକ୍ଷିତଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଶନିବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡିକରେ କେନ୍ଦ୍ରାପଡ଼ା ୭ ଉଇକେଟରେ ଝାରସୁଗୁଡାକୁ, ଭଦ୍ରକ ୭୨ ରନରେ ନୟାଗଡକୁ, କେନ୍ଦୁଝର ୬ ଉଇକେଟରେ ଜଗତ୍‌ସିଂହପୁରକୁ, କଳାହାଣ୍ଡି ୫୭ ରନରେ ପାରାଦୀପକୁ ପରାସ୍ତ କରିଛି।



ପ୍ରତୀକ୍ଷିତ ପ୍ରଧାନ




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ Business queries: <advt@dharitri.com>

ଧରିତ୍ରୀ 52 Years

ପୃଷ୍ଠା–୮+୮

# ଧରିତ୍ରୀ

DHARITRI

ଭୁବନେଶ୍ୱର, ରବିବାର, ଏପ୍ରିଲ ୧୯/୨୦୨୬ (୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, April 19/2026 | Page 16 | ₹ 7.00 | BALASORE

୫୨ଶ ଭାଗ ୧୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 144 | ମୂଲ୍ୟ₹୭/-



No. 16001/5/2627

MINISTRY OF ELECTRONICS AND INFORMATION TECHNOLOGY | India Semiconductor Mission | HIPSPL a 3DGS company



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଶିଳାନ୍ୟାସ ଉତ୍ସବ

## ହେଟେରୋଜେନସ ଇଣ୍ଟିଗ୍ରେସନ ପ୍ୟାକେଜିଂ ସଲ୍ୟୁସନ୍ସ (ଥ୍ରୀଡିଜିଏସ୍)

ମୁଖ୍ୟ ଅତିଥି

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

ଗରିମାମୟ ଉପସ୍ଥିତି

**ଶ୍ରୀ ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ରମନ୍ତ୍ରୀ, ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

**ଡ. ମୁକେଶ ମହାଲିଙ୍ଗ**
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା, ଓଡ଼ିଶା

ଓଡ଼ିଶାର ପ୍ରଥମ ଥ୍ରୀ-ଡି ଗ୍ଲାସ୍‌ର ଅତ୍ୟାଧୁନିକ ପ୍ୟାକେଜିଂ ୟୁନିଟ

୧,୯୪୪ କୋଟି ଟଙ୍କାର ପୁଞ୍ଜି ନିବେଶ

ବାର୍ଷିକ ଉତ୍ପାଦନ : ପ୍ରାୟ ୭୦,୦୦୦ ପ୍ୟାନେଲ୍ ଏବଂ ୧୩,୩୦୦ ଥ୍ରୀଡିଏଚଆଇ ମଡ୍ୟୁଲ୍

୧୯ ଅପ୍ରେଲ ୨୦୨୬ | ପୂର୍ବାହ୍ନ ୧୦.୩୦ ଘଟିକା
ଇନଫୋ ଭ୍ୟାଲି, ଭୁବନେଶ୍ୱର

ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ, ଓଡ଼ିଶା ସରକାର

OIPR-16001/16003/2/26-27/0005





## ସଂକ୍ଷେପରେ

### ଲଙ୍ଗଳେଶ୍ୱର ହନୁମାନ ମନ୍ଦିର ବାର୍ଷିକ ଉତ୍ସବ



**ଲଙ୍ଗଳେଶ୍ୱର, ୧୮।୪(କମଳାକାନ୍ତ ଦାସ)**

ଲଙ୍ଗଳେଶ୍ୱର ଡାକ୍ତରଖାନା ଛକରେ ଥିବା ଶ୍ରୀ ହନୁମାନ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସକାଳ ଧୂପ କଳସ ପୂଜା, ସୂର୍ଯ୍ୟପୂଜା, ଗୁରୁ ପୂଜା ସମେତ ଯଜ୍ଞ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ହଜାର ହଜାର ଭକ୍ତଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା ହୋଇଥିଲା। କମିଟି କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

### ୨ ଶିକାରୀ କୋର୍ଟଚାଲାଣ

**ନୀଳଗିରି, ୧୮।୪(ପ୍ରଶାନ୍ତ ବିଶ୍ୱାଳ)**

କୁଲଡିହା ଅଭୟାରଣ୍ୟରେ ଶିକାର କରି ଫେରୁଥିବା ବେଳେ ଶୁକ୍ରବାର ପାଟ୍ରୋଲିଂରେ ଯାଇଥିବା ବନବିଭାଗର କର୍ମଚାରୀମାନେ ୨ ଶିକାରୀଙ୍କୁ ଗିରଫ କରିଥିଲେ। ଉଭୟ ଶିକାରୀଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ଶିକାରୀ ହେଲେ ଔପଦା ଥାନା ବଡପୋଖରୀ ନିକଟସ୍ଥ ବଡଖୁଣ୍ଟା ଗ୍ରାମର ସୁରେଶ ବାରିକ (୩୭) ଓ ଉକ୍ତ ଥାନା ଅଧୀନ ବଡପୋଖରୀ ନିକଟସ୍ଥ ବାଲିମୁଣ୍ଡିଲି ଗ୍ରାମର ବାଇଧର ସିଂହ(୩୨)। ଉଭୟଙ୍କ ନିକଟରୁ ୨ଟି ପକ୍ଷୀ ସମେତ ଅନେକ ଶିକାର ସରଞ୍ଜାମ ଜବତ କରାଯାଇ ଓଆର୍ - ୦୭/ଏ ସୋର ୱାଇଲ୍ଡ ଲାଇଫ ଧାରାରେ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ାଉରେ ଫରେଷ୍ଟର ମୀନତି ମାଝୀ, ଫରେଷ୍ଟର ଶଶିକଳା ସାହୁ ଏବଂ ସ୍କ୍ୱାର୍ଡ ସାମିଲ ଥିଲେ।

### ଦେଶୀ ବିଦେଶୀ ମଦ ଜବତ, ୬ କୋର୍ଟଚାଲାଣ

**ବାଲେଶ୍ୱର, ୧୮।୪(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଜିଲା ଭ୍ରାମ୍ୟମାଣ ୟୁନିଟ୍ ଓ ସଦର ରେଞ୍ଜ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସ୍ୱପ୍ନାରାଣୀ ସାହୁଙ୍କ ତତ୍ତ୍ୱାବଧାନରେ ଇନ୍ସପେକ୍ଟର ହରିହର ସିଂହ, ସବ୍‌ଇନ୍ସପେକ୍ଟର ଭବେଶ ଦାସ ପ୍ରମୁଖ ଏକ ସେକ୍ସନ ଏପିଆର୍ ଫୋର୍ସ ସହ ଚଢ଼ାଉ କରି ବିପୁଳ ପରିମାଣରେ ଦେଶୀ ବିଦେଶୀ ମଦ ଜବତ କରିବା ସହ ୬ ବେପାରୀଙ୍କୁ ଗିରଫ କରିଥିଲେ। ସେମାନଙ୍କ ବିରୋଧରେ ପୃଥକ ଭାବେ ୬ଟି ମାମଲା ରୁଜୁ ହୋଇ କୋର୍ଟଚାଲାଣ କରାଯାଇଛି।

### ଅଷ୍ଟପ୍ରହର ନାମ ସଂକୀର୍ତ୍ତନ

**ବାଲିଆପାଳ, ୧୮।୪(ଗୋପାଳ ଚନ୍ଦ୍ର ସାହୁ)**

ବାଲିଆପାଳ ବ୍ଲକ ତଳ ବାଲିଆପାଳ ଗ୍ରାମରେ ଶନିବାର ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଦୁଇଟି ନାମ ସଂକୀର୍ତ୍ତନ ମଣ୍ଡଳୀ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନାରାୟଣପୁର ଦୁର୍ଗାମାତା ନାମ ସଂକୀର୍ତ୍ତନ ମଣ୍ଡଳୀ ପ୍ରଥମ ହୋଇଥିବା ବେଳେ ତାଡଦା ନାମ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱିତୀୟ ହୋଇ ପୁରସ୍କାର ଓ ଟ୍ରଫି ଗ୍ରହଣ କରିଥିଲେ। ସେହିପରି ସଂଗୀତ, ନୃତ୍ୟ, ବାଦ୍ୟରେ କୃତୀ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତଳବାଲିଆପାଳ ଗ୍ରାମ୍ୟ କମିଟି ସଭାପତି ମୁରଲୀମୋହନ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବାଲିଆପାଳ କଳାକାର ସଂଘ ସଭାପତି ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ଅଜୟ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଖବରଦାତା ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ କୃତୀ କଳାକାରମାନଙ୍କୁ ପୁରସ୍କାର ବିତରଣ କରିଥିଲେ। କମିଟି ସମ୍ପାଦକ ଅରୁଣ କୁମାର ରଣଜିତ, ଦିବାକର ଧଳ, କାର୍ତ୍ତିକ ଧଳ, କାଳିଚରଣ ଜେନା, ମଣ୍ଟୁ ପ୍ରଧାନ, ଅବିନାଶ ପାତ୍ର, ବିକାଶ ପାତ୍ର, କମଳାକାନ୍ତ ପ୍ରାମାଣିକ, ସଦାଶିବ ଧଳ, ଅମୂଲ୍ୟ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ସୁବର୍ଣ୍ଣରେଖା ବାଲି ଖାଦାନରେ ଖଣି ବିଭାଗର ଚଢ଼ାଉ

**ଜଳେଶ୍ୱର, ୧୮।୪(ନବୀନ ସାହୁ)**

ସୁବର୍ଣ୍ଣରେଖା ନଦୀରୁ ବେଆଇନ ବାଲି ଚାଲାଣ ରୋକିବା ପାଇଁ ସ୍ଥାନୀୟ ପ୍ରଶାସନ ଏକ ବଡ଼ ଧରଣର ଚଢ଼ାଉ କରିଛି। ଶୁକ୍ରବାର ଜଳେଶ୍ୱର ତହସିଲ ଅଧୀନ ଶିଖରପୁର ଓ ରାଜନଗର ବାଲିଘାଟ ଅଞ୍ଚଳରେ ନିର୍ମିତ ହୋଇଥିବା ବେଆଇନ ଅସ୍ଥାୟୀ ପୋଲ ଓ ରାସ୍ତାକୁ ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଯାଇଛି।

ଶିଖରପୁର ପଞ୍ଚାୟତରେ ଥିବା ଦୁଇଟି ସରକାରୀ ଲିଜ ବାଲି ଖାଦାନ ରହିଛି। ମାତ୍ର ଲିଜ୍‌ଧାରୀମାନେ ନିୟମକୁ ବେଖାତିର କରି ବାଲି ପରିବହନ ପାଇଁ ନଦୀର ସ୍ୱାଭାବିକ ଜଳପ୍ରବାହକୁ ଅବରୋଧ କରି ସେଠାରୁ ବେଆଇନ ଭାବେ ହୋମପାଇପ୍ ପକାଇ ଅସ୍ଥାୟୀ ପୋଲ ନିର୍ମାଣ କରିଥିଲେ, ଯାହା ପରିବେଶ ପାଇଁ ବିପଦ ସୃଷ୍ଟି କରୁଥିଲା। ଏହି ଅଭିଯୋଗକୁ ଭିତ୍ତି କରି ଜଳେଶ୍ୱର ମାଇନିଂ ଅଧିକାରୀ ତାପସ ବେହେରା, ଅତିରିକ୍ତ ତହସିଲଦାର ଚକ୍ରଧର ମଲ୍ଲିକ, ରେଭିନ୍ୟୁ ସୁପରଭାଇଜର ଶରତ ବେହେରା, ଆରଆଇ ରଞ୍ଜନ ପାଣି ଏବଂ ଜଳେଶ୍ୱର ପୋଲିସ ଏସ୍‌ଆଇ ଚିରଞ୍ଜିବ ରାଉତଙ୍କ ନେତୃତ୍ୱରେ ଏକ ଟିମ୍ ଜେସିବି ସାହାଯ୍ୟରେ ଉଚ୍ଛେଦ କାର୍ଯ୍ୟ କରିଥିଲେ। ନଦୀ ଶଯ୍ୟାରେ ଥିବା ସମସ୍ତ ବେଆଇନ ନିର୍ମାଣକୁ ସମ୍ପୂର୍ଣ୍ଣ ମାଟିରେ ମିଶାଇ ଦିଆଯାଇଛି। ସେହିପରି ବୁଧବାର ରାତିରେ ଜିଲା ଖଣି ଅଧିକାରୀ ଜଗନ୍ ବେହେରା ଚାଳନ୍ତି ଅଞ୍ଚଳରେ ଚଢ଼ାଉ କରି ୩ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛନ୍ତି। ଅତିରିକ୍ତ ତହସିଲଦାର ମଲ୍ଲିକ ଚେତାବନୀ ଦେଇଛନ୍ତି ଯେ, ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଏଭଳି କଠୋର କାର୍ଯ୍ୟାନୁଷ୍ଠାନ ଆଗକୁ ମଧ୍ୟ ଜାରି ରହିବ। ପ୍ରଶାସନର ଏହି ଆଭିମୁଖ୍ୟ ପରେ ସ୍ଥାନୀୟ ଅଞ୍ଚଳରେ ଚୋରା ବାଲି ବ୍ୟବସାୟୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।



ଖଣି ବିଭାଗ ପକ୍ଷରୁ ଚଢ଼ାଉ କରାଯାଉଛି।

# ଗ୍ରୀଷ୍ମଋତୁରେ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ୍ ସେବା

## ବିଦ୍ୟୁତ୍ ଚୋରି ପ୍ରତି ସାବଧାନ ରହିବାକୁ ଟିପିଏନ୍ଓଡିଏଲ୍‌ର ପରାମର୍ଶ

**ବାଲେଶ୍ୱର, ୧୮।୪(ବାଞ୍ଛାନିଧି ଦେ)**

ଟିପିଏନ୍ଓଡିଏଲ୍ ପକ୍ଷରୁ ଗ୍ରୀଷ୍ମଋତୁରେ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ଓ ଶିଖର ଚାହିଦାର ଦକ୍ଷ ପରିଚାଳନା ନିମନ୍ତେ ପ୍ରସ୍ତୁତି ତ୍ୱରାନ୍ୱିତ ହୋଇଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲାରେ ଚଳିତବର୍ଷ ବିଦ୍ୟୁତ ଶିଖର ଚାହିଦା ପ୍ରାୟତଃ ୧,୮୦୫ ମେଗାୱାଟ୍ ରହିବ ବୋଲି କମ୍ପାନୀ ପକ୍ଷରୁ ଆକଳନ କରାଯାଇଛି। ବିଦ୍ୟୁତ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଓ ତାହାର ସମୟୋଚିତ ସମାଧାନ କରିବା ପାଇଁ କମ୍ପାନୀ ପକ୍ଷରୁ ଇନଫ୍ରାରେଡ୍ କ୍ୟାମେରା, ଉପକରଣର ସ୍ୱାସ୍ଥ୍ୟ ସୂଚକାଙ୍କ ଯାଞ୍ଚ, ଡ୍ରୋନ୍ ଆଧାରିତ ଅଡିଟ୍, ଫଲ୍ଟ ପ୍ୟାସେଜ ଇଣ୍ଡିକେଟର ଓ ଅଲ୍ଟ୍ରାସାଉଣ୍ଡ ସ୍କାନିଂ ଭଳି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରାଯାଉଛି। ନିରବଚ୍ଛିନ୍ନ ପରିଚାଳନା ଓ ଠିକ୍ ସମୟରେ ମରାମତିକୁ ନିଶ୍ଚିତ କରିବା ପାଇଁ ଟିପିଏନଓଡିଏଲ୍ ଅଧିକାରୀଙ୍କ ସହ ୭୦୦୦ରୁ ଊର୍ଦ୍ଧ୍ୱ ସହକାରୀ ସଂସ୍ଥା କର୍ମଚାରୀ ବିଦ୍ୟୁତ ନେଟୱର୍କ ଓ ବିତରଣ ଭିତ୍ତିଭୂମିର ନିରୀକ୍ଷଣ ଜାରି ରଖିଛନ୍ତି। ବିଦ୍ୟୁତ୍ ନେଟ୍‌ୱର୍କରେ ବ୍ୟାପକ ରୂପାନ୍ତରଣ କାର୍ଯ୍ୟ ମଧ୍ୟ ଜାରି ରହିଛି। ଏ ଦିଗରେ ୧୯୩ଟି ୧୧କେଭି ଓ ୧୧୩ଟି ୩୩କେଭି ଫିଡରର ରକ୍ଷଣାବେକ୍ଷଣ, ଖୋଲା କଣ୍ଡକ୍ଟରଗୁଡ଼ିକୁ ଏବି କେବୁଲରେ ପରିବର୍ତ୍ତନ, ୧୩ହଜାରରୁ ଅଧିକ ୬୩କେଭିଏ ଏବଂ ତଦୁର୍ଦ୍ଧ୍ୱ ବିତରଣ ଟ୍ରାନ୍ସଫର୍ମର ଓ ୫୬୨ ପାୱାର ଟ୍ରାନ୍ସଫର୍ମର ନିର୍ବାଧିତ ରକ୍ଷଣାବେକ୍ଷଣ ପ୍ରମୁଖ ଅନ୍ତର୍ଭୁକ୍ତ ଅଟେ। ଏହି ସମ୍ପର୍କରେ ଟିପିଏନ୍ଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ କାଲେ ବିଜୁଳି ଚାହିଦା ଅନୁଯାୟୀ ବିଦ୍ୟୁତ୍ ଲୋଡ୍ ବୃଦ୍ଧି କରିବା, ବିଜୁଳିର ଅଯଥା ଅପଚୟକୁ ରୋକିବା ଓ ବିଦ୍ୟୁତ ଚୋରି ନ କରିବା ପାଇଁ ଉପଭୋକ୍ତାଙ୍କୁ ପରାମର୍ଶ ଦେଇଛନ୍ତି।

# ମନମୋହିଲା ଜିନା ଓ ସବ୍ୟସାଚୀଙ୍କ ସଂଳାପ

## ସାରୁଗାଁ ମହୋତ୍ସବର ଅନ୍ତିମ ସନ୍ଧ୍ୟା

**ଖଇରା, ୧୮।୪(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରୁଗାଁ ଉଡାପଡିଆରେ ଚାଲିଥିବା ଆମ ସାରୁଗାଁ ମହୋତ୍ସବର ଗୁରୁବାର ଅନ୍ତିମ ସନ୍ଧ୍ୟା ଗୀତନାଚର ତାଳେ ତାଳେ ଉଦ୍‌ଯାପିତ ହୋଇଯାଇଛି । ଖଇରା ଅଞ୍ଚଳରେ ମହୋତ୍ସବ ମଣିଷ ଭାବେ ପରିଚିତ ଶଶି କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବ ବୁଡି ଯାଉଥିବା ସଂସ୍କୃତି ଐତିହ୍ୟକୁ ପୁନର୍ଜୀବିତ କରିଥିବା କହିଥିଲେ। ବରିଷ୍ଠ ଆଇନଜୀବୀ ରତ୍ନାକର ଦାଶ ମୁଖ୍ୟବକ୍ତା ଓ ଅନ୍ୟତମ ଆଇନଜୀବୀ ଯୁଧିଷ୍ଠିର ନାୟକ, ପ୍ରାକ୍ତନ ପ୍ରଧାନଶିକ୍ଷକ ସୁଦାମ ଚରଣ ରାଉତ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। କମିଟି ସଭାପତି ରଘୁନାଥ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସମ୍ପାଦକ ଜୟନ୍ତ କୁମାର ଦାଶ ବିବରଣୀ ପାଠ କରିଥିଲେ। ଗ୍ରାମଦେବତୀ ମା' ଘଟବାସୁଳି ଓ ମା' ପଶ୍ଚିମାଙ୍କ ପୂଜକ ଅକ୍ଷୟ ବାରିକ, ପ୍ରଫୁଲ୍ଲ ବାରିକ ଓ ଭାଗବତ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଶାନ୍ତ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ପ୍ରସିଦ୍ଧ ଚଳଚ୍ଚିତ୍ର ଅଭିନେତ୍ରୀ ଜିନା ଓ ଅଭିନେତା ସବ୍ୟସାଚୀଙ୍କ ସଂଳାପ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା। ମହୋତ୍ସବ କମିଟି ସମସ୍ତ ସଦସ୍ୟ ୪ଦିନିଆ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



ଅନ୍ତିମ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

# ଏଥର ଜମିବ ୨୩୧ ବର୍ଷର ସାରଡାଙ୍ଗ ହରିହାଟ ଉତ୍ସବ

## ୬ ଦିନ ଧରି ପ୍ରତିଭା ଅନ୍ୱେଷଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

**ଖଇରା, ୧୮।୪(ଉତ୍କଳବନ୍ଧୁ ପଣ୍ଡା)**

ପ୍ରତିବର୍ଷ ଭଳି ଚଳିତବର୍ଷ ବାଲେଶ୍ୱର ଜିଲା ଖଇରା ବ୍ଲକର ସାରଡାଙ୍ଗ ହରିହାଟ ଉତ୍ସବ ତଥା ଭାଗବତ ପାରାୟଣ ଏପ୍ରିଲ ୨୦ତାରିଖରୁ ଆରମ୍ଭ ହୋଇ ୨୩ ତାରିଖରେ ଉଦ୍‌ଯାପିତ ହେବ। ଶ୍ରୀ ଜଗନ୍ନାଥ ସେବା ସଙ୍ଗଠନ ଆନୁକୂଲ୍ୟରେ ପ୍ରତିଭା ପ୍ରଦର୍ଶନ ଓ ପ୍ରତିଯୋଗିତାମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ 'ଅନ୍ୱେଷଣ' ଆୟୋଜିତ ହେବ। ଏଥିରେ ସ୍ଥାନୀୟ କଳାକାରମାନେ ନୃତ୍ୟ, ଅଭିନୟ, ଶଙ୍ଖଧ୍ୱନି ଓ ଲକ୍ଷ୍ମୀପୁରାଣ ପାଠ ଆଦି ପ୍ରତିଯୋଗିତା ମାଧ୍ୟମରେ ନିଜର ପ୍ରତିଭା ଦେଖାଇବେ। ଏହି ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ସଙ୍ଗଠନର ମୁଖ୍ୟ ଅନିରୁଦ୍ଧ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ପାଦକ ଜ୍ୟୋତିପ୍ରକାଶ କର, କୋଷାଧ୍ୟକ୍ଷ ନିରଞ୍ଜନ ସେଠୀ, ସଦସ୍ୟ କହ୍ନେଇ ଜେନା, ଭାସ୍କର ଘଡେଇ, ପୁରୁଷୋତ୍ତମ ପତି, ଜୟକୃଷ୍ଣ ପତି, ନବକିଶୋର ପାତ୍ର, ଶୁକ ଜେନା, ବସନ୍ତ ଦାସ, ଗଙ୍ଗା ସେଠୀ, ଦିଲ୍ଲୀପ କର, ଅକ୍ଷୟ ଜେନା, ସରୋଜ ବେହେରା, ସୀତାକାନ୍ତ ପତି, ଉପଦେଷ୍ଟା ଭାବେ ନାରାୟଣ ପଣ୍ଡା, ମନୋରଞ୍ଜନ ପଣ୍ଡା, ଛାୟାକାନ୍ତ ମହାନ୍ତି, ବୈକୁଣ୍ଠ ସେଠୀ, ଛୁଟି ମିଶ୍ର ଓ କାହ୍ନୁଆ ଦାସ ପ୍ରମୁଖ ଉପସ୍ଥିତ ରହି ଉତ୍ସବର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପାଖାପାଖି ୧୦ଖଣ୍ଡ ଗ୍ରାମରୁ ଆସିବାକୁ ଥିବା ଦର୍ଶକମାନେ ବିଭିନ୍ନ ପ୍ରକାର ଖାଦ୍ୟ ପାନୀୟର ମଜା ନେଇପାରିବେ ସେ ସଦସ୍ୟମାନେ ଗୁରୁତ୍ୱାରୋପ କରିଥିଲେ। ଚଳିତବର୍ଷ ଏହାକୁ ଆକର୍ଷଣୀୟ କରିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଜୁଏଲେରୀ ଶୋ'ରୁମ୍ 'ଇନ୍ଦ୍ରିୟା' ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଅତିଥି ଓ କମ୍ପାନୀର ଅଧିକାରୀ।

**ବାଲେଶ୍ୱର, ୧୮।୪(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ଗୋଲେଇ ନିକଟରେ ପ୍ରଥମ କରି ଆଦିତ୍ୟ ବିର୍ଲା ଗ୍ରୁପର ଏକ୍ସକ୍ଲୁସିଭ ଜୁଏଲେରୀ ଶୋ'ରୁମ୍ 'ଇନ୍ଦ୍ରିୟା' ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସମ୍ମାନନୀୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା, ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର, ପୌରାଧ୍ୟକ୍ଷା ସବିତା ସାହୁ, ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା ପ୍ରମୁଖ ଯୋଗଦେଇ ଏହି ଶୋ'ରୁମ୍‌କୁ ଉଦ୍‌ଘାଟନ କରିଥିଲେ। ଆଦିତ୍ୟ ବିର୍ଲା ଗ୍ରୁପର ଏଚ୍‌ଆର୍ ମୁଖ୍ୟ ସନ୍ଦୀପ ସେନ୍‌ଗୁପ୍ତା ଏରିଆ ବିଜନେସ ମ୍ୟାନେଜର ଅରିୟେନ୍ଦୁ ବୁନ୍ଦେଲ, ବିଜନେସ ପାର୍ଟନର ଅମିତ ଗୌରବ ଦାସ ଓ ସୁମନ ସରିତା ଜେନା, ଷ୍ଟୋର ମ୍ୟାନେଜର ନୀଳମାଧବ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶୋ'ରୁମରେ କମ୍ପାନୀର ଅତ୍ୟାଧୁନିକ ଆକର୍ଷଣୀୟ ବିଭିନ୍ନ ଡିଜାଇନର ସୁନା, ହୀରା, ପ୍ଲାଟିନମ୍ ଅଳଙ୍କାର ଗ୍ରାହକଙ୍କୁ ଆକୃଷ୍ଟ କରିଛି। ଗ୍ରାହକଙ୍କ ପାଇଁ ଅଳଙ୍କାର ଉପରେ ରିହାତି ଅଫର ଥିବାରୁ ପ୍ରବଳ ଭିଡ଼ ଲାଗି ରହିଛି। ସୁନା ଓ ହୀରା କାରିଗରୀ ମଜୁରୀ ବାବଦ ୩୫ ପ୍ରତିଶତ ରିହାତି ଛାଡ଼ ରହିଛି। ଏହି ଅଫର ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ରହିଛି। ପୁରୁଣା ସୁନାଗହଣା ବଦଳ ଉପରେ ଶତପ୍ରତିଶତ ଏକ୍ସଚେଞ୍ଜ ଭାଲ୍ୟୁ ରହିଛି।

# ସିଜରିଆନ୍ ଡେଲିଭରି ନିୟନ୍ତ୍ରଣ ସମ୍ପର୍କିତ ପ୍ରଶାସନର ବୈଠକ



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅଧିକାରୀଗଣ।

**ବାଲେଶ୍ୱର, ୧୮।୪(ମୃତ୍ୟୁଞ୍ଜୟ ପଟ୍ଟନାୟକ)**

ବାଲେଶ୍ୱର ଜିଲାପାଳ ସମ୍ମିଳନୀ କକ୍ଷରେ ଶନିବାର ପୂର୍ବାହ୍ନରେ ଜିଲାର ସମସ୍ତ ବେସରକାରୀ ହସ୍ପିଟାଲ ପ୍ରତିନିଧିମାନଙ୍କ ସହ ପ୍ରଶାସନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଅଧ୍ୟକ୍ଷତା କରି ସିଜରିଆନ୍ ଡେଲିଭରି ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲାପାଳ କହିଥିଲେ, ଜିଲାର ଥିବା କେତେକ ଘରୋଇ ହସ୍ପିଟାଲରେ ଆବଶ୍ୟକତା ନ ଥିଲେ ବି ଅଧିକାଂଶ ମା' ମାନଙ୍କ ଡେଲିଭେରି ସିଜେରିଆନ୍ ମାଧ୍ୟମରେ କରାଯାଉଛି। ଏହା ମା'ର ସ୍ୱାସ୍ଥ୍ୟ ପାଇଁ ହାନିକାରକ ହେବା ସହ ପରିବାର ଉପରେ ଅତିରିକ୍ତ ଆର୍ଥିକ ଭାର ଲଦି ଦିଆଯାଉଛି। ତେଣୁ ଜିଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ସିଜେରିଆନ୍ ଡେଲିଭେରି କେବଳ ଯଥାର୍ଥ ଚିକିତ୍ସା ଜନିତ ଆବଶ୍ୟକତା ଅନୁଯାୟୀ କରାଯିବା ଉଚିତ। ଏହାକୁ ନିୟମିତ ପ୍ରକ୍ରିୟା ଭାବେ ଗ୍ରହଣ କରାଯିବ ନାହିଁ। ମା' ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଜିଲାସ୍ତରରେ ମନିଟରିଂ ଟିମ୍ ଗଠନ କରାଯିବ। ଏହି ଟିମ୍ ନିୟମିତ ଓ ଆକସ୍ମିକ ଭାବେ ବେସରକାରୀ ହସ୍ପିଟାଲ ପରିଦର୍ଶନ କରିବେ। କୌଣସି ହସ୍ପିଟାଲ ଯଦି ଅନୈତିକ ଭାବେ ସିଜେରିଆନ୍ ଡେଲିଭେରି କରୁଥିବା ଧରାପଡ଼େ, ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସହିତ ଲାଇସେନ୍ସ ବାତିଲ କରାଯିବ ବୋଲି ଜିଲାପାଳ ବେସରକାରୀ ହସ୍ପିଟାଲର ପ୍ରତିନିଧିଙ୍କୁ ସଚେତନ କରାଇଥିଲେ। ଏହାସହିତ ସମସ୍ତ ବେସରକାରୀ ହସ୍ପିଟାଲ ଚିକିତ୍ସା ରେକର୍ଡରେ ପାରଦର୍ଶିତା ରଖିବେ। ପ୍ରଚଳିତ ଚିକିତ୍ସା ନିୟମ ଓ ନୈତିକ ମାନଦଣ୍ଡକୁ କଡ଼ାକଡି ପାଳନ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସିଡିଏମ୍‌ଓ ଡା. ଅମୂଲ୍ୟ କୁମାର ଦାସ, ନୀଳଗିରି ଉପଜିଲାପାଳ ଶୁଭଶ୍ରୀ ରଥ ଓ ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁସ୍ମିତା ସାମନ୍ତରାୟଙ୍କ ସମେତ ବେସରକାରୀ ହସ୍ପିଟାଲର ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

# ପଞ୍ଚଲିଙ୍ଗେଶ୍ୱର ବନ ମହୋତ୍ସବ ଉଦ୍‌ଘାଟିତ

**ନୀଳଗିରି, ୧୮।୪(ପ୍ରଶାନ୍ତ ବିଶ୍ୱାଳ)**

ନୀଳଗିରି ଉପଖଣ୍ଡରେ ପଞ୍ଚଲିଙ୍ଗେଶ୍ୱର ବନ ମହୋତ୍ସବ କମିଟି ପକ୍ଷରୁ ତିନିଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। କମିଟିର ସ୍ଥାୟୀ ସଭାପତି ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲେଶ୍ୱର ପିଡି ସଞ୍ଜୟ କୁମାର ରାଉତ ମୁଖ୍ୟଅତିଥି, ସମ୍ମାନିତ ଅତିଥି ରୂପେ ଆଇଟି ଇଞ୍ଜିନିୟର ସୁଜିତ କୁମାର ମହାନ୍ତି ଯୋଗଦେଇ ଉଦ୍‌ଘାଟନ କରିଥିଲେ। କମିଟି ସଦସ୍ୟ କୈଳାସ ଚନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ ଶନିଶ୍ଚର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ରୂପେ ସ୍ଥାନୀୟ ଖବରଦାତା ଅଶେଷ କୁମାର ସ, ସମ୍ମାନିତ ଅତିଥି ଭାବେ ଖବରଦାତା ବ୍ରଜକିଶୋର ପାଣି, ସାମାଜିକ କର୍ମୀ ପ୍ରଶାନ୍ତ ବେହେରା, ଭାସ୍କର ବେହେରା ଉପସ୍ଥିତ ଥିଲେ। ପ୍ରଥମେ ହିମାଂଶୁ ଶେଖର କର ଓ ପିତାମ୍ବର ଓତା ବେଦପାଠ କରିଥିବା ବେଳେ କମିଟିର ସମ୍ପାଦକ ପୁରୁଷୋତ୍ତମ ସେଠୀ ବାର୍ଷିକ ବିବରଣୀ ପଠନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚଲିଙ୍ଗେଶ୍ୱର ଯାତ୍ରୀ ସୁରକ୍ଷା ଏବଂ ଦୋକାନୀ କମିଟି ସଭାପତି ସୁରେନ୍ଦ୍ର ଦାସ, ସମ୍ପାଦକ ସିଦ୍ଧାର୍ଥ ସେଠୀଙ୍କ ସମେତ ଲକ୍ଷ୍ମୀଧର ସ, ଗୋବିନ୍ଦ ଦାସ, ଅନୀଲ ସେଠୀ, ସରସ୍ୱତୀ ସେଠୀ, ଗଜାନନ ପଣ୍ଡା, ଆକର୍ଷଣ ଜେନା, ବାସୁଦେବ ଜେନା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ବିଦ୍ୟୁତ ଆଘାତରେ ୫ମ ଶ୍ରେଣୀ ଛାତ୍ର ମୃତ

**ସିମୁଳିଆ, ୧୮।୪(ସନ୍ତୋଷ ନାୟକ)**

ବାଲେଶ୍ୱର ଜିଲା ସିମୁଳିଆ ଥାନା ମୁରୁଣୀ ପଞ୍ଚାୟତ ଅଧୀନ ଗୋବିନ୍ଦପୁର ଅଞ୍ଚଳର ସୁବାଷ ଚନ୍ଦ୍ର ବେହେରାଙ୍କ ପୁଅ ଓମପ୍ରକାଶ(୧୧)ଙ୍କର ଶନିବାର ମଧ୍ୟାହ୍ନରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ଓମପ୍ରକାଶ ସ୍ଥାନୀୟ ବିଦ୍ୟାଳୟରେ ୫ମ ଶ୍ରେଣୀରେ ପାଠ ପଢନ୍ତି। ତେବେ ସେ ବିଦ୍ୟାଳୟରୁ ଫେରିବା ପରେ ଗରମ ଯୋଗୁ ଘରେଥିବା ଟେବୁଲ ଫ୍ୟାନ ଚଳାଇବା ପାଇଁ ଉଦ୍ୟମ କରୁଥିବା ବେଳେ ବିଦ୍ୟୁତ ଆଘାତ ଲାଗିଥିଲା। ତୁରନ୍ତ ତାଙ୍କୁ ସିମୁଳିଆ ମେଡିକାଲକୁ ଅଣାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଭାଜପାର ଗାଁ ଚାଲ ଅଭିଯାନ



**ଭୋଗରାଇ, ୧୮।୪( ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଜୟରାମପୁର ପଞ୍ଚାୟତରେ ଭାଜପାର ଗାଁକୁ ଚାଲ ଅଭିଯାନରେ ଶୁକ୍ରବାର ସାମିଲ ହୋଇଥିଲେ ବହୁ ଯୁବତୀ ଯୁବକ। ଉକ୍ତ ପଞ୍ଚାୟତର ଭାଜପା ସଭାପତି ସୁଜିତ କୁମାର ଦାସଙ୍କ ପୌରୋହିତ୍ୟରେ ମଣ୍ଡଳ ସଭାପତି ପରମାନନ୍ଦ ପରିଡ଼ାଙ୍କ ମାର୍ଗଦର୍ଶନରେ ଭାଜପା ନେତ୍ରୀନେତାମାନେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଜଣକଲ୍ୟାଣକାରୀ ନୀତି ସମ୍ପର୍କରେ ଗାଁରେ ବୈଠକ ଓ ସଚେତନତା କାର୍ଯ୍ୟକ୍ରମ କରିଥିଲେ। ପୂର୍ବତନ ମଣ୍ଡଳ ସାଧାରଣ ସମ୍ପାଦକ ଅଧୀର ଜେନା, ବୈଦ୍ୟନାଥ ଭଞ୍ଜ, କମଳାକାନ୍ତ ଜେନା, ଅଶୋକ ସାମଲ, ରମାକାନ୍ତ ଜେନା, ଭୀମଚରଣ ଦାସ, ଗୋପାଳ ପାଣିଗ୍ରାହୀ, ଚେତନ୍ୟ ଜେନା, ଭରତ ଜେନା, ବିକ୍ରମ ଭଞ୍ଜ, ରବି ପୁଷ୍ଟି, ପ୍ରଫୁଲ୍ଲ ଦେ, ପ୍ରଫୁଲ୍ଲ କାମିଲା, ଅନିଲ ନନ୍ଦୀ, ବସନ୍ତ ଦେହୁରୀ, ଦୁଷ୍ମନ୍ତ, ଶରତ ଦେ, କବିତା ଜେନା, କ୍ରୀଷ୍ଣା ଜେନା, ସବିତା ଜେନା, ସୁଲୋଚନା ମହାଲିକ, ମାନିନୀ ଜେନା, ରୀନାରାଣୀ ଜେନା ପ୍ରମୁଖ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଲାଭକାରୀ ଯୋଜନା ବିଷୟରେ ଅବଗତ କରାଇବା ସହିତ ଗାଁର ଯୁବତୀ ଯୁବକ ଭାଜପା ପତାକା ତଳେ ଏକ ହୋଇ ସଙ୍ଗଠନକୁ ଶକ୍ତିଶାଳୀ କରିବାକୁ ଆହ୍ୱାନ ଦେଇଥିଲେ। ପରେ ଭାଜପା ପତାକାକୁ ଘରେ ଘରେ ବାଣ୍ଟିଥିଲେ।

# ଜେଏମ୍‌ଏଫ୍‌ସି କୋର୍ଟ ବିଚାରପତିଙ୍କୁ ବିଦାୟ ସମ୍ବର୍ଦ୍ଧନା



ବିଚାରପତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ବସ୍ତା, ୧୮।୪(ହରିଶଙ୍କର ପାଢ଼ୀ)**

ବସ୍ତା ଜେଏମ୍‌ଏଫସି କୋର୍ଟ ବିଚାରପତି ସିଲଭାଷା ବଡ଼ଜେନାଙ୍କୁ ବସ୍ତା ଓକିଲ ସଂଘ ଓ ସରକାରୀ ଓକିଲଙ୍କ ତରଫରୁ ଶୁକ୍ରବାର ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବରିଷ୍ଠ ଆଇନଜୀବୀ ଜିତେନ୍ଦ୍ର ଉପାଧ୍ୟାୟଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଚାରପତି ବଡ଼ଜେନାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ବରିଷ୍ଠ ଆଇନଜୀବୀ ଗୌରହରି ବେହେରା, କ୍ୟାଡର ଏପିପି ଅସିତ ରଞ୍ଜନ ନାୟକ, ଏପିପି ପରେଶ କୁମାର ବେହେରା, ତାପସ କୁମାର ପ୍ରଧାନ ଓ ରାଧାଗୋବିନ୍ଦ ବେହେରା, ଆଇନଜୀବୀ ପ୍ରଣବ ମିଶ୍ର, ଅର୍ଜୁନ ଚରଣ ଜେନା, ସୁଦର୍ଶନ ସାହୁ, ଅରୂପାନନ୍ଦ ସାହୁ, ନିହାର ରଞ୍ଜନ ସେନାପତି, ସତ୍ୟପ୍ରକାଶ ଦାସ, ଆଶିଷ ଦାସ ମହାପାତ୍ର, ସଂଘ ସଭାପତି ଗୌତମ ମହାନ୍ତି, ସମ୍ପାଦକ ପ୍ରସନ୍ନ ଜେନା, ଦିପେଶ ପାଲଙ୍କ ସମେତ କୋର୍ଟର କର୍ମଚାରୀ ଉପସ୍ଥିତ ଥିଲେ।

# ଶୈକ୍ଷିକ ସହଭାଗିତାରେ ଉଭୟ ଜିଲାର ଶିକ୍ଷାକ୍ଷେତ୍ରରେ ପରିବର୍ତ୍ତନ ସମ୍ଭବ

## ଫକୀରମୋହନ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ 'ଉନ୍ମେଷ'

**ବାଲେଶ୍ୱର, ୧୮।୪(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଆନୁକୂଲ୍ୟରେ ଶୁକ୍ରବାର ବାର୍ଷିକ ଉତ୍ସବ 'ଉନ୍ମେଷ-୨୦୨୫-୨୬' ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି ଉତ୍ସବରେ ଅଧ୍ୟକ୍ଷତା କରି 'ଉନ୍ମେଷ' ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୃଜନଶୀଳତା, ନେତୃତ୍ୱ ଓ ଆତ୍ମବିଶ୍ୱାସ ବୃଦ୍ଧି କରିପାରିଛି ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟଅତିଥି ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦାର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଯୋଗଦେଇ ଛାତ୍ରୀଛାତ୍ରଙ୍କ ସମଗ୍ର ଉନ୍ନତିରେ ସାହିତ୍ୟ, ସଂସ୍କୃତି ଓ କ୍ରୀଡାର ଗୁରୁତ୍ୱ ଉଲ୍ଲେଖ କରିଥିଲେ। ସେ ଫକୀରମୋହନ ବିଶ୍ୱବିଦ୍ୟାଳୟ ସହ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସୁସଙ୍ଗଠିତ ତଥା ଶୈକ୍ଷିକ ସହଭାଗିତାରେ ଉଭୟ ଜିଲାର ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଓ ପ୍ରଗତି ସମ୍ଭବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦ ଓ କ୍ରୀଡା-ସଂସ୍କୃତି କମିଟିର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ମଞ୍ଚାସୀନ ହୋଇ ଛାତ୍ରୀଛାତ୍ରଙ୍କ ସୃଜନଶୀଳ ପ୍ରତିଭା ବିକାଶ ଦିଗରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ବିତ୍ତ ନିୟନ୍ତ୍ରକ କରଣ ସୋରେନ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ସାହିତ୍ୟ-ସଂସ୍କୃତି କମିଟିର ଉପାଧ୍ୟକ୍ଷ ଡ. ଅସୀମ ଅମିତାଭ ପ୍ରଧାନ ବାର୍ଷିକ କାର୍ଯ୍ୟକଳାପର ଅନୁସନ୍ଧାନ ରିପୋର୍ଟ, କ୍ରୀଡା କମିଟିର ଉପାଧ୍ୟକ୍ଷ ଡ. ସଚ୍ଚିଦାନନ୍ଦ ସା କ୍ରୀଡା କାର୍ଯ୍ୟକଳାପର ବାର୍ଷିକ ରିପୋର୍ଟ ପ୍ରଦାନ କରିଥିଲେ। ଡ. ବିବେକାନନ୍ଦ ନାୟକ ଓ ଅରୁଣ କୁମାର ନାୟକଙ୍କ ସଂଯୋଜନାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଭିନ୍ନ କ୍ରୀଡା ଓ ସାହିତ୍ୟ-ସାଂସ୍କୃତିକ ପ୍ରତିଯୋଗିତାରେ ବିଜେତା ଓ ଉପବିଜେତାଙ୍କୁ ପଦକ, ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଡ. ଜଗନ୍ନାଥ ବେହେରା ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।




କୃତୀ ପ୍ରତିଯୋଗୀଙ୍କ ସହ ଅତିଥିଗଣ।

# ୧୨ଘଣ୍ଟିଆ ମୟୂରଭଞ୍ଜ ବନ୍ଦକୁ ପୂର୍ଣ୍ଣ ସମର୍ଥନ



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିଭିନ୍ନ ଦଳର କର୍ମୀମାନେ ବିକ୍ଷୋଭ କରୁଛନ୍ତି।

**ବାରିପଦା, ୧୮।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

## କଂଗ୍ରେସ, ସିପିଏମ୍ ସାମିଲ

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ବିଷାକ୍ତ ଖାଦ୍ୟ ଖାଇ ଝାଡ଼ାବାନ୍ତିରେ ଜଣେ ଛାତ୍ରୀ ମୃତ୍ୟୁ ଓ ୧୪୬ରୁ ଊର୍ଦ୍ଧ୍ୱ ଅସୁସ୍ଥ ଘଟଣାକୁ ନେଇ ଶନିବାର ବିଜେଡି ପକ୍ଷରୁ ଆହୂତ ୧୨ଘଣ୍ଟିଆ ମୟୂରଭଞ୍ଜ ବନ୍ଦ ଡାକରାକୁ ପୂର୍ଣ୍ଣ ସମର୍ଥନ ମିଳିଛି। କଂଗ୍ରେସ ସମେତ ସିପିଏମ ଦଳ ସମର୍ଥନ ଜଣାଇଥିବା ବେଳେ ସମସ୍ତ ଦଳର କର୍ମୀଙ୍କ ପିକେଟିଂ ଯୋଗୁ ୧୮ନଂ., ୪୯ନଂ. ଓ ୨୨୦ନଂ. ଜାତୀୟ ରାଜପଥ, ବିଭିନ୍ନ ରାଜ୍ୟ ରାଜପଥରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଶୁକ୍ରବାର ସନ୍ଧ୍ୟାରେ ଏନେଇ ବିଜେଡି ପକ୍ଷରୁ ବାଇକ ରାଲି ଯୋଗେ ବ୍ୟବସାୟୀ ଓ ଜନସାଧାରଣଙ୍କୁ ସମର୍ଥନ ପାଇଁ ନିବେଦନ କରାଯାଇଥିଲା।

ବିଜେଡି ଜିଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଓ ଡା. ଦେବାଶିଷ ମାରାଣ୍ଡିଙ୍କ ସମେତ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ପୂର୍ବତନ ବିଧାୟକ ରାଜକିଶୋର ଦାସ, ଶ୍ରୀନାଥ ସୋରେନ, ଗଣେଶ୍ୱର ପାତ୍ର, ପ୍ରବକ୍ତା ପ୍ରିୟବ୍ରତ ମାଝି, ରାଇସେନ ମୁର୍ମୁ, ଚକ୍ରଧର ହେମ୍ବ୍ରମଙ୍କ ସମେତ ବହୁ ନେତୃବୃନ୍ଦ ଓକର୍ମକର୍ତ୍ତା ବିଭିନ୍ନ ସ୍ଥାନରେ ହରତାଳ ଜାରି ରଖିଥିଲେ। ୪ଟି ଉପଖଣ୍ଡ ସମେତ ୯ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମସ୍ତ ନେତୃବୃନ୍ଦ ସାମିଲ ସହିତ ଜନସାଧାରଣଙ୍କ ସ୍ୱତଃପ୍ରବୃତ୍ତ ସମର୍ଥନ ମିଳିଥିଲା। ଓକିଲସଂଘ ଓ ବସ୍ ସଂଘ ବିଜେଡିର ଆବେଦନକୁ ସମର୍ଥନ ଜଣାଇଥିଲେ। ତେବେ ଅତ୍ୟାବଶ୍ୟକ ସେବାକୁ ହରତାଳରୁ ବାଦ୍ ଦିଆଯାଇଯାଇଥିଲା। ଶିକ୍ଷାନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନ, ସରକାରୀ ଅନୁଷ୍ଠାନ ଓ କାର୍ଯ୍ୟାଳୟ, କଚେରୀ, ବ୍ୟାଙ୍କ, ପୋଷ୍ଟ ଅଫିସ, ପେଟ୍ରୋଲ ପମ୍ପ ଆଦି ବନ୍ଦ ରହିଥିଲା । ସମଗ୍ର ଜିଲାରେ କଂଗ୍ରେସ ଦଳ ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଓ ଭୂବନ ସାହୁଙ୍କ ନେତୃତ୍ୱରେ ଉପାଧ୍ୟକ୍ଷ ନାରାୟଣ କୁମାର ପଟ୍ଟନାୟକ, ଉପାଧ୍ୟକ୍ଷ ମୀନକେତନ ବେହେରା, ପ୍ରବକ୍ତା ଉତ୍ତମ ବେହେରା, ଜ୍ୟୋତିପ୍ରକାଶ ରଥ, ଯୋଗେଶ ଅଗ୍ରୱାଲ, ଶାନ୍ତନୁ ପାଲ, ସସ୍ମିତା ଘୋଷାଲ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ସାଇଡ୍ ମାଗିବାରୁ ବାଇକ୍ ଚାଳକଙ୍କୁ ମାଡ଼

**ଗୋପବନ୍ଧୁ ନଗର, ୧୮।୪ (ଶାନ୍ତନୁ କୁମାର ମଣ୍ଡୁଆଲ)**

ଗୋପବନ୍ଧୁନଗର ବ୍ଲକ ହରିବଂଶ ସାହିଠାରେ କୁଆଁମରା-ରେମୁଣା ରାସ୍ତାରେ ଜଣେ ବାଇକ୍ ଚାଳକ ସାଇଡ୍ ମାଗିବାରୁ ଜଣେ ଯୁବକ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ନେଇ କୁଆଁମରା ଫାଣ୍ଡିରେ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ହେଲେ କୁଆଁମରା ଫାଣ୍ଡି ଅଧୀନ ଖିରିପଦା ଗ୍ରାମର ସନ୍ତୋଷ କୁମାର ଦାସ। ସେ ଶୁକ୍ରବାର ସକାଳେ କୌଣସି କାମରେ ରେମୁଣା ଅଭିମୁଖେ ଯାଉଥିଲେ। ହରିବଂଶ ସାହିଠାରେ ରାସ୍ତାର ଗୋଟିଏ ପାର୍ଶ୍ୱରେ ଚାରିଚକିଆ ଯାନ ଛିଡ଼ା ହୋଇଥିବା ବେଳେ ଅନ୍ୟ ପାର୍ଶ୍ୱରେ ଆରପଟା ଗ୍ରାମର ଜଣେ ଯୁବକ ଛିଡ଼ା ହୋଇ କଥା ହେଉଥିଲେ। ସନ୍ତୋଷ ରାସ୍ତା ଅତିକ୍ରମ ପାଇଁ ସାଇଡ୍ ମାଗିବାରୁ ଉକ୍ତ ଯୁବକ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଗାଳିଗୁଲଜ କରିଥିଲେ। ଉଭୟଙ୍କ ମଧ୍ୟରେ ବଚସା ହେବାରୁ ଯୁବକ ଜଣକ ସନ୍ତୋଷଙ୍କୁ ମାଡ଼ ମାରିଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟିଥିବା ବେଳେ ସେ ଗୁରୁତର ହୋଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଶନିବାର ସନ୍ତୋଷଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି କହିଛନ୍ତି।

## ଉଦଳାରେ ବନ୍ଦର ପ୍ରଭାବ



ବନ୍ଦ ପାଳନ ଅବସରରେ ବିଜେଡି, କଂଗ୍ରେସ ନେତା ଓ କର୍ମୀ।

**ଉଦଳା, ୧୮।୪ (ସନ୍ତୋଷ କୁମାର ବାଛିନୀ)**

କାକବନ୍ଧ ଅନୁସୂଚିତ ଜାତି ଓ ଜନଜାତି ଆଶ୍ରମ ବିଦ୍ୟାଳୟର ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ବିଜେଡି ପକ୍ଷରୁ ଶନିବାର ୧୨ ଘଣ୍ଟିଆ ମୟୂରଭଞ୍ଜ ଜିଲା ବନ୍ଦ ଡାକରା ଦିଆଯାଇଥିଲା। ଉଦଳାରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ ଅଫିସ୍‌ଠାରୁ ଆରମ୍ଭ କରି ଦୋକାନ, ବଜାର ମଧ୍ୟ ବନ୍ଦ ରହିଥିଲା। ସେହିପରି ସବୁ ଯାନବାହନ ଚଳାଚଳ ମଧ୍ୟ ବନ୍ଦ ଥିଲା। ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନଙ୍କ ନେତୃତ୍ୱରେ ସକାଳ ୬ଟାଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶାନ୍ତିଶୃଙ୍ଖଳାର ସହ ବନ୍ଦ ପାଳନ କରାଯାଇଛି। ବିଜେଡିର ଶତାଧିକ ନେତା ଓ କର୍ମୀ ଏଥିରେ ସାମିଲ ଥିଲେ। ବନ୍ଦ ପାଳନ ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହେବା ପାଇଁ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିଥିଲା। ବିଜେଡିର ଏହି ବନ୍ଦ ପାଳନକୁ କଗ୍ରେସ ସମର୍ଥନ କରୁଥିବା ଦେଖିବାକୁ ମିଳିଛି।

## ଗଡ଼ିଲାନି ଗାଡ଼ି, ଯାତ୍ରୀ ହଇରାଣ

**କପ୍ତିପଦା, ୧୮।୪ (ବିଷ୍ଣୁ ଚରଣ ପୁଥାଳ)**

କପ୍ତିପଦା ବ୍ଲକରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ବିଜେଡି ଓ କଂଗ୍ରସ ମିଳିତ ଭାବେ ବିଭିନ୍ନ ସ୍ଥାନରେ ରହି ବନ୍ଦକୁ ସଫଳ କରିଥିଲେ। କପ୍ତିପଦା ଅଞ୍ଚଳରେ ସବୁ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିବା ବେଳେ ଯାତ୍ରୀବାହୀ ଗାଡ଼ିଗୁଡ଼ିକ ମଧ୍ୟ ଚଳାଚଳ କରି ନ ଥିଲା। ବିଭିନ୍ନ ସ୍ଥାନକୁ ଯିବାକୁ ଥିବା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେହିପରି ଶରତ ଅଞ୍ଚଳରେ ଦୋକାନ ବଜାର ଓ ଗାଡ଼ି ଚଳାଚଳ ବନ୍ଦ ରହିଥିଲା।

## ବେଆଇନ କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ

**ମୋରଡ଼ା, ୧୮।୪(ସ୍ମାରକ ମାଜୀ)**

ମୟୂରଭଞ୍ଜ ଜିଲା ବେତନଟୀ ବନବିଭାଗ ଏକ ବେଆଇନ କାଠ ବୋଝେଇ ପିକ୍‌ଅପ୍‌କୁ ଜବତ କରିଛି। ଉକ୍ତ ରେଞ୍ଜ ଅଧୀନ ବଡାମପୁର ସେକ୍ସନରେ ଏକ ପିକଅପ୍ ଭ୍ୟାନ୍ (ଓଡି-୦୧ଏଏଲ-୨୭୫୩)ରେ ୧୬ଟି ଚୁରଲା ଗଣ୍ଡି ବେଆଇନ ଭାବେ ଚାଲାଣ ହେଉଥିଲା। ଖବର ପାଇ ବନବିଭାଗ କର୍ମଚାରୀ ବେଣାଶୋଳ ଗ୍ରାମ ନିକଟରେ ଚଢ଼ାଉ କରି ଜବତ ଗାଡ଼ି ସହ କାଠ ଜବତ କରିଥିଲେ। ଚଢ଼ାଉରେ ଫରେଷ୍ଟର ଦୀପକ ପାତ୍ର, ଫରେଷ୍ଟ ଗାର୍ଡ ନମିତା ସେଠି ପ୍ରମୁଖ ସାମିଲ ଥିଲେ।

## ଗ୍ରୀଷ୍ମପ୍ରବାହ ଯୋଗୁ ମୟୂରଭଞ୍ଜ ଜିଲାରେ ୪ଦିନ ଛୁଟି

**ବାରିପଦା, ୧୮।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ରାଜ୍ୟରେ ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଗରମକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସୟ ଆସନ୍ତା ୨୦ ଏପ୍ରିଲଠାରୁ ୨୩ ଏପ୍ରିଲ ପର୍ଯ୍ୟନ୍ତ ଜିଲାର ସମସ୍ତ ସରକାରୀ, ବେସରକାରୀ ସ୍କୁଲ ଓ କଲେଜଗୁଡ଼ିକୁ ଛୁଟି ଘୋଷଣା କରିଛନ୍ତି। ଶିଶୁ ବାଟିକାଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ପାଇଁ ଏହି ନିୟମ ଲାଗୁ ହେବ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ, ଆସନ୍ତା ସୋମବାରଠାରୁ ଗୁରୁବାର ପର୍ଯ୍ୟନ୍ତ ସମସ୍ତ ସ୍କୁଲ ବନ୍ଦ ରହିବ। ଜିଲାରେ ତାପମାତ୍ରା କ୍ରମାଗତ ଭାବେ ବଢୁଥିବାରୁ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲାପାଳ ସୟ ଏହି ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ତଥା ଅଭିଭାବକମାନଙ୍କୁ ଅବଗତ କରାଯାଇଛି। ଏହାସହ ଗ୍ରୀଷ୍ମରେ ବଢୁଥିବା ପ୍ରଭାବକୁ ଦୃଷ୍ଟିରେ ରଖି କୌଣସି ନୂତନ ପଦକ୍ଷେପ ନିଆଗଲେ ଆଗୁଆ ସୂଚାଇ ଦିଆଯିବ ବୋଲି ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି। ଏହି ସମୟ ମଧ୍ୟରେ ୫ମ ଓ ୮ମ ଶ୍ରେଣୀ ପରୀକ୍ଷା ଏବଂ ଆଡମିଶନ କାର୍ଯ୍ୟ ଚାଲୁ ରହିବ। ଜିଲା ପ୍ରଶାସନ ପକ୍ଷରୁ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକମାନଙ୍କୁ ଅନୁରୋଧ କରାଯାଇଛି ଯେ, ଏହି ଛୁଟି ସମୟରେ ଦିନର ଅଧିକାଂଶ ସମୟ ଘର ଭିତରେ ରହିବା ଏବଂ ପ୍ରଚଣ୍ଡ ଗ୍ରୀଷ୍ମରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ସମସ୍ତ ସତର୍କତା ଅବଲମ୍ବନ କରନ୍ତୁ। ରାଜ୍ୟର ବିଭିନ୍ନ ଜିଲାରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାରୁ ଏହା ପୂର୍ବରୁ କେତେକ ଜିଲାରେ ମଧ୍ୟ ଛୁଟି ଘୋଷଣା କରାଯାଇଛି।

## ରାଇରଙ୍ଗପୁରରେ ବନ୍ଦ ସଫଳ




ଟ୍ରେନ ଅଟକାଇ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ରାଇରଙ୍ଗପୁର, ୧୮।୪(ମାନସ ମହାନ୍ତି)**

ଶନିବାର ସମଗ୍ର ମୟୂରଭଞ୍ଜ ଜିଲା ୧୨ଘଣ୍ଟିଆ ବନ୍ଦ ପାଳନ ପରିପ୍ରେକ୍ଷୀରେ ରାଇରଙ୍ଗପୁର ବନ୍ଦ ସଫଳ ହୋଇଛି। ମୟୂରଭଞ୍ଜ ଜିଲା (୨) ବିଜୁ ଜନତା ଦଳ ଶାଖା ସଙ୍ଗଠନ ପକ୍ଷରୁ ରାଇରଙ୍ଗପୁର ଉପଖଣ୍ଡ ରାଇରଙ୍ଗପୁର ସହରାଞ୍ଚଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବିଭିନ୍ନ ବ୍ୟାଙ୍କ ସମୂହ କୋର୍ଟ କଚେରୀ ସମେତ ବିଭିନ୍ନ ବ୍ୟବସାୟ ଅନୁଷ୍ଠାନ ବନ୍ଦ କରାଯାଇଥିଲା। ଯାନବାହନ ବନ୍ଦ ଯୋଗୁ ଯାତ୍ରୀମାନେ ବହୁ ଅସୁବିଧା ସମ୍ମୁଖୀନ ହୋଇଥିଲେ। ଉକ୍ତ ବନ୍ଦ ପାଳନରେ ବିଜୁ ଜନତା ଦଳ ମୟୂରଭଞ୍ଜ (୨) ଶାଖା ସଙ୍ଗଠନର କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁ, ପୌର ପରିଷଦ ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ ଏବଂ ଉପାଧ୍ୟକ୍ଷା ମମିତା ଚୌଧୁରୀ ଏବଂ ମହିଳା ସଙ୍ଗଠନ ସଭାପତି ତନୁଜା ମହାନ୍ତଙ୍କ ନେତୃତ୍ୱରେ ବିଭିନ୍ନ ନେତୃବୃନ୍ଦ, ଯୁବ ଓ ମହିଳା କର୍ମୀ ସାମିଲ ଥିଲେ। ଜାମଦା ବ୍ଲକ ଅଞ୍ଚଳରେ ବିଜୁ ଜନତା ଦଳର ସଙ୍ଗଠନ ଉପସଭାପତି ସୁବାସ ମଣ୍ଡଳଙ୍କ ନେତୃତ୍ୱରେ ବହୁ ଦଳୀୟ ଯୁବ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରି ବିଭିନ୍ନ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନ ଏବଂ ବ୍ୟାଙ୍କ ବ୍ୟବସାୟୀ ଅନୁଷ୍ଠାନ ବନ୍ଦ କରିଥିଲେ। ତିରିଂ ବ୍ଲକର ଜିଲା ପରିଷଦ ସଦସ୍ୟ ପରେଶ ଚନ୍ଦ୍ର ମୁଣ୍ଡା, ଏବଂ ମହିଳା ନେତ୍ରୀ ହେମାମଣୀ ଶୁଣ୍ଡିଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ବନ୍ଦ ପାଳନରେ ସାମିଲ ହୋଇଥିଲେ।

## ହଷ୍ଟେଲ ଛାତ୍ରୀଛାତ୍ରଙ୍କୁ ନିୟମିତ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ଦାବି

**କପ୍ତିପଦା, ୧୮।୪(ବିଷ୍ଣୁ ଚରଣ ପୁଥାଳ)**

କପ୍ତିପଦା ବ୍ଲକରେ ବର୍ତ୍ତମାନ ଅଧିକାଂଶ ବିଦ୍ୟାଳୟଗୁଡ଼ିକରେ ହଷ୍ଟେଲରେ ରହୁଥିବା ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ତଦାରଖ ସମସ୍ୟା ଦେଖାଦେଇଛି। ଅନ୍ତେବାସୀମାନଙ୍କର ବିଭିନ୍ନ ସମୟରେ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏଣୁ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଏକ ଡାକ୍ତରୀ ଟିମ୍ ପ୍ରତି ସପ୍ତାହରେ ହଷ୍ଟେଲକୁ ଯାଇ ଅନ୍ତେବାସୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଉପଯୁକ୍ତ ଔଷଧ ଯୋଗାଇ ଦେବାକୁ ଅଭିଭାବକମାନେ ଦାବି କରିଛନ୍ତି।

ପ୍ରକାଶ ଯେ, ଏହି ବ୍ଲକରେ ୪୦ ଶଯ୍ୟା ବିଶିଷ୍ଟ ଓ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ଓ ଛାତ୍ରାବାସରେ ପ୍ରାୟ ୪ହଜାର ଅନ୍ତେବାସୀ ରହିଛନ୍ତି। ଗୋଟିଏ ଗୋଟିଏ ବିଦ୍ୟାଳୟରେ ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ମଧ୍ୟ ହଷ୍ଟେଲର ରହୁଛନ୍ତି। ବିଦ୍ୟାଳୟ ପକ୍ଷରୁ ଏତେଗୁଡ଼ିଏ ପିଲାମାନଙ୍କୁ ନେଇ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସମ୍ଭବ ହୋଇପାରୁ ନାହିଁ। ଏଣୁ ଜିଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଅଭିଭାବକମାନଙ୍କ ପକ୍ଷରୁ ଦାବି କରାଯାଇଛି। ରାସଗୋବିନ୍ଦପୁର ବ୍ଲକ କାକବନ୍ଧ ଆଶ୍ରମ ସ୍କୁଲରେ ଯେପରି ଅଭାବନୀୟ ଘଟଣା ଘଟିଲା ତାହାର ପୁନରାବୃତ୍ତି ନ ଘଟୁ ବୋଲି ଅଭିଭାବକ ରାଇତୁ ମାର୍ଣ୍ଡି ମତପ୍ରକାଶ କରିଛନ୍ତି। ନିୟମିତ ଭାବେ ହଷ୍ଟେଲଗୁଡ଼ିକରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଗଲେ ଛାତ୍ରୀଛାତ୍ର ନିରୋଗ ରହିପାରନ୍ତେ। ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ଦେଖାଇବା ସହ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଅଭିଭାବକ ଜାମାଏଁ ହାଁସଦା ଆଶାବ୍ୟକ୍ତ କରିଛନ୍ତି।

## ବେତନଟୀ ବନ୍ଦ ସଫଳ



**ବେତନଟୀ, ୧୮।୪ (ଧରଣୀଧର ମହାନ୍ତି)**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ୍ କାକବନ୍ଧ ସେବାଶ୍ରମରେ ପଢୁଥିବା ପଞ୍ଚମ ଶ୍ରେଣୀର ଛାତ୍ରୀ ରୁପାଲୀ ବେସ୍ରାଙ୍କ ମୃତ୍ୟୁକୁ ନେଇ ମୟୂରଭଞ୍ଜ ଜିଲା ବିଜେଡି ଓ କଂଗ୍ରେସ ପକ୍ଷରୁ ଶନିବାର ଜିଲା ବନ୍ଦ ଡାକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ବେତନଟୀର ସମସ୍ତ ଦୋକାନ ବଜାର, ବ୍ଲକ୍, ତହସିଲ କାର୍ଯ୍ୟାଳୟ, ସ୍କୁଲ, ମହାବିଦ୍ୟାଳୟ, ବ୍ୟାଙ୍କ ସମେତ ସମସ୍ତ ଅଫିସ କାର୍ଯ୍ୟାଳୟ ବନ୍ଦ ଥିଲା। ୧୮ ନମ୍ବର ଜାତୀୟ ରାଜପଥ ବଙ୍ଗାଳଛକ ନିକଟ ବାଇପାସ ଛକରେ ବିଜେଡି ଓ କଂଗ୍ରେସର କର୍ମୀ ଜାତୀୟ ରାଜପଥ ଅବରୋଧ କରି ବସ୍, ଟ୍ରକ୍ ସମେତ ସମସ୍ତ ଚାରି ଚକିଆ ଯାନକୁ ଅଟକ ରଖିଥିଲେ। ଅପରାହ୍ନ ପରେ ଦୋକାନ ବଜାର, ଗାଡି ଚଳାଚଳ ସ୍ୱାଭାବିକ ଅବସ୍ଥାକୁ ଫେରିଥିଲା। ଆଶ୍ରମ ଛାତ୍ରୀ ମୃତ୍ୟୁ ଘଟଣାରେ ସରକାରୀ ଅବହେଳାକୁ ଦାୟୀ କରି ବେତନଟୀବାସୀ ବନ୍ଦକୁ ସ୍ୱେଚ୍ଛାକୃତ ସମର୍ଥନ ଦେଇଥିଲେ। ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ପୂର୍ବତନ ଜିଲା ପରିଷଦ ସୁଶାନ୍ତ ବଳା, ସୁନ୍ଦର ମୋହନ ମହାନ୍ତ, ସମିତି ସଭ୍ୟ କିଶୋର ନାୟକ, ବାପି ମହାନ୍ତ, ଛାତ୍ର ନେତା ସୌରଭ ପରିଡା, ମନୀଷ ଗିରି, ମାନୁ ସାହୁ, ବ୍ଲକ୍ କଂଗ୍ରେସ ସଭାପତି କୁଶଧର ବେହେରା, ମଣ୍ଟୁ ମହାନ୍ତ, ଗୌରମୋହନ ସିଂ, ରଘୁନାଥ ମୁର୍ମୁ ପ୍ରମୁଖ ସକ୍ରିୟ ଭୂମିକା ତୁଲାଇଥିଲେ।

## ବନ୍ଦରେ ଯୋଗଦେଲା ଜେଏମ୍ଏମ୍

**ମୋରଡ଼ା, ୧୮।୪(ସ୍ମାରକ ମାଜୀ)**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ୍ ଅଧୀନ ଗାଁଅମର୍ଦା ପଞ୍ଚାୟତର କାକବନ୍ଧ ଅନୁସୂଚିତ ଜାତି ଓ ଜନଜାତି ଆଶ୍ରମ ବିଦ୍ୟାଳୟରେ ବିଷାକ୍ତ ଖାଦ୍ୟ ଖାଇ ୧୪୬ଜଣ ଛାତ୍ରୀଛାତ୍ର ଅସୁସ୍ଥ ହେବା ଓ ରୂପାଲି ବେଶ୍ରା ନାମକ ପଞ୍ଚମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟ ଘଟିଥିଲା। ଉକ୍ତ ଘଟଣାକୁ ନେଇ ଉପଯୁକ୍ତ କ୍ଷତି ପୂରଣ ଓ ନ୍ୟାୟ ଦାବିରେ ବିଜୁ ଜନତା ଦଳ ତରଫରୁ ୧୨ ଘଣ୍ଟିଆ ମୟୂରଭଞ୍ଜ ବନ୍ଦ ଡାକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଜିଲାର ମୋରଡ଼ା ବ୍ଲକ୍‌ର ଚିତ୍ରଡ଼ା ବଜାର, ଶୀର୍ଷପାଳ ଛକ, ବ୍ଲକ୍ ଛକ ଓ ମୋରଡ଼ା ବଜାର, ତାରିଣୀ ଛକ ଆଦି ସ୍ଥାନରେ ବିଜେଡି ନେତା ଓ କର୍ମୀମାନେ ଦୋକାନ ବଜାର, ପେଟ୍ରୋଲ ପମ୍ପ, ଶିକ୍ଷା ଅନୁଷ୍ଠାନ ଆଦି ଶାନ୍ତିପୂର୍ଣ୍ଣଭାବେ ବନ୍ଦ କରିଛନ୍ତି। ଉକ୍ତ ବନ୍ଦକୁ ସମର୍ଥନ ଜଣାଉଥିବା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ସାମିଲ ହୋଇଥିବାର ଦେଖିବାକୁ ମିଳିଛି।

## ଖିଲାପକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ବାରିପଦା, ୧୮।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

### ସେବାଶ୍ରମ ଓ ଆଶ୍ରମ ବିଦ୍ୟାଳୟ ଖାଦ୍ୟ ନିରାପତ୍ତା ସମୀକ୍ଷା କଲେ ଜିଲାପାଳ

ମୟୂରଭଞ୍ଜ ଜିଲାରେ ଆଦିବାସୀ ଛାତ୍ରୀଛାତ୍ରାବାସର ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ନେଇ ଜିଲାପାଳ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ସେବାଶ୍ରମ ଓ ଆଶ୍ରମ ସ୍କୁଲରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ପୁଷ୍ଟିକର ସୁଷମ ଖାଦ୍ୟ ପ୍ରଦାନ କରିବାକୁ ସୁନିଶ୍ଚିତ କରାଯିବ। ନିର୍ଦ୍ଧାରିତ ଖାଦ୍ୟ ସୂଚୀ ଅନୁଯାୟୀ ସ୍ୱଚ୍ଛ ପରିବେଶରେ ଖାଦ୍ୟ ପ୍ରସ୍ତୁତ ହେବ। ଏହାସହ ଛାତ୍ରୀଛାତ୍ରଙ୍କୁ ବିଶୁଦ୍ଧ ପାନୀୟ ଜଳ ପ୍ରଦାନ କରିବାକୁ ନିଶ୍ଚିତ କରାଯିବ। ସେବାଶ୍ରମ ଓ ଆଶ୍ରମ ସ୍କୁଲରେ ଉତ୍ତମ ପୋଷଣ ବ୍ୟବସ୍ଥାକୁ ସମୀକ୍ଷା କରିବା ଅବସରରେ ଶୁକ୍ରବାର ଜିଲାପାଳ ହେମକାନ୍ତ ସୟ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସୱାନ ହଲ୍‌ରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସମସ୍ତ ସେବାଶ୍ରମ ଓ ଆଶ୍ରମ ବିଦ୍ୟାଳୟର ଖାଦ୍ୟ ବଣ୍ଟନ ପ୍ରକ୍ରିୟା, ସ୍ୱଚ୍ଛତା ଓ ପରିମଳ ସମ୍ପର୍କରେ ସମୀକ୍ଷା କରିଛନ୍ତି।

ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ସରକାରୀ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିବାକୁ ପରାମର୍ଶ ଦେଇଛନ୍ତି। ସେବାଶ୍ରମ, ଆଶ୍ରମ, ଆଇଟିଡିଏ ଓ ଅନ୍ୟ ସମସ୍ତ ଛାତ୍ରୀନିବାସ ବା ଛାତ୍ରାବାସରେ ରହୁଥିବା ଅନ୍ତେବାସୀଙ୍କ ସୁବିଧା ଅସୁବିଧା ନିରୀକ୍ଷଣ କରିବାକୁ ନିୟମିତ ପରିଦର୍ଶନ କରିବା ପାଇଁ ଜିଲାପାଳ ସୟ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଏନେଇ ମଧ୍ୟ ନିର୍ଦ୍ଦେଶ ଦେଇଥିବା ବେଳେ ଏହାର ଅନୁପାଳନ ସମ୍ପର୍କରେ ରିପୋର୍ଟ ନେଇଛନ୍ତି। କୌଣସି ବିଦ୍ୟାଳୟରେ ଏହାକୁ ଅନୁପାଳନ କରାଯାଉ ନ ଥିଲେ, ଖିଲାପକାରୀ ପ୍ରଧାନଶିକ୍ଷକଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ସୁରକ୍ଷାରେ ସାମାନ୍ୟତମ ଅବହେଳା ମଧ୍ୟ ବରଦାସ୍ତ କରାଯିବ ନାହିଁ ବୋଲି ମଧ୍ୟ ଚେତାଇ ଦେଇଛନ୍ତି। ଏହି ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ ଓ ଈଶ୍ୱର ଚନ୍ଦ୍ର ନାଏକ, ପ୍ରକଳ୍ପ ଅଧିକାରୀ ବାରିପଦା ଆଇଟିଡିଏ ପ୍ରଣୟ ରଞ୍ଜନ ବେହେରା, ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁଦୁଲିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଉପଖଣ୍ଡସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ବୈଠକରେ ସାମିଲ ହୋଇଥିଲେ।

## ରାଜପଥ ଅବରୋଧ, ଅଟକି ରହିଲା ଗାଡ଼ି



ଖୁଣ୍ଟା ବଜାରରେ ବିଜେଡି କର୍ମୀମାନେ ବନ୍ଦ ପାଳନ କରୁଛନ୍ତି।

**ଗୋପବନ୍ଧୁ ନଗର, ୧୮।୪ (ଶାନ୍ତନୁ କୁମାର ମଣ୍ଡୁଆଲ)**

ବିଜେଡି ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରା ପରିପ୍ରେକ୍ଷୀରେ ଗୋପବନ୍ଧୁ ନଗର ବ୍ଲକରେ ବିଭିନ୍ନ ସ୍କୁଲ, କଲେଜ, ଦୋକାନ ବଜାର, ବ୍ୟାଙ୍କ, ବ୍ଲକ କାର୍ଯ୍ୟାଳୟ, ତହସିଲ, ଶିଳ୍ପ ପ୍ରତିଷ୍ଠାନ ବନ୍ଦ ରହିଥିଲା। ବସ୍ ଚଳାଚଳ ମଧ୍ୟ ବନ୍ଦ ରହିଥିଲା। ତେବେ କୁଆଁମରା, ପୁରୁଣା ବାରିପଦା, କୁଶଳଦା, ଜୟପୁର ବଜାର ଖୋଲା ଥିବାବେଳେ ବସ୍ ବ୍ୟତୀତ ଅନ୍ୟ ସବୁ ଯାନବାହନ ଚଳାଚଳ କରିଥିଲା। ବ୍ଲକ ବିଜେଡି ସଭାପତି ସତ୍ୟବାନ ଉପାଧ୍ୟାୟଙ୍କ ନେତୃତ୍ୱରେ ଛାତ୍ର ସଭାପତି ଦିଲୀପ ମହାପାତ୍ର, ଜିଲା ଯୁବ ଉପସଭାପତି ଜ୍ୟୋତିଶଙ୍କର ସାହୁ, ମିଡିଆ ସଂଯୋଜକ ପ୍ରିୟବ୍ରତ ମାଝୀ, ଯୁବ ସଂଗଠକ ଅସିତ ଲେଙ୍କା, ଅଭିମନ୍ୟୁ ପାତ୍ର, ରଞ୍ଜନ ମହାନ୍ତି, ମୀନକେତନ ମହାନ୍ତି, ରମାକାନ୍ତ ମହାନ୍ତି, ଖୁଣ୍ଟା ବ୍ଲକ ଅଧ୍ୟକ୍ଷ ସୁଧନ୍ୟା ନାଏକଙ୍କ ସହ ବହୁ ବିଜେଡି କର୍ମୀ ଖୁଣ୍ଟାଠାରେ ୧୯ ନମ୍ବର ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଫଳରେ ଉଦଳା-ବାରିପଦା ରାସ୍ତାରେ ବହୁ ଯାନବାହନ ଅଟକି ରହିଥିଲା।

## ଜିଲାସ୍ତରୀୟ ୮ମ ପୋଷଣ ପକ୍ଷ ପାଳିତ

**ବାରିପଦା, ୧୮।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଜିଲାସ୍ତରୀୟ ୮ମ ପୋଷଣ ପକ୍ଷ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ହେମକାନ୍ତ ସୟ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସୁଷମ ଖାଦ୍ୟର ସେବନ ତଥା ବାଡ଼ି ବଗିଚାରେ ମିଳୁଥିବା ପୋଷକଯୁକ୍ତ ପନିପରିବାକୁ ଖାଦ୍ୟରେ ବ୍ୟବହାର ସାଙ୍ଗକୁ ଶିଶୁଙ୍କ ଖାଦ୍ୟପେୟରେ ଉପଯୁକ୍ତ ଖାଦ୍ୟଦେବାକୁ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଛନ୍ତି। ସଭାରେ ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା କିଶୋର କୁମାର ଆଚାର୍ଯ୍ୟ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, କୃଷି ବିଜ୍ଞାନ କେନ୍ଦ୍ର ଶାମାଖୁଣ୍ଟାର ବରିଷ୍ଠ ବୈଜ୍ଞାନିକ ସଂଘମିତ୍ରା ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପୋଷକତତ୍ତ୍ୱ ସମ୍ମିଳିତ ବିଭିନ୍ନ ଖାଦ୍ୟପଦାର୍ଥ, ସୁଷମ ଖାଦ୍ୟ ଓ ଶିଶୁର ମସ୍ତିଷ୍କ ବିକାଶ ସାମଗ୍ରୀର ଷ୍ଟଲ ତଥା ସବୁଜ ପନିପରିବା ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ଖାଦ୍ୟ ପସରାର ପ୍ରଦର୍ଶନୀ କରାଯାଇଥିଲା। ଜିଲାର ୨୬ଟି ବ୍ଲକର ଶିଶୁବିକାଶ ପ୍ରକଳ୍ପ ଅଧୀନରେ ଥିବା ଅଙ୍ଗନୱାଡି କର୍ମୀ, ସହକର୍ମୀ ତଥା ମା' ମାନଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା। ଏହି ସମାରୋହରେ ଜିଲାର ସମସ୍ତ ସିଡିପିଓ, ମହିଳା ସୁପରଭାଇଜର, ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ଥିଲେ।



ଯାଜପୁର ଜିଲା ସୁକିନ୍ଦା ବ୍ଲକ ବେଣାଗାଡ଼ିଆ ଗ୍ରାମର ନଳକୂପ ଜଳ ପାନୀୟ ଅନୁପଯୋଗୀ ହୋଇପଡ଼ିଥିବାରୁ ମହିଳାମାନେ ଗାଁ ନିକଟ ଏକ ନାଳରୁ ପାଣି ସଂଗ୍ରହ କରି ଆଣୁଛନ୍ତି। (ରିପୋର୍ଟ: ପୃଷ୍ଠା-୨)

# ବିରୋଧୀ ଅଟକାଉଛନ୍ତି ମହିଳା ବିଲ୍, ଗର୍ଜିଲେ ମୋଦି

ନୂଆଦିଲ୍ଲୀ,୧୮।୪ (ପି.ଟି.)



ସରକାରଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ପାର୍ଲାମେଣ୍ଟରେ ମହିଳା ସ୍ଥାନ ସଂରକ୍ଷଣ ବିଲ୍‌କୁ ଗୃହୀତ କରାଇ ନ ଦେଇ ବିରୋଧୀ ଦଳଗୁଡ଼ିକ ମହିଳାମାନଙ୍କ ସ୍ୱପ୍ନକୁ ନିର୍ଦ୍ଦୟ ଭାବେ ଚୂନା କରିଦେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କହିଛନ୍ତି। ଲୋକ ସଭାରେ ବିଲ୍ ନାକଚ ହେବାର ଦିନକ ପରେ ରାଷ୍ଟ୍ରକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, କଂଗ୍ରେସ, ଡିଏମ୍‌କେ, ଟିଏମ୍‌ସି ଏବଂ ସମାଜବାଦୀ ପାର୍ଟି ଭଳି ଦଳଗୁଡ଼ିକର ସ୍ୱାର୍ଥପର ରାଜନୀତି ଦେଶର ମହିଳାଙ୍କ ବିରୋଧରେ ଯାଇଛି। ବ୍ୟବସ୍ଥାପିକାରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ଉଦ୍ୟମକୁ ସେମାନେ ବିଫଳ କରିଦେଇଛନ୍ତି। ଏଥିପାଇଁ ଦେଶର ସବୁ ମହିଳାଙ୍କଠାରୁ ମୁଁ ☞ପୃଷ୍ଠା-୨

# ହର୍ମୁଜ୍‌ରେ ୨ ଭାରତୀୟ ଜାହାଜକୁ ଗୁଳିମାଡ଼

**ବିଶ୍ୱର ଅନ୍ୟତମ ପ୍ରମୁଖ ବାଣିଜ୍ୟିକ ଜଳପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଶୁକ୍ରବାର ଇରାନ ଖୋଲିଦେଇଥିଲା। ମାତ୍ର ୨୪ ଘଣ୍ଟା ନ ପୂରୁଣୁ ପୁଣି ଏହି ବାଣିଜ୍ୟିକ ଜଳପଥକୁ ବନ୍ଦ କରିଦେଇଛି। ଏହାର କିଛି ଘଣ୍ଟା ପରେ ୨ ଭାରତୀୟ ଜାହାଜକୁ ଗୁଳିମାଡ଼ ହୋଇଛି। ୨ ଇରାନୀୟ ଗନ୍‌ବୋଟ୍‌ରୁ ଗୁଳି କରାଯାଇଥିବା ସୂତ୍ରରୁ ଜଣାପଡ଼ିଛି। ଏଥିରେ ଜାହାଜ କ୍ଷତିଗ୍ରସ୍ତ ହୋଇ ନ ଥିବାବେଳେ କେହି ଆହତ ହୋଇନାହାନ୍ତି। ଓମାନର ଉତ୍ତରପୂର୍ବ ଭାଗରେ ଗୁଳିମାଡ଼ ପରେ ଜାହାଜ ଦୁଇଟି ହର୍ମୁଜ୍‌ରୁ ଫେରିଯାଇଛି। ଏହି ଘଟଣା ପରେ ନୂଆଦିଲ୍ଲୀ ଇରାନୀୟ ରାଷ୍ଟ୍ରଦୂତଙ୍କୁ ସମନ କରିଛି।**

ନୂଆଦିଲ୍ଲୀ,୧୮।୪

ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଇରାନ ଶନିବାର ପୁନର୍ବାର ଅବରୋଧ କରିବାର କିଛି ଘଣ୍ଟା ପରେ ୨ ଭାରତୀୟ ଜାହାଜକୁ ଗୁଳିମାଡ଼ ହୋଇଛି। ୨ ଇରାନୀୟ ଗନ୍‌ବୋଟ୍‌ରୁ ଗୁଳି କରାଯାଇଥିବା ସୂତ୍ରରୁ ଜଣାପଡ଼ିଛି। ଏଥିରେ ଜାହାଜ କ୍ଷତିଗ୍ରସ୍ତ ହୋଇ ନ ଥିବାବେଳେ କେହି ଆହତ ହୋଇନାହାନ୍ତି। ଓମାନର ଉତ୍ତରପୂର୍ବ ଭାଗରେ ଗୁଳିମାଡ଼ ପରେ ଜାହାଜ ଦୁଇଟି ହର୍ମୁଜ୍‌ରୁ ଫେରିଯାଇଛି। ଗୁଳିମାଡ଼ର ସମ୍ମୁଖୀନ ହୋଇଥିବା ୨ଟି ଜାହାଜ ମଧ୍ୟରୁ ଗୋଟିଏ ବହୁତ ବଡ଼ ହୋଇଥିବାବେଳେ ସେଥିରେ ଅଶୋଧିତ ତୈଳ ଆସୁଥିଲା। ଏହି ଘଟଣା ପରେ ନୂଆଦିଲ୍ଲୀ ଇରାନୀୟ ରାଷ୍ଟ୍ରଦୂତଙ୍କୁ ସମନ କରିଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ଖୁବ୍‌ଶୀଘ୍ର ଏହା ଉପରେ ବିବୃତି ଦେଇପାରେ ବୋଲି ଉକ୍ତ ସୂତ୍ରରୁ କୁହାଯାଇଛି।

ସୁପର ଟ୍ୟାଙ୍କର ସମେତ ୨ ଭାରତୀୟ ବାଣିଜ୍ୟିକ ଜାହାଜ ଶନିବାର ହର୍ମୁଜ୍ ଅତିକ୍ରମ କରିବାକୁ ଉଦ୍ୟମ କଲାବେଳେ ଗୁଳିମାଡ଼ର ସମ୍ମୁଖୀନ ହୋଇଥିଲା ବୋଲି ଏକାଧିକ ସାମୁଦ୍ରିକ ଓ ସୁରକ୍ଷା ସୂତ୍ରରୁ ଜଣାପଡ଼ିଛି। ଇରାନର ରିଭୋଲ୍ୟୁଶନାରି ଗାର୍ଡ ଗନ୍‌ବୋଟ୍‌ରୁ ଗୁଳିମାଡ଼ ହୋଇଥିବା ଟ୍ୟାଙ୍କରଟ୍ରାକର୍ ରିପୋର୍ଟ କରିଛି। ଭାରତୀୟ ସୁପର ଟ୍ୟାଙ୍କରରେ ପ୍ରାୟ ୨ ନିୟୁତ ବ୍ୟାରେଲ୍ ଇରାକୀ ତୈଳ ବୋଝେଇ ହୋଇଥିଲା। ଇରାନ ରିଭୋଲ୍ୟୁଶନାରି ଗାର୍ଡର ୨ଟି ଗନ୍‌ବୋଟ୍‌ରୁ ଏକ ତୈଳବାହୀ ଜାହାଜକୁ ଗୁଳି ହୋଇଥିବା ବ୍ରିଟେନ୍ ମେରିଟାଇମ୍ ଟ୍ରେଡ୍ ଅପରେଶନ (ୟୁକେଏମ୍‌ଟିଓ) ସେଣ୍ଟର ପକ୍ଷରୁ ସ୍ପଷ୍ଟ କରାଯାଇଛି। କେଶମ୍ ଏବଂ ଲାରାକ ଦ୍ୱୀପ ମଧ୍ୟବର୍ତ୍ତୀ ଅଞ୍ଚଳରେ ଗୁଳିମାଡ଼ ☞ପୃଷ୍ଠା-୨

## ପୁଣି ହର୍ମୁଜ୍ ବନ୍ଦକଲା ଇରାନ | ଆମେରିକା ଚୁକ୍ତି ଉଲ୍ଲଂଘନ କରିଥିବା ଅଭିଯୋଗ

କାଇରୋ,୧୮।୪

ଇରାନ ସହ ଜଡ଼ିତ ଜାହାଜ ଚଳାଚଳ ଉପରେ ଆମେରିକା ଲଗାଇଥିବା କଟକଣା ହଟାଇବ ନାହିଁ ବୋଲି କହିବା ପରେ ତେହରାନ୍ ଶନିବାର ପୁଣିଥରେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଗୁରୁତ୍ୱପୂର୍ଣ୍ଣ ଜଳପଥକୁ ବନ୍ଦ କରିଦେଇଛି। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ର ନିୟନ୍ତ୍ରଣ ସଶସ୍ତ୍ର ବଳର କଠୋର ପରିଚାଳନାରେ ପୁଣି ପୂର୍ବ ସ୍ଥିତିକୁ ଫେରିଥିବା ଇରାନର ଯୁଗ୍ମ ସାମରିକ କମାଣ୍ଡ କହିଛନ୍ତି। ଇରାନୀୟ ବନ୍ଦରଗୁଡ଼ିକ ଉପରେ ଆମେରିକାର ଅବରୋଧ ଯେପର୍ଯ୍ୟନ୍ତ ରହିଥିବ, ସେପର୍ଯ୍ୟନ୍ତ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଦେଇ ଜାହାଜ ଚଳାଚଳ ବନ୍ଦ ରହିବ ବୋଲି ଇରାନ ସାମରିକ କମାଣ୍ଡ ଚେତାବନୀ ଦେଇଛନ୍ତି।

ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ସମସ୍ତ ବାଣିଜ୍ୟିକ ଜାହାଜ ଚଳାଚଳ ପାଇଁ ☞ପୃଷ୍ଠା-୨

# ଏସ୍‌ଡିପିଓଙ୍କ ନାଁରେ ଯୌନ ନିର୍ଯାତନା ଅଭିଯୋଗ

## ନୟାଗଡ଼ ଏସ୍‌ପିଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଲେ ଡିଜିପି

ଭୁବନେଶ୍ୱର,୧୮।୪(ତ୍ରିନାଥ ମହାନ୍ତି)

ନୟାଗଡ଼ ଜିଲା ଖଣ୍ଡପଡ଼ା ସବ୍‌ଡିଭିଜନାଲ ପୋଲିସ ଅଫିସର (ଏସ୍‌ଡିପିଓ) ମଦନ ମୋହନ ପ୍ରଧାନଙ୍କ ନାମରେ ଯୌନ ନିର୍ଯାତନା ଓ ଧମକ ଅଭିଯୋଗ ଆସିଛି। ଏନେଇ ଜଣେ ମହିଳା ଭୁବନେଶ୍ୱର ଡିଜିପିଙ୍କ କ୍ୟାମ୍ପ୍ ଅଫିସ୍ ଆସି ଅଭିଯୋଗ କରିଛନ୍ତି। ଏସ୍‌ଡିପିଓ ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଥିବାର ଏକ ଅଡିଓ କ୍ଲିପ୍ ମଧ୍ୟ ମହିଳା ଜଣକ ପ୍ରଦାନ କରିଛନ୍ତି। ଉକ୍ତ ଅଡିଓରେ ଏସ୍‌ଡିପିଓ ଅଟୋରେ ଆସି ରାତିରେ ରହିବାକୁ କହୁଥିବା ଏବଂ ଶାରୀରିକ ସମ୍ପର୍କ ରଖିଲେ କିଛି ଅସୁବିଧା ହେବ କି ବୋଲି ପ୍ରଶ୍ନ କରୁଥିବା ଶୁଣିବାକୁ ମିଳୁଛି। ଡିଜିପି ୱାଇ. ବି. ଖୁରାନିଆ ଅଭିଯୋଗକୁ ଗ୍ରହଣ କରିବା ସହ ଘଟଣାର ତଦନ୍ତ କରିବାକୁ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଅନୁସାରେ, ମହିଳା ଜଣକ ଏକ ମାମଲା ନେଇ ଥାନାକୁ ଯାଇଥିଲେ। ଏସ୍‌ଡିପିଓ ଉକ୍ତ ମାମଲାର ତଦନ୍ତ କରୁଥିବା କହି ତାଙ୍କଠାରୁ ☞ପୃଷ୍ଠା-୨

## କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୨% ବୃଦ୍ଧି

ନୂଆଦିଲ୍ଲୀ,୧୮।୪(ପି.ଟି.): କେନ୍ଦ୍ର ସରକାର ଶନିବାର ମହଙ୍ଗା ଭତ୍ତା (ଡିଏ) ଏବଂ ମହଙ୍ଗା ସହାୟତା (ଡିଆର୍)କୁ ୨ ପ୍ରତିଶତ ବୃଦ୍ଧି କରିଛନ୍ତି। ଫଳରେ ୫୦.୪୬ ଲକ୍ଷ କେନ୍ଦ୍ରୀୟ ସରକାରୀ କର୍ମଚାରୀ ଏବଂ ୬୮.୨୭ ଲକ୍ଷ ପେନ୍‌ସନଭୋଗୀ ଉପକୃତ ହେବେ। ଏବାବଦରେ ସରକାରଙ୍କୁ ବାର୍ଷିକ ଅତିରିକ୍ତ ୬,୭୯୧.୨୪ କୋଟି ଟଙ୍କା ବ୍ୟୟ କରିବାକୁ ପଡ଼ିବ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗଣମାଧ୍ୟମକୁ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ଜଣାଇବା ବେଳେ କହିଛନ୍ତି। କେନ୍ଦ୍ରୀୟ କର୍ମଚାରୀଙ୍କ ☞ପୃଷ୍ଠା-୨

## ଖରା ପାଇଁ ୯ ଜିଲାରେ ଶିକ୍ଷାନୁଷ୍ଠାନ ଛୁଟି

ଭୁବନେଶ୍ୱର,୧୮।୪(ସୁଚିସ୍ମିତା ସାହୁ)

ରାଜ୍ୟରେ ଏବେ ଗ୍ରୀଷ୍ମ ଲହରି ଜାରି ରହିଛି। ଆସନ୍ତା ସପ୍ତାହରେ ଆହୁରି ୩ରୁ ୪ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ପାଣିପାଗ ବିଭାଗର ପୂର୍ବାନୁମାନ ଓ ଗରମ ଗୁଳୁଗୁଳିରୁ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୯ ଜିଲାରେ ଅଙ୍ଗନୱାଡ଼ି, ସ୍କୁଲ, କଲେଜ ଓ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଗାଇଡ୍‌ଲାଇନ୍ ଅନୁଯାୟୀ ସ୍ଥାନୀୟ ଅଞ୍ଚଳର ସ୍ଥିତିକୁ ଦେଖି ଜିଲାପାଳମାନେ ସାମୟିକ ଭାବେ ଶିକ୍ଷାନୁଷ୍ଠାନ ବନ୍ଦ ନିଷ୍ପତ୍ତି ନେଇଛନ୍ତି। ପାଠପଢ଼ା ବନ୍ଦ ହୋଇଥିଲେ ମଧ୍ୟ ପରୀକ୍ଷାଗୁଡ଼ିକ ଚାଲୁ ରହିବ। ସକାଳ ୭ଟାରୁ ୯ ମଧ୍ୟରେ ପରୀକ୍ଷା ପରିଚାଳନା ହେବ ଓ ଏହି ସମୟରେ ପାଣି ଏବଂ ଓଆର୍‌ଏସ୍ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ଅନୁଯାୟୀ, ସମ୍ବଲପୁର ଜିଲାରେ ଆସନ୍ତା ୨୦ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ସେହିପରି ବୌଦ୍ଧ, ସୋନପୁର ଓ ଝାରସୁଗୁଡ଼ା ଜିଲାରେ ୨୨ ତାରିଖ ଯାଏ ଛୁଟି ଘୋଷଣା କରାଯାଇଥିବାବେଳେ କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡ଼ାରେ ୨୧ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟଗୁଡ଼ିକୁ ବନ୍ଦ କରାଯାଇଛି। ନବରଙ୍ଗପୁରରେ ମଧ୍ୟ ଆସନ୍ତା ୨୦ ତାରିଖଠାରୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏବଂ ମୟୂରଭଞ୍ଜରେ ୨୩ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟରେ ପାଠପଢ଼ା ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଆତଙ୍କବାଦୀ ଲିଙ୍କ୍‌ରେ ଥିଲେ ଓଡ଼ିଆ ଯୁବକ ଇମ୍ରାନ



ଇମ୍ରାନ ଓ ଅନ୍ୟ ଅଭିଯୁକ୍ତଙ୍କ ସହ ଦିଲ୍ଲୀ ପୋଲିସର ସ୍ପେଶାଲ ଟିମ୍।

## ଲାଲକିଲା, ଇଣ୍ଡିଆ ଗେଟ୍ ଅଞ୍ଚଳରେ ବିସ୍ଫୋରଣ ଯୋଜନା ଥିଲା

## ୪ଜଣଙ୍କୁ ଗିରଫ ସହ ସ୍ପଷ୍ଟ କଲା ଦିଲ୍ଲୀ ପୋଲିସ

ଭୁବନେଶ୍ୱର,୧୮।୪(ତ୍ରିନାଥ ମହାନ୍ତି)

ଗତ ୧୦ ତାରିଖ ରାତିରେ ଭୁବନେଶ୍ୱର ଗଙ୍ଗନଗରରୁ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ଉଠାଇ ନେଇଥିବା କଟକର ଶେଖ ଇମ୍ରାନ୍‌ଙ୍କୁ ଶନିବାର ଗିରଫ ଦର୍ଶାଇଛି। ଆତଙ୍କବାଦୀ ଲିଙ୍କ୍‌ରେ ଇମ୍ରାନଙ୍କ ସମେତ ମୋଟ ୪ ଜଣଙ୍କୁ ଗିରଫ କରାଯାଇଥିବା ଦିଲ୍ଲୀ ପୋଲିସ ସ୍ପଷ୍ଟ କରିଛି। ଗିରଫ ଅନ୍ୟ ଅଭିଯୁକ୍ତମାନେ ହେଉଛନ୍ତି ବିହାର କଟିହାରର ମହମ୍ମଦ ସୋହେଲ, ମହାରାଷ୍ଟ୍ର ଥାଣେର ମୁଜୀବ ଅହମ୍ମଦ ଓରଫ ସୋନୁ ଓରଫ କଲାମ ଓ ମୁମ୍ବାଇର ମହମ୍ମଦ ହମ୍ମାଦ। ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଅଭିଯୁକ୍ତମାନେ ମୌଳବାଦୀ ସଙ୍ଗଠନ ଆଇଏସ୍‌ଆଇଏସ୍‌ର ସଦସ୍ୟ ତଥା ଆତଙ୍କବାଦୀ ଖଲିଫା ଚିନ୍ତାଧାରା ଦ୍ୱାରା ଅନୁପ୍ରାଣିତ ହୋଇଥିଲେ। ସେମାନେ ଖୁରାସାନ(ଉତ୍ତରପୂର୍ବ ଇରାନ, ଦକ୍ଷିଣ ତୁର୍କମେନିସ୍ତାନ ଓ ଉତ୍ତର ଆଫଗାନିସ୍ତାନ)ରୁ ଲସ୍କର ଆସିବା ଓ କଳା ପତାକା ଉଡ଼ାଇବାର ଉଦ୍ଦେଶ୍ୟରେ ବିଶ୍ୱାସ ରଖୁଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି, ଏମାନେ ଭାରତ ତଥା ଭାରତୀୟ ଉପମହାଦେଶୀୟ ଅଞ୍ଚଳରେ ଅସ୍ଥିରତା ସୃଷ୍ଟି କରୁଥିବା ଇସ୍‌ଲାମିକ୍ ଗୋଷ୍ଠୀ 'ଗଜୱା-ଏ-ହିନ୍ଦ୍'ରେ ସାମିଲ ହେବାପାଇଁ ପ୍ରସ୍ତୁତି ଚଳାଇଥିଲେ। ଏନ୍‌କ୍ରିପ୍ଟେଡ୍ ସୋସିଆଲ ମିଡିଆ ଗ୍ରୁପ୍ ମାଧ୍ୟମରେ ଅନ୍ୟମାନଙ୍କୁ ମଧ୍ୟ ମୌଳବାଦୀ ଚିନ୍ତାଧାରାରେ ଯୋଡୁଥିଲେ। ନିଜର ଉପସ୍ଥିତି ଜାହିର କରିବାକୁ ଆଗାମୀ ଦିନରେ ବଡ଼ ବିସ୍ଫୋରଣ ପାଇଁ ଯୋଜନା ଚଳାଇଥିଲେ। ଜଣେ ଅଭିଯୁକ୍ତଙ୍କ ନିକଟରୁ ଏକ ଆଇଇଡ଼ି ଜବତ କରାଯାଇଛି। ଦୁଇଜଣ ସଦସ୍ୟ ସ୍ଥାନୀୟ ସୂତ୍ରରୁ ବିସ୍ଫୋରକ ☞ପୃଷ୍ଠା-୨




## ପ୍ରଥମ ପୃଷ୍ଠାରୁ...

### ହର୍ମୁଜ୍‌ରେ ୨ ଭାରତୀୟ...

ସମ୍ପର୍କରେ ରଏଟର୍ସ ପୂର୍ବରୁ ରିପୋର୍ଟ କରିଥିଲା। ଫଳରେ ଉକ୍ତ ଜାହାଜଗୁଡ଼ିକ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଅତିକ୍ରମ କରି ନ ପାରି ଫେରିଯାଇଛନ୍ତି।

ଷ୍ଟ୍ରେଟ୍‌କୁ ପୁନର୍ବାର ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଥିବା କେତେକ ଜାହାଜକୁ ଭିଏଚ୍‌ଏଫ୍ ଯୋଗେ ଜଣାଇ ଦିଆଯାଇଛି। ଏଥିରେ କୁହାଯାଇଛି, ସମସ୍ତ ଜାହାଜ ଧ୍ୟାନ ଦିଅନ୍ତୁ, ବୁଝାମଣାରେ ଆମେରିକା ସରକାର ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଥିବାରୁ ଇରାନ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ପୁଣିଥରେ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଘୋଷଣା କରିଛି। ତେଣୁ ଏହି ଜଳପଥ ଦେଇ କୌଣସି ପ୍ରକାର ବା କୌଣସି ଦେଶର ଜାହାଜକୁ ଅତିକ୍ରମ କରିବାକୁ ଦିଆଯିବ ନାହିଁ।

### ପୁଣି ହର୍ମୁଜ୍ ବନ୍ଦକଲା...

ମୁକ୍ତ କରାଗଲା ବୋଲି ତେହରାନ୍ ଶୁକ୍ରବାର ଘୋଷଣା କରିଥିଲା। ତେବେ ତେହରାନ୍ ଆମେରିକା ସହ ଆଣବିକ କାର୍ଯ୍ୟକ୍ରମ ସମେତ ଅନ୍ୟ ଡିଲ୍‌ରେ ନ ପହଞ୍ଚିବା ପର୍ଯ୍ୟନ୍ତ ଆମେରିକାର ଅବରୋଧ ଜାରି ରହିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିବା ପରେ ଇରାନ ଏହାର ପୂର୍ବ ନିଷ୍ପତ୍ତି ବଦଳାଇଛି। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ନେଇ ଦ୍ୱନ୍ଦ୍ୱ ଶକ୍ତି ସଙ୍କଟକୁ ଗମ୍ଭୀର କରିଛି। ଶୁକ୍ରବାର ଉକ୍ତ ଜଳପଥକୁ ଅବରୋଧମୁକ୍ତ କରାଯିବା ଘୋଷଣା ପରେ ଆମେରିକା ଓ ଇରାନ ଚୁକ୍ତିନାମାର ନିକଟବର୍ତ୍ତୀ ହୋଇଥିବା ଆଶା କରାଯାଉଥିଲା ଏବଂ ତୈଳ ଦର ହ୍ରାସ ପାଇବା ଆରମ୍ଭ କରିଥିଲା। ହର୍ମୁଜ୍ ଦେଇ ବିଶ୍ୱର ଏକ-ପଞ୍ଚମାଂଶ ତୈଳ ପରିବହନ ହୋଇଥାଏ। ପୁନର୍ବାର ଏହାକୁ ବନ୍ଦ କରାଯିବା ଦ୍ୱାରା ଯୋଗାଣ ବାଧାପ୍ରାପ୍ତ ହେବା ସହ ତୈଳ ଦର ପୁଣି ବଢ଼ିଯିବ।

ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଉପରେ ନିୟନ୍ତ୍ରଣ ଇରାନର ଅନ୍ୟତମ ମୁଖ୍ୟ ଶକ୍ତି ଓ ଅସ୍ତ୍ର ଭାବେ ପ୍ରମାଣିତ ହୋଇଛି। ଏଥିପାଇଁ ଆମେରିକା ସୈନ୍ୟ ମୁତୟନ କରିବା ସହ ଇରାନୀୟ ବନ୍ଦରଗୁଡ଼ିକୁ ଅବରୋଧ କରିଥିଲା ଏବଂ ପାକିସ୍ତାନ ଉଦ୍ୟମରେ ଚାଲିଥିବା ଯୁଦ୍ଧବିରତି ପ୍ରସ୍ତାବ ଗ୍ରହଣ କରିବାକୁ ବାଧ୍ୟ କରାଇଥିଲା।

ଇସ୍ରାଏଲ୍ ଏବଂ ଲେବାନନ୍‌ର ଇରାନ ସମର୍ଥିତ ଆତଙ୍କବାଦୀ ସଂଗଠନ ହେଜବୋଲ୍ଲା ମଧ୍ୟରେ ୧୦ ଦିନିଆ ଅସ୍ତ୍ରବିରତି ଘୋଷଣା ପରେ ଇରାନ୍ ବ୍ୟବସାୟିକ ଜାହାଜ ଚଳାଚଳ ପାଇଁ ହର୍ମୁଜ୍‌କୁ ଖୋଲା ରଖିବ ବୋଲି ଶୁକ୍ରବାର ଘୋଷଣା କରିଥିଲା। ତେବେ ଆମେରିକା ଅବରୋଧ ଜାରି ରଖିବ ବୋଲି ଟ୍ରମ୍ପ କହିବା ପରେ ତେହରାନ୍ ଏବଂ ୱାଶିଂଟନ ମଧ୍ୟରେ ଗତ ସପ୍ତାହରେ ହୋଇଥିବା ଅସ୍ତ୍ରବିରତି ଚୁକ୍ତିନାମାର ଉଲ୍ଲଂଘନ ହୋଇଥିବା ଇରାନୀୟ ଅଧିକାରୀ କହିଛନ୍ତି। ଯଦି ଆମେରିକୀୟ ଅବରୋଧ ଜାରି ରହେ, ତେବେ ଇରାନ୍ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଖୋଲିବାକୁ ଦେବନାହିଁ ବୋଲି ଚେତାବନୀ ଦେଇଛି।

### ବିରୋଧୀ ଅଟକାଉଛନ୍ତି...

କ୍ଷମାପ୍ରାର୍ଥନା କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ପାର୍ଲାମେଣ୍ଟରେ ବିରୋଧୀ ଦଳଗୁଡ଼ିକ ନାରୀଶକ୍ତି ବନ୍ଦନ ଅଧିନିୟମ ବିପକ୍ଷରେ ଯାଇ ମହିଳାମାନଙ୍କ ଶକ୍ତିକୁ ହାଲୁକା ଭାବେ ନେଇଛନ୍ତି। ଭାରତର ମହିଳାମାନଙ୍କ ଅଗ୍ରଗତିକୁ କିପରି ରୋକାଯାଇଛି, ତାହା ଦେଶର ପ୍ରତ୍ୟେକ ନାଗରିକ ଦେଖୁଛନ୍ତି। ଆମର ସମସ୍ତ ପ୍ରକାର ଉଦ୍ୟମ ସତ୍ତ୍ୱେ ମହିଳାମାନଙ୍କ ସ୍ୱପ୍ନକୁ ଅତି ନିର୍ଦ୍ଦୟ ଭାବେ ଚୂନା କରିଦିଆଯିବାରୁ ଆମେ ସଫଳ ହୋଇପାରିଲୁ ନାହିଁ। ନାରୀ ସଶକ୍ତୀକରଣ ବିରୋଧରେ କଂଗ୍ରେସ, ଟିଏମ୍‌ସି ଏବଂ ଡିଏମ୍‌କେ ଭଳି ଦଳଗୁଡ଼ିକ କିପରି ସେମାନଙ୍କର ସ୍ୱାର୍ଥପର ରାଜନୀତିର ଉତ୍ସବ ପାଳୁଛନ୍ତି, ତାହା ମହିଳାମାନେ ଦେଖିଛନ୍ତି ବୋଲି ମୋଦି କହିଛନ୍ତି। ମହିଳା ସଂରକ୍ଷଣ ବିଲ୍‌କୁ ବିରୋଧ କରି ବିପକ୍ଷ ଦଳଗୁଡ଼ିକ ପାପ କରିଛନ୍ତି ଏବଂ ସେଥିପାଇଁ ସେମାନେ ନିଶ୍ଚିତ ଭାବେ ଦଣ୍ଡିତ ହେବେ। ବିଧେୟକକୁ ଗୃହୀତ ନ କରାଇ ସେମାନେ ଆମ ସମ୍ବିଧାନକୁ ଅପମାନିତ କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

### କେନ୍ଦ୍ରୀୟ କର୍ମଚାରୀଙ୍କ...

ପାଇଁ ବର୍ଦ୍ଧିତ ଡିଏ ଏବଂ ପେନ୍‌ସନଭୋଗୀଙ୍କ ପାଇଁ ବର୍ଦ୍ଧିତ ଡିଆର୍ ୨୦୨୬ ଜାନୁଆରୀ ୧ରୁ ଲାଗୁ ହେବ। ଅର୍ଥାତ୍ ମୂଳ ବେତନ ବା ପେନ୍‌ସନ ଉପରେ ବର୍ତ୍ତମାନ ୫୮ ପ୍ରତିଶତ ଡିଏ/ଡିଆର୍ ମିଳୁଥିବାବେଳେ ଆଉ ୨ ପ୍ରତିଶତ ବୃଦ୍ଧି କରାଯିବ। ସପ୍ତମ ବେତନ କମିଶନଙ୍କ ସୁପାରିସ୍ ଆଧାରିତ ସୂତ୍ର ଅନୁଯାୟୀ ମହଙ୍ଗା ଭତ୍ତା ଓ ମହଙ୍ଗା ସହାୟତା ବୃଦ୍ଧି କରାଯାଇଛି।

### ଆତଙ୍କବାଦୀ ଲିଙ୍କ୍‌ରେ...

ସାମଗ୍ରୀ ସଂଗ୍ରହ କରି ଏକ ରିମୋଟ-କଣ୍ଟ୍ରୋଲ ଆଇଇଡି ତିଆରି କରିବା ପାଇଁ ଯୋଜନା କରୁଥିଲେ, ଯାହା ଏକ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ପାଇଁ ଉଦ୍ଦିଷ୍ଟ ଥିଲା। ସେହିପରି ଜଣେ ନିଯୁକ୍ତି, ପ୍ରଶିକ୍ଷଣ ଯୋଜନା ଓ ସେମାନଙ୍କ ବିଚାରଧାରର ପ୍ରଚାର ଓ ପ୍ରସାର କରୁଥିଲେ। ଏମିତି କି ଜଣେ ଅଭିଯୁକ୍ତ ୨୦୨୫ ଡିସେମ୍ବରରେ ଦିଲ୍ଲୀର ଲାଲକିଲ୍ଲା ଓ ଇଣ୍ଡିଆ ଗେଟ୍ ଅଞ୍ଚଳରେ ବିସ୍ଫୋରଣ ପାଇଁ ମଧ୍ୟ ରେକି କରିଥିଲେ। ଏଥିସହ ଜିହାଦୀ କାର୍ଯ୍ୟ ପାଇଁ କ୍ୟୁଆର୍ କୋଡ୍/ବ୍ୟାଙ୍କ ଜରିଆରେ ଅର୍ଥ ସଂଗ୍ରହ କରିବା ସହ ଯୁବକମାନଙ୍କୁ ତାଲିମ ଦେବାକୁ ପ୍ରତିଶ୍ରୁତି ଦେଉଥିଲେ। ସେମାନଙ୍କର ଏହି ଆତଙ୍କବାଦୀ କାର୍ଯ୍ୟକଳାପରେ ଓଡ଼ିଶାର ୨୨ବର୍ଷୀୟ ଶେଖ ଇମ୍ରାନ ଓରଫ ଏସ.କେ ଇମ୍ରାନଙ୍କ ସମ୍ପୃକ୍ତି ରହିଥିବା କହିଛି ଦିଲ୍ଲୀ ପୋଲିସ।

### ଏସ୍‌ଡିପିଓଙ୍କ ନାଁରେ ଯୌନ...

ମୋବାଇଲ ନମ୍ବର ନେଇଥିଲେ। ମହିଳାଙ୍କ ସ୍ୱାମୀ ବାହାରେ ଚାକିରି କରୁଥିବାରୁ ସେ ମାମଲା ସମ୍ପର୍କରେ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟକୁ ଯାଉଥିଲେ। ହେଲେ ଏସ୍‌ଡିପିଓ ତଦନ୍ତ ନାଁରେ ବାରମ୍ବାର କାର୍ଯ୍ୟାଳୟକୁ ଡାକି ତାଙ୍କୁ ପ୍ରେମ ଜାଲରେ ଫସାଇବାକୁ ଚେଷ୍ଟା କରିବା ସହ ମାନସିକ ଚାପ ସୃଷ୍ଟି କରୁଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି। ଏପରିକି ରାତି ୧୨ଟାରେ ଫୋନ୍ ଏବଂ ମେସେଜ୍ କରି କଥା ହେବାକୁ ବାଧ୍ୟ କରୁଛନ୍ତି। ଅଶ୍ଳୀଳ ଫଟୋ ମାଗିବା ସହ ଶାରୀରିକ ସମ୍ପର୍କ ରଖିବାକୁ କହୁଛନ୍ତି। କଥା ନ ହେଲେ କିମ୍ବା ଶାରୀରିକ ସମ୍ପର୍କ ନ ରଖିଲେ ମିଛ ମାମଲାରେ ଫସାଇ ସ୍ୱାମୀଙ୍କୁ ଗିରଫ କରିବାକୁ ଧମକ ଦେଉଛନ୍ତି। ତେବେ ଉକ୍ତ ମହିଳା ଏହାକୁ ବାରମ୍ବାର ବିରୋଧ କରିବା ସହ ଏଡ଼ାଇ ଯିବାକୁ ଚେଷ୍ଟା କରୁଥିଲେ ବି ଏସ୍‌ଡିପିଓ ତାଙ୍କ ପିଛା ଛାଡୁ ନ ଥିବା ସେ ଅଭିଯୋଗ କରିଛନ୍ତି। ଏସ୍‌ଡିପିଓଙ୍କ ନିର୍ଯାତନା ଅସହ୍ୟ ହେବାରୁ ମହିଳା ଜଣକ ସ୍ୱାମୀଙ୍କୁ ସବୁକଥା ଜଣାଇଥିଲେ। ପରେ ବାହାରେ ଚାକିରି କରୁଥିବା ସ୍ୱାମୀ ଘରକୁ ଫେରି ପୂରା ଘଟଣା ଶୁଣିବା ପରେ ତାଙ୍କ ସହଯୋଗରେ ମହିଳା ଜଣକ ନ୍ୟାୟ ପାଇଁ ଡିଜିପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଠିକ୍ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୁକ୍ତ ଏସ୍‌ଡିପିଓଙ୍କୁ ବଦଳି କିମ୍ବା ନିଲମ୍ବିତ କରିବାକୁ ମହିଳା ଜଣକ ନିବେଦନ କରିଛନ୍ତି। ନହେଲେ ଡିଜିପି ଅଫିସ୍ ଆଗରେ ଆତ୍ମାହୁତି ଦେବାକୁ ସେ ଧମକ ଦେଇଛନ୍ତି। ତେବେ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି ଏସ୍‌ଡିପିଓ ମଦନ ମୋହନ ପ୍ରଧାନ। ସେ କହିଛନ୍ତି, ଏହି ଅଭିଯୋଗ ମିଥ୍ୟା। ମୋ ଅଫିସରେ ମହିଳା କର୍ମଚାରୀ ଅଛନ୍ତି ଏବଂ ସବ୍‌ଡିଭିଜନରେ ଅନେକ ମହିଳା କର୍ମଚାରୀ କାର୍ଯ୍ୟ କରୁଛନ୍ତି। ବୃତ୍ତିଗତ ଜୀବନରେ ବିଭିନ୍ନ କଥା ଆସିବ, ଆମ କାମ ହେଲା ଲୋକଙ୍କ ସମସ୍ୟା ବୁଝିବା। ଆମେ କେମିତି ଲୋକଙ୍କ ପାଖରେ ପହଞ୍ଚିବୁ ଏବଂ ଲୋକଙ୍କ କାମ କରିବୁ. ତାହା ଉପରେ ଆମର ନଜର ରହିଛି। ସମସ୍ତ ପ୍ରକାର ତଦନ୍ତରେ ସହଯୋଗ କରିବେ ବୋଲି ସେ କହିଛନ୍ତି।

## ୧୪ ଜିଲାର ସଂଖ୍ୟାଲଘୁ ସଭାପତି ନାଁ ଘୋଷଣା କଲା ଭାଜପା

ଭୁବନେଶ୍ୱର, ୧୮।୪(ସୁନିତ୍ ମିଶ୍ର)– ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଗୁରିନ୍ଦର ସିଂ ଶନିବାର ସଂଖ୍ୟାଲଘୁ ମୋର୍ଚ୍ଚାର ୧୪ ଜିଲା ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ଭୁବନେଶ୍ୱର ସଂଖ୍ୟାଲଘୁ ସଭାପତିଭାବେ ସତ୍‌ବୀର ସିଂଙ୍କୁ ଦାୟିତ୍ୱ ମିଳିଛି। ଏହାସହ ବୌଦ୍ଧ, କଟକ, ଗଜପତି, ଜଗତ୍‌ସିଂହପୁର, ଖାରସୁଗୁଡ଼ା, କଳାହାଣ୍ଡି, କେନ୍ଦ୍ରାପଡ଼ା, କେନ୍ଦୁଝର, ମାଲକାନଗିରି, ନୂଆପଡ଼ା, ରାଉରକେଲା, ସମ୍ବଲପୁର ଓ ସୁନ୍ଦରଗଡ଼ ସଂଖ୍ୟାଲଘୁ ଜିଲା ସଭାପତିଙ୍କ ନାମ ଘୋଷଣା ହୋଇଛି।

## ସୁବର୍ଣ୍ଣପୁର ଜିଲା ଚିକିତ୍ସାଳୟରେ ନବଜାତ ଶିଶୁ ମୃତ୍ୟୁ ଘଟଣା

## ୨୦ ସୁଦ୍ଧା ତଦନ୍ତ ରିପୋର୍ଟ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୮।୪ (ବନ୍ଦନା ସେଠୀ) – ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ନବଜାତ ଶିଶୁ ମୃତ୍ୟୁ ଘଟଣାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦ୍ରୁତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଶିଶୁ ମୃତ୍ୟୁର ଠିକ୍ କାରଣ ଜଣାଇବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏପ୍ରିଲ ୨୦ ସୁଦ୍ଧା ତଦନ୍ତ ଶେଷ କରି ରିପୋର୍ଟ ଦେବାକୁ କୁହାଯାଇଛି। ବିଶେଷଜ୍ଞମାନଙ୍କୁ ନେଇ ଗଠିତ ତଦନ୍ତକାରୀ କମିଟି ତଦନ୍ତ ଚଳାଇଛି। ବୌଦ୍ଧ ଜିଲା ପତ୍ରାପାଲି ଗ୍ରାମ ନିବାସୀ ସୁରେନ୍ଦ୍ର ନାଏକଙ୍କ ସ୍ତ୍ରୀ ଜୟନ୍ତୀ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ଶିଶୁକୁ ଜନ୍ମ ଦେଇଥିଲେ। ଜନ୍ମ ସମୟରେ ପିଲାଟିର ଓଜନ ପ୍ରାୟ ୧.୮ କେ.ଜି ରହିଥିଲା। ତେବେ ଜନ୍ମ ହେବାର ଦିନକ ପରେ ହଠାତ୍ ଶିଶୁଟି ବାନ୍ତି କରିବା ସହ ଅସୁସ୍ଥ ହୋଇପଡିଥିଲେ। ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଡାକ୍ତରଙ୍କ ଅବହେଳାରୁ ଶିଶୁଟିର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଘଟଣା ଦୃଷ୍ଟିକୁ ଆସିବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାକୁ ଗୁରୁତ୍ୱର ସହ ନିଆଯାଇ ଜିଲାପାଳଙ୍କୁ ରିପୋର୍ଟ ତଲବ କରାଯାଇଛି।

# ଯାଜପୁର ଜିଲାରେ ଜଳ ସଙ୍କଟ

## ଶିଳ୍ପ, ଖଣିର ଟ୍ୟାଙ୍କର ଯୋଗେ ଜଳଯୋଗାଣ ପ୍ରହସନ

ଯାଜପୁର,୧୮।୪(ହର୍ଷବର୍ଦ୍ଧନ ବେହେରା)

ଏପ୍ରିଲ ନ ସରୁଣୁ ଯାଜପୁର ଜିଲାରେ ଜଳସଂକଟ ଦେଖାଦେଲାଣି। ଏଠାକାର ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ ଦ୍ୱାରା ନିର୍ଦ୍ଧାରିତ ଗ୍ରାମରେ ପାଣି ପହଞ୍ଚି ପାରୁ ନ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଜିଲାର ଖଣି ଓ ଶିଳ୍ପାଞ୍ଚଳ ସମେତ ଅନ୍ୟ କେତେକ ବ୍ଲକ ଅଞ୍ଚଳରେ ନଳକୂଅ ପାଣିରେ କ୍ରୋମିୟମ, ଆଇରନ ଆଦି ବାହାରି ତାହା ଅସୁରକ୍ଷିତ ଥିବାରୁ ଲୋକେ ବାଧହୋଇ ନଦୀ, ନାଳ, କେନାଲର ପାଣି ଉପରେ ଭରସା କରୁଛନ୍ତି। ଏହାବାଦ ଭୂତଳ ଜଳସ୍ତର ନିମ୍ନଗାମୀ ହେଉଥିବାରୁ ଜଳସଂକଟ ଉତ୍କଟ ରୂପ ଧାରଣ କରିଛି। ଏଭଳି ସ୍ଥିତିରେ ଶିଳ୍ପ ଓ ଖଣି କମ୍ପାନୀ ପକ୍ଷରୁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ପ୍ରହସନ ପାଲଟିଛି। ସୁକିନ୍ଦା ଖଣି ଅଞ୍ଚଳର ବାଲିପଡ଼ା, ଚିକରପଡା, ନହକଣ୍ଟା, ମସସାହି ଆଦି ଗ୍ରାମକୁ ଟାଟା ଷ୍ଟିଲ ଖଣି ଦ୍ୱାରା ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ହେଉଥିଲେ ହେଁ ତାହା ପର୍ଯ୍ୟାପ୍ତ ହେଉନାହିଁ। ସେହିପରି କାଳିଆପାଣି, ଗୁରୁଜାଙ୍ଗପାଳ, ଓସ୍ତିଆ, ଓସ୍ତପାଳ ଆଦି ଅଞ୍ଚଳକୁ ଫେକର ଖଣି ପକ୍ଷରୁ ଟ୍ୟାଙ୍କର ଯୋଗେ ଜଳଯୋଗାଣ ହେଉଥିଲେ ହେଁ ଗ୍ରାମବାସୀଙ୍କ ଚାହିଦା ପୂରଣ ହୋଇପାରୁନାହିଁ ବୋଲି ଅଭିଯୋଗ ହେଉଛି।

ଖଣି ପାରିପାର୍ଶ୍ୱିକ ଅଞ୍ଚଳରେ କଟା, ବନ୍ଧ, ପୋଖରୀ, ନାଳା, କୂଅ ଆଦି ଗ୍ରୀଷ୍ମର ଅବ୍ୟବହିତ ପୂର୍ବରୁ ଶୁଖି ଯାଉଥିବାବେଳେ ନଳକୂଅ ହିଁ ଭରସା। ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ତଥା ଶିଳ୍ପ ସଂସ୍ଥାର ସାମାଜିକ ଦାୟିତ୍ୱ ନିର୍ବାହ କରୁଥିବା କହି ଖଣି କମ୍ପାନୀଗୁଡ଼ିକ ନିଜସ୍ୱ ପ୍ରଶଂସା ନେବାରେ ବ୍ୟସ୍ତ ଥିବାବେଳେ ଲୋକେ କିନ୍ତୁ ପାଣି ପାଇଁ ତହଲବିକଳ ହେଉଛନ୍ତି । ଚଳିତବର୍ଷ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଅଧିକାଂଶ ଗାଁରେ ଟ୍ୟାଙ୍କର ଜଳଯୋଗାଣ ବ୍ୟବସ୍ଥା ଆରମ୍ଭ ହୋଇନାହିଁ। ଗାଁ ଲୋକେ ଖଣି କର୍ତ୍ତୃପକ୍ଷଙ୍କ ନିକଟକୁ ଦରଖାସ୍ତ ନେଇ ଧାଉଛନ୍ତି, ଅଥଚ ଟେଣ୍ଡର କରାଯାଇ ଜଳଯୋଗାଣ ପ୍ରକ୍ରିୟା ଅବ୍ୟାହତ ରହିଥିବା ଶାନ୍ତ୍ୱନା ଦେଇ ଲୋକଙ୍କୁ ବିଦା କରି ଦିଆଯାଉଛି। ଜିଲା ପ୍ରଶାସନକୁ ମଧ୍ୟ ଟ୍ୟାଙ୍କର ଜଳଯୋଗାଣ ବାବଦରେ ଖଣି ଓ ଶିଳ୍ପ କମ୍ପାନୀ ଠିକ୍ ତଥ୍ୟ ନ ଦେଇ ଗୋଟିଏ ପଟେ ଅନ୍ଧାରରେ ରଖୁଥିବାବେଳେ ଅନ୍ୟପଟେ ପ୍ରଶାସନର ମଧ୍ୟ ଜଳଯୋଗାଣ ବ୍ୟବସ୍ଥା ପ୍ରତି କୌଣସି ନିୟନ୍ତ୍ରଣ ରହୁନାହିଁ। ଖଣି ସଂଲଗ୍ନ ଗ୍ରାମଗୁଡିକର ଲୋକେ ପ୍ରାୟତଃ ବର୍ଷସାରା ଜଳସଂକଟର ସମ୍ମୁଖୀନ। ଗ୍ରୀଷ୍ମକାଳରେ ଏମାନଙ୍କ ଅବସ୍ଥା କହିଲେ ନ ସରେ। ବିଲ ମଧ୍ୟରେ କେନାଲର ଦୂଷିତ ଜଳକୁ ସଂଗ୍ରହ କରି ତାକୁ ଛାଣି ପାନୀୟ ଜଳ ଭାବେ ବ୍ୟବହାର କରାଯାଉଛି। ଏପରିକି ଡମଶାଳା ନାଳାର ଦୂଷିତ ଜଳ ସଂଗ୍ରହ କରିବାକୁ ବାଧ୍ୟ ହେଉଛନ୍ତି। ଭୂତଳ ଜଳସ୍ତର ନିମ୍ନଗାମୀ ହେବା କାରଣରୁ ସଚଳ ନଳକୂପଗୁଡ଼ିକ ଶୁଖି ଅଚଳହେଉଛି। ସରକାରୀ ଅନୁଦାନରୁ ଗ୍ରାମ ପଞ୍ଚାୟତଗୁଡ଼ିକ ନଳକୂପ ମରାମତି, ସାମଗ୍ରୀ କ୍ରୟ, ଏସ୍‌ଇଏମ୍‌ଙ୍କ ଦରମା ପ୍ରଦାନ କରିବାର ଦାୟିତ୍ୱରେ ଥିବାବେଳେ ନଳକୂପ ମରାମତି ପ୍ରତି ସନ୍ତୋଷଜନକ ପଦକ୍ଷେପ ନିଆଯାଉନାହିଁ। ସେହିପରି ଜିଲାରେ ୭୦୦ରୁ ଊର୍ଦ୍ଧ୍ୱ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ରହିଥିବା ବିଭାଗ କହୁଥିବାବେଳେ ସେଥିରୁ ଅଧିକାଂଶ ଆଂଶିକ ଭାବେ କାର୍ଯ୍ୟକ୍ଷମ ଅଛି। ଶିଳ୍ପାୟନ ସହ ଜଙ୍ଗଲ ହ୍ରାସ ଓ ଖଣି ଖନନ ଯୋଗୁ ସମଗ୍ର ଜିଲା ଜଳସଙ୍କଟରେ ବୁଡ଼ି ରହିଛି।

ଗାଁ ଲୋକଙ୍କ ଶୋଷ ମେଣ୍ଟାଇବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ରିପୋର୍ଟରେ ଜିଲାର ବିଭିନ୍ନ ଗ୍ରାମରେ ପାନୀୟ ଜଳ ସୁବିଧା ପାଇଁ ପ୍ରକଳ୍ପଗୁଡ଼ିକର ସଫଳତା ଓ ଅନେକ କାମ ଚାଲିଥିବା ଉଲ୍ଲେଖ ରହୁଛି। ହେଲେ ବାସ୍ତବ କ୍ଷେତ୍ରରେ ଆରଡବ୍ଲ୍ୟୁଏସ୍‌ଏସ୍‌ର ରିପୋର୍ଟ ବିନା ପାଣିରେ ସର ପକାଉଛି। ଯାଜପୁର ଜିଲାର ସୁକିନ୍ଦା ଖଣି ପ୍ରଭାବିତ ଅଞ୍ଚଳରେ ଭୂତଳ ଜଳ ବିଷାକ୍ତ ହୋଇଥିବା ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ(ସିଜିଡବ୍ଲୁବି) ପକ୍ଷରୁ ରିପୋର୍ଟ ହୋଇସାରିଛି। ଅନ୍ୟପକ୍ଷେ ସୁକିନ୍ଦା ବ୍ଲକରେ ଓଏମ୍‌ବିଏଡିସି ପାଣ୍ଠିରୁ ୨୩୩.୦୪ କୋଟି ଟଙ୍କାର ୩ଟି ପ୍ରକଳ୍ପ ନିର୍ମାଣ ହୋଇଛି। ତଥାପି ଗୋଟିଏ ବି ପ୍ରକଳ୍ପରୁ ନିର୍ଦ୍ଧାରିତ ଗ୍ରାମଗୁଡ଼ିକୁ ଆବଶ୍ୟକ ଜଳଯୋଗାଣ ହୋଇପାରିନାହିଁ। ବିଭାଗ ପକ୍ଷରୁ ଶତପ୍ରତିଶତ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା କୁହାଯାଉଥିଲେ ହେଁ ଆଜି ବି ଗାଁସୋଲ, ଚିଙ୍ଗୁଡ଼ିପାଳ, କାଳିଆପାଣି, କଅଁସ, ସଂସାଇଲୋ, ବରଗଜି, କଳରଙ୍ଗିଅଟା, ତଳଙ୍ଗି, ବାଉଁଶଅଣ୍ଟା, ସୁକୁରଙ୍ଗି, ଓସ୍ତପାଳ, କମର୍ଦ୍ଧା ଆଦି ଗ୍ରାମର ଲୋକେ ପ୍ରକଳ୍ପଗୁଡ଼ିକରୁ ନିୟମିତ ଭାବେ ସ୍ୱଚ୍ଛ ପାଣି ପାଇବାରୁ ବଞ୍ଚିତ ରହିଛନ୍ତି।

# ହାତୀ ଆକ୍ରମଣରେ ଜଣେ ମୃତ

ସାତମାଇଲ, ୧୮।୪ (ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡରେ ହାତୀ ଆକ୍ରମଣରେ ଦୁଇଦିନ ତଳେ ଜଣେ ମୃତ୍ୟୁବରଣ କରିଥିବା ବେଳେ ଶନିବାର ପୁଣି ଜଣଙ୍କର ହାତୀ ପାଦତଳେ ଜୀବନ ଯାଇଛି। ହିନ୍ଦୋଳ ଥାନା ଅନ୍ତର୍ଗତ ପଡ଼ା ଗ୍ରାମର ସ୍ୱର୍ଗତ ପାଣ୍ଡୁ ସାହୁଙ୍କ ପୁତ୍ର କୈବଲ୍ୟ ସାହୁ ସକାଳ ୮ଟାରେ ନିକଟସ୍ଥ ଜଙ୍ଗଲକୁ ଆମ୍ବ ତୋଳିବାକୁ ଯାଇଥିବାବେଳେ ହାତୀ ହାବୁଡ଼ରେ ପଡ଼ିଥିଲେ। ହାତିଟି ତାଙ୍କୁ ଦଳିଚକଟି କଚାଡ଼ି ଦେବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ହିନ୍ଦୋଳ ବନ ବିଭାଗ ଅଧିକାରୀ ଓ ହିନ୍ଦୋଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ହିନ୍ଦୋଳ ବନ ବିଭାଗ ପକ୍ଷରୁ ତୁରନ୍ତ ୧ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବା ସହ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ପରେ ଆଉ ୯ଲକ୍ଷ ଟଙ୍କା କ୍ଷତିପୂରଣ ଯୋଗାଇ ଦିଆଯିବାକୁ ପ୍ରତିଶ୍ରୁତି ଦିଆଯାଇଛି।

No.1001/15/2627

**ODISHA UNIVERSITY OF AGRICULTURE & TECHNOLOGY**

BHUBANESWAR -751003

No. ACD-I/ADM-0001-2026/ 5356/UAT Dt.17th April, 2026

**ADMISSION NOTICE FOR UNDER GRADUATE COURSES, 2026-27**

Applications are invited **ON-LINE** from the eligible candidates for admission into Under Graduate Courses under OUAT for the Academic Session, 2026-27. Candidates are advised to carefully go through the UG Prospectus 2026-27 in OUAT website: www.ouat.ac.in for detail information on eligibility, procedure to submit application Form-A & Form-B, admission procedure and important dates etc.

The candidates shall **log in with correct and valid e-mail id and mobile number** to submit the Application Form-A through the website www.ouat.ac.in **or** http://ouat-lokaseba-odisha.in **with payment of Rs. 2000/- as application fee through online payment gateway using** internet Banking/ Debit Card/Credit Card of any Bank/UPI. **Application without payment of fees will be rejected. Form-A is editable till the last date of submission of application. Entrance Examination shall include Physics, Chemistry and Mathematics / Biology in which Physics and Chemistry are compulsory subjects. Candidates has to choose either Mathematics or Biology in the Form-A.** For details please refer to Clause **No 4.2 & Annexure-I of UG Prospectus 2026-27. Candidates shall submit only one application form for all courses. (Clause 4.4 of UG Prospectus 2026-27)**

**Candidate must submit Application Form-B** online through website www.ouat.ac.in **or** http://ouat-lokaseba-odisha.in by logging in with their registered email-id and mobile number. **Submission of Form-B is mandatory for admission. Request to submit Form-B and edit the marks and other information after last date of Form-B submission will not be considered. Form-B is editable till last date of submission. Candidates are advised to go through Clause No 4.7 & Annexure-II of UG Prospectus-2026-27 carefully for submission of Form-B.**

The Application Form-A for **Diploma in Agro-Polytechnic both continuing & pass out students of OUAT** seeking admission in U.G. Courses 2026-27 will be available online from **15.05.2026 to 31.05.2026** (for details please refer **Clause- 3.16.8** of the U.G. Prospectus: 2026-27).

**IMPORTANT EVENTS AND DATES ( Any changes in date will be notified in OUAT website)**

| | | | |
|---|---|---|---|
| 1) | Availability of Prospectus in OUAT website | : | 17.04.2026 onwards |
| 2) | Submission of Application Form-A online | : | 17.04.2026 to 11.05.2026 (Payment till 12.05.2026) |
| 3) | Downloading of Admit card | : | 01.06.2026 |
| 4) | Date of Entrance Examination **(CBT Mode)** | : | 09.06.2026 to 11.06.2026 |
| 5) | Submission of application Form-B (online) | : | 15.05.2026 to 16.06.2026 |

The old question booklets of previous years prior to 2020 are available at Academic-I Section, OUAT Bhubaneswar on cash payment of Rs. 30/- at the University cash counter for each year within 11.00 a.m. to 1.30 p.m. up to 01.06.2026.

**Help Line Number : To be contacted only during office hours (10 a.m. to 5 p.m.) on working days only.**

**1. Application submission and admission**

- Help line number - 9938838538
- Asst. Registrar (Acd.) - 0674-2397970 (Extn: 111/218)
- Help desk e-mail ID - **ouat.helpline@gmail.com**

**2. The helpline number and email id for Admit Card and Online Examination will be intimated in OUAT website 15 days before the Common Entrance Examination.**

The candidates should send mail for any query to above mail-ID only. E-mail to other mail-ID will not be entertained.

**OIPR-1001/1533/1/26-27/0001** **Sd./- Registrar**

GOVERNMENT OF ODISHA No.25001/28/2627

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, KENDRAPARA-JAJPUR**

AT-CHANDIKHOLE, PO-SUNGUDA, JAJPUR-754296, Tel No.0671-2444488, Email-serw_kpd@yahoo.com

Letter No.2362 **1st Corrigendum Notice** Date : 16.04.2026

**1st Corrigendum to Bid Identification No. Tender Online RCK-05/26 invited by this office vide Letter No.-1770, Dt. - 17.03.2026**

The changes as detailed below are hereby made in the above N.I.T. :-

**1 Clause no-06 of NIT modified below :-**

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender Clarification | | Date & Time of opening of Tender | | | |
|---|---|---|---|---|---|---|---|---|---|
| | | | | | | Technical Bid | | Financial Bid | |
| | | Previously fixed on | Presently Modified on | Previously fixed on | Presently Modified on | Previously fixed on | Presently Modified on | Previously fixed on | Presently Modified on |
| Chief Construction Engineer, Rural Works Circle, Kendrapara-Jajpur | Tender RCK-05/26 | From 02.04.2026 at 11.00 A.M. to 22.04.2026 upto 05.00 P.M. | From 02.04.2026 at 11.00 A.M. to 05.05.2026 upto 05.00 P.M. | 22.04.2026 upto 02.00 P.M. | 05.05.2026 upto 02.00 P.M. | 23.04.2026 at 11.00 A.M. | 06.05.2026 at 11.00 A.M. | Will be intimated later | Will be intimated later |

All other conditions of NIT remain unaltered.

Sd./- Chief Construction Engineer Rural Works Circle, Kendrapara-Jajpur

OIPR-25001/25129/1/26-27/0001

ଚୌଦ୍ୱାର ପୌରପରିଷଦ କାର୍ଯ୍ୟାଳୟ,ଚୌଦ୍ୱାର

**OFFICE OF THE MUNICIPAL COUNCIL, CHOUDWAR**

Govt. of Odisha (H&UD Deptt), Cuttack (ODISHA) PIN 754071

Phone No.0671-2394272(O) e-mail: choudwarmunicipality@gmail.com

No.Dev/2125 Date:16.04.2026

**QUOTATION CALL NOTICE**

No.13001/220/2627: Sealed Quotations are invited in prescribed proforma from intending authorized firms/companies/manufacturers/ suppliers/agencies/authorized dealers having up-to-date dealership/ GST Regd. Certificate, PAN Card etc. for Supply, Installation & maintenance (upto One Year) of acrylic 3D letter with lighting and stand post in different wards of Choudwar Municipality. The prescribed quotation schedule can be obtained from the office of the Choudwar Municipality, Choudwar during office hours on all working days from dt.18.04.2026 to dt.27.04.2026 within 12.00 PM on payment of Rs.1000/- (Rupees One Thousand) only in the shape of cash from office of the Executive Officer, Choudwar Municipality towards the paper cost which is non-refundable. The Quotation paper will be received upto 12.00 PM by this office within dt.27.04.2026 through Regd Post/ Speed Post/ or in person and the same will be opened on the same date at 12.30 PM in the office of Choudwar Municipality in the presence of the quotationer or their authorised representative who wishes to remain present. The quotation delay in postal delivery after due date and time will not be taken into consideration.

The authority reserves the right to reject any or all quotations without assigning any reason thereof.

**Sd./- Executive Officer Choudwar Municipality**

OIPR-13001/13138/1/26-27/0006

NOTICE NO.2745 DATE:17.04.2026

**ନିଲାମ ପାଇଁ ବିଜ୍ଞପ୍ତି**

No.10001/63/2627: ଏତଦ୍ୱାରା ସର୍ବସାଧାରଣମାନଙ୍କୁ ଜଣାଇ ଦିଆଯାଉଅଛି କି ଯେ, ତା.୦୧.୦୫.୨୦୨୬ ରିଖ ଦିବା ୧୧ ଘଟିକା ସମୟରେ ବାଲେଶ୍ୱର ସଦର ଡାକ୍ତରଖାନାରେ ୱାର୍ଡମାନଙ୍କରେ ବ୍ୟବହୃତ ହେଉଥିବା କେତେକ ଭଙ୍ଗାରୁଜା ଜିନିଷ ଯଥା-ଲୁହା, ଟିଣ, କଂସା, ପିତଳ, ଷ୍ଟିଲ୍, କାଠ, ଭଙ୍ଗା ମେସିନ୍, ପ୍ଲାଷ୍ଟିକ୍ ଇତ୍ୟାଦି ଯେଉଁଠାରେ ଅଛି ଏବଂ ଯେଉଁ ଅବସ୍ଥାରେ ଅଛି, ସେହି ଅବସ୍ଥାରେ ଖୋଲା ନିଲାମ ଦ୍ୱାରା ବିକ୍ରୟ କରାଯିବ । ନିଲାମ ଡାକିବାକୁ ଇଚ୍ଛୁକ ବ୍ୟକ୍ତି ସମୂହ ବା ସଂସ୍ଥା ଅଗ୍ରିମ ୧୦୦୦ ଟଙ୍କା ଦାଖଲ କରି ନିଲାମରେ ଭାଗ ନେଇପାରିବେ । ନିଲାମରେ ଯୋଗ୍ୟ ବିବେଚିତ ବ୍ୟକ୍ତି ବା ସଂସ୍ଥା ନିଲାମ ପାଇଁ ଗଚ୍ଛିତ ଥିବା ଜିନିଷଗୁଡ଼ିକୁ ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେହିଦିନ ସନ୍ଧ୍ୟା ୬ଟା ସୁଦ୍ଧା ପ୍ରାପ୍ୟ ଦେୟ ପଇଠ କରି ଉଠାଇନେବେ । ନିଲାମ ଡାକିବାର ସ୍ଥାନ ନୂତନ କାଲୁଆଲଟି ବିଲଡିଙ୍ଗ୍‌ର ପ୍ରଥମ ମହଲାର କନ୍‌ଫରେନ୍ସ ହଲ୍ (ରୁମ୍ ନଂ-235) ରେ ହେବ ।

- ଜିନିଷ ଗଚ୍ଛିତ ଥିବା ସ୍ଥାନରୁ ଜିନିଷକୁ ବାହାର କରିବା, ଓଜନ କରିବା ଏବଂ ସ୍ଥାନାନ୍ତରଣ କରିବାର ଦାୟିତ୍ୱ ଏବଂ ଖର୍ଚ୍ଚ ନିଲାମ ପାଇଥିବା ବ୍ୟକ୍ତି କିମ୍ବା ସଂସ୍ଥା ବହନ କରିବେ ।
- ଦେୟ ପଇଠ କରିବାର ସ୍ଥାନ DMO(MS)-cum-Superintendent Office, DHH, Balasore ।
- ଉପରୋକ୍ତ ନିୟମାବଳୀର ବ୍ୟତିକ୍ରମ ହେଲେ ଦେୟ ଟଙ୍କା ବାଜ୍ୟାପ୍ତ ହେବ ଏବଂ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ବି.ଦ୍ର:- ବଜାର ମୂଲ୍ୟଠାରୁ କମ୍ ହେଲେ ବା ଅନ୍ୟ କୌଣସି କାରଣ ପାଇଁ ନିମ୍ନ ସ୍ୱାକ୍ଷରକାରୀ ସ୍ୱଅଧିକାର ବଳରେ ନିଲାମ ସ୍ଥଗିତ କରିପାରିବେ ବା ଧାର୍ଯ୍ୟ ତାରିଖ ପରିବର୍ତ୍ତନ କରିପାରିବେ ଏବଂ ଏଥିପାଇଁ କୌଣସି କାରଣ ଦର୍ଶାଯାଇପାରିବ ନାହିଁ ।

ଏହାର ନକଲ ନୋଟିସ ବୋର୍ଡମାନଙ୍କରେ ଯଥା:- CDM&PHO Office, DMO (MS)- cum-Superintendent Office, OPD, X-Ray room ସମ୍ମୁଖରେ ସର୍ବସାଧାରଣ ଜାଣିବା ପାଇଁ ଲଟକାଇ ଦିଆଗଲା ।

**Sd./- DMO(MS)-cum-Superintendent DHH, Balasore**

OIPR-10001/10200/1/26-27/0001

**CUTTACK MUNICIPAL CORPORATION**

BIKASH BHAWAN, BADAMBADI, CUTTACK-753012, ORISSA

Tel No. 0671-2319272, Gmail ID - cityhealthofficercuttack@gmail.com

Ref. 918/HO Date : 16.04.2026

**TENDER CALL NOTICE**

**No.13001/210/2627** : Sealed tenders are invited from manufacturers/Authorized Dealers/Authorized Suppliers approved by Govt. of India/ Govt. of Odisha, who are having valid license for manufacturing, selling &GMP certified company for supply of essential Homoeopathic drugs/Medicines & Globules for Municipal Dispensaries of CMC, Cuttack. Detailed list of Medicines to be procured can be obtained from official website **www.cmccuttack.gov.in with effect from 17.04.2026 12 P.M. to 29.04.2026 5 P.M.** Last date of submission of tender paper is **29.04.2026 till 4 P.M.** The tender opening date will be **30.04.2026 12 P.M.** Bidder can download the details of the bid paper, list of Medicines and schedule etc. from the website and can apply.

1. The rate of each items of Medicines should be inclusive of excise duty, insurance, packing forwarding & freight charges to health store, CMC at Bikash Bhawan, Badambadi, Cuttack but exclusive of GST and Entry Tax. The rate quoted against each medicine must be written the company name (Brand or Non Brand) for better compliance.
2. Tender papers are to be submitted to the Commissioner, CMC, Cuttack by Registered post / Speed post in sealed cover, Superscribing (Tender for supply of Homeopathic Medicine, Sundries & Globules for the year 2026-27)

**The following documents are to be submitted along with the bid documents.**

1. Original Bank draft for Rs. 2000/- + GST (Non Refundable) towards tender paper cost from any Nationalized Bank in favour of Municipal Commissioner, Cuttack Municipal Corporation payable at Cuttack.
2. Original Bank Draft for Rs. 5000/- (Five Thousand Only) (Refundable) in favour of Commissioner, Municipal Corporation payable at Cuttack.
3. Attested copy of valid wholesaling Drug licenses issued by drug control of Odisha.
4. Attested copy of up to date GST of the Bidder.
5. Attested copy of PAN card of the bidder.
6. Original agreement in non judicial stamp paper will be made by the suppler regarding the quality of the medicines. In case any drug (Medicines and Chemicals) detected to be of substandard quality, the supplier will replace the stock with his own cost.
7. Supplies will be affected as per the approved specification of the bid, non substitute will not entertained. The expiry date of the supplied medicine shall not less than two years.
8. The supply is to be made within 30 days from the date of issue of the order otherwise the order will be automatically cancelled and the farm will be declared blacklisted for 2 years.
9. The supply of the materials should be made at CMC Health Office, Health Section, Bikash Bhawan, Badambadi, Cuttack at their own cost.
10. Those are experience for supply of medicine they must produced the experience certificate.
11. Authority reserved the right to accept or reject any or all the tender papers without assigning any reasons thereof in this regard.
12. The decision of the authority is final.

**Sd./- Commissioner Cuttack Municipal Corporation**

**OIPR-13001/13031/1/26-27/0010**

**MUNICIPALITY, BHANJANAGAR**

Dist : Ganjam, Odisha, PIN-761126

E-Mail : bhanjanagarn.hud@nic.in, Ph .No. 06821-241107

Letter No : 1314 Dtd : 15.04.2026

**EXPRESSION OF INTEREST (EOI)**

**No.13001/217/2627** : Bhanjanagar Municipality invites EOI from experienced, competent and eligible Agencies/ Firms for **supply & small installation & lighting arrangements on occasion of the Thakurani Jatra** Bhanjanagar Municipality.

The Tender Schedules will be available at Electric Section of Bhanjanagr Municipality @ Rs 500/- (Rupees Five hundred) only per each schedule from **Dt-16.04.2026, 11.00A.M. to 3.00P.M. of 22.04.2026** (Within Working Day & Office Hours) and the tender schedule received within stipulated time period will be **open on 22.04.2026 at 4.00 P.M.** in presence of the respective quotationers and their authorized representatives.

Any other clarification regarding EOI may contact Electric Section of Bhanjanagar Municipality or Email:- **bhanjanagarn.hud@gmail.com.**

The authority reserves the right to accept, reject or cancel any or all the quotations without assigning any reason thereof.

**Executive Officer Bhanjanagar Municipality**

**OIPR-13001/13144/1/26-27/0003**

idco | ODISHA NEW OPPORTUNITIES No.4001/27/2627

**OFFICE OF THE DIVISIONAL HEAD, MAINTENANCE DIVISION, IDCO, IDCO TOWERS, BHUBANESWAR**

Bid Identification No.IDCO/MAINT/BBSR/1/26-27

TCN No.1172, Dt.13.04.2026

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**1.Name of the Work:** Comprehensive annual operation & Maintenance (AMC) for 2x225 TR screw chillers and 2x450 TR centrifugal chillers and 3x500 TR cooling Towers alongwith all associated equipments and installation of HVAC system at IDCO, Fortune Towers, Bhubaneswar.

1. Value of work: 24.28 lakhs
2. Period of contract: 12 (Twelve) Calendar Months
3. Availability of tender online for Bidding:
   - I. Start Date: 16.00 Hours of dt.18.04.26
   - II. End Date: 16.00 Hours of dt.26.04.26
   - III. Opening Date: 11.00 Hours of dt.27.04.26

Tender details can be seen from the e-procurement portal **www.tendersorissa.gov.in**. Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website.**

**Sd./-Divisional Head, Maintenance Division, IDCO, Bhubaneswar**

**OIPR-4001/4075/1/26-27/0008**

GOVERNMENT OF ODISHA No.25001/21/2627

**OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR**

No.1773/Date.30.03.2025

**"e" Procurement Notice for Road Works**

| | | | |
|---|---|---|---|
| 1. | Name of the Work | : | Road Works under MMSY-Transferred Road Improvement Programme (MMSY-TRIP) and MMSY-Improvement of Existing RD Road |
| 2. | Total No. of works | : | 33 Nos. of Road works for the year 2025-26 |
| 3. | Estimated Cost of the work | : | Varies from Rs.297.36 lakh to Rs.732.84 lakh |
| 4. | Class of Contractor | : | |
| | a) Estimated cost more than Rs.20.00 lakhs up to Rs.3.00 Crores | | B Class (of Odisha PWD) or relevant class of other licensing authorities |
| | b) Estimated cost more than Rs.1.00 Crore up to Rs.20.00 Crores. | | A Class (of Odisha PWD) or relevant class of other licensing authorities |
| | c) Estimated cost more than Rs.6.00 Crore up to Rs.50.00 Crores. | | Special Class (of Odisha PWD) or relevant class of other licensing authorities |
| | d) Estimated cost more than Rs.20.00 Crores | | Super Class (of Odisha PWD) or relevant class of other licensing authorities |
| 5. | Period of completion | : | As mentioned in Column-7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST. |
| 7. | Other details | : | |

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.03 of 2026 | 21.04.2026 at 11.00 A.M. | 05.05.2026 up to 5.00 P.M. | 06.05.2026 at 11.00 A.M. | To be intimated lateron |

Further details can be seen from the website www.tendersodisha.gov.in

Sd./- Chief Construction Engineer Central Rural Works Circle, Bhubaneswar

OIPR-25001/25082/1/26-27/0002

GOVERNMENT OF ODISHA No.25001/25/2627

**OFFICE OF THE SUPERINTENDING ENGINEER RURAL WORKS DIVISION : KORAPUT**

PHONE : OFF : (06852)251263, email : eerwkoraput@yahoo.com

**Bid Identification No. : SERWKPT-ONLINE-01/2026-27**

Letter No.1635 Dtd. : 13.04.2026

**1. Name of the Work : Construction of Building Works for the year 2026-27, 2. Total Numbers of Works : 04 Nos., 3. Approximate Estimate Cost : Rs.27.33 to Rs.48.22 Lakhs (Approximately), 4. Class of Contractor : "C" & "B" Class, 5. Period of Completion : 6 Months, 6. Detail Projects : As per Annexure attached, Other Details as follows :**

| Procurement Officer | Bid Identification No. | No. of Works | Availability of Tender online Bidding | | Date & Time of opening of tender |
|---|---|---|---|---|---|
| | | | From | To | |
| Superintending Engineer, R.W. Division, Koraput | SERWKPT-ONLINE-01/2026-27 | 04 (Four) Nos | 22.04.2026 at 11.00 A.M. | 31.04.2026 upto 3.30 P.M. | 30.04.2026 at 5.30 P.M. |

**Further details can be seen from the website : www.tendersodisha.gov.in/nicgep/app**

**All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**

***N.B. Any Addendum or Corrigendum will be available in the Website only.**

**Sd./- Executive Engineer, Rural Works Division, Koraput**

**OIPR-25001/25088/1/26-27/0001**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଆୟାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜେଲରେ ବଢୁଛି କଏଦୀ ମୃତ୍ୟୁ

## ୧୦ ବର୍ଷରେ ଗଲାଣି ୫୭୨ କଏଦୀଙ୍କ ଜୀବନ

- ୩ ବର୍ଷରେ ଆତ୍ମହତ୍ୟା କରିଛନ୍ତି ୨୭ରୁ ଅଧିକ କଏଦୀ
- ଫୁଲବାଣୀ ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କଲେ ଏନ୍‌ଏଚ୍‌ଆର୍‌ସି

ଭୁବନେଶ୍ୱର,୧୮।୪(ତ୍ରିନାଥ ମହାନ୍ତି)





ରାଜ୍ୟର ବିଭିନ୍ନ ଜେଲରେ କଏଦୀଙ୍କ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଚିକିତ୍ସା ଅଭାବରୁ ଅଧିକାଂଶ କଏଦୀଙ୍କ ମୃତ୍ୟୁ ଘଟୁଥିବାବେଳେ ଅନେକେ କଏଦୀ ଆତ୍ମହତ୍ୟା କରୁଛନ୍ତି। ବୁଧବାର ଫୁଲବାଣୀ ଜିଲା କାରାଗାରରେ ଜଣେ କଏଦୀଙ୍କ ମୃତ୍ୟୁକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଜାତୀୟ ମାନବାଧିକାର ଆୟୋଗ(ଏନ୍‌ଏଚ୍‌ଆର୍‌ସି)। ଜେଲ ଭିତରେ କିଭଳି କଏଦୀଙ୍କ ମୃତ୍ୟୁ ଘଟୁଛି ତାହାକୁ ନେଇ ଆୟୋଗ ପ୍ରଶ୍ନ କରିଛନ୍ତି। ଜେଲରେ ମୃତ୍ୟୁର ନିରପେକ୍ଷ ତଦନ୍ତ ହେଉ ନ ଥିବା ଅଭିଯୋଗ ହେଉଛି। ପ୍ରତି ୱାର୍ଡ ଏବଂ ପ୍ରତି ସେଲ୍‌ରେ କ୍ୟାମେରା ଲାଗିବା ସହ ୱାର୍ଡରମାନେ ଜଗି ରହୁଛନ୍ତି। ଏପରି କି ସିସିଟିଭିର ଲାଇଭ୍ ଫୁଟେଜକୁ ଜେଲର ଏବଂ ସୁପରିଣ୍ଟେଣ୍ଡେଣ୍ଟ ଦେଖୁଛନ୍ତି। ଏହା ସତ୍ତ୍ୱେ କଏଦୀ କିଭଳି ଆତ୍ମହତ୍ୟା କରୁଛନ୍ତି ତାହାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। କାରଣ ବଲାଙ୍ଗୀର ଜେଲରେ କଏଦୀ ଗୋପାଳ ସାହୁ ହାଇସିକ୍ୟୁରିଟି ସେଲରେ ଆତ୍ମହତ୍ୟା କରିଥିଲେ। ଉକ୍ତ ସେଲ୍‌ରେ ମାଳ ମାଳ ସିସିଟିଭି ଲାଗିଥିଲେ ମଧ୍ୟ କିଭଳି ମୃତ୍ୟୁ ଘଟିଲା ତାହା ଏବେ ବି ରହସ୍ୟରେ ରହିଛି। ଜେଲ କର୍ତ୍ତୃପକ୍ଷ ସିସିଟିଭିକୁ ମନିଟରିଂ କରୁ ନ ଥିବାର ସୁଯୋଗ ନେଇ ବଡ଼ ଅପରାଧୀମାନେ ଜେଲ ଭିତରେ ଦାଦାଗିରି ଦେଖାଇବା ସହ ହତ୍ୟା ଭଳି ବିଭିନ୍ନ କାଣ୍ଡ ଘଟାଉଛନ୍ତି। ଏପରିକି ସେମାନଙ୍କ ଅତ୍ୟାଚାରରେ ବହୁ କଏଦୀ ମାନସିକ ଭାରସାମ୍ୟ ହରାଇବା ସହ ଜେଲ ଜୀବନରୁ ସବୁଦିନ ମୁକ୍ତି ପାଇବାକୁ ଆତ୍ମହତ୍ୟା ଭଳି ପନ୍ଥା ଆପଣାଉଥିବା କୁହାଯାଉଛି।

ପ୍ରତି ସପ୍ତାହରେ ରାଜ୍ୟର କୌଣସି ନା କୌଣସି ଜେଲରେ ଜଣେ କଏଦୀ ଆତ୍ମହତ୍ୟା କରୁଛନ୍ତି। ଜେଲ ବିଭାଗରୁ ମିଳିଥିବା ତଥ୍ୟ ଅନୁସାରେ ଗତ ୧୦ ବର୍ଷରେ ୫୭୨ଜଣ କଏଦୀଙ୍କ ମୃତ୍ୟୁ ଘଟିଲାଣି। ସେଥିରୁ ୩ବର୍ଷରେ ୨୭ଜଣ କେବଳ ଆତ୍ମହତ୍ୟା କରି ଜୀବନ ହାରିଛନ୍ତି। ୨୦୧୪ରୁ ୨୦୨୩ ମଧ୍ୟରେ ରାଜ୍ୟର ବିଭିନ୍ନ କାରାଗାରରେ ୫୭୨ଜଣ ବିଚାରାଧୀନ କଏଦୀଙ୍କ ଜୀବନ ଯାଇଛି। କଏଦୀମାନେ ଜେଲରେ ରହିବା ଭିତରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟୁଛି। ୨୦୨୪ରେ ସର୍ବାଧିକ ୮୭ ଜଣ କଏଦୀଙ୍କ ଜୀବନ ଯାଇଥିଲା। ଏହାପଛକୁ ୨୦୨୦ରେ ୭୫ ଓ ୨୦୨୧ରେ ୬୦ ଜଣଙ୍କ ଜୀବନ ଯାଇଛି। ୨୦୧୫ରେ ସବୁଠୁ କମ୍ ୪୫ କଏଦୀଙ୍କ ମୃତ୍ୟୁ ଘଟିଛି। ମ୍ୟାଲେରିଆ, ହୃଦ୍‌ରୋଗ ଏବଂ କିଡ୍‌ନୀ ରୋଗରୁ ମଧ୍ୟ ଅଧିକ ମୃତ୍ୟୁ ଘଟୁଛି। ୨୪୩ ଜଣଙ୍କ ମ୍ୟାଲେରିଆରେ ଜୀବନ ଯାଇଥିବାବେଳେ ଏହାପଛକୁ ହୃଦ୍‌ରୋଗରେ ୮୧, କିଡ୍‌ନୀରେ ୪୦, କର୍କଟ ରୋଗରେ ୨୩, କ୍ଷୟରେ ୧୮ ଏବଂ ୧୫ ଜଣ ଫୁସ୍‌ଫୁସ୍ ସଂକ୍ରମଣରେ ଜୀବନ ଯାଇଛି। ବ୍ରେନ୍‌ଷ୍ଟ୍ରୋକରେ ୧୪, ଯକୃତ ରୋଗରେ ୧୧, ଏଡ୍ସରେ ୪ ଓ ଝାଡ଼ାବାନ୍ତିରେ ୨ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ଗତ ୩ବର୍ଷରେ ରାଜ୍ୟର ବିଭିନ୍ନ ଜେଲରେ ୩୧ଜଣ କଏଦୀ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ଗତ ନଭେମ୍ବର ୨୦୨୫ରେ ଚୌଦ୍ୱାର ଜେଲରେ ଜଣେ କଏଦୀ ଆତ୍ମହତ୍ୟା କରିଥିବାବେଳେ ୨୦୨୫ ଅକ୍ଟୋବରରେ ପୋକ୍‌ସୋ ମାମଲାରେ ଜେଲରେ ଥିବା କଏଦୀ ଆତ୍ମହତ୍ୟା କରିଥିଲେ। ୨୦୨୫ ମେ'ରେ ଚୌଦ୍ୱାର ଜେଲରେ ଆଉ ଜଣେ କଏଦୀ ଆତ୍ମହତ୍ୟା କରିଥିଲେ। ସେହିପରି ୨୦୨୫ ଜୁନ୍‌ରେ ମଧ୍ୟ ଝାରପଡ଼ାରେ ଜଣେ କଏଦୀ ଆତ୍ମହତ୍ୟା କରିଥିଲେ। ଜେଲରେ କଏଦୀ ଆତ୍ମହତ୍ୟା କରିବାର ଅନେକ କାରଣ ରହିଛି। ଅନେକ ସମୟରେ ଜେଲରେ କଏଦୀଙ୍କୁ ଖାଇବାକୁ ନ ଦେଇ ନିର୍ଯାତନା ଦିଆଯାଉଛି। ଯେଉଁଥିପାଇଁ କଏଦୀ ନିର୍ଯାତନା ସହ୍ୟ କରି ନ ପାରି ଶେଷରେ ଆତ୍ମହତ୍ୟା କରୁଛନ୍ତି। ଅନେକ କ୍ଷେତ୍ରରେ ଜେଲ କର୍ତ୍ତୃପକ୍ଷ କଏଦୀଙ୍କୁ ଇ-ମୁଲାକାତ ମାଧ୍ୟମରେ ଭେଟ କରିବାର ସୁଯୋଗ ଦେଉନାହାନ୍ତି। ଫଳରେ ସେମାନେ ଗୋଟିଏ ଘର ଭିତରେ ରହି ମାନସିକ ଭାରସ୍ୟାମ ହରାଇ ଆତ୍ମହତ୍ୟା ଭଳି ରାସ୍ତାକୁ ବାଛି ନେଉଛନ୍ତି। ଏନେଇ ଜେଲ ଡିଜି ସୁଶାନ୍ତ ନାଥ କହିଛନ୍ତି, ଜେଲରେ ଏଆଇ କ୍ୟାମେରା ଲାଗିବା ସହ ୱାର୍ଡରମାନଙ୍କୁ କଡ଼ା ପହରା ଏବଂ ସିସିଟିଭି ମନିଟରିଂ କରିବାକୁ କୁହାଯାଇଛି। ଫଳରେ ଜେଲରେ ଆତ୍ମହତ୍ୟା କମିବ ବୋଲି ସେ ଆଶା କରିଛନ୍ତି।

# ପୁତୁରା ଠେଙ୍ଗାମାଡ଼ରେ ଖୁଡ଼ୀଙ୍କ ଜୀବନଗଲା

## ଜମିବାଡ଼ି ବିବାଦରୁ ହତ୍ୟାକାଣ୍ଡ

ପାଟଣା/ଢେଙ୍କିକୋଟ,୧୮।୪(ବୀର କିଶୋର ଦାଶ/ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଚିନାମାଳିପୋଷି ପଞ୍ଚାୟତ ଗୁଡ଼ିଆପଡ଼ା ଗ୍ରାମରେ ଶୁକ୍ରବାର ଜମିବାଡ଼ି ବିବାଦକୁ ନେଇ ହତ୍ୟାକାଣ୍ଡ ଘଟିଛି। ପୁତୁରା ଠେଙ୍ଗାମାଡ଼ରେ ଖୁଡ଼ୀଙ୍କ ଜୀବନ ଯାଇଛି। ମୃତା ହେଲେ ଗ୍ରାମର ରାଜୁ ମହାନ୍ତଙ୍କ ସ୍ତ୍ରୀ କୌଶଲ୍ୟା (୫୮)। ପୋଲିସ ଅଭିଯୁକ୍ତ ପୁତୁରା ବିଦ୍ୟାଧର ମହାନ୍ତ (୫୬)ଙ୍କୁ ଗିରଫକରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଜମିବାଡ଼ି ଭାଗବଣ୍ଟାକୁ ନେଇ ଉଭୟ ପରିବାର ମଧ୍ୟରେ ବିବାଦ ରହିଥିଲା। ବିଦ୍ୟାଧର ଅଭିଯୋଗ କରିଆସୁଥିଲା ଯେ, ତାଙ୍କ ବାପା ଦଲୁଙ୍କୁ ଅନ୍ୟ ୫ ଭାଇ ଠିକ୍ ଜମି ଭାଗ ଦେଇନାହାନ୍ତି। ତାଙ୍କୁ କମ୍ ଭାଗ ଦେଇ ଅନ୍ୟମାନେ ଠକି ଦେଇଛନ୍ତି। ଏ ନେଇ ବିଭିନ୍ନ ସମୟରେ ଝଗଡ଼ା ହେଉଥିଲା। ଶୁକ୍ରବାର ରାତିରେ ବିଦ୍ୟାଧର ଓ କୌଶଲ୍ୟାଙ୍କ ମଧ୍ୟରେ ଜମିବାଡ଼ି ଭାଗବଣ୍ଟାକୁ ନେଇ ଗଣ୍ଡଗୋଳ ଓ ଯୁକ୍ତି ତର୍କ ହୋଇଥିଲା। ବିଦ୍ୟାଧର ଉତ୍କ୍ଷିପ୍ତ ହୋଇ ପାଖରେ ପଡ଼ିଥିବା ଠେଙ୍ଗାରେ ଖୁଡ଼ୀଙ୍କୁ ନିର୍ମମଭାବେ ପିଟିଥିଲେ। ଗୁରୁତର ଅବସ୍ଥାରେ କୌଶଲ୍ୟାଙ୍କୁ ପରିବାର ଲୋକେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୌଶଲ୍ୟାଙ୍କ ପୁଅ ସଞ୍ଜୟ ଓ ଝିଅ ଡାଳିମ୍ବ ଥାନାରେ ଅଭିଯୋଗକରି ଅଭିଯୁକ୍ତଙ୍କୁ କୋଠାର ଶାସ୍ତି ଦେବା ପାଇଁ ଦାବି କରିଛନ୍ତି। ପୋଲିସ ଶନିବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଗାଁ ଥାନାରେ ଏକ ମାମଲା(ନଂ. ୨୩୨/୨୬) ରୁଜୁ ହୋଇଛି। ବିଦ୍ୟାଧରଙ୍କୁ ପୋଲିସ ଗିରଫକରି ତଦନ୍ତ ଜାରି ରଖିଥିବା ଘଟଗାଁ ଥାନା ଅଧିକାରୀ ଶୁଭ୍ରାଂଶୁ ଜେନା କହିଛନ୍ତି।


On this joyous occasion, we extend our heartfelt birthday wishes to our beloved maternal grand–mother (Aai), the most respected and cherished elder of our family.
Your life is a shining ex–ample of love, kindness and wisdom. Your bless–ings and guidance have always been our greatest strength and inspiration.
The warmth of your af–fection and the values you have instilled in us con–tinue to guide our lives.
On your special day, we pray to the Almighty to bless you with good health, long life, happiness and peace. May your life al–ways remain filled with joy and divine blessings.
Happy Birthday, Aai.
With love, respect and warm regards,
Swastik Sarangi (Sonu) & Family
ଧ-୧୪୨


# ଯୁବତୀଙ୍କ ବାପାଙ୍କୁ ଭୁଜାଲିରେ ଆକ୍ରମଣ

## ଏକତରଫା ପ୍ରେମରୁ ତୁମ୍ଭଳକାଣ୍ଡ

ବାଲେଶ୍ୱର, ୧୮।୪(ବାଞ୍ଛାନିଧି ଦେ)

ଏକତରଫା ପ୍ରେମରେ ବିଫଳ ହୋଇ ଜଣେ ଯୁବକ ତୁମ୍ଭଳକାଣ୍ଡ ଭିଆଇଛନ୍ତି। ଯୁବତୀଙ୍କ ବାପାଙ୍କୁ ଭୁଜାଲିରେ ଆକ୍ରମଣ କରି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରୁ ଯୁବକ ଜଣକ ଚମ୍ପଟ ମାରିଥିବା ବେଳେ ଗୁରୁତର ଅବସ୍ଥାରେ ଯୁବତୀଙ୍କ ବାପାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏଭଳି ଘଟଣା ଘଟିଛି ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ପଞ୍ଚାୟତରେ। ଏହି ପଞ୍ଚାୟତ ଅନ୍ତର୍ଗତ ବେଣାପୁରା ଗ୍ରାମର ଟିକୁ ମହାପାତ୍ର ଗୁଣ୍ଡୁରିପଦା ଅଞ୍ଚଳର ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରି ଆସୁଥିଲେ। ତାଙ୍କୁ ବିବାହ କରିବା ପାଇଁ ଚାହୁଁଥିଲେ। ହେଲେ ଝିଅ ପରିବାର ଲୋକେ ଏଥିରେ ରାଜି ନ ଥିଲେ। ଯୁବତୀଙ୍କ ବାପା ଶନିବାର ସ୍ଥାନୀୟ ହଳଦୀପାଳ ହାଟରୁ ଫେରୁଥିବା ବେଳେ ପୂର୍ବ ଯୋଜନା ମୁତାବକ ଟିକୁ ତାଙ୍କ ସହଯୋଗୀଙ୍କ ସହ ସେଠାରେ ପହଞ୍ଚି ଭୁଜାଲିରେ ଆକ୍ରମଣ କରିଥିଲେ। ଏପରିକି ବନ୍ଧୁକରେ ଫାଙ୍କା ଗୁଳିଚାଳନା କରି ଭୟଭୀତ କରାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଯୁବତୀଙ୍କ ବାପାଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତାଙ୍କର ମୁଣ୍ଡ ଓ ଦେହରେ ଗଭୀର ଆଘାତ ଲାଗିଛି। ଏ ସମ୍ପର୍କରେ ବସ୍ତା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ ୨୨୮/୨୬) ରୁଜୁ କରିଛି। ବସ୍ତା ଥାନା ଏସ୍‌ଆଇ ସନ୍ଦୀପ କୁଜୁର ଓ ଏଏସ୍‌ଆଇ ଉତ୍ତମ ସିଂ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛନ୍ତି।

# ପଥରରେ ଛେଚି ସ୍ତ୍ରୀଙ୍କୁ ହତ୍ୟା

## ଅଭିଯୁକ୍ତ ସ୍ୱାମୀ ଗିରଫ

ସୁନ୍ଦରଗଡ଼,୧୮।୪(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ତଳସରା ଥାନା ଅନ୍ତର୍ଗତ ଡମକୁଡ଼ା ଗ୍ରାମରେ ଶୁକ୍ରବାର ରାତିରେ ସ୍ତ୍ରୀଙ୍କୁ ପଥରରେ ଛେଚି ସ୍ୱାମୀ ହତ୍ୟା କରିଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ରାଜେଶ କୁମାର ହେମ୍ବ୍ରମ (୪୦)। ଏ ନେଇ ତଳସରା ଥାନାରେ କେସ୍ ନମ୍ବର ୧୦୯/୨୬ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ପାରିବାରିକ କଳହକୁ କେନ୍ଦ୍ରକରି ସେହି ଗ୍ରାମର ରାଜେଶ ଓ ସ୍ତ୍ରୀ ଆରତି ହେମ୍ବ୍ରମ(୩୫)ଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ରାଜେଶ ପ୍ରଥମେ ଏକ ବାଡ଼ିରେ ସ୍ତ୍ରୀଙ୍କୁ ନିଘୁଙ୍କ ବାଡ଼େଇବା ପରେ ଏକ ପଥରରେ ଛେଚି ହତ୍ୟା କରିଥିଲେ। ଶନିବାର ସକାଳେ ତାଙ୍କର ବଡ଼ପୁଅ ଏ ସମ୍ପର୍କରେ ତଳସରା ଥାନାରେ ରିପୋର୍ଟ କରିବା ପରେ ସଦର ଏସ୍‌ଡିପିଓ ନିର୍ମଳ ମହାପାତ୍ର ଓ ତଳସରା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ରାଜେଶଙ୍କୁ ଥାନାକୁ ଆଣି ପଚରାଉଚରା ପରେ ତାଙ୍କୁ ଅପରାହ୍ନରେ କୋର୍ଟ ଚାଲାଣ କରିଥିଲା।

# ଜଳସେଚନ ବିଭାଗର ପୂର୍ବତନ କର୍ମଚାରୀଙ୍କୁ ୩ ବର୍ଷ ଜେଲ୍

ବାରିପଦା, ୧୮।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ଭିଜିଲାନ୍ସ କୋର୍ଟରେ ଶନିବାର ଏକ ଦୁର୍ନୀତି ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ପୂର୍ଣ୍ଣିମା ଜେନା ଏହାର ବିଚାର କରି ଅଭିଯୁକ୍ତ ଜଳସେଚନ ବିଭାଗ ଏସ୍‌ଇ ଅଫିସ୍‌ର ପୂର୍ବତନ ଡିଲିଂ ଆସିଷ୍ଟାଣ୍ଟ-କମ୍-ଡେସ୍ପାଚ୍ କ୍ଲର୍କ (ଅବସରପ୍ରାପ୍ତ) ଗୌରହରି ପାତ୍ରଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ପାତ୍ର ଠିକାଦାରଙ୍କ ନୂତନ ଏବଂ ନବୀକରଣ ଲାଇସେନ୍ସ ଫି ବର୍ଷକ ପାଇଁ ୩ ଲକ୍ଷ ୧୪ ହଜାର ବ୍ୟାଙ୍କରେ ଜମା କରିବା ଲାଗି ଉଦ୍ଦିଷ୍ଟ ସରକାରୀ ଟଙ୍କାକୁ ନିଜ ଆକାଉଣ୍ଟରେ ମିସ୍‌ଆପ୍ରୋପ୍ରିଏଟ କରିବା ପାଇଁ ମିଥ୍ୟା ଅଫିସିଆଲ ରେକର୍ଡ ପ୍ରସ୍ତୁତ କରିଥିଲେ। ଯାହାକୁ ନେଇ ଓଡ଼ିଶା ଭିଜିଲାନ୍ସ ତାଙ୍କ ବିରୋଧରେ ପିସି ଆକ୍ଟ ୧୯୮୮ର ଧାରା ୧୩(୨) ରିଡ/ୱି ୧୩(୧)(ସି)(ଡି) ଏବଂ ଆଇପିସିର ଧାରା ୪୬୮, ୪୨୦, ୪୭୧ ଓ ୪୦୯ ଅନୁଯାୟୀ ଚାର୍ଜଶିଟ୍ କରିଥିଲା। ଦୋଷୀ ସାବ୍ୟସ୍ତ ହେବା ପରେ ଭିଜିଲାନ୍ସ ପାତ୍ରଙ୍କ ପେନ୍‌ସନ୍ ସ୍ଥଗିତ ରଖିବା ପାଇଁ ଆବେଦନ କରିବ ବୋଲି ସୂଚନା ମିଳିଛି। ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ ଶାନ୍ତନୁ ଦାସ ପରିଚାଳନା କରୁଥିଲେ।

# ଟଙ୍କା,ସୁନା ଅଳଙ୍କାର ଚୋରି ଘଟଣାର ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୧୮।୪(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତ ଚୈତନ୍ୟପୁର ଗ୍ରାମର ଏନ. ରାଜିୟା ରେଡ୍ଡୀଙ୍କ ଘରେ ପଶି ନଗଦ ୬୦ ହଜାର ଟଙ୍କା, ୩୦ଟି ଲୁଗା, ମୋବାଇଲ ଫୋନ ଏବଂ ସୁନା ଅଳଙ୍କାର ଚୋରି ଘଟଣାରେ ସମ୍ପୃକ୍ତ ଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ହିଞ୍ଜିଳି ଥାନା ଅର୍ନ୍ତଗତ ଶ୍ରଦ୍ଧାପୁର ଗ୍ରାମର ଟି.ଚନ୍ଦ୍ର(୩୬)। ତାଙ୍କ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଯାଇଛି। ୧୮।୧୨।୨୫ରିଖ ରାତିରେ ଏନ.ରାଜିୟା ଏବଂ ପରିବାର ଲୋକେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ଘରେ ପଶି ଚୋରି କରିଥିଲେ। ଏନେଇ ରାଜିୟା ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ପୋଲିସ ୪୭୨/୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପୋଲିସ ଚୋରି ମୋବାଇଲକୁ ଟ୍ରାକିଂ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତାଙ୍କୁ ପଚରାଉଚୁରା ବେଳେ ସେ ଏବଂ ତାଙ୍କ ସମ୍ପର୍କୀୟ ଭାଇ ଟି.ସିଦ୍ଧାନ୍ତ ରାଜିୟାଙ୍କ ଘରେ ପଶି ଚୋରି କରିଥିବା ସ୍ୱୀକାର କରିଛନ୍ତି।


# Classified Everyday
0674-2580101, 9692975378





## BRIDE WANTED

ଚାକିରି କରି ଏକାକି ରହୁଥିବା 50 ବୟସ ଖଣ୍ଡାୟତ (Divorcee) ପୁଅ ପାଇଁ ଯେକୌଣସି ଜାତିର ଝିଅ ଆବଶ୍ୟକ। Candidate- 9861141891. D-148

Karan Boy 1995, 5'7", B.Tech (IT) Serving Software Engineer MNC Netherland "SUNASANSAR". 9937512659. D-152

ଚାକିରି କରୁଥିବା ଉଚ୍ଚ ଶିକ୍ଷିତ ପୁଅ (31) ପାଇଁ ଉଚ୍ଚ ଶିକ୍ଷିତା ଝିଅ ଆବଶ୍ୟକ। ଜାତି: ବଣିଆ। ଯୋଗାଯୋଗ: 9238600228. D-105

## GROOM WANTED

A suitable match required for Karan girl, height 5'3", born 1995. MSC Microbiology working as a Microbiologist at WATCO (Contractual). Preferably State/Central Government employee. Karan or Khandayat Groom. Contact: 6371692768, 9437244075. D-104

Wanted Brahmin groom for Doctor Bride, studying DM in Mumbai. 9337627101. D-102

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com





## REAL ESTATE

## SALE

**Prime location 3BHK fully furnished premium flat 1550sqft. including garage, 3rd Floor in powerful address Bjb Nagar "Surya Apartment" for sell Dr. Sanjay- 7077144498.** D-250

DO U NEED TO INVEST on property/Immediately house purpose ??? At Brahmanjharilo, Phulanakhara, Cuttack in between middle of CUTTACK & BHUBANESWAR at a reduced price. 7809525452. D-252

**2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact- 7440045095, 7077771880.** D-106

**Ready to move Duplex at prime location near V2 Showroom, Patrapada, Bhubaneswar. Contact: 9861037729/ 9040337729.** D-76961

**Plot Sale Near Sundarpada OEC College with Boundary wall- 6372670155.** D-30

Gharabari PLOT GATED SOCIETY MOUZA: Kurangasasan (phulnakhara ) ROAD 30ft Sqft: 1450/ 79781 59677, 9937679910. D-146

**Ready to move apartment Sale Near Hanspal, Rasulgarh, Bhubaneswar. 9777433701.** D-29

**3BHK Flat 1500sqft., 500 meter from Gate-1, Kalinga Stadium, 3years 6 months old, North facing, 2 Balcony with Pujaroom for sale. Price- 1.45 crores (Negotiable). 8984896487. Brokers not allowed.** D-139





**East facing Ground and First Floor commercial area measuring about 1900sqft. each with lift facility on right canalroad side, Bomikhala, Bhubaneswar for rent. Contact. 8058998588.** D-147





All types of physiotherapy and massage. Contact: 9556924059 / 7656969134. D-109

All types hair cutting/ massage by smart female, one hour 700/- , - Room services available. Contact: 9937833100. D-76308

Newly opening full body massage. Best therapist, Good Looking: 7205888795. D-135

Newly open Jyoti spa positively health benefits (Expert therapist). 8458067955. D-76960

## AFFIDAVIT

I, AKSHAY KUMAR NAYAK, S/o.- Sadasib Nayak, resident of Qtr. No. LCR-501, Chhend, Rourkela, PIN- 769015, ODISHA declare by this affidavit No.A/50, Date 06.04.26 that now onwards I shall be known as AKSHAYA KUMAR NAYAK for all future purposes. D-145

By virtue of an affidavit sworn before the Executive Magistrate, Bhubaneswar on dated 13.04.2026, I, Moningi Chhabilata Paikaray, At- Majhisahi, Panabaraj, Khordha, Odisha- 752056, Aadhaar card No. xxxx xxxx 8387 declare that I have changed my name from Tarulata Paikaray to Chhabilata Paikaray. Henceforth, I shall be known as Chhabilata Paikaray.
CHHABILATA PAIKARAY
D-144

By virtue of an affidavit sworn before the Notary Public, Titilagarh, dtd.- 18.04.2026, I, Pankaj Thapa, S/o- Puran Thapa, R/o. Village- Lamkani, P.O.- Kumbhari, P.S.- Saintala, Dist.- Balangir (Odisha), PIN- 767032 declare that now I have changed my daughter's name from Janmita Thapa to Bhismita Thapa. Henceforth, she shall be known as Bhismita Thapa for all purposes.
Pankaj Thapa
D-143

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ
କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଯୋଗେନ୍ଦ୍ର ସ୍ୱାଇଁ
ସାର୍ତ୍ତୋଳ, ନୂଆବଜାର, କଟକ-୭୫୩୦୦୪
ଆବିର୍ଭାବ: ୨୩.୧୧.୧୯୩୩
ତିରୋଧାନ: ୩୦.୦୪.୨୦୨୫
ତୁମ ସଚ୍ଚୋଟତା, ତୁମ କର୍ତ୍ତବ୍ୟନିଷ୍ଠା ପାଇଁ ତୁମେ ସର୍ବଦା ପୂଜିତ, ତୁମରି ସ୍ମୃତି ହିଁ ଆମ ଜୀବନର ପାଥେୟ।
ତୁମ ସ୍ମୃତିରେ
ଜିତେନ୍ଦ୍ର ସ୍ୱାଇଁ ଏବଂ ସମସ୍ତ ସ୍ୱାଇଁ ପରିବାର
ଧ-୧୪୦

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ବିଶ୍ୱଜିତ୍ ପାଢୀ
ଆବିର୍ଭାବ: ୦୭.୦୯.୧୯୬୫ ତିରୋଧାନ: ୧୯.୦୪.୨୦୦୨
(ତିଥି- ବୈଶାଖ ଶୁକ୍ଳ ଦ୍ୱିତୀୟା)
ତୁମେ ଯିବାର ଚାହୁଁ ଚାହୁଁ ୨୪ ବର୍ଷ ବିତିଗଲେ ମଧ୍ୟ ତମେ ଆମ ସମସ୍ତଙ୍କ ହୃଦୟରେ ଅଲିଭାସ୍ମୃତି ହୋଇ ହୋଇ ରହିଛ ଓ ଆଉ ରହିଥିବ ମଧ୍ୟ। ଆଜିର ଏହି ଶ୍ରାଦ୍ଧ ଦିବସରେ ତମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମେ ସମସ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ
ପତ୍ନୀ- ସୁନନ୍ଦା, ପୁତ୍ର- ରାଜନ୍, ରୋଷନ୍
ପୁତ୍ରବଧୂ- ଶେଫାଳି ଓ ପରିବାରବର୍ଗ।
ଧ-୧୧୧

## ମା' ଗରୁଡ଼ାଇଙ୍କ ପୀଠର ବାର୍ଷିକୋତ୍ସବ ଉଦ୍‌ଯାପିତ

ବନ୍ତ,୧୮।୪(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ ନିଲୋକ ପଞ୍ଚାୟତର ବାଲିଗଡିଆସ୍ଥିତ ମା' ଗରୁଡାଇଙ୍କ ପୀଠରେ ୩ଦିନ ଧରି ଚାଲିଥିବା ବାର୍ଷିକୋତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ବାଲିଗଡିଆ ବଡ଼ ପୁଷ୍କରିଣୀରୁ କଳସ ଅଣାଯାଇ ଘଟ ସ୍ଥାପନା ପୂର୍ବକ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ସୁକାନ୍ତ ବିଶ୍ୱାଳ ମୁଖ୍ୟ କଳସ ଧାରଣ କରିଥିବା ବେଳେ ମଦନ ମୋହନ ବିଶ୍ୱାଳ, ରମାକାନ୍ତ ବିଶ୍ୱାଳ, ନାରାୟଣ ରାଉତ, ନୃସିଂହ ସାମଲଙ୍କ ସମେତ ଅନ୍ୟମାନେ ପାର୍ଶ୍ୱ କଳସ ଧାରଣ କରିଥିଲେ। ପୂଜକ ଅଭୟ ପାଢୀ, ବସନ୍ତ କୁମାର ମିଶ୍ର ଓ କିରନ କୁମାର ପାଢୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ମଣିଭଦ୍ର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବାର୍ଷିକ ପୂଜା ଉତ୍ସବରେ ରମାକାନ୍ତ ଲେଙ୍କା, ଦାଶରଥି ଗାହାଣ, ଅଭିମନ୍ୟୁ ଜେନା, ଶୁକଦେବ ଜେନାଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## କୋଇଲା ପରିବହନରେ ପାତରଅନ୍ତର ନୀତିକୁ ବିରୋଧ

# ଚକା ବନ୍ଦ ଆନ୍ଦୋଳନ

ଭଦ୍ରକ,୧୮।୪(ସନାତନ ରାଉତ)

ଧାମରା ପୋର୍ଟ କୋଇଲା ପରିବହନରେ ପାତରଅନ୍ତର ନୀତିକୁ ବିରୋଧ କରି ଭଦ୍ରକ ଜିଲାର ଶତାଧିକ ଗାଡ଼ି ମାଲିକମାନଙ୍କର ନ୍ୟାଯ୍ୟ ଅଧିକାର ପାଇଁ ଜିଲା ଟିପ୍ପର ଓ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଶନିବାର ଚକାବନ୍ଦ ଆନ୍ଦୋଳନ କରାଯାଇଛି। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଚିଙ୍ଗୁଡ଼ିପୁରଠାରେ ୧୬ ନଂ. ଜାତୀୟ ରାଜପଥର ସର୍ଭିସ୍ ରୋଡ୍‌ରେ ଏହି ଆନ୍ଦୋଳନ କରାଯାଇଛି।

୨୦୨୫ଠାରୁ କୋଇଲା ପରିବହନରେ ସମାନ ସୁବିଧା ସୁଯୋଗ ପ୍ରଦାନ ଦାବିରେ ସଂଘ ଲଗାତାର ଆନ୍ଦୋଳନ କରିଆସୁଛି। ଗତ ଫେବୃଆରୀ ୨୭ରେ ସଂଘ ପକ୍ଷରୁ ରେଳରୋକୋ କରାଯାଇଥିବା ବେଳେ ଉପଜିଲାପାଳ ଓ ଜିଲା ପୋଲିସର ପଦାଧିକାରୀ ନେଇଥିବା ୧୫ ଦିନ ସମୟ ମଧ୍ୟରେ କୌଣସି ସମାଧାନ କରିପାରି


ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଚିଙ୍ଗୁଡ଼ିପୁରଠାରେ ସର୍ଭିସ୍ ରୋଡ୍‌ରେ କୋଇଲା ବୋଝେଇ ଗାଡ଼ି ଅଟକି ରହିଛି।

ନ ଥିବାରୁ ଏହି ଚକାବନ୍ଦ ଆନ୍ଦୋଳନ କରାଯାଇଛି। ଗାଡ଼ି ମାଲିକମାନେ ଗାଡ଼ି କିସ୍ତି ଶୁଝିପାରୁ ନ ଥିବା ବେଳେ ଜିଲାର ମୂଳ ଅଧିବାସୀମାନଙ୍କୁ କୋଇଲା ପରିବହନରେ ସୁଯୋଗ ଦିଆଯାଉ ନାହିଁ। ଅପରପକ୍ଷେ ଧାମରା ନିକଟସ୍ଥ ୭ ପଞ୍ଚାୟତର ଗାଡ଼ି ମାଲିକମାନେ ପଶ୍ଚିମବଙ୍ଗ ଓ ତେଲେଙ୍ଗାନା ଭଳି ରାଜ୍ୟରୁ ଗାଡ଼ି ଆଣି ପ୍ରଚୁର ଅର୍ଥ ଉପାର୍ଜନ କରୁଛନ୍ତି ବୋଲି ସଂଘର ସଭାପତି ଶୁଭେନ୍ଦୁ ରାୟ ମହାପାତ୍ର ଅଭିଯୋଗ କରିଛନ୍ତି। ଗାଡ଼ି ମାଲିକମାନଙ୍କ ଜୀବନ ଜୀବିକା ସହ ଜଡ଼ିତ ଏହି ପ୍ରସଙ୍ଗରେ ଜିଲା ପ୍ରଶାସନ ତ୍ୱରିତ ପଦକ୍ଷେପ ନ ନେଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଧାମରା ବନ୍ଦରରୁ ପରିବହନ କରାଯାଉଥିବା ଶତାଧିକ ଟ୍ରିପ୍ କୋଇଲାର ପ୍ରାୟ ୭୦ ଭାଗ କେବଳ ଧାମରାସ୍ଥିତ ୭ ପଞ୍ଚାୟତର ଗାଡ଼ି ମାଲିକ ଜୋରଜବରଦସ୍ତ ଭାବେ ପରିବହନ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ବାଂଲାଦେଶୀ ଅନୁପ୍ରବେଶକାରୀ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଫଳରେ ଜିଲାର ଅନ୍ୟ ସମସ୍ତ ଗାଡ଼ି ମାଲିକ ପରିବହନ ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଏହା ବିରୋଧରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କରାଯାଇଥିବା ଚକ ବନ୍ଦ ଆନ୍ଦୋଳନରେ ଜିଲା ଟିପ୍ପର ଓ ଟ୍ରକ୍ ମାଲିକ ସଂଘର ସଭାପତିଙ୍କ ସମେତ ଉପସଭାପତି ପ୍ରଫୁଲ୍ଲ ପୃଷ୍ଟି, ସାଧାରଣ ସମ୍ପାଦକ ଜ୍ୟୋତି ପ୍ରକାଶ ମହାନ୍ତି, ସହସମ୍ପାଦକ ଚନ୍ଦନ ନାୟକ, କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପରିଜା, ରଜତ ପତି, ରଥିଆ ବାରିକ, ତାଳଧ୍ୱଜ ବେହୁରା, ଅଶୋକ ବାରିକ, ବଳରାମ ପରିଡ଼ା, ଶୈକ ରେଜାୱାଲ ମୁସ୍ତାଫା, ପ୍ରଶାନ୍ତ ବାରିକ, ସୁବାସ ନାଥ, କଳ୍ପତରୁ ବାରିକ, ପ୍ରଦୀପ ମାଲିକ, ରିୟାଜ ଖାଁ ପ୍ରମୁଖ ସାମିଲ ହୋଇଛନ୍ତି।

## ପାଠପଢ଼ା ନାହିଁ, ମଧ୍ୟାହ୍ନଭୋଜନ ଖାଇ ଫେରୁଛନ୍ତି ଛାତ୍ରୀଛାତ୍ର


ବିଦ୍ୟାଳୟ ପ୍ରାଙ୍ଗଣରେ ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନ ଖାଉଛନ୍ତି।

ଧୁସୁରୀ,୧୮।୪(ଦୀପ୍ତିରଞ୍ଜନ ନାୟକ)

ଚାନ୍ଦବାଲି ବ୍ଲକ ନାନ୍ଦପୁର ପଞ୍ଚାୟତସ୍ଥିତ ପହଣାଠାରେ ଗୋଟିଏ କ୍ୟାମ୍ପସରେ ଥିବା ପହଣା ପ୍ରାଇମେରୀ ଓ ଜାଗୁଲାଇ ଉ.ପ୍ରା. ବିଦ୍ୟାଳୟରେ ଶନିବାର ଛାତ୍ରୀଛାତ୍ର କିଛି ପାଠ ନ ପଢ଼ି କେବଳ ମଧ୍ୟାହ୍ନଭୋଜନ ଖାଇ ଘରକୁ ଫେରିଛନ୍ତି। ଜନଗଣନା କାର୍ଯ୍ୟରେ ନିଯୁକ୍ତ ଥିବା ଜଣେ ଶିକ୍ଷକ କେବଳ ବିଦ୍ୟାଳୟରେ ଉପସ୍ଥିତ ରହି ୭ ଶ୍ରେଣୀର ପିଲାଙ୍କୁ ଜଗି ରହିଥିବା ଦେଖିବାକୁ ମିଳିଛି। ୩ ଦିନ ହେଲା ଏଭଳି ସମସ୍ୟା ଉପୁଜିଛି। ପ୍ରାଇମେରୀ ସ୍କୁଲରେ କାର୍ଯ୍ୟରତ ସମସ୍ତ ୩ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଓ ଉ.ପ୍ରା. ବିଦ୍ୟାଳୟରେ ଜଣେ ଶିକ୍ଷକଙ୍କୁ ଜନଗଣନା କାର୍ଯ୍ୟରେ ନିୟୋଜିତ କରାଯାଇ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି।

୨ ସ୍କୁଲରେ ୮୫ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟ ନିକଟରେ ୩ଟି ବେସରକାରୀ ଶିକ୍ଷାନୁଷ୍ଠାନ ରହିଛି। ଏପ୍ରିଲରେ ଉଭୟ ସରକାରୀ ଓ ବେସରକାରୀ ସ୍କୁଲରେ ପିଲାମାନଙ୍କର ନାମଲେଖା ଚାଲିଛି। ଏଭଳି ସ୍ଥିତିରେ ଏହି ୨ ସ୍କୁଲରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅନୁପସ୍ଥିତି ଏବଂ ଜନଗଣନା କାର୍ଯ୍ୟରେ ନିୟୋଜନ କେତେଦୂର ଯୁକ୍ତିଯୁକ୍ତ ବୋଲି ଅଭିଭାବକ ରାକେଶ ଭଞ୍ଜ, ବ୍ରଜ ମୋହନ ବାରିକ, କାଶୀନାଥ କର, ଗୌତମ ବାରିକ ପ୍ରଶ୍ନ ଉଠାଇଛନ୍ତି। ଏଥିସହ ସେମାନେ କହିଛନ୍ତି, ଜନଗଣନା ପାଇଁ ଶିକ୍ଷକ ନିୟୋଜନ ତାଲିକା ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ଅପରିଣାମଦର୍ଶୀ। ଏହା ପରୋକ୍ଷରେ ବେସରକାରୀ ସ୍କୁଲରେ ପିଲାଙ୍କ ନାମ ଲେଖାଇବାକୁ ବାଧ କରାଯାଉଛି। ଆସନ୍ତା ସୋମବାର ଏଭଳି ବ୍ୟବସ୍ଥା ଦେଖିବାକୁ ମିଳିଲେ ବିଦ୍ୟାଳୟ ଫାଟକରେ ତାଲା ପଡ଼ିବ ଓ ଏଥିପାଇଁ କାର୍ଯ୍ୟରତ ସିଆର୍‌ସିସି, ବିଇଓ, ତହସିଲଦାର ଦାୟୀ ରହିବେ। ଏ ସମ୍ପର୍କରେ ସିଆର୍‌ସିସି ଦିଲୀପ ଶେଖର ନାୟକଙ୍କୁ ପଚାରିବାରୁ ବିଇଓ ଏବଂ ତହସିଲଦାର ଯାହା ତାଲିକା ପ୍ରସ୍ତୁତ କରିଛନ୍ତି, ସେଥିରେ ତାଙ୍କର କୌଣସି ସମ୍ପୃକ୍ତି ନ ଥିବା କହିଛନ୍ତି।

## ବାମପନ୍ଥୀ ଦଳ ପକ୍ଷରୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର

ଭଦ୍ରକ,୧୮।୪(ସନାତନ ରାଉତ)

ରାୟଗଡ଼ା ଓ କଳାହାଣ୍ଡି ଜିଲାର ସିଜିମାଳି ଅଞ୍ଚଳରେ ପ୍ରସ୍ତାବିତ ବକ୍ସାଇଟ ଖଣି ପ୍ରକଳ୍ପକୁ ନେଇ ସୃଷ୍ଟି ହୋଇଥିବା ଜନ ଅସନ୍ତୋଷ, ମଧ୍ୟରାତିରେ ଗାଁରେ ପୋଲିସର ଚଢ଼ାଉ, ଗ୍ରାମସଭା ରେକର୍ଡରେ ଜାଲିଆତି, କେନ୍ଦୁଝର ଜିଲାର ପାଟଣା ଓ ସୁନ୍ଦରଗଡ଼ ଜିଲାର ଲାଞ୍ଜିବେର୍ଣ୍ଣାରେ ଶିଳ୍ପ ପାଇଁ ବଳପୂର୍ବକ ଜମି ଅଧିଗ୍ରହଣ ଆଦି ବିଭିନ୍ନ ଘଟଣାକୁ ବିରୋଧ କରି ଏସ୍‌ୟୁସିଆଇ, ସିପିଆଇ(ଏମ୍‌ଏଲ୍), ସିପିଆଇ (ଏମ୍‌ଏଲ୍) ରେଡଷ୍ଟାର, ସିପିଆଇ(ଏମ୍‌ଏଲ୍) ନିଉ ଡେମୋକ୍ରାସି ପକ୍ଷରୁ ମିଳିତ ସ୍ମାରକପତ୍ର ଭଦ୍ରକ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି। ଶୁକ୍ରବାର ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସିଜିମାଳି ଅଞ୍ଚଳରେ ଗ୍ରାମବାସୀଙ୍କ ଉପରେ ପୋଲିସର ଦମନ ଲୀଳା, ରାତିରେ ପୋଲିସ ଘରେ ପଶି ଜୁଲମ କରିବା ଆଦି ଘଟଣା ଆଦିବାସୀମାନଙ୍କ ସାମ୍ବିଧାନିକ ଅଧିକାର କ୍ଷୁଣ୍ଣ କରୁଛି। ଗତ ମାର୍ଚ୍ଚ ୧୦ରେ କଳାହାଣ୍ଡି ଜିଲାର ତଳଆମପଦରରେ ଆଦିବାସୀଙ୍କ ଘର ଭଙ୍ଗାଯିବା ସହ ୨୧ଜଣ ଆଦିବାସୀଙ୍କୁ ଗିରଫ କରାଯାଇଛି। ଜଙ୍ଗଲ ଜମିର ସୁରକ୍ଷା ପାଇଁ ସଂଘର୍ଷ କରୁଥିବା ଲୋକଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରି ଗିରଫ ଘଟଣା ଆଦିବାସୀଙ୍କ ପ୍ରତି ଅନ୍ୟାୟ ବୋଲି ସ୍ମାରକପତ୍ରରେ ଦର୍ଶାଯାଇଛି। ସିଜିମାଳି ଘଟଣାରେ ଉଚ୍ଚସ୍ତରୀୟ ନ୍ୟାୟିକ ତଦନ୍ତ, ପୋଲିସ ଦମନ ବନ୍ଦ, ଆନ୍ଦୋଳନକାରୀଙ୍କ ବିରୋଧରେ ହୋଇଥିବା ମିଥ୍ୟା ମାମଲା ପ୍ରତ୍ୟାହାର ସହ ଗିରଫମାନଙ୍କୁ ମୁକ୍ତ କରାଯିବା, ବଳପୂର୍ବକ ଜମି ଅଧିଗ୍ରହଣ ବନ୍ଦ କରିବା ଆଦି ବିଭିନ୍ନ ଦାବି ଉଲ୍ଲେଖ କରାଯାଇଛି। ଏସ୍‌ୟୁସିଆଇ ଜିଲା କମିଟି ସମ୍ପାଦକ ରମେଶ ନାୟକ, ରାମଚନ୍ଦ୍ର ଶଙ୍ଖୁଆ, ନଳିନୀ ସାମଲ, ଅନାମ ସାମଲ, ସନତ ଜେନାଙ୍କ ସମେତ ବାମପନ୍ଥୀ କର୍ମକର୍ତ୍ତାମାନେ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ଅସୁରାଲିରେ ନାରୀଶକ୍ତି ବନ୍ଦନ ଦୌଡ଼



ନାରୀଶକ୍ତି ବନ୍ଦନ ଦୌଡ଼ରେ ସାମିଲ ହୋଇଥିବା ମହିଳା ଓ ଅନ୍ୟମାନେ।

ଧାମନଗର,୧୮।୪(ଦେବେନ୍ଦ୍ର ଆଦିଆ)

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ଫିଟ୍ ଇଣ୍ଡିଆ ଏବଂ ଭଦ୍ରକ ଜିଲା ପ୍ରଶାସନର ମିଳିତ ପ୍ରୟାସରେ ଧାମନଗର ବ୍ଲକ୍‌ର ଅସୁରାଲିଠାରେ ଶନିବାର ସକାଳେ ସଶକ୍ତ ନାରୀ, ସଶକ୍ତ ଭାରତ ଶୀର୍ଷକ ରନ୍ ଫର୍ ଓମେନ କାର୍ଯ୍ୟକ୍ରମ ତଥା ନାରୀଶକ୍ତି ବନ୍ଦନ ଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଅସୁରାଲିସ୍ଥିତ ବେଷ୍ଟ ଇଞ୍ଜିନିୟରିଂ କଲେଜ ସମ୍ମୁଖରୁ ମାରାଥନ ଦୌଡ଼ ଓ ପଦଯାତ୍ରା ଆରମ୍ଭ ହୋଇ ନଗର ପରିକ୍ରମା କରି ମା' କାଳୀ ମନ୍ଦିରଠାରେ ପହଞ୍ଚିଥିଲା। ମହିଳା ସମାବେଶରେ ୨୦୦୦ରୁ ଅଧିକ ମହିଳା ଯୋଗ ଦେଇଥିଲେ। ଏହି ଅବସରରେ ଜିଲାପାଳ ଦିଲୀପ କୁମାର ରାଉତରାଏ କହିଥିଲେ, ନାରୀମାନେ ପ୍ରତ୍ୟେକ କ୍ଷେତ୍ରରେ ସଫଳତାର ନୂଆ ଇତିହାସ ରଚନା କରୁଛନ୍ତି। ସେମାନଙ୍କୁ ସୁଯୋଗ ଓ ସମ୍ମାନ ଦେବା ହେଉଛି ସମାଜର ପ୍ରାଥମିକ କର୍ତ୍ତବ୍ୟ। ରାଜ୍ୟ ଶିଶୁ ସୁରକ୍ଷା ସଦସ୍ୟା ମନସ୍ମିତା ଖୁଣ୍ଟିଆ କହିଥିଲେ, 'ନାରୀ ଶକ୍ତି ବନ୍ଦନ ଦୌଡ଼' କେବଳ ଏକ କ୍ରୀଡ଼ା ପ୍ରତିଯୋଗିତା ନୁହେଁ, ବରଂ ଏହା ମହିଳାମାନଙ୍କ ମଧ୍ୟରେ ଥିବା ସୁପ୍ତ ପ୍ରତିଭା ଓ ଶକ୍ତିକୁ ଜାଗ୍ରତ କରିବାର ଏକ ମାଧ୍ୟମ।

ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ରବିନାରାୟଣ ସାହୁ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର ତଥା ଜିଲା କ୍ରୀଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଉଚ୍ଚଶିକ୍ଷା ଓ କ୍ରୀଡ଼ା ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ନାରୀନେତ୍ରୀ ରଞ୍ଜିତା ସ୍ୱାଇଁ, କଳ୍ପନା ଜେନା, ଉମାମଣି ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଭଦ୍ରକ ଜିଲାର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କେତେଜଣ ପ୍ରତିଭାଶାଳୀ ନାରୀଙ୍କୁ ସମ୍ମାନିତ କରାଯାଇଥିଲା। ରଞ୍ଜିତା ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଅସୁରାଳି ପଞ୍ଚାୟତ ସରପଞ୍ଚ ମିନତି ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## 'ଶିକ୍ଷା ହେଉଛି ମାନବ ସମ୍ବଳର ମୂଳପିଣ୍ଡ'


ରାଧାବଲ୍ଲଭପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଅତିଥିମାନେ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

ବାସୁଦେବପୁର,୧୮।୪
(କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ପୌରାଞ୍ଚଳ ଅଧୀନ ରାଧାବଲ୍ଲଭପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷା ନିବେଦିତା ବେହେରା, ମୁଖ୍ୟବକ୍ତା ପ୍ରାଧ୍ୟାପକ ପବିତ୍ର ମୋହନ ପାଣିଗ୍ରାହୀ, ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ପୁରାତନ ଛାତ୍ର ମହେନ୍ଦ୍ର ପ୍ରତାପ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସର୍ବେଶ୍ୱର ମହାନ୍ତି, ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ମହାରଣା, ଆଲୁମ୍‌ନୀ କମିଟିର ସଭାପତି ପ୍ରଶାନ୍ତ ମହାନ୍ତି, ଅବସରପ୍ରାପ୍ତ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ତପନ ମହାନ୍ତି, ସିଆର୍‌ସିସି ଲାଲମୋହନ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷା ହେଉଛି ମାନବ ସମ୍ବଳର ମୂଳପିଣ୍ଡ। ସମାଜରେ ଭବିଷ୍ୟତ ପିଢ଼ିକୁ ବିଦ୍ୟାଳୟ ମାର୍ଗଦର୍ଶନ କରାଏ। ଏଥିପାଇଁ ବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ ଜନସାଧାରଣ ଚେଷ୍ଟା କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର 'ସ୍ୱର୍ଣ୍ଣାକ୍ଷରୀ' ଉନ୍ମୋଚିତ ହୋଇଥିଲା। ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ଶିକ୍ଷୟିତ୍ରୀ ଶିକ୍ଷକ, ମରଣୋତ୍ତର ଶିକ୍ଷୟିତ୍ରୀ ଶିକ୍ଷକ ଓ ତାଙ୍କ ପରିବାରକୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷକ ବସନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## କଂଗ୍ରେସରେ ମିଶିଲେ ୨୦ ପରିବାର

ଚାନ୍ଦବାଲି,୧୮।୪(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ ଅଧୀନ ନୂଆଗାଁ ପଞ୍ଚାୟତର ଯନ୍ତୁଆଳି ଗ୍ରାମରେ ଶୁକ୍ରବାର ରାତିରେ କଂଗ୍ରେସ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନେତା ସୁଶାନ୍ତ ସାମଲଙ୍କ ସଭାପତିତ୍ୱ ଏବଂ ବ୍ଲକ ସଭାପତି ସୁବାଶିଷ ମଲିକଙ୍କ ନେତୃତ୍ୱରେ ଆୟୋଜିତ ମିଶ୍ରଣ ପର୍ବରେ ପଞ୍ଚାୟତର ୩ ଗ୍ରାମରୁ ୨୦ରୁ ଅଧିକ ପରିବାର ଭାଜପା ଓ ବିଜେଡି ଛାଡ଼ି କଂଗ୍ରେସରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ଦ୍ୱାରା ନୂଆଗାଁ ପଞ୍ଚାୟତରେ କଂଗ୍ରେସ ଆହୁରି ମଜଭୁତ ହେବ ବୋଲି ଜିଲା ସଭାପତି ନଳିନୀକାନ୍ତ ମହାନ୍ତି ଏବଂ ଚାନ୍ଦବାଲି ବିଧାନସଭା ନେତା ଦିଗମ୍ବର ଦାସ କହିଥିଲେ। ନୂତନ ଭାବେ ଯୋଗ ଦେଇଥିବା ସଦସ୍ୟମାନଙ୍କୁ ଅତିଥିମାନେ ସ୍ୱାଗତ କରିଥିଲେ। ନୂଆଗାଁ ପଞ୍ଚାୟତ ସଭାପତି ମଙ୍ଗରାଜ ବାରିକ, ଭାବଗ୍ରାହୀ ଗାହଣ, ଅମୂଲ୍ୟ ସାମଲ, ଯଦୁମଣି ବାରିକ, ବସନ୍ତ ସେଠୀ, ଗୌତମ ଗାହଣ, କାଙ୍ଗାଳି ନାଥ, ଦେବ ଗାହଣ, ହେମନ୍ତ ତରାଇ, ପଞ୍ଚାନନ ପଲାଇ, ମାନି ପଲାଇ, ନରହରି ଘଡ଼ାଇ, ରମେଶ ଦାସ, ଈଶ୍ୱର ନାୟକ, ସିପୁନ ଦତ୍ତ, ଯଶୋବନ୍ତ ନାୟକ, ବାପି ଗାହଣ, ଚୁଙ୍ଗୁଲା ନାୟକ, ଗାଣ୍ଡୁଆ ଜେନାଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ସ୍କୁଟି ଉପରେ ମାଡ଼ିଗଲା ଟ୍ରକ୍: ଶିକ୍ଷୟିତ୍ରୀ ଆହତ

ଭଦ୍ରକ,୧୮।୪(ସନାତନ ରାଉତ)

### ରାସ୍ତାରୋକୋ କଲେ ଉତ୍ୟକ୍ତ ଲୋକେ

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଅସୁରା ଛକ ନିକଟରେ ୧୬ ନଂ. ଜାତୀୟ ରାଜପଥରେ ଶନିବାର ପୂର୍ବାହ୍ନରେ ଏକ ସ୍କୁଟି ଉପରେ ଟ୍ରକ୍ ମାଡ଼ିଯାଇଛି। ସ୍କୁଟି ଚଳାଉଥିବା ଭଦ୍ରକ ବ୍ଲକ ରମ୍ଭିଳା ଗ୍ରାମର ଶିକ୍ଷୟିତ୍ରୀ ଉର୍ମିଳା ନାୟକ ଆହତ ହୋଇଥିବା ବେଳେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୂଚନା ଅନୁଯାୟୀ, ଶିକ୍ଷୟିତ୍ରୀ ନାୟକ ସ୍କୁଟିରେ ଚରମ୍ପା ଆଡ଼କୁ ଆସୁଥିବା ବେଳେ ଅସୁରା ଛକ ନିକଟରେ ଏକ ଟ୍ରକ୍(ଓଡି ୨୨ ଏ ଏ ୪୫୯୯) ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ସେ ବାହାରକୁ ପଡ଼ି ଯାଇଥିବା ବେଳେ ତାଙ୍କ ସ୍କୁଟିକୁ ଟ୍ରକ୍‌ଟି କିଛି ଦୂର ଘୋଷାଡ଼ି ନେଇଥିଲା। ଉର୍ମିଳାଙ୍କ ଗୋଡ଼ରେ ଗୁରୁତର ଆଘାତ ଲାଗିଥିବା ବେଳେ ତାଙ୍କୁ ସ୍ଥାନୀୟ ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଟ୍ରକ୍‌କୁ ଲୋକେ ଅଟକାଇଥିବା ବେଳେ ଚାଳକ ଫେରାର ହୋଇଯାଇଥିଲେ। ଉକ୍ତ ସ୍ଥାନରେ ତୁରନ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବା ଦାବିରେ ଲୋକେ ବହୁ ସମୟ ଧରି ରାସ୍ତାରୋକୋ କରିବା ସହ ହୋହଲ୍ଲା କରିଥିଲେ। ଗ୍ରାମାଞ୍ଚଳ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହ ପୋଲିସ କଥା ହୋଇ ରାସ୍ତା କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଓ ସ୍କୁଟିକୁ ଥାନାରେ ଅଟକ ରଖି ତଦନ୍ତ ଚାଲିଥିବା ବେଳେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଥାନାଧିକାରୀ ସୁବ୍ରତ ଦାସ କହିଛନ୍ତି। ପ୍ରକାଶଥାଉ କି, ଉକ୍ତ ସ୍ଥାନରେ ଦୀର୍ଘଦିନ ଧରି ରାଜପଥ କାର୍ଯ୍ୟ ଚାଲୁଥିବାରୁ ତଳେ ସର୍ଭିସ୍ ରୋଡ୍‌ରେ ଗାଡ଼ିଗୁଡ଼ିକ ଯାତାୟାତ କରୁଛି। ଏହି କାରଣରୁ ବିଭିନ୍ନ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି। ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ନେଇ ସ୍ଥାନୀୟ ଅଞ୍ଚଳରେ ଜନଅସନ୍ତୋଷ ପ୍ରକାଶ ପାଉଛି।

## ମାଙ୍କଡ଼ କାମୁଡ଼ାରେ ବୃଦ୍ଧ ଆହତ

ବନ୍ତ,୧୮।୪(କିଶୋର କୁମାର ସେଠୀ)

ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ତାଳପଦା ଗ୍ରାମର ଦାମୋଦର ବାରିକ ନାମକ ବୃଦ୍ଧ ଶୁକ୍ରବାର ମାଙ୍କଡ଼ କାମୁଡ଼ାରେ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଦାମୋଦର ତାଙ୍କର କେତେଜଣ ସାଙ୍ଗଙ୍କ ସହ ନିକଟସ୍ଥ ଚକ୍ରତୀର୍ଥ ବୁଲିବାକୁ ଯାଇଥିଲେ। ସେଠାରେ ସମସ୍ତେ ଖାଦ୍ୟ ଖାଉଥିବା ସମୟରେ ହଠାତ୍ ଏକ ମାଙ୍କଡ଼ ଆସି ଖାଦ୍ୟ ଝାମ୍ପି ନେବାକୁ ଚେଷ୍ଟା କରିଥିଲା। ଏହି ସମୟରେ ଦାମୋଦର ବାଧା ଦେବାରୁ ମାଙ୍କଡ଼ଟି ହିଂସ୍ର ହୋଇ ତାଙ୍କ ଅଣ୍ଟାକୁ କାମୁଡ଼ି ଧରିଥିଲା। ଅନ୍ୟ ବ୍ୟକ୍ତିମାନେ ଦାମୋଦରଙ୍କୁ ଉଦ୍ଧାର କରି ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ।

## ୩୩ ୟୁନିଟ୍ ସଂଗୃହୀତ

ଚାନ୍ଦବାଲି,୧୮।୪(କିଷାନ ପାତ୍ର)

ଚାନ୍ଦବାଲି ଏନ୍‌ଏସି ଅଧୀନ ବାଲିଗାଁଠାରେ ମା' ଦକ୍ଷିଣେଶ୍ୱରୀ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଏବଂ କଟକ ନ୍ୟାଶନାଲ ହ୍ୟୁମାନ ୱେଲଫେୟାର ବୋର୍ଡ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଇନ୍‌ଷ୍ଟିଚ୍ୟୁଟର ଚେୟାରମ୍ୟାନ ଡ. ଆଲୋକ କୁମାର କର, ନିର୍ଦ୍ଦେଶକ ଦ୍ୱାରିକାନାଥ ଦାଶ, ସାମାଜିକ କର୍ମୀ ପ୍ରଫୁଲ୍ଲ ସାହୁ, ସାରଦା ପ୍ରସନ୍ନ ମହାପାତ୍ର, ଡ. ସୌଭାଗ୍ୟ ପଟ୍ଟନାୟକ ପ୍ରମୁଖ ଶିବିରକୁ ଉଦ୍‌ଘାଟନ କରିଥିଲେ। ମୋଟ ୩୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଗ୍ରୀଷ୍ମପ୍ରବାହ ସମୟରେ ଥାଲାସେମିଆ ରୋଗୀମାନଙ୍କୁ ରକ୍ତର ଆବଶ୍ୟକତା ରହିଥାଏ। ରକ୍ତ ଅଭାବରୁ କାହାର ଜୀବନ ନ ଯାଉ, ଏହି ଉଦ୍ଦେଶ୍ୟ ରଖି ରକ୍ତଦାନ ଶିବିର ଆୟୋଜନ କରାଯାଇଥିବା ଡ. କର କହିଛନ୍ତି। ଇନ୍‌ଷ୍ଟିଚ୍ୟୁଟର କର୍ମଚାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ବିରଳ ଆଲବିନୋ ସାପ ଉଦ୍ଧାର


ଉଦ୍ଧାର ହୋଇଥିବା ସାପ।

ବନ୍ତ,୧୮।୪(କିଶୋର କୁମାର ସେଠୀ)

ଭଦ୍ରକ ଜିଲା ବନ୍ତ ବ୍ଲକ ଛୟାଳସିଂ ଗ୍ରାମରୁ ଶୁକ୍ରବାର ଅପରାହ୍ନରେ ଏକ ବିରଳ ସାପ ଉଦ୍ଧାର କରାଯାଇଛି। ହଳଦିଆ ଓ ଧଳା ରଙ୍ଗର ଏହି ସାପଟି 'ଆଲବିନୋ'(ରଙ୍ଗହୀନ) ପ୍ରଜାତିର ସାପ ବୋଲି ସ୍ନେକ୍ ହେଲ୍ପଲାଇନ ପକ୍ଷରୁ କୁହାଯାଇଛି। ଗ୍ରାମବାସୀ ସାପକୁ ଦେଖିବା ପରେ ଏହାକୁ ଧରି ଏକ ପ୍ଲାଷ୍ଟିକ ଡବାରେ ସୁରକ୍ଷିତ ରଖିଥିଲେ। ସେମାନେ ସ୍ନେକ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକଙ୍କୁ ଜଣାଇବା ପରେ ସେ ଭଦ୍ରକ ବନଖଣ୍ଡର ସହକାରୀ ବନ ସଂରକ୍ଷକ ସୁମିତ ମହାନ୍ତିଙ୍କୁ ଅବଗତ କରାଇଥିଲେ। ସହକାରୀ ବନ ସଂରକ୍ଷକଙ୍କ ନିର୍ଦ୍ଦେଶକ୍ରମେ ବନ ବିଭାଗ କର୍ମଚାରୀମାନେ ସାପକୁ ଉଦ୍ଧାର କରି ଭଦ୍ରକ ରେଞ୍ଜ୍ ଅଫିସକୁ ନେଇଥିଲେ। ଉଦ୍ଧାର ସମୟରେ ସାପଟିର ମୁହଁ ପାଖରେ ସାମାନ୍ୟ ଆଘାତ ଲାଗିଥିଲା। ସାପଟିର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯାଜପୁର ଟାଉନରୁ ସ୍ନେକ ହେଲ୍ପଲାଇନର ଏକ ୩ ଜଣିଆ ବିଶେଷଜ୍ଞ ଟିମ୍ ଭଦ୍ରକରେ ପହଞ୍ଚି ସାପକୁ ପାଣି ପିଆଇବା ସହ ପ୍ରାଥମିକ ଯତ୍ନ ନେଇଥିଲେ। ସାପଟି ଆହତ ଥିବାରୁ ଉନ୍ନତ ଚିକିତ୍ସା ଓ ସଂରକ୍ଷଣ ପାଇଁ ଭୁବନେଶ୍ୱରସ୍ଥିତ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ପଠାଇବାକୁ ସ୍ନେକ ହେଲ୍ପ ଲାଇନ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ସଂଯୋଗ ହେଲା ଦୋହରାସାହି-ଉଗାଳପୁର ରାସ୍ତା

ତିହିଡ଼ି,୧୮।୪(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ବାହାବଳପୁର ପଞ୍ଚାୟତ ଅଧୀନ ଦୋହରାସାହି-ଉଗାଳପୁର ରାସ୍ତା ସଂଯୋଗୀକରଣ କାର୍ଯ୍ୟ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ବ୍ୟକ୍ତିଗତ ଜମି ପାଇଁ ଉପୁଜିଥିବା ସମସ୍ୟାର ସମାଧାନ ହେବା ପରେ ଏହି କାର୍ଯ୍ୟ ଆରମ୍ଭ ହୋଇଛି। ଏହି ରାସ୍ତା ସଂଯୋଗୀକରଣ ପରେ ବାହାବଳପୁର ପଞ୍ଚାୟତବାସୀଙ୍କ ସମେତ ପଡ଼ୋଶୀ ବାସୁଦେବପୁର ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତବାସୀ ଉପକୃତ ହେବେ ବୋଲି ଜଣାପଡ଼ିଛି।

ପ୍ରକାଶ ଯେ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଦୋହରାସାହି-ଉଗାଳପୁର ୨ କି.ମି. ରାସ୍ତା ପୂର୍ବରୁ ମାଟି ରାସ୍ତା ଥିଲା। ଏଥିପାଇଁ ରାସ୍ତାରେ ଯାତାୟାତ କରୁଥିବା ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ। ୫ ବର୍ଷ ପୂର୍ବେ ବିଭାଗ ପକ୍ଷରୁ ଏହି ରାସ୍ତାକୁ ପିଚୁ କରାଯାଇଥିଲା। ମାତ୍ର ରାସ୍ତାର ୨ଟି ସ୍ଥାନରେ ୧୫୦ମିଟର ଲେଖାଏ ବ୍ୟକ୍ତିଗତ ଜମି ହୋଇଥିବାରୁ ସେଠାରେ ରାସ୍ତା ନିର୍ମାଣ ହୋଇପାରି ନ ଥିଲା। ଜମି ମାଲିକ ୨ଜଣ ରାସ୍ତା ପାଇଁ ଜାଗା ନ ଛାଡ଼ିବାରୁ ଏ


ଦୋହରାସାହି-ଉଗାଳପୁର ରାସ୍ତାରେ ସଂଯୋଗୀକରଣ କାର୍ଯ୍ୟ ଚାଲିଛି।

ପ୍ରକାର ପରିସ୍ଥିତି ଉପୁଜିଥିଲା। ଏହାଦ୍ୱାରା ରାସ୍ତା ନିର୍ମାଣ ହେବା ପରେ ବି ଲୋକେ ବିଶେଷ ଭାବେ ଉପକୃତ ହୋଇପାରି ନ ଥିଲେ। ଦୋହରାସାହି, ଉଗାଳପୁର ଗ୍ରାମ ସମେତ ସେହି ରାସ୍ତାରେ ବାସୁଦେବପୁର ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତର ଲୋକେ ଯାତାୟାତ କରିବା ନେଇ ସମସ୍ୟାରେ ପଡ଼ିଥିଲେ। ଏପରିକି ଆମ୍ବୁଲାନ୍ସ କିମ୍ବା ଦମକଳ ରାସ୍ତାରେ ଯିବା ସମ୍ଭବ ହୋଇ ନ ଥିଲା। ସ୍କୁଲ ଓ ଅଙ୍ଗନୱାଡି ପିଲାମାନଙ୍କୁ କାଦୁଅରେ ପଶି ଯିବାକୁ ପଡ଼ିଥିଲା। ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଜମି ମାଲିକଙ୍କୁ ବୁଝାଇ ସମସ୍ୟାର ସମାଧାନ କରିବାକୁ

### ଦୀର୍ଘବର୍ଷ ହେଲା ଦୁର୍ଦ୍ଦଶା ଭୋଗୁଥିଲେ ଲୋକେ

ଉଦ୍ୟମ କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ପରେ ପଞ୍ଚାୟତର ସମିତିସଭ୍ୟ ପ୍ରିୟବନ୍ଧୁ ମାଝୀ ଏହି ସମସ୍ୟା ସମ୍ପର୍କରେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସଙ୍କୁ ଜଣାଇଥିଲେ। ବିଧାୟକ ଦାସ ଓ ସମିତିସଭ୍ୟ ମାଝୀ ଜମି ମାଲିକ ସୁଧାକର ବେହେରା, ପ୍ରହ୍ଲାଦ ମଲ୍ଲିକଙ୍କ ସହ ଆଲୋଚନା କରିବା ପରେ ସେମାନେ ଜମି ଛାଡ଼ିବାକୁ ରାଜି ହୋଇଥିଲେ। ଗୋପବନ୍ଧୁ ମାଝୀ, ମଣିଭଦ୍ର ସାହୁ, ବାଇଧର ମଲ୍ଲିକ ପ୍ରମୁଖ ଗ୍ରାମବାସୀ ମଧ୍ୟ ଏ ଦିଗରେ ସହଯୋଗ କରିଥିଲେ। ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବାକି ଥିବା ରାସ୍ତା କାମ ଆରମ୍ଭ ହୋଇଥିବା ବେଳେ ସମିତିସଭ୍ୟ ମାଝୀ ଏହାର ତଦାରଖ କରୁଛନ୍ତି। ରାସ୍ତା ସଂଯୋଗୀକରଣ ନେଇ ବେଣୁଧର ଦାସ, ଶଙ୍କର୍ଷଣ ବେହେରା, ପରମେଶ୍ୱର ବେହେରା, ସୁରେନ୍ଦ୍ର ମାଝୀ, ପ୍ରଫୁଲ୍ଲ ଧଳ, ନବକିଶୋର ଧଳଙ୍କ ସମେତ ପଞ୍ଚାୟତବାସୀ ଖୁସିବ୍ୟକ୍ତ କରିଛନ୍ତି।

## ସଂକ୍ଷେପରେ

### ଖଣିରେ ହୋଇଥିବା ଖାଲରେ ବୁଡ଼ି ଯୁବକ ମୃତ

ଯୋଡ଼ା,୧୮।୪(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଚଡ଼କମରାଠାରେ ଥିବା ଏକ ପରିତ୍ୟକ୍ତ ଖଣିଖାଲରେ ଜମା ହୋଇଥିବା ପାଣିରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଚଡ଼କମରା ଗ୍ରାମର ମାନସିଂହ ମୁଣ୍ଡା (୨୫)। ସେ ଶୁକ୍ରବାର ଅପରାହ୍ନ ପ୍ରାୟ ୩ଟାରେ ଶୌଚ ପାଇଁ ସେଠାକୁ ଯାଇଥିଲେ। ଅସାବଧାନତା ବସତଃ କୌଣସି କାରଣରୁ ସେଠାରେ ଗୋଡ଼ ଖସି ଯିବାରୁ ମାନସିଂ ବୁଡ଼ି ଯାଇଥିଲେ। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଗ୍ନିଶମ ବିଭାଗ ସହାୟତାରେ ମୃତଦେହ ଜବତ କରିଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ଥାନାରେ ରୁଜୁ ହୋଇଥିବା ଆଇଆଇସି ଯସକେତନ ଭୋଇ ସୂଚନା ଦେଇଛନ୍ତି।

### ଆମ୍ବଗଡ଼ିଆ ଛକରେ ବିଶ୍ରାମାଗାର ନିର୍ମାଣ ଦାବି

ବଡଲା,୧୮।୪(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଢେଙ୍କା ପଞ୍ଚାୟତର ଢେଙ୍କା-ସୋସୋ ମୁଖ୍ୟ ରାସ୍ତାର ଆମ୍ବଗଡ଼ିଆ ଛକରେ ଏକ ନୂତନ ବିଶ୍ରାମାଗାର ନିର୍ମାଣ କରିବାକୁ ଦାବି ହୋଇଛି। ୮ରୁ ୧୦ ଗ୍ରାମର ଲୋକମାନେ ବସ୍ ଓ ଯାତ୍ରୀବାହୀ ଗାଡ଼ିରେ ବିଭିନ୍ନ ସ୍ଥାନକୁ ଯିବା ପାଇଁ ଆମ୍ବଗଡ଼ିଆ ଛକ ଉପରେ ନିର୍ଭର କରିଥାନ୍ତି। ଏହି ସ୍ଥାନଟି ନିଛାଟିଆ ହୋଇଥିବାରୁ ଖରା, ବର୍ଷାରେ ଗାଡ଼ିକୁ ଅପେକ୍ଷା କରିଥିବା ଲୋକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତା ଛଡ଼ା ଏହି ଛକ ଉପରେ ବହୁ ଲୋକ ଆସି ସକାଳ ଓ ସନ୍ଧ୍ୟା ସମୟରେ ବସାଉଠା କରୁଥିବାରୁ ଏଠାରେ ଏକ ନୂତନ ବିଶ୍ରାମଗାରର ଆବଶ୍ୟକତା ରହିଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଏଠାରେ ଏକ ବିଶ୍ରାମଗାର ନିର୍ମାଣ କରିବାକୁ ବିକ୍ରମ ବିଶ୍ୱାଳ, ସୁରଥ ମହାକୁଡ଼, ବିନୋଦ ବିଶ୍ୱାଳ, ପ୍ରମୋଦ ପ୍ରଧାନ, କୃପାସିନ୍ଧୁ ସେଠୀ, ରବିନ୍ଦ୍ର ମଲ୍ଲିକ, ଅରୁଣ ପରିଡ଼ା, ଗୟାଧର ରାଉତ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

### ବିଦ୍ୟୁସ୍ମିତା ଜବାହର ନବୋଦୟ ବିଦ୍ୟାଳୟର ଟପ୍ପର

ପାଟଣା,୧୮।୪(ବୀର କିଶୋର ଦାଶ)

ସିବିଏସ୍ଇ ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ କେନ୍ଦୁଝର ଜିଲା ଜବାହାର ନବୋଦୟ ବିଦ୍ୟାଳୟ ହଦଗଡ଼ର ଛାତ୍ରୀ ବିଦ୍ୟୁସ୍ମିତା ମହାନ୍ତ ୯୭ ପ୍ରତିଶତ ନମ୍ବର ରଖି ଟପ୍ପର ହୋଇଛନ୍ତି। ସେ ପାଟଣା ବ୍ଲକ୍ ମିରିଗିଖୋଜି ପଞ୍ଚାୟତ ଭାଲିଆଡାଳ ଗ୍ରାମର ବ୍ୟବସାୟୀ ହରିଶ୍ଚନ୍ଦ୍ର ମହାନ୍ତ ଓ ଗୃହିଣୀ ରିତାଞ୍ଜଳୀଙ୍କ ବଡ଼ ଝିଅ। ନିଜର ଏକାଗ୍ରତା, ଅଧ୍ୟବସାୟ ଓ ନିଷ୍ଠା ଫଳରେ ତାଙ୍କୁ ଏଭଳି ସଫଳତା ମିଳିଛି ବୋଲି ସେ କହିଛନ୍ତି। ସେ ତାଙ୍କର ସଫଳତା ପାଇଁ ଶିକ୍ଷୟିତ୍ରୀ ଶିକ୍ଷକ ଓ ମା' ବାପାଙ୍କୁ ଶ୍ରେୟ ଦେଇଛନ୍ତି। ଭବିଷ୍ୟତରେ ସେ ଡ଼ାକ୍ତର ହେବାର ଲକ୍ଷ ରଖିଥିବା କହିଛନ୍ତି। ବିଦ୍ୟୁସ୍ମିତାଙ୍କ ସଫଳତା ପାଇଁ କଂଗ୍ରେସ ନେତା ଇଂ. ବିନୋଦ ବିହାରୀ ନାଏକ, ଶିକ୍ଷାବିତ୍ ଭରତ ଚନ୍ଦ୍ର ସାହୁ, ଆଇନଜୀବୀ ଗୌରୀ ରଞ୍ଜନ ମିଶ୍ର, ଭାଜପା ନେତା ବନୋଜ ନାଏକ ଶୁଭେଚ୍ଛା ଜଣାଇଛନ୍ତି।

### ୨ ଦୋକାନରୁ ଚୋରି

ଯୋଡ଼ା,୧୮।୪(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ଆମ ବାଗାନ ନିକଟରେ ଥିବା ୨ଟି ଦୋକାନରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଦୋକାନୀ ରାକେଶ ପଣ୍ଡାଙ୍କ ଜଳଖିଆ ଦୋକାନର ୩ଟି ତାଲା ଭାଙ୍ଗି ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ମ୍ୟୁଜିକ ସିଷ୍ଟମ, ଗ୍ରାଇଣ୍ଡର, ଦୋକାନ ସାମଗ୍ରୀ ଓ ଦୋକାନରେ ଥିବା ତମ୍ବା ତାର କେବୁଲ ପ୍ରଭୃତି ପ୍ରାୟ ୧୫ ହଜାର ଟଙ୍କାର ସାମଗ୍ରୀ ନେଇଯାଇଛନ୍ତି। ସେହିପରି ନିକଟରେ ଥିବା ସମୀର ଦାସଙ୍କ ଦୋକାନ ଘରେ ପଶି ସେଠାରୁ ମଧ ବିଦ୍ୟୁତ୍ ସାମଗ୍ରୀ ଓ ତମ୍ବାତାର କାଟି ନେଇଥିବା ଜଣାପଡ଼ିଛି। ଶନିବାର ସକାଳେ ଦୋକାନ ମାଲିକମାନେ ଜାଣି ଯୋଡ଼ା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରି ଘଟଣା ତଦନ୍ତ ଆରମ୍ଭ କରିଥିବା ସୂଚନା ଦେଇଛି।

# ଫାଟକରେ ତାଲା ପକାଇଲେ ଅଭିଭାବକ

**ପାଟ ଜାଗୁଲାଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

- ବେନିୟମ ଶିକ୍ଷକ ନିଯୁକ୍ତି, ବଦଳିକୁ ବିରୋଧ

ବଡଲା/ଛେନାପଦି,୧୮।୪
(ଦୁର୍ଗା ପ୍ରସାଦ ଆୟଚ/ନିରାକାର ପରିଡା)



ବିଦ୍ୟାଳୟ ଆଗରେ ଛାତ୍ରୀଛାତ୍ର।

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସଢ଼ା ପଞ୍ଚାୟତ ମିଠିଗାଁ ଗ୍ରାମରେ ଥିବା ପାଟ ଜାଗୁଲାଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବେନିୟମ ଭାବେ ଶିକ୍ଷୟିତ୍ରୀଙ୍କ ବଦଳି ଓ ନିଯୁକ୍ତିକୁ ନେଇ ଅସନ୍ତୋଷ ଦେଖା ଦେଇଛି। କମିଟି ସଦସ୍ୟ ଓ ଗ୍ରାମବାସୀ ଏକଜୁଟ ହୋଇ ଶନିବାର ବିଦ୍ୟାଳୟ ଫାଟକରେ ତାଲା ପକାଇ ପ୍ରତିବାଦ କରିଥିଲେ। ଫଳରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ବାହାରେ ବସି ଘରକୁ ଫେରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଶିକ୍ଷା ବିଭାଗର କୌଣସି ଅଧିକାରୀ ଘଟଣାସ୍ଥଳକୁ ଯାଇ ନ ଥିବା ଜଣାଯାଇଛି।

ଅଭିଯୋଗ ଅନୁଯାୟୀ, ଉକ୍ତ ବିଦ୍ୟାଳୟରେ ୪ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ରହିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷୟିତ୍ରୀଙ୍କୁ ଅନ୍ୟ ବିଦ୍ୟାଳୟକୁ କିଛି ଦିନ ତଳେ ଡେପୁଟେଶନରେ ପଠାଯାଇଥିଲା। କିନ୍ତୁ ସେହି ବିଦ୍ୟାଳୟରେ ସେ ଯୋଗଦାନ ନ କରିବାରୁ ପୁନର୍ବାର ପାଟ ଜାଗୁଲାଇ ବିଦ୍ୟାଳୟରେ ଯୋଗଦାନ କରିବାକୁ ଶୁକ୍ରବାର ଚିଠି କରାଯାଇଥିଲା। ଏହାକୁ ନେଇ ଚର୍ଚ୍ଚା ଯୋର ଧରିଥିବା ବେଳେ ଶନିବାର ସକାଳୁ ଶିକ୍ଷା ବିଭାଗର ଏଭଳି ନିଷ୍ପତ୍ତିକୁ ବିରୋଧ କରିବା ସହିତ ଯେଉଁ ଶିକ୍ଷୟିତ୍ରୀ ଯୋଗଦାନ କଲେ ପୁନର୍ବାର ଯେଭଳି ତାଙ୍କୁ ଆଉ ବଦଳି କରା ନ ଯାଏ ଓ ଏହି ବିଦ୍ୟାଳୟରୁ କୌଣସି ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରା ନ ଯିବାକୁ କମିଟି ଓ ଅଭିଭାବକ ଦାବି କରିଥିଲେ। ଏ ନେଇ ଫାଟକରେ ତାଲା ପକାଇ ବସି ରହିଥିଲେ। ବିଇଓଙ୍କ କାର୍ଯ୍ୟାଳୟରୁ ଲିଖିତ ପ୍ରତିଶ୍ରୁତି ନ ଆସିଲେ ବିଦ୍ୟାଳୟ ଖୋଲାଯିବ ନାହିଁ ବୋଲି ଅଭିଭାବକ ଓ କମିଟି ଚେୟାରମ୍ୟାନ ମାୟାଧର ଜେନା, ନିତ୍ୟାନନ୍ଦ ଜେନା, କାଳନ୍ଦୀ ପଳତା, ଭଗବାନ ଜେନା, ରମାକାନ୍ତ ରାଉତ, ରବିନ୍ଦ୍ର ରାଉତ, ଦୁର୍ଯ୍ୟଧନ ପରିଡ଼ା, ଶଶିକାନ୍ତ ସେଠୀ, ରଙ୍କନିଧି ଜେନା, ପୂର୍ଣ୍ଣଚନ୍ଦ୍ର ଭୋଇ, ଗଦାଧର ଭୋଇ, ସୁଦର୍ଶନ ପରିଡା, ସନ୍ତୋଷ ଜେନା ପ୍ରମୁଖ ଚେତାବନୀ ଦେଇଥିଲେ। ବ୍ଲକ୍ ସହ ଶିକ୍ଷା ଅଧିକାରୀ ପ୍ରମୋଦ ନାୟକ କହିଛନ୍ତି, ବିଦ୍ୟାଳୟରେ ତାଲା ପକାଇବା ଠିକ ନୁହେଁ, ବିଇଓଙ୍କୁ ଭେଟି ଆଲୋଚନା କଲେ ସମାଧାନର ବାଟ ବାହାରିବ।

# ପୂଜା ପାଇଁ ମାତ୍ରାଧିକ ଦକ୍ଷିଣା ଦାବି

**ଶ୍ରୀବଳଦେବଜୀଉ ମନ୍ଦିର**

**ଉପ ଜିଲାପାଳଙ୍କୁ ଦାବିପତ୍ର**

କେନ୍ଦୁଝର,୧୮।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ପୁରୁଣା ସହରରେ ଥିବା ଶ୍ରୀ ବଳଦେବଜୀଉ ମନ୍ଦିରରେ ଭକ୍ତଙ୍କୁ ପୂଜା ପାଇଁ ମାତ୍ରାଧିକ ଅର୍ଥ ଦାବି କରାଯାଉଥିବା ଅଭିଯୋଗ ହୋଇଛି। ଏହାକୁ ବିରୋଧ କଲେ ଅପମାନିତ କରି ଫେରାଇ ଦିଆଯାଉଛି। ଏ ନେଇ ଜଣେ ଭକ୍ତ ଉପ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେବା ପରେ ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ଅଭିଯୋଗ ଅନୁଯାୟୀ, ଗତ ୧୬ ତାରିଖ ସନ୍ଧ୍ୟା ୭ଟା ୩୦ରେ କେନ୍ଦୁଝର ସହରର ଭାଲୁକିପଟଳାର ଅକ୍ଷୟ କୁମାର ହୋତା ତାଙ୍କ ପୁଅଙ୍କ ଜନ୍ମଦିନ ଉପଲକ୍ଷେ ଶ୍ରୀ ବଳଦେବଜୀଉ ମନ୍ଦିରକୁ ନିମନ୍ତ୍ରଣ କାର୍ଡ ଅର୍ପଣ କରିବାକୁ ଯାଇଥିଲେ। ପୂଜା ପାଇଁ ଆବଶ୍ୟକୀୟ ସାମଗ୍ରୀ ଯଥା ନଡ଼ିଆ, କଦଳୀ, ପଇତା, ଗାମୁଛା ଇତ୍ୟାଦି ନେଇ ମନ୍ଦିରରେ ପହଞ୍ଚିଥିଲେ। ଏ ସମୟରେ ମନ୍ଦିରରେ ଉପସ୍ଥିତ କେତେଜଣ ସେବାୟତ କାର୍ଡ ପୂଜା କରିବାକୁ ୪୦୧ ଟଙ୍କା ଦାବି କଲେ। କିନ୍ତୁ ଦାବି ମୁତାବକ ଦକ୍ଷିଣା ଦେଇ ପାରିବେ ନାହିଁ ବୋଲି କହି ଭକ୍ତ ୫୧ ଟଙ୍କା ଦକ୍ଷିଣା ହିସାବରେ ଦେଇଥିଲେ। କିନ୍ତୁ ପୂଜକ ୪୦୧ ଟଙ୍କା ନ ଦେଲେ କାର୍ଡ ପୂଜା ହୋଇପାରିବନି କହି ପୂଜା ସାମଗ୍ରୀ ଫେରାଇଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ସେ ଅନ୍ୟ ଭକ୍ତଙ୍କ ଉପସ୍ଥିତିରେ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ତାଙ୍କର ଦକ୍ଷିଣା ଗ୍ରହଣ କଲେନାହିଁ କିମ୍ବା ପୂଜା କଲେନାହିଁ। ଫଳରେ ସେ ଅନ୍ୟମାନଙ୍କ ସମ୍ମୁଖରେ ଅପମାନିତ ମନେ କରିଥିଲେ। କୌଣସି ଉପାୟ ନ ପାଇ ୫୧ଟଙ୍କା ଦକ୍ଷିଣା ତାଙ୍କ ଥାଳରେ ରଖିବା ସହିତ ପୂଜା ସାମଗ୍ରୀକୁ ହୁଣ୍ଡି ଉପରେ ଥୋଇ, ମୁଣ୍ଡିଆ ମାରି ମନ ଦୁଃଖରେ ଘରକୁ ଫେରିଯାଇଥିଲେ। ସାମାନ୍ୟ କିଛି ଟଙ୍କା ପାଇଁ ଭକ୍ତଙ୍କ ଭାବାବେଗ ସହିତ ଖେଳିଥିବାରୁ ଉପ ଜିଲାପାଳ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଦେବୋତ୍ତର ବିଭାଗଙ୍କୁ ଅଭିଯୋଗ କରି ଉପଯୁକ୍ତ ପଦକ୍ଷେପ ନେବାକୁ ସେ ଅଭିଯୋଗ କରିଛନ୍ତି। ଉପ ଜିଲାପାଳ ତଥା କେନ୍ଦୁଝର ଦେବୋତ୍ତର ବିଭାଗ ନିର୍ବାହୀ ଅଧିକାରୀ ଉମାକାନ୍ତ ଦଳେଇ କହିଛନ୍ତି, ଅଭିଯୋଗ ମିଳିବା ପରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ପରେ ପଦକ୍ଷେପ ଗ୍ରହଣ କରାଯିବ।

# ପଲିଥିନ୍ ତଳେ ୨ ଟିବିରୋଗୀ

- ପୁଅଙ୍କୁ ଜଗି ରହିଛନ୍ତି ବୃଦ୍ଧ ବାପା
- ସରକାରୀ ସହାୟତା ପ୍ରଦାନ ଦାବି

ପାଟଣା,୧୮।୪(ବୀର କିଶୋର ଦାଶ)


ରୋଗଗ୍ରସ୍ତ ପୁଅକୁ ଜଗି ରହିଛନ୍ତି ବାପା।

ନିଦାଘ ଗ୍ରୀଷ୍ମରେ ବାହାରେ ୪୦ଡିଗ୍ରୀ ତାପ ମଧ୍ୟରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଏଭଳି ସମୟରେ ଲୋକେ ଘରୁ ବାହାରିବାକୁ ଡରୁଥିବା ବେଳେ ଅସହ୍ୟ ଗରମରେ ପରିଥିନ୍ ତଳେ ୨ ଟିବିରୋଗୀ ଜୀବନ କାଟୁଛନ୍ତି। ବୃଦ୍ଧ ବାପା ନିଜେ ରୋଗୀ ହୋଇଥିବା ବେଳେ ରୋଗୀ ପୁଅଙ୍କୁ ଜଗି ଉକ୍ତ ପଲିଥିନ ତଳେ ଜୀବନ ବିତାଉଛନ୍ତି। ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ମଲାରପଦା ପଞ୍ଚାୟତର ବିନିଦା ଗ୍ରାମରେ। ୭୦ ବର୍ଷୀୟ ମିଛୁଆ ପାତ୍ର ଓ ତାଙ୍କ ପୁଅଙ୍କ ଏଭଳି ଦୟନୀୟ ଅବସ୍ଥା ସଭ୍ୟ ସମାଜକୁ ଉପହାସ କରୁଛି।

ପ୍ରକାଶ ଯେ, ପୂର୍ବରୁ ମିଛୁଆ ଓ ତାଙ୍କ ପୁଅ ବାବୁଲି ପାତ୍ର(୩୦) ଏକ ହୋଟେଲରେ କାମ କରି ଜୀବନ ଅତିବାହିତ କରୁଥିଲେ। କିନ୍ତୁ ଦୁହେଁ ଟିବି ରୋଗରେ ଆକ୍ରାନ୍ତ ହେବା ପରେ ଏବେ କାମ କରିବାକୁ ଅସମର୍ଥ ହୋଇପଡ଼ିଛନ୍ତି। ଏଭଳି ସ୍ଥଳେ ମିଛୁଆଙ୍କ ଘର ନ ଥିବାରୁ ସେ ବାଉଁଶ ବଣ ପଡ଼ିଆରେ ପଲିଥିନ ମାରି ରୋଗାକ୍ରାନ୍ତ ଭେଣ୍ଡିଆ ପୁଅ ସହ ରହୁଛନ୍ତି। ଅର୍ଥାଭାବରୁ ଉଭୟଙ୍କ ଠିକ୍ ଚିକିତ୍ସା ମଧ ହୋଇପାରୁନାହିଁ। ପୂର୍ବରୁ ଥିବା ଝାଟି ମାଟି ଘର ଭାଙ୍ଗିଯିବା ପରେ ସେ ଘର ଖଣ୍ଡିଏ ପାଇଁ ବାରମ୍ବାର ପ୍ରଶାସନ ନିକଟରେ ଗୁହାରି କରିଥିଲେ ମଧ କୌଣସି ସହାୟତା ମିଳିନାହିଁ। ଫଳରେ ବୟସର ଅପରାହ୍ନରେ ଏବେ ପଲିଥିନ ତଳେ ରୋଗାଗ୍ରାନ୍ତ ପୁଅ ସହ ଜୀବନ କାଟୁଛନ୍ତି। ସରକାରୀ ଯୋଜନା କହିଲେ କେବଳ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ମାସକୁ ୧୦ କେଜି ଚାଉଳ ମିଳୁଛି। ସେ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଯୋଗ୍ୟ ହୋଇଥିଲେ ମଧ ସେଥିରୁ ବଞ୍ଚିତ ରହିଛନ୍ତି। ଘର ଖଣ୍ଡିଏ ସହ ବାର୍ଦ୍ଧକ୍ୟ ଭତ୍ତା ପାଇଁ ପଞ୍ଚାୟତ ଅଫିସଠାରୁ ଆରମ୍ଭ କରି ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ ମଧ କୌଣସି ସୁଫଳ ମିଳି ନ ଥିବା ମିଛୁଆ ଅଭିମାନରେ କହିଛନ୍ତି। ପ୍ରଶାସନ ଦୃଷ୍ଟି ଦେଇ ଘର, ଭତ୍ତା ସହ ବୃଦ୍ଧ ଓ ଭେଣ୍ଡିଆ ପୁଅର ଚିକିତ୍ସା ସୁବିଧା ଯୋଗାଇବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ନେଇ ସାହାରପଡ଼ା ବିଡ଼ିଓ ରଣଜିତ ମହାନ୍ତଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ସେ ଖୁବ୍‌ଶୀଘ୍ର ଘଟଣାସ୍ଥଳକୁ ଯିବେ। ସମସ୍ତ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

### ଅଖିମୁଠି ଅନୁକୂଳ ପାଇଁ ପ୍ରସ୍ତୁତି

ବଞ୍ଚୋ,୧୮।୪(ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ବାଉଁଶଗଡ଼ଠାରେ ଅକ୍ଷୟ ତୃତୀୟା ଅବସରରେ ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମ ପାଳନ କରିବାକୁ ବ୍ୟାପକ ପ୍ରସ୍ତୁତି ଜୋରଦାର ହୋଇଛି। ଏହି ଅବସରରେ ଭାଜପା କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଦସ୍ୟ ଓ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେଶ୍ୱର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଖିମୁଠି ଅନୁକୂଳ କରିବେ। ଏହାକୁ ନଜରରେ ରଖି ଭାଜପା ଶାଳବଣି ମଣ୍ଡଳ ସଭାପତି ତପନ କୁମାର ପାତ୍ରଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୫ ଜଣ ସଫଳ ଚାଷୀଙ୍କୁ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଶାଳବଣି ମଣ୍ଡଳର ସର୍ବଶ୍ରୀ କମଳାକାନ୍ତ ସୁର୍, ଶରତ ଚନ୍ଦ୍ର ନାୟକ, ସନ୍ୟାସୀ ପାତ୍ର, କାଳନ୍ଦୀ ଚରଣ ସାହୁ, ବବିତା ରାଣୀ ସାହୁ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।

### ପୁଟୁଲିଆ ସାଇ ମନ୍ଦିରର ପ୍ରତିଷ୍ଠା ଉତ୍ସବ

କେନ୍ଦୁଝର,୧୮।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ପୁଟୁଲିଆସ୍ଥିତ ସାଇ ମନ୍ଦିରର ଦଶମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଛି। ସ୍ଥାନୀୟ ମାଛକାନ୍ଦଣା ନଦୀରୁ ଶୋଭାଯାତ୍ରାରେ ଜଳ କଳସ ଅଣାଯାଇ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ଜଳାଭିଷେକ, ଯଜ୍ଞ ସମାରୋହ, ମଧ୍ୟାହ୍ନ ଆରତୀ, ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ପୂଜକ ଜ୍ୟୋତି ରଞ୍ଜନ ପାଢୀ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ଭୋଜନ ପରିବେଷଣ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନୋରଞ୍ଜନ ସିଂ ଦେଓ, ଉଷା ସିଂଦେଓ, ବସନ୍ତ ନାଏକ, ଶୁକଦେବ ମହାନ୍ତ, ସୁଧିର ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

## ତ୍ୱରିତ ତଦନ୍ତ ପାଇଁ ଇନ୍ସପେକ୍ଟରଙ୍କୁ ପ୍ରଶଂସାପତ୍ର

କେନ୍ଦୁଝର,୧୮।୪(ଦୀପକ ମିଶ୍ର)

କେନ୍ଦୁଝର ଜିଲା ଓ ଦୌରାଜଜ୍ ଗୋପାଳ କୃଷ୍ଣ ବେହେରା ଶୁକ୍ରବାର ଋଣ ଟଙ୍କା ଆଦାୟକୁ କେନ୍ଦ୍ରକରି ଫାଇନାନ୍ସ କର୍ମଚାରୀଙ୍କୁ ବୋଲେରୋ ଚଢ଼ାଇ ହତ୍ୟା ଘଟଣାରେ ଦୋଷୀଙ୍କୁ ଆଜୀବନ ଜେଲଦଣ୍ଡ ପ୍ରଦାନ କରିଛନ୍ତି। ରାୟ ପ୍ରକାଶ ପରେ ଘଟଣାର ତଦନ୍ତ କରିଥିବା ସଦର ଥାନା ଆଇଆଇସି ଅମିତ ଭୂୟାଁ ଚର୍ଚ୍ଚାକୁ ଆସିଛନ୍ତି। ତ୍ୱରିତ ତଦନ୍ତ ପ୍ରକ୍ରିୟା ପାଇଁ ତାଙ୍କୁ ଏସ୍‌ପି ନୀତିନ କୁଶଳକର ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି। ହତ୍ୟା ଘଟଣାର ମାତ୍ର ୪ ମାସ ମଧ୍ୟରେ ଦୋଷୀକୁ ଦଣ୍ଡ ମିଳିବା ଘଟଣା ଜିଲାରେ ପୋଲିସ ମହଲରେ ଏକ ଉଦାହରଣ ସୃଷ୍ଟି କରିଛି ବୋଲି ବୁଦ୍ଧିଜୀବୀ ସୁରେଶ ରାଉତ କହିଛନ୍ତି। ପ୍ରକାଶଯୋଗ୍ୟ, ୨୦୨୫ ଜାନୁଆରୀରେ ମାମଲାଟି ନୟାକୋଟ ଥାନା ଅଞ୍ଚଳରେ ଘଟିଥିଲା। ତଦନ୍ତରେ ବିଳମ୍ବ ଯୋଗୁ କେନ୍ଦୁଝରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ତଦନ୍ତକାରୀ ଅଧିକାରୀ ବଦଳେଇବା ନିମନ୍ତେ ଅଭିଯୋଗ ହୋଇଥିଲା। ଏ ନେଇ ଏସ୍‌ପି କେନ୍ଦୁଝର ସଦର ଥାନା ଆଇଆଇସି ଭୂୟାଁଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ୪ ମାସ ମଧ୍ୟରେ ତଦନ୍ତ ପ୍ରକ୍ରିୟା ସାରି ରିପୋର୍ଟ ଦାଖଲ କରିବାରେ ସଫଳ ହୋଇଥିଲେ।

## ଭେଷଜ ବିଶେଷଜ୍ଞ ପି.ସି. ଦାସଙ୍କ ପରଲୋକ

କେନ୍ଦୁଝର,୧୮।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)



କେନ୍ଦୁଝର ଜିଲାର ପ୍ରତିଷ୍ଠିତ ଭେଷଜ ବିଶେଷଜ୍ଞ ଡା. ପ୍ରଫୁଲ୍ଲ ଚନ୍ଦ୍ର ଦାସ(୮୬)ଙ୍କ ଶନିବାର ସକାଳେ ପରଲୋକ ହୋଇଛି। ସେ ଦୀର୍ଘ ମାସ ହେଲା ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିଲେ। ତାଙ୍କର ମୃତ୍ୟୁ ଘଟିଥିବା ତାଙ୍କ ସାନ ପୁଅ ତଥା କେନ୍ଦୁଝରଗଡ଼ ପୌର ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ ସୂଚନା ଦେଇଛନ୍ତି। ଡାକ୍ତର ଦାସ ଜଣେ ଦକ୍ଷ ଡାକ୍ତର ଭାବେ କେନ୍ଦୁଝରରେ ରହି ଶେଷ ପର୍ଯ୍ୟନ୍ତ ରୋଗୀସେବା ଯୋଗାଇ ଆସୁଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର କର୍ମମୟ ଜୀବନ ଆରମ୍ଭକରି ବାରିପଦା ଓ ପରେ ଜଗତ୍‌ସିଂହପୁର ଜିଲାରେ ସିଡିଏମ୍‌ଓ ଭାବେ ଲୋକଙ୍କୁ ଚିକିତ୍ସା ସହାୟତା ଯୋଗାଇ ଆସୁଥିଲେ। ରୋଟାରି କ୍ଲବ୍, ମା' ତାରିଣୀ ୱାକର୍ସ କ୍ଲବ୍ ଭଳି ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ସକ୍ରିୟ ଭାବେ ଜଡ଼ିତ ରହିଥିଲେ। ବିଶେଷକରି କେନ୍ଦୁଝର ଓ ମୟୂରଭଞ୍ଜ ଜିଲା ସମେତ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟର ବହୁ ପକ୍ଷାଘାତ ପୀଡ଼ିତଙ୍କୁ ସଫଳ ଚିକିତ୍ସା କରି ଏକ ସ୍ୱତନ୍ତ୍ର ଖ୍ୟାତି ଅର୍ଜନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ରବିବାର ମର ଶରୀର କେନ୍ଦୁଝର ଆସିବ ବୋଲି ସୂଚନା ମିଳିଛି। ବିୟୋଗ ଖବର ଶୁଣି ଏମ୍‌ପି ଅନନ୍ତ ନାୟକ, ସାମାଜିକ ମିଡ଼ିଆରେ ଶୋକବ୍ୟକ୍ତ କରିଥିବା ବେଳେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମଧ୍ୟ ଗଭୀର ଶୋକବ୍ୟକ୍ତ କରିଛନ୍ତି। ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡା. ବିମ୍ବାଧର ବେହେରା, ଅବସରପ୍ରାପ୍ତ କେନ୍ଦ୍ର ସରକାର ଅଧିକାରୀ ଅଲେଖ ଚନ୍ଦ୍ର ପାତ୍ର, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଭରତ ଚନ୍ଦ୍ର ପାତ୍ର, ମୁକ୍ତାର ଗୁଲାବ ରାଇନ, କେନ୍ଦୁପତ୍ର କର୍ମଚାରୀ ସଂଘର କେନ୍ଦୁଝର ଡିଭିଜନ ସମ୍ପାଦକ ସଞ୍ଜୟ ଚୌଧୁରୀ, ଅଧ୍ୟକ୍ଷ ରମାକାନ୍ତ ସ୍ୱାଇଁ, ସଚ୍ଚିଦାନନ୍ଦ ମହାପାତ୍ର, ଅନିଲ ଶଙ୍କର, ଜଲାଉଦ୍ଦିନ ମହମ୍ମଦ, ପ୍ରଦୀପ ରାଉତ ପ୍ରମୁଖ ଶୋକବ୍ୟକ୍ତ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ଉପାସନା ସ୍ଥଳକୁ ନେଇ ୨ ସମ୍ପ୍ରଦାୟ ମଧ୍ୟରେ ବିବାଦ

ପାଟଣା,୧୮।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା କପୁଣ୍ଡି ପଞ୍ଚାୟତ ଭଣ୍ଡାରିଲା ଗ୍ରାମରେ ପୂଜା(ଉପାସନା )ସ୍ଥଳକୁ ନେଇ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ହିନ୍ଦୁଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ଏନେଇ ସଂଖ୍ୟା ଲଘୁ ସମ୍ପ୍ରଦାୟର ଲୋକମାନେ ଶନିବାର ପାଟଣା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ହସ୍ତକ୍ଷେପରେ ଶାନ୍ତିପୂର୍ଣ୍ଣ ଭାବେ ଘଟଣାର ସମାଧାନ ହୋଇଛି।

ସୂଚନା ଅନୁଯାୟୀ, ଭଣ୍ଡାରିଲା ଗ୍ରାମର ଜଣେ ମହାନ୍ତ ସମ୍ପ୍ରଦାୟର ଯୁବକଙ୍କ ବିବାହ ଦୋଷ ଥିବାରୁ ସେ ଶୁକ୍ରବାର ସଂଖ୍ୟାଲଘୁ ସମ୍ପ୍ରଦାୟର କବର ସ୍ଥାନ ନିକଟରେ ଥିବା ସାହାଡ଼ାଗଛକୁ ବିବାହ କରିଥିଲେ। ଗଛ ନିକଟରେ ଲିପାପୋଛା ଓ ପୂଜା ଦେଖି ସଂଖ୍ୟା ଲଘୁ ସମ୍ପ୍ରଦାୟର ଲୋକେ ତାଙ୍କ ସ୍ଥାନରେ କେହି ପୂଜା ଓ ମନ୍ଦିର କରୁଥିବା ସନ୍ଦେହ କରିଥିଲେ। ଫଳରେ ୨ ସମ୍ପ୍ରଦାୟ ମଧ୍ୟରେ ବିବଦା ହୋଇଥିଲେ। ଏନେଇ ସଂଖ୍ୟା ଲଘୁ ସମ୍ପ୍ରଦାୟର ଲୋକେ ଥାନର ଦ୍ୱାରାସ୍ଥ ହୋଇଥିଲେ। ପୋଲିସ ଉଭୟ ପକ୍ଷକୁ ଶନିବାର ଥାନାକୁ ଡାକିଥିଲା। ଥାନାରେ ହିନ୍ଦୁମାନେ ସମସ୍ତ ଘଟଣା କହିବା ପରେ ଉଭୟ ଗୋଷ୍ଠୀ ଶାନ୍ତିପୂର୍ଣ୍ଣ ଭାବେ ଘଟଣାରେ ଯବନିକା ପକାଇ ଘରକୁ ଫେରିଥିବା ପୋଲିସ କହିଛି।

## ମାସେ ବ୍ୟାପୀ ହରିହାଟ ନାମ ସଂକୀର୍ତ୍ତନ

କେନ୍ଦୁଝର,୧୮।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଘଟଗାଁ ବ୍ଲକ୍ ଅନ୍ତର୍ଗତ ବସନ୍ତପୁର ଗ୍ରାମରେ ମାସେ ବ୍ୟାପୀ ହରିହାଟ ନାମ ସଂକୀର୍ତ୍ତନ ଜାରି ରହିଛି। ବିଶ୍ୱଶାନ୍ତି ହରିହାଟ ମହାଯଜ୍ଞ କମିଟି ପକ୍ଷରୁ ପଣାସଂକ୍ରାନ୍ତିରେ ଏହା ଆରମ୍ଭ ହୋଇଥିବା ବେଳେ ଆସନ୍ତା ମାସ ୧୪ ତାରିଖରେ ଉଦ୍‌ଯାପିତ ହେବ ବୋଲି ସୂଚନା ମିଳିଛି। ସମୁଦାୟ ୩୦ ଦିନ ଓ ରାତି ଏଭଳି ପ୍ରାୟ ୨୪୦ ପ୍ରହର ନାମ ସଙ୍କୀର୍ତ୍ତନ ଚାଲିବ। ଜିଲାର ବିଭିନ୍ନ ଅଞ୍ଚଳରୁ ପାଖାପାଖି ୫୦ ସଙ୍କୀର୍ତ୍ତନ ଦଳ ନାମ ଧରିବାକୁ ଆସିଛନ୍ତି। ଉତ୍ସୁକ ବ୍ୟକ୍ତି ନାମ ସଙ୍କୀର୍ତ୍ତନ ଧରିବାକୁ ଆସି ପାରବେ ବୋଲି ଆୟୋଜକଙ୍କ ପକ୍ଷରୁ ଜିତେନ୍ଦ୍ର ରାଉତ କହିଛନ୍ତି। ଭରତ ଚନ୍ଦ୍ର ନାୟକ, ରମେଶ ଚନ୍ଦ୍ର ନାୟକ, ରାଜ କିଶୋର ବାରିକ, ବିରଞ୍ଚି ନାରାୟଣ ଭୋଳଗାଁଓ, ଜିତେନ୍ଦ୍ର ରାଉତଙ୍କ ସମେତ ସ୍ଥାନୀୟ ବହୁ ଉଦ୍ୟୋକ୍ତା ସହଯୋଗ କରୁଛନ୍ତି।


କଳସ ଯାତ୍ରାରେ ମହିଳାମାନେ।

# ୩ ହଜାର ହେକ୍ଟରରେ ହେବ ଅର୍ଜୁନ ଚାଷ

- ଟସର ଉତ୍ପାଦନ ବୃଦ୍ଧି, ଜମିର ସଫଳ ବ୍ୟବହାର ନେଇ ପଦକ୍ଷେପ
- ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବ

କେନ୍ଦୁଝର,୧୮।୪(ଦୀପକ ମିଶ୍ର)

କେନ୍ଦୁଝର ଜିଲା ପ୍ରଶାସନ ପକ୍ଷରୁ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା, ଖଣି ପ୍ରଭାବିତ ଅଞ୍ଚଳରେ ସ୍ଥାୟୀ ଜୀବିକାର ବ୍ୟବସ୍ଥା ଓ ଟସର ଚାଷ ବୃଦ୍ଧିକୁ ଲକ୍ଷ୍ୟ ରଖି ଦୂରଦର୍ଶୀ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ଓ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ଅନୁଦାନରେ ଆଗାମୀ ୫ ବର୍ଷ ମଧ୍ୟରେ ୩ ହଜାର ହେକ୍ଟର ଜମିରେ ଅସନ ଓ ଅର୍ଜୁନ ଗଛର ବ୍ୟାପକ ଚାରା ରୋପଣ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

ପ୍ରକାଶ ଯେ, ଅସନ ଓ ଅର୍ଜୁନ ଗଛ ଟସର ପୋକ ପାଳନ ପାଇଁ ଅତ୍ୟନ୍ତ ଉପଯୋଗୀ। ତେଣୁ ଏହା ଅଧିକ ପରିମାଣରେ ଚାଷ କରାଗଲେ ଚାଷୀଙ୍କ ପାଇଁ ଆର୍ଥିକ ଲାଭବାନ କରାଇବ। ପୂର୍ବରୁ ହରିଚନ୍ଦନପୁର ଓ ବାଂଶପାଳ ବ୍ଲକ୍‌ରେ ପରୀକ୍ଷାମୂଳକ ଭାବେ ଏହି ପ୍ରକଳ୍ପ ଆରମ୍ଭ ହୋଇଥିଲା। ସେଠାରେ ମିଳିଥିବା ସଫଳତା ଟସର ଉତ୍ପାଦନ ପ୍ରକ୍ରିୟାକୁ ଉତ୍ସାହିତ କରିଛି। ବର୍ତ୍ତମାନ ଘଟଗାଁ, ତେଲକୋଇ ଓ ଅନ୍ୟାନ୍ୟ ବ୍ଲକ୍‌ରେ ଯୋଜନାକୁ ବ୍ୟାପକ କରାଯାଇଛି। ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନଙ୍କ ସକ୍ରିୟ ସହଯୋଗରେ ପ୍ରାୟ ୬୦୦ ହେକ୍ଟର ଜମିରେ ଅସନ ଓ ଅର୍ଜୁନ ଚାରାରୋପଣ କରାଯାଇ ପ୍ରାରମ୍ଭିକ ଭାବରେ ଉଲ୍ଲେଖନୀୟ ସଫଳତା ଲାଭ କରାଯାଇଛି। ପ୍ରଶାସନ ପକ୍ଷରୁ ଟସର ବିକାଶ ସମିତି (ଟିଭିଏସ୍) ଗଠନ କରାଯାଇ ଚାଷୀଙ୍କୁ ସଂଗଠିତ ଭାବେ ଏହି କାର୍ଯ୍ୟରେ ସମ୍ମିଳିତ କରାଯାଉଛି। ଗଛ ଲଗାଇ ୩ ବର୍ଷ ଧରି ରକ୍ଷଣାବେକ୍ଷଣ କରାଯିବା ପରେ ସେଗୁଡ଼ିକୁ ଚାଷୀଙ୍କୁ ହସ୍ତାନ୍ତର କରାଯିବ। ସେମାନେ ଏହି ଗଛରେ ଟସର ପୋକ ପାଳନକରି ନିଜ ଆୟକୁ ଦୁଇଗୁଣ କରିପାରିବେ। ଏହାଦ୍ୱାରା ଟସର ଉତ୍ପାଦନ ବୃଦ୍ଧି ସହ ପରିବେଶର ସୁରକ୍ଷା ଓ ଜମିର ସଫଳ ବ୍ୟବହାର ଓ ଗ୍ରାମୀଣ ଜନଜୀବନର ଉନ୍ନତିକୁ ସମାନ ଗୁରୁତ୍ୱ ଦିଆଯାଉଛି। ଯୋଜନାର ଅନ୍ୟତମ ଲକ୍ଷ୍ୟ ହେଉଛି ଖଣି ପ୍ରଭାବିତ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ପରିବାରଙ୍କୁ ସ୍ଥାୟୀ ଜୀବିକା ପ୍ରଦାନ କରିବା। ପ୍ରାୟ ୫ ହଜାର ପରିବାର ଏହି ପ୍ରକଳ୍ପ ମାଧ୍ୟମରେ ଲାଭାନ୍ୱିତ ହେବେ ବୋଲି ଅନୁମାନ କରାଯାଉଛି। ବିଶେଷକରି ଗ୍ରାମାଞ୍ଚଳ ମହିଳାଙ୍କୁ ସ୍ୱାବଲମ୍ବୀ କରିବା, ସେମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ଓ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଏହା ସହ ଯୋଡ଼ିବାରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହାସହ ଅସନ ଓ ଅର୍ଜୁନ ଗଛ ମଧ୍ୟରେ ଅନ୍ତଃବର୍ତ୍ତୀ ଚାଷ (ଇଣ୍ଟରକ୍ରପିଂ) ପ୍ରଣାଳୀକୁ ମଧ ପ୍ରଚଳିତ କରାଯାଉଛି। ଚାଷୀମାନେ ନିମ୍ବ, ଓଲ, ମୂଳା, ଡାଲି, ତରଭୁଜ ଓ ଅନ୍ୟାନ୍ୟ ପନିପରିବା ଚାଷକରି ଅତିରିକ୍ତ ଉପାର୍ଜନ କରିପାରିବେ। ସେମାନଙ୍କୁ ଆବଶ୍ୟକ ପ୍ରଶିକ୍ଷଣ, ବିହନ ଓ ପରାମର୍ଶ ଯୋଗାଇ ଦିଆଯାଉଛି। ଚଳିତ ବର୍ଷ ୩୦ ହେକ୍ଟର ଜମିରେ ନୂତନ ଚାରାରୋପଣ କାମ ଆରମ୍ଭ ହୋଇଛି। ପ୍ରତିବର୍ଷ ଏହାର ପରିମାଣ ବୃଦ୍ଧି କରାଯିବ। ୨୦୨୯ ସୁଦ୍ଧା ୩ ହଜାର ହେକ୍ଟର ଲକ୍ଷ୍ୟ ପୂରଣ କରାଯିବାକୁ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହି ଯୋଜନା ସଫଳ ହେଲେ କେନ୍ଦୁଝର ଜିଲା ଟସର ଉତ୍ପାଦନରେ ରାଜ୍ୟରେ ଏକ ପ୍ରମୁଖ କେନ୍ଦ୍ର ହେବ ବୋଲି ଆଶା କରାଯାଉଛି। ଏ ସମ୍ପର୍କରେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ କୁମାର ନାଗଭୂଷନଙ୍କୁ ପଚାରିବାରୁ ଟସର ଚାଷ ପାଇଁ ଅର୍ଜୁନ ଗଛ ଲଗାଇବା ନିମନ୍ତେ ପଦକ୍ଷେପ ନିଆଯିବାକୁ ନିଷ୍ପତ୍ତି ନିଆଯାଇଥିବା କହିଥିଲେ।

## ଜାଣନ୍ତୁ ଦୁନିଆ

# ଯେଉଁ ଗାଁରେ ମଣିଷଠୁ କଣ୍ଢେଇ ସଂଖ୍ୟା ଅଧିକ

**କେହି କେହି ପିଲାବେଳେ କଣ୍ଢେଇରେ ଖେଳିବାକୁ ଭଲପାଆନ୍ତି ତ ଆଉ କେହି କେହି ସଉକ ପାଇଁ ଅବା ଘର ସଜାଇବାକୁ କଣ୍ଢେଇ ରଖନ୍ତି। ହେଲେ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ଜାପାନରେ ନାଗୋରୋ ନାମକ ଏମିତି ଏକ ଗାଁ ଅଛି, ଯେଉଁଠି ମଣିଷ ତୁଳନାରେ କଣ୍ଢେଇଙ୍କ ସଂଖ୍ୟା ଖୁବ୍ ଅଧିକ। ତେବେ ଏପରି କାହିଁକି ଜାଣନ୍ତୁ ସେ ସମ୍ପର୍କରେ...**

➔ ଟେକ୍ନୋଲୋଜି କ୍ଷେତ୍ରରେ ଜାପାନ ଏକ ଅଗ୍ରଣୀ ଦେଶ। ହେଲେ ଏଠାରେ ନାଗୋରୋ ନାମକ ଏକ ଗାଁ ଅଛି, ଯାହା ଧୀରେ ଧୀରେ ଜନଶୂନ୍ୟ ହେବାରେ ଲାଗିଛି। ତଥ୍ୟ ଅନୁଯାୟୀ ଏହି ଗ୍ରାମରେ ଗତ ୧୮-୨୦ ବର୍ଷ ମଧ୍ୟରେ କୌଣସି ଶିଶୁ ଜନ୍ମ ହୋଇ ନାହାନ୍ତି। ଏଠାରେ ପ୍ରଥମେ ଜନସଂଖ୍ୟା ପ୍ରାୟ ୩୦୦ ଥିବାବେଳେ ୨୦୧୫ରେ ମାତ୍ର ୩୫, ୨୦୧୬ରେ ୩୦ ଏବଂ ୨୦୧୯ରେ ୨୭ ଥିଲା। ବର୍ତ୍ତମାନ ଏଠାରେ ଖୁବ୍ କମ୍ ଲୋକ ରହୁଥିବା ବେଳେ ଗଳି, ରାସ୍ତାଘାଟ, ସ୍କୁଲଠୁ ଆରମ୍ଭ କରି ସବୁଠି କଣ୍ଢେଇ ଦେଖିବାକୁ ମିଳନ୍ତି।

➔ଏହି କଣ୍ଢେଇଗୁଡ଼ିକୁ ଜାପାନୀ ଭାଷାରେ ବିଜୁକା ବୋଲି କୁହାଯାଇଥାଏ, ଯାହାକୁ ତିଆରି କରିଛନ୍ତି ଉକ୍ତ ଗାଁର ମହିଳା ଅୟାନୋ ସୁକିମୀ। ସେ ୨୦୦୨-୨୦୦୩ରେ ନିଜ ଅସୁସ୍ଥ ବାପାଙ୍କ ଯତ୍ନ ନେବା ଲାଗି ଗାଁକୁ ଫେରିଥିଲେ। ସେ ପ୍ରଥମେ ବାପାଙ୍କୁ ଖୁସି କରିବା ଲାଗି ପକ୍ଷୀଙ୍କ କବଳରୁ ନିଜ ବଗିଚାକୁ ରକ୍ଷା କରିବା ଲାଗି ଏକ ପାଳଭୂତ ପ୍ରସ୍ତୁତ କରିଥିଲେ। ଏହା ପରେ ଧୀରେ ଧୀରେ ସେ ବିଭିନ୍ନ ପ୍ରକାରର କଣ୍ଢେଇ ପ୍ରସ୍ତୁତ କରିବା ଆରମ୍ଭ କଲେ।



➔୨୦୧୨ ପରଠୁ ଗ୍ରାମରେ ପିଲା ନ ଥିବାରୁ ସ୍କୁଲ୍ ଖାଲି ଖାଲି ଲାଗୁଥିଲା। ତେଣୁ ଅନେକ କଣ୍ଢେଇ ପ୍ରସ୍ତୁତ କରି ସ୍କୁଲ୍‌ରେ ପିଲାଙ୍କ ସ୍ଥାନରେ ଏବଂ ଶିକ୍ଷକଙ୍କ ସ୍ଥାନରେ ରଖିଲେ, ଯାହାକି ବର୍ତ୍ତମାନ ଏକ ମ୍ୟୁଜିୟମ ପାଲଟିଛି। ସେହିପରି ଧୀରେ ଧୀରେ ଗାଁରୁ ବାହାରକୁ ଚାଲି ଯାଉଥିବା ଅବା ମରିଯାଉଥିବା



ଲୋକଙ୍କୁ ସ୍ମରଣ କରିବା ଲାଗି ସେ କାଠ, ଖବରକାଗଜ, ପ୍ଲାଷ୍ଟିକ୍ ଏବଂ କପଡ଼ା ଭଳି ବିଭିନ୍ନ ସାମଗ୍ରୀ ବ୍ୟବହାର କରି ବହୁ ସଂଖ୍ୟାରେ କଣ୍ଢେଇ ପ୍ରସ୍ତୁତ କଲେ ଏବଂ ଅବିକଳ ମଣିଷଙ୍କ ଭଳି ମେକ୍‌ଅପ୍ ଦେଇ ଗାଁ ଭିତରେ ବିଭିନ୍ନ ସ୍ଥାନରେ ରଖିଲେ।

➔୨୦୧୪ରେ ଜର୍ମାନ ଫିଲ୍ମ ମେକର ଫ୍ରିଟଜ୍ ସୁମନ ଏହି ଗାଁ ଉପରେ ଏକ ଡକ୍ୟୁମେଣ୍ଟାରୀ ଫିଲ୍ମ ନିର୍ମାଣ କରିଥିଲେ। ସେବେଠୁ ଏହାକୁ କଣ୍ଢେଇର ଗାଁ ବୋଲି କୁହାଯାଉଛି। ଏହି ଗ୍ରାମ ବର୍ତ୍ତମାନ ଏକ ପର୍ଯ୍ୟଟନସ୍ଥଳ ପାଲଟିଛି।

➔ ଏଠାରେ ଅକ୍ଟୋବର ପ୍ରଥମ ରବିବାରରେ ଆୟୋଜିତ ହେଉଥିବା କଣ୍ଢେଇ ଉତ୍ସବ ଦେଖିବା ପାଇଁ ବହୁସଂଖ୍ୟାରେ ଜନସମାଗମ ହୋଇଥାଏ।

---

# ସଷ୍ଟେନେବଲ୍ ଫ୍ୟାଶନ୍ ଟ୍ରେଣ୍ଡ

**ଭଳିକି ଭଳି ଡିଜାଇନ୍, କଲର ଏବଂ ମ୍ୟାଟେରିଆଲ୍ ପ୍ରସ୍ତୁତ ଟ୍ରେଣ୍ଡି ଫ୍ୟାଶନେବଲ୍ ଆଉଟ୍‌ଫିଟ୍ ଯୁବପିଢ଼ିଙ୍କର ସବୁବେଳେ ପସନ୍ଦ। ହେଲେ ପରିବେଶକୁ ନେଇ ସଜାଗ ଆଜିର ଯୁବପିଢ଼ି ଆଉଟ୍‌ଫିଟ୍ କିଣିବା ବେଳେ କେବଳ ଷ୍ଟାଇଲ୍ ନୁହେଁ, ବରଂ ପରିବେଶ ସୁରକ୍ଷାକୁ ନେଇ ଅଧିକ ଯତ୍ନଶୀଳ ହେଉଛନ୍ତି। ତେଣୁ ଦିନକୁ ଦିନ ବିଭିନ୍ନ ଇକୋଫ୍ରେଣ୍ଡ୍‌ଲି ସଷ୍ଟେନେବଲ୍ ଆଉଟ୍‌ଫିଟ୍‌ର ଡିମାଣ୍ଡ ବଢ଼ିବାରେ ଲାଗିଛି...**




ପରିବେଶ ସୁରକ୍ଷାକୁ ନେଇ ବଢୁଥିବା ସଚେତନତା ଏବଂ ସୋସିଆଲ୍ ମିଡିଆ ପ୍ରଭାବରେ ସଷ୍ଟେନେବଲ୍ ଆଉଟ୍‌ଫିଟ୍‌ର ଚାହିଦା ବଢ଼ିବାରେ ଲାଗିଛି, ଯାହାକି ବର୍ତ୍ତମାନ ନା କେବଳ ଫ୍ୟାଶନ୍‌କୁ ନେଇ ସଭିଙ୍କ ଚିନ୍ତାଧାରାରେ ଏକ ପରିବର୍ତ୍ତନ ଆଣିପାରିଛି, ବରଂ ପରିବେଶ ସୁରକ୍ଷାକୁ ନେଇ ଏକ ଦାୟିତ୍ୱବୋଧ ସୃଷ୍ଟି କରିଛି। ଏହାଦ୍ୱାରା ଅନେକ ବିଭିନ୍ନ ଦିଗରୁ ଉପକୃତ ମଧ୍ୟ ହେଉଛନ୍ତି ..

**ପାଲଟିଛି ଆବଶ୍ୟକତା:** ଫ୍ୟାଶନ୍ ଇଣ୍ଡଷ୍ଟ୍ରିରୁ ବାହାରୁଥିବା ବର୍ଜ୍ୟ ପଦାର୍ଥ, ଅଧିକ ବ୍ୟବହୃତ ସିନ୍ଥେଟିକ୍ ପୋଷାକ ଆଦି ପରିବେଶ ପ୍ରଦୂଷଣ ପାଇଁ ଅନେକାଂଶରେ ଦାୟୀ। ଯେଉଁଥିପାଇଁ ସଷ୍ଟେନେବଲ୍ ଫ୍ୟାଶନ୍ ବର୍ତ୍ତମାନ କେବଳ ଏକ ଟ୍ରେଣ୍ଡ ନୁହେଁ, ବରଂ ଆବଶ୍ୟକତା ପାଲଟିଛି। ତେଣୁ ବର୍ତ୍ତମାନ ଛୋଟ ହେଉ କି ବଡ଼, ଅଧିକାଂଶ ଫ୍ୟାଶନ୍ ବ୍ରାଣ୍ଡ ମଧ୍ୟ ଏଭଳି ଡ୍ରେସ୍ ପ୍ରସ୍ତୁତ କରୁଛନ୍ତି ; ଯାହା ପରିବେଶ ଅନୁକୂଳ ହେବା ସହ ଦୀର୍ଘ ଦିନ ପର୍ଯ୍ୟନ୍ତ ବ୍ୟବହାର କରାଯାଇପାରିବ।

**ପରିବେଶ ଉପଯୋଗୀ:** ଏଥିରେ ଅର୍ଗାନିକ୍ କଟନ୍, ବାଉଁଶ ଭଳି ଫେବ୍ରିକ୍ ସହ ରିସାଇକଲ୍ଡ ବା ପୁନଃ ବ୍ୟବହାର ଉପଯୋଗୀ ସାମଗ୍ରୀ, କେମିକାଲ୍ ଫ୍ରି ରଙ୍ଗ ଆଦି ବ୍ୟବହାର କରାଯାଇଥାଏ ; ଯଦ୍ୱାରା ନଦୀ, ମାଟି, ବାୟୁ ଆଦିରେ ପ୍ରଦୂଷଣ କମ୍ ହୋଇଥାଏ। ଫଳରେ ପରିବେଶରେ ସନ୍ତୁଳନ ରକ୍ଷା ହୋଇଥାଏ।

**ଦୀର୍ଘ ସ୍ଥାୟୀ ହୋଇଥାଏ:** ଅଧିକାଂଶ ଯୁବପିଢ଼ି ସବୁବେଳେ କମ୍ ଟଙ୍କାରେ ଅଧିକ ନୂଆ ନୂଆ ଆଉଟ୍‌ଫିଟ୍ କିଣିବାକୁ ପସନ୍ଦ କରନ୍ତି। ହେଲେ ଏହି ଫାଷ୍ଟ ଫ୍ୟାଶନ ଆଳରେ ଅଧିକ ପୋଷାକ ଯୋଗୁ ହେଉଥିବା ଆବର୍ଜନା ଏବଂ ପ୍ରଦୂଷଣ ବଢୁଛି ଏବଂ ଅଯଥା ଖର୍ଚ୍ଚ ମଧ୍ୟ ବୃଦ୍ଧି ପାଉଛି। ତେଣୁ ବର୍ତ୍ତମାନ ଅନେକ ଯୁବତୀଯୁବକ ଏ ଦିଗରେ ସଚେତନ ହେବା ସହ ଅଧିକ ଦିନ ବ୍ୟବହାର ହୋଇପାରୁଥିବା ବିଭିନ୍ନ ହସ୍ତତନ୍ତ ବା ହ୍ୟାଣ୍ଡଲୁମ୍ ପୋଷାକ ବାଛୁଛନ୍ତି।

**ସ୍ୱାସ୍ଥ୍ୟ ପାଇଁ ଉପକାରୀ:** ସଷ୍ଟେନେବଲ୍ ଡ୍ରେସ୍‌ରେ କୌଣସି ପ୍ରକାରର ସିନ୍ଥେଟିକ୍ କପଡ଼ା ଏବଂ କେମିକାଲ୍‌ଯୁକ୍ତ ରଙ୍ଗ ଆଦି ବ୍ୟବହାର କରାଯାଇ ନ ଥାଏ। ତେଣୁ ଏହା ସ୍କିନ୍ ଫ୍ରେଣ୍ଡ୍‌ଲି ହୋଇଥିବାରୁ ସେନ୍‌ସିଟିଭ୍ ସ୍କିନ୍‌ରେ ବି କୁଣ୍ଡେଇ ହେବା, ଲାଲ୍ ହୋଇ ଫଳିଯିବା କିମ୍ବା ଅନ୍ୟ କୌଣସି ଆଲର୍ଜି ସମସ୍ୟା ଆଦୌ ଦେଖାଯାଇ ନ ଥାଏ। ତେଣୁ ଏହା ଉଭୟ ସ୍ୱାସ୍ଥ୍ୟ ଏବଂ ପରିବେଶ ପାଇଁ ଉପକାରୀ।







**ବଢୁଛି ଥ୍ରିଫ୍ଟିଙ୍ଗ୍ ଓ ରି ୟୁଜ୍:** ନ ପିନ୍ଧୁଥିବା କିମ୍ବା ଥରେ ବ୍ୟବହାର କଲା ପରେ ଆଉଥରେ ରିପିଟ୍ ନ କରିବା ଲାଗି ଅନେକେ ଭଲ ଭଲ ପୁରୁଣା ପୋଷାକ ଫିଙ୍ଗିଦିଅନ୍ତି, ଯଦ୍ୱାରା ଆବର୍ଜନା ଓ ପ୍ରଦୂଷଣ ବଢ଼ିଥାଏ। ହେଲେ ବର୍ତ୍ତମାନ ଏହାକୁ ନେଇ ସଚେତନତା ବଢ଼ିଛି। ତେଣୁ ଏପରି ପୋଷାକ, ଶାଢ଼ି ଆଦିକୁ ବିକ୍ରି କରାଯାଉଛି (ଥ୍ରିଫ୍ଟିଙ୍ଗ) ଏବଂ ଅନେକେ ଏହି ସେକେଣ୍ଡ ହ୍ୟାଣ୍ଡ୍ ପୋଷାକ କିଣି ବ୍ୟବହାର କରୁଛନ୍ତି। ଏମିତିକି ଏହାକୁ ନେଇ ଅନେକେ ପୁନଃ ବ୍ୟବହାର କରି ନୂଆ ନୂଆ ଡିଜାଇନ୍‌ରେ ଆଉଟ୍‌ଫିଟ୍ ମଧ୍ୟ ପ୍ରସ୍ତୁତ କରୁଛନ୍ତି।

**ବଢୁଛି ସ୍ଥାନୀୟ ହସ୍ତତନ୍ତର ଡିମାଣ୍ଡ:** ସମସ୍ତେ ଏଭଳି ଖଦି, ହ୍ୟାଣ୍ଡଲୁମ୍ ଭଳି ଆଉଟ୍‌ଫିଟ୍‌କୁ ଅଧିକ ପସନ୍ଦ କରୁଥିବାରୁ ଏହି ଫ୍ୟାଶନ୍ ଇଣ୍ଡଷ୍ଟ୍ରି ବୃଦ୍ଧିପାଉଛି। ଧୀରେ ଧୀରେ କେବଳ ଲୋକାଲ୍ ନୁହେଁ, ଗ୍ଲୋବାଲ୍ ମାର୍କେଟ୍‌ରେ ବି ଏହାର ଚାହିଦା ବଢୁଛି। ଫଳରେ ଲୋକାଲ୍ କାରିଗରମାନଙ୍କ ପାଇଁ ରୋଜଗାର ମଧ୍ୟ ବଢୁଥିବା ଦେଖିବାକୁ ମିଳୁଛି। ଏହାକୁ ଲୋକେ ଦୀର୍ଘଦିନ ପର୍ଯ୍ୟନ୍ତ ବ୍ୟବହାର କରିପାରୁଛନ୍ତି।

**ରେଣ୍ଟାଲ୍ ଫ୍ୟାଶନ୍:** ବିବାହ କିମ୍ବା କୌଣସି ବଡ଼ ବଡ଼ ଫଙ୍କସନ୍ ନିମନ୍ତେ ଆଉଟ୍‌ଫିଟ୍ କିଣିବାରେ ବହୁତ ଟଙ୍କା ଖର୍ଚ୍ଚ ହୋଇଥାଏ। ହେଲେ ସେଭଳି ଆଉଟ୍‌ଫିଟ୍ ମଧ୍ୟରୁ ଖୁବ୍ କମ୍ ପୁନର୍ବାର ବ୍ୟବହାର ହେଉଥିବା ବେଳେ ବାକିସବୁ ବର୍ଷ ବର୍ଷ ଧରି ସାଇତା ହୋଇ ରହିଥାଏ। ସେହିପରି ହଳଦୀ, ମେହେନ୍ଦୀ, ବରଯାତ୍ରୀ ଆଦିରେ ଏକାଭଳି ପୋଷାକ ପିନ୍ଧିବା ଲାଗି କିଣାଯାଉଥିବା ଡ୍ରେସ୍ ପରେ ଆଉ ବ୍ୟବହାର ହେଉ ନ ଥିବାରୁ ଟଙ୍କା ନଷ୍ଟ ସହ ଆବର୍ଜନା ବଢ଼ାଇ ପରିବେଶ ପ୍ରଦୂଷଣର କାରଣ ସାଜୁଛି। ଏମିତିରେ ବର୍ତ୍ତମାନ ଅନେକ ସଂସ୍ଥା ପକ୍ଷରୁ ରେଣ୍ଟାଲ୍ ଆଉଟଫିଟ୍ ଉପଲବ୍ଧ ହେଉଛି, ଯଦ୍ୱାରା ଅଯଥା ଟଙ୍କା ଏବଂ ପୋଷାକ ନଷ୍ଟ ସମସ୍ୟା ବି କମିପାରିଛି।

ସଷ୍ଟେନେବଲ୍ ଫ୍ୟାଶନ୍ ଟ୍ରେଣ୍ଡ ବର୍ତ୍ତମାନ ଯୁବପିଢ଼ିଙ୍କ ପାଇଁ ପରିବେଶ ସୁରକ୍ଷା ଦିଗରେ ଏକ ଆହ୍ୱାନ ପାଲଟିଛି। ଫଳରେ ସେମାନେ ଭ୍ୟାଲୁ ବେସ୍‌ଡ ପର୍ଚ୍ଚେଜିଂ ବା ମୂଲ୍ୟ ଆଧାରିତ କ୍ରୟ ଦିଗରେ ମଧ୍ୟ ସଚେତନ ହେଉଛନ୍ତି।

## କ'ଣ କୁହନ୍ତି ଏମାନେ...



**ମାଧବ ସାହୁ** (ସଫ୍ଟୱେର ଡେଭେଲପର, ଭୁବନେଶ୍ୱର)- ପେସାରେ ଯଦିଓ ଜଣେ ଇଞ୍ଜିନିୟର, ହେଲେ ନିଶା ଆକ୍ଟିଂ ଏବଂ ମଡେଲିଂ। ତେଣୁ ସବୁବେଳେ ଡିଫରେଣ୍ଟ ଏବଂ ଫ୍ୟାଶନେବଲ୍ ଆଉଟ୍‌ଫିଟ୍ ପିନ୍ଧିବାକୁ ହୋଇଥାଏ। ଏମିତିରେ ଯଥାସମ୍ଭବ ଇକୋଫ୍ରେଣ୍ଡ୍‌ଲି ଆଉଟ୍‌ଫିଟ୍ କ୍ୟାରି କରିବାକୁ ଚେଷ୍ଟା କରେ। ଏମିତିକି ବଡ଼ ବଡ଼ ଫାବ୍ରିକ୍ ବ୍ରାଣ୍ଡର ବିଭିନ୍ନ ହ୍ୟାଣ୍ଡଲୁମ୍ ଆଉଟ୍‌ଫିଟ୍ ପିନ୍ଧି ଫ୍ୟାଶନ୍ ଶୋ'ରେ ବ୍ରାଣ୍ଡ ପ୍ରମୋଶନ ସହ ଆମ କଲ୍‌ଚରକୁ ବି ରିପ୍ରେଜେଣ୍ଟ କରେ। ଏଭଳି ଆଉଟ୍‌ଫିଟ୍ ସ୍କିନ୍ ଫ୍ରେଣ୍ଡ୍‌ଲି ହେବା ସହ ପରିବେଶ ପାଇଁ ମଧ୍ୟ ଭଲ। ତା'ଛଡ଼ା ଏହାକୁ ପ୍ରସ୍ତୁତ କରିବା ଲାଗି ମେଶିନ୍ ବ୍ୟବହାର ହେଉ ନ ଥିବାରୁ ଲୋକାଲ୍ କାରିଗରଙ୍କ ପାଇଁ ମଧ୍ୟ ରୋଜଗାର ସୁଯୋଗ ବଢୁଛି। ତେଣୁ ସଷ୍ଟେନେବଲ୍ ଫ୍ୟାଶନ୍ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ହେଲେ ମୋ ମତରେ, ଯଦି ଫାବ୍ରିକ୍ କମ୍ପାନୀଗୁଡ଼ିକ ଏହି ହ୍ୟାଣ୍ଡଲୁମ୍ ମ୍ୟାଟେରିଆଲ୍‌ରେ କେବଳ ପୂଜାପର୍ବ କିମ୍ବା କୌଣସି ବିଶେଷ ଅବସର ପାଇଁ ନୁହେଁ ବରଂ ପ୍ରତିଦିନ ବ୍ୟବହାର କରି ହେବା ଭଳି ସିମ୍ପଲ୍ ଏବଂ ଜେଣ୍ଟଲ୍ ଡିଜାଇନ୍ ଆଉଟ୍‌ଫିଟ୍ ପ୍ରସ୍ତୁତ କରିବେ, ତେବେ ଏହା ଆହୁରି ଅଧିକ ଆଦୃତ ହୋଇପାରିବ ଏବଂ ରେଗୁଲାର ଅଫିସ୍ ୱେର୍ ପାଇଁ ମଧ୍ୟ ଯୁବପିଢ଼ି ଏହାକୁ ବହୁମାତ୍ରାରେ ବ୍ୟବହାର କରିପାରିବେ।



**ଆନ୍‌ଭୀ ସମ୍ପଦା**(ଛାତ୍ରୀ, ଭୁବନେଶ୍ୱର)- କେବଳ ଫ୍ୟାଶନ୍ ପାଇଁ ଅନାବଶ୍ୟକ ଅଧିକ ଡ୍ରେସ୍ କିଣିବା ଅପେକ୍ଷା ମଝିରେ ମଝିରେ ହ୍ୟାଣ୍ଡଲୁମ୍ ଡ୍ରେସ୍ କିଣିବା ମୋ ମତରେ ଭଲ। କାରଣ ଏଭଳି ସଷ୍ଟେନେବଲ୍ ଆଉଟ୍‌ଫିଟ୍ ବହୁ ଦିନ ବ୍ୟବହାର କରିହୁଏ ଏବଂ କେବେବି ଫ୍ୟାଶନ୍ ଟ୍ରେଣ୍ଡରୁ ଆଉଟ୍‌ଡେଟେଡ୍ ହୁଏ ନାହିଁ। ତା'ଛଡା ଏହା ଉଭୟ ସ୍କିନ୍‌ଫ୍ରେଣ୍ଡଲୀ ଏବଂ ଇକୋଫ୍ରେଣ୍ଡଲୀ ମଧ୍ୟ। ବର୍ତ୍ତମାନ ସରକାରୀସ୍ତରରେ ମଧ୍ୟ ଏଭଳି ପୋଷାକ ପିନ୍ଧିବାକୁ ଜନସାଧାରଣଙ୍କୁ ସଚେତନ କରାଯିବା ସହ ଏହାକୁ ଆଧିକ ଲୋକାଦୃତ କରିବା ଲାଗି ହ୍ୟାଣ୍ଡଲୁମ୍ ମେଳା, ଫ୍ୟାଶନ୍ ଶୋ', ବଡ ବଡ ସେଲିବ୍ରେଟୀମାନଙ୍କୁ ନେଇ ପ୍ରମୋଶନ୍ ଆଦି କାର୍ଯ୍ୟକ୍ରମମାନ କରାଯାଉଛି। ତେଣୁ ସମସ୍ତେ ଏ ଦିଗରେ ସଚେତନ ହେବା ଆବଶ୍ୟକ।

---

## ୟୁଥ୍ ଆଲର୍ଟ

# ଖରାରେ ଥଣ୍ଡା ଖାଦ୍ୟପେୟ...

**ଖରା ଆଉ ଅସହ୍ୟ ଗରମରେ ବାହାରକୁ ଯାଉଥିବା ଅଧିକାଂଶ ଯୁବତୀଯୁବକ ଆଇସ୍‌କ୍ରିମ୍, ଚୁସ୍କି, କୋଲ୍ଡ ଡ୍ରିଙ୍କ୍ସ ଭଳି ଥଣ୍ଡା ଖାଦ୍ୟ ଓ ପାନୀୟ ପିଇବାକୁ ଭଲପାଆନ୍ତି। ଏହା ସେହି ସମୟରେ ଖୁବ୍ ଆନନ୍ଦ ମଧ ଦେଇଥାଏ। ହେଲେ ଖରାରେ ଏଭଳି ଖାଦ୍ୟପେୟ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇପାରେ...**

➤ ଖରାବେଳେ ବାହାରକୁ ଯାଇଥିଲେ ପରିବେଶ ସହ ଶରୀରର ତାପମାତ୍ରା ମଧ୍ୟ ଅଧିକ ଥାଏ। ଏହି ସମୟରେ ଆଇସ୍‌କ୍ରିମ୍ କିମ୍ବା ଅନ୍ୟ କୌଣସି ଥଣ୍ଡା ଖାଦ୍ୟ ଖାଇଲେ ବିଶେଷକରି ଥଣ୍ଡା ପାନୀୟ ପିଇଲେ ହଠାତ୍ ଶରୀରର ତାପମାତ୍ରା ଅସନ୍ତୁଳିତ ହେବା ଦ୍ୱାରା ହୃତ୍‌ସ୍ପନ୍ଦନ ଧୀର ହୋଇଥାଏ। ଏକ ଗବେଷଣା ରିପୋର୍ଟ ମୁତାବକ ଏଥିପାଇଁ ମୃତ୍ୟୁ ଆଶଙ୍କାକୁ ବି ଏଡ଼ାଇ ଦିଆଯାଇ ନ ପାରେ।

➤ ଖରାରେ ଥଣ୍ଡା ଖାଦ୍ୟପେୟ ଅନେକଙ୍କଠାରେ ଥଣ୍ଡା, କାଶ, ଥ୍ରୋଟ୍ ବା ଗଳା ଇନ୍‌ଫେକ୍ସନ୍ ଭଳି ସମସ୍ୟା ବି ଉପୁଜାଇଥାଏ।



➤ ଖରାରେ ଥଣ୍ଡା ଖାଦ୍ୟପେୟ ଶରୀରରେ ଥିବା ଶିରାଗୁଡ଼ିକ ସଂକୁଚିତ କରିଦିଏ। ଫଳରେ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୋଇଥାଏ। ଯଦ୍ୱାରା ପାକସ୍ଥଳୀ ଏବଂ ଅନ୍ୟ ସ୍ଥାନରେ ଠିକ୍ ଭାବେ ରକ୍ତ ପହଞ୍ଚି ନ ପାରିବାରୁ ହଜମକ୍ରିୟା ମଧ୍ୟ ପ୍ରଭାବିତ ହୋଇଥାଏ। ଫଳରେ ପେଟରେ ଯନ୍ତ୍ରଣା, କୋଷ୍ଠକାଠିନ୍ୟ, ପୋଷକତତ୍ତ୍ୱର ଅଭାବ ଦେଖାଦେଇଥାଏ। ତା'ଛଡ଼ା ଥଣ୍ଡା ପାଣି ପିଇବା ଦ୍ୱାରା ଡିହାଇଡ୍ରେଶନ୍ ସମସ୍ୟା ଦେଖାଦେବାର ଆଶଙ୍କା ବି ରହିଛି।

➤ ଅନେକ ଯୁବତୀଯୁବକଙ୍କର ପାଣିରେ ବରଫ ପକାଇ ପିଇବାର ବଦଭ୍ୟାସ ରହିଛି। ଯଦିଓ ଏହାଦ୍ୱାରା ଆରାମ ଲାଗିଥାଏ, ହେଲେ ଏଥିପାଇଁ ପରେ ଗଳା ଦରଜ, ଫୁଲିବା ଏବଂ ଥଣ୍ଡାରେ ନାକ ବନ୍ଦ ହେବା ଭଳି ସମସ୍ୟା ଦେଖାଦେଇପାରେ। ବିଶେଷକରି ଖାଇବା ପରେ ଥଣ୍ଡା ପାଣି ପିଇଲେ ଶ୍ୱାସନଳୀରେ ମ୍ୟୁକସ୍ ଜମା ହୁଏ ଏବଂ କେବେକେବେ ଇନ୍‌ଫେକ୍ସନ ହୋଇ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିଥାଏ।

➤ ଖରାଦିନେ ଖାଇବା ପରେ ଯଦି କୋଲ୍ଡଡ୍ରିଙ୍କ୍ସ କିମ୍ବା ଆଇସ୍‌କ୍ରିମ୍ ଖାଆନ୍ତି, ତେବେ ପୂର୍ବରୁ ଖାଇଥିବା ଖାଦ୍ୟରେ ଫ୍ୟାଟ୍‌ଜାତୀୟ ଖାଦ୍ୟ କଠିନ ହୋଇଯିବା ଫଳରେ ହଜମ ହୋଇ ନ ପାରି ଶରୀରରେ ଜମା ହୋଇ ରୁହେ, ଯାହାକି ପରବର୍ତ୍ତୀ ସମୟରେ ମେଦବହୁଳତାର କାରଣ ସାଜିଥାଏ।

## ଏ ସପ୍ତାହର ପ୍ରଶ୍ନ ?

୧- ଗଙ୍ଗୋତ୍ରୀ ନ୍ୟାଶନାଲ ପାର୍କ .......... ରାଜ୍ୟରେ ଅବସ୍ଥିତ ?
୨- ନମୋ ଡ୍ରୋନ୍ ଦିଦି ଯୋଜନାରେ ସର୍ବାଧିକ ସଂଖ୍ୟକ ଏସ୍‌ଏଚ୍‌ଜି ମହିଳାଙ୍କୁ ଡ୍ରୋନ୍ ପାଇଲଟ୍ ଟ୍ରେନିଂ ଦିଆଯାଇଥିବା ରାଜ୍ୟ ............. ?
୩- ଜୁଆଙ୍ଗ ଜନଜାତି ମୁଖ୍ୟତଃ ............ ରାଜ୍ୟରେ ବସବାସ କରନ୍ତି ?
୪- ଚାଣକ୍ୟ ........... ନାମରେ ବି ପରିଚିତ ?
୫- ୨୦୧୯ କ୍ରିକେଟ୍ ୱାର୍ଲ୍ଡ କପ୍‌ରେ ସର୍ବାଧିକ ରନ୍ କରିଥିବା ଖେଳାଳି ....... ?

## ଗତ ଥରର ଉତ୍ତର

୧ ଆସାମ
୨ ଜଙ୍ଗଲୀ ଅସରପା
୩ ୧୧୬
୪ ଶିଗେଲା ବ୍ୟାକ୍ଟେରିଆ
୫ ବାନୁ ମୁସ୍ତାକ୍

## ଉତ୍ତରଦାତା



ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର



ଅନ୍ନପୂର୍ଣ୍ଣା ମହାନ୍ତି, କଟକ

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
ଇ-ମେଲ୍ ଠିକଣା: dharitriagamiasha@gmail.com

## ଟପ୍ ଟେନ୍ ୧୦

### ପୃଥିବୀର ସର୍ବାଧିକ ମାଛ ଉତ୍ପାଦନକାରୀ ଦେଶ



୧.............. ଚାଇନା
୨..... ଇଣ୍ଡୋନେସିଆ
୩..............ଭାରତ
୪.......... ଭିଏତ୍‌ନାମ
୫.............. ପେରୁ
୬.............. ରୁଷିଆ
୭.......... ଆମେରିକା
୮......... ବାଂଲାଦେଶ
୯.............. ନରୱେ
୧୦.............. ଫିଲିପାଇନ୍ସ

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ Business queries: <advt@dharitri.com>